



▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-267 ♦THURSDAY ♦26 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୭ ♦ଗୁରୁବାର ♦୨୬ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ନବୀନଙ୍କ ଦୂରଦୃଷ୍ଟି**

# ଦେଶର ଗର୍ବ 'କଳିଙ୍ଗ'

## 'କଳିଙ୍ଗ' ରୂପାନ୍ତରଣରେ ଥିଲା ତତ୍‌କାଳୀନ '୫-ଟି' ଅଧ୍ୟକ୍ଷଙ୍କ ପ୍ରମୁଖ ଭୂମିକା


■ ଭୁବନେଶ୍ୱର, ୨୫।୩ (ସମିସ): ବିଶ୍ୱ ଆଥଲେଟିକ୍ ଚମ୍ପିଆନସିପ୍‌ର ୧୧୫ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତ ୨୦୨୮ରେ ଏହାର ଆୟୋଜନ ପାଇଁ ସୁଯୋଗ ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚମ୍ପିଆନସିପ୍ ୨୦୨୮ ମାର୍ଚ୍ଚ ୩ ତାରିଖରୁ କଳିଙ୍ଗ ଷ୍ଟାଡ଼ିଅମରେ ଅନୁଷ୍ଠିତ ହେବ। 'କଳିଙ୍ଗ'ରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ୨୨ଟି ପ୍ରତିଯୋଗିତା ଆୟୋଜନ ପାଇଁ ଆନ୍ତର୍ଜାତୀୟ ଆଥଲେଟିକ୍ ସଙ୍ଗଠନ ନିଷ୍ପତ୍ତି ନେଇଛି। ସାରା ଭାରତର ପ୍ରମୁଖ ସହରଗୁଡ଼ିକରେ ଅନେକ ଷ୍ଟାଡ଼ିଅମକୁ ବିଶ୍ୱ ଆଥଲେଟିକ୍ ସଂଗଠନ ଯାଞ୍ଚ ପରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିମନ୍ତେ 'କଳିଙ୍ଗ'କୁ ଏହି ସମ୍ମାନଜନକ ପ୍ରତିଯୋଗିତା ନିମନ୍ତେ ମନୋନୀତ କରିଛି। ନବୀନ ସରକାରଙ୍କ ମହାତ୍ୱାକାଂକ୍ଷୀ '୫-ଟି' ରୂପାନ୍ତରଣର ସର୍ବୋତ୍ତମ ସାକ୍ଷୀ ଓ ତତ୍‌କାଳୀନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କ ସ୍ୱପ୍ନର ପ୍ରକଳ୍ପ କୁହାଯାଉଥିବା 'କଳିଙ୍ଗ'ର ଏହ ମର୍ଯ୍ୟାଦା ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଖୁସି ବ୍ୟକ୍ତ ସହ ଓଡ଼ିଶାକୁ ଧନ୍ୟବାଦ ଜଣାଇଛନ୍ତି ବିଶିଷ୍ଟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା।

ଶ୍ରୀ ମହିନ୍ଦ୍ରା କହିଛନ୍ତି ଯେ ୨୦୨୮ ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପର ଆୟୋଜକ ଭାବରେ ମନୋନୀତ ହୋଇ ଆମକୁ ଗର୍ବିତ କରିଥିବାରୁ ଓଡ଼ିଶା ଏବଂ ଭୁବନେଶ୍ୱରକୁ ଧନ୍ୟବାଦ। 'କଳିଙ୍ଗ'ର ଏହି ସଫଳତା ପୃଥକ୍ ନୁହେଁ; ମାତ୍ର ସମୟ ସହ କାର୍ଯ୍ୟକାରୀ ହୋଇଥିବା ରଣନୀତିର ଏହା ଏକ ବାସ୍ତବ ଉଦାହରଣ। ପ୍ରତିଯୋଗିତାମୂଳକ ରଣନୀତିର ଗୁରୁ କୁହାଯାଉଥିବା ମାଇକେଲ ପୋର୍ଟରଙ୍କ ଅନୁସାରେ ଭିତ୍ତିଭୂମି, ପ୍ରତିଭା, ପ୍ରତିଷ୍ଠାନ ଓ ଆବଶ୍ୟକତା ପରସ୍ପରକୁ ଶକ୍ତିଶାଳୀ କରିଥାଏ ଓ ଏକ ସଘନ ଇକୋ ସିଷ୍ଟମ ପ୍ରସ୍ତୁତ କରିଥାଏ। ଏହି ବ୍ୟବସ୍ଥା ଏକ ବିଶ୍ୱସନୀୟତା ସୃଷ୍ଟି କରେ, ଏହି ବିଶ୍ୱନୀୟତା କାର୍ଯ୍ୟାନ୍ୱୟନ ଦ୍ୱାରା ନିବେଶକୁ ଆକୃଷ୍ଟ କରିଥାଏ। ଓଡ଼ିଶା ଠିକ୍ ଏହା ହିଁ କରିବାରେ ସକ୍ଷମ ହୋଇଛି। କୌଣସି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ବା ଇଭେଣ୍ଟ ପାଇଁ ପ୍ରତିଯୋଗିତା କରିବା ଆବଶ୍ୟକ ନାହିଁ, ଏଥିପାଇଁ ଏକ ଇକୋ ସିଷ୍ଟମ ପ୍ରସ୍ତୁତ କରିପାରିଲେ, ବିଶ୍ୱ ଆପଣଙ୍କ ପାଖକୁ ଆସିବ ବୋଲି ଶ୍ରୀ ମହିନ୍ଦ୍ରା କହିଛନ୍ତି।

ବାସ୍ତବରେ ଆନନ୍ଦ ମହିନ୍ଦ୍ରାଙ୍କ କଥା ଅନେକ ଦୃଷ୍ଟିରୁ ସତ୍ୟ ସାବ୍ୟସ୍ତ ହୋଇଛି। ନବୀନ ପଟ୍ଟନାୟକ ସରକାର ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ କରିଥିବା ଯୋଜନାର ଅଂଶସ୍ୱରୂପ ଭୁବନେଶ୍ୱରରେ କଳିଙ୍ଗ ଷ୍ଟାଡ଼ିଅମକୁ ନୂତନ ରୂପରେ ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନେଇଥିଲେ। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁସାରେ ତାଙ୍କର ବ୍ୟକ୍ତିଗତ ତଥା '୫-ଟି' ସଚିବ ଭି.କେ. ପାଣ୍ଡିଆନ କଳିଙ୍ଗ ଷ୍ଟାଡ଼ିଅମକୁ ବିଶ୍ୱସ୍ତରୀୟ ବହୁମୁଖୀ କ୍ରୀଡ଼ା କଂପ୍ଲେକ୍ସରେ ରୂପାନ୍ତରଣ ପାଇଁ କରିଥିବା ପରିଶ୍ରମର ଫଳ ଆଜି ଓଡ଼ିଶାକୁ ସାରା ଦେଶ ଓ ବିଶ୍ୱରେ ଗର୍ବିତ କରିଛି। ସେତେବେଳେ ଯେଉଁମାନେ କଳିଙ୍ଗ ଷ୍ଟାଡ଼ିଅମର ବିକାଶ କରାଯିବା ସମୟରେ ଯେଉଁ ବିରୋଧୀ ତତ୍‌କାଳୀନ ସରକାରଙ୍କୁ ଆକ୍ଷେପ କରୁଥିଲେ; ସେହି ବିରୋଧୀ ଏବେ କଳିଙ୍ଗ ଷ୍ଟାଡ଼ିଅମର ରଙ୍ଗ ବଦଳାଇ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନର ବାହା ବା ନେବାକୁ ଉଦ୍ୟମ କରୁଛନ୍ତି। ସମ୍ପ୍ରତି କଳିଙ୍ଗ ଷ୍ଟାଡ଼ିଅମରେ ପ୍ରଥମ ଜାତୀୟ ଇନ୍‌ଡ଼ୋର ଆଥଲେଟିକ୍ ଚମ୍ପିଆନସିପ୍ ▶ପୃଷ୍ଠା-୭



### ଓଡ଼ିଶାକୁ ଧନ୍ୟବାଦ ଜଣାଇଲେ ଆନନ୍ଦ ମହିନ୍ଦ୍ରା



Post
anand mahindra
@anandmahindra
X.com

Thank you Odisha, and Bhubaneswar, for making us proud by being selected as host of the 2028 World Athletics Indoor Championships

But we recognise that this isn't an isolated achievement.

It's a textbook case of strategy executed over time.

Michael Porter, the Guru of competitive strategy, described how nations build advantage through clusters: dense ecosystems where infrastructure, talent, institutions and demand reinforce each other.

Such clusters create a flywheel: better facilities attract events, events sharpen execution, execution builds credibility, and credibility attracts more investment.

Post your reply

**୨୬ ଦିନରେ ଭୟଙ୍କର ହେଲା ଯୁଦ୍ଧ**

# ମାର୍କିନ୍ ଯୁଦ୍ଧପୋତ ଆବ୍ରାହମ ଲିଙ୍କନ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ ତେଲ ଆଭିଭ, ୨୫।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ଉତ୍ତେଜନା ବନ୍ଦ ହେବାର ନା ଧରୁନି। ଅସ୍ତ୍ରବିରତି ପ୍ରସ୍ତାବ ସତ୍ତ୍ୱେ ଏହାର କୌଣସି ପ୍ରଭାବ ରଣକ୍ଷେତ୍ରରେ ଦେଖିବାକୁ ମିଳିନାହିଁ। ପଶ୍ଚିମ ଏସିଆରେ ଜାରି ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବୁଧବାର ୨୬ ଦିନରେ ଆହୁରି ଭୟଙ୍କର ହୋଇଯାଇଛି। ଆକାଶରୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ବର୍ଷା ହେଉଛି। ଇସ୍ରାଏଲ ରାଜଧାନୀ ଉପରେ ଆଜି ଇରାନ ଆକ୍ରମଣ କରିଥିବା ବେଳେ ତେହରାନରେ ପାଲଟା କ୍ଷେପଣାସ୍ତ୍ର ମାଡ଼ କରିଛି ଇସ୍ରାଏଲ। ଆମେରିକା ମଧ୍ୟ ଇରାନ ନଜରରୁ ବର୍ତ୍ତି ପାରିନାହିଁ। କାତାର ଭଳି ଉପସାଗରୀୟ ଦେଶରେ ଥିବା ଆମେରିକାର ସାମରିକ ଘାଟୀକୁ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। ଯୁଦ୍ଧବିରତି ଓ ଶାନ୍ତି ଆଲୋଚନା ନାମରେ ରାଷ୍ଟ୍ରପତି ଟ୍ରମ୍ପ ଛଳନା କରୁଛନ୍ତି ଏବଂ ତାଙ୍କୁ ଭରସା କରାଯାଇପାରିବ ନାହିଁ ବୋଲି ଇରାନ କହିବା ସହିତ ଇସ୍ରାଏଲ ଏବଂ ଆମେରିକାର ସାମରିକ ଘାଟୀ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି। ଯୁଦ୍ଧର ଭୟାବହତାକୁ ଦେଖି ମଧ୍ୟପ୍ରାଚ୍ୟକୁ ▶ପୃଷ୍ଠା-୭

**ମଧ୍ୟପ୍ରାଚ୍ୟକୁ ଆଉ ୩ ହଜାର ସୈନିକ ପଠାଇବ ଆମେରିକା**

**ସର୍ବଦଳୀୟ ବୈଠକରେ ଆଶ୍ୱାସନା ଦେଲେ ସରକାର**

# ପେଟ୍ରୋଲ, ଗ୍ୟାସ୍‌ର ଅଭାବ ନାହିଁ

■ ନୂଆଦିଲ୍ଲୀ, ୨୫।୩ (ଏଜେନ୍ସି): ଦେଶରେ ପେଟ୍ରୋଲ ଓ ଗ୍ୟାସର ଅଭାବ ନାହିଁ। ଶକ୍ତି ସୁରକ୍ଷା ସ୍ଥିର ରହିଛି। ତେଲ ଓ ଗ୍ୟାସ ନେଇ ଆହୁରି ଜାହାଜ ଭାରତ ଆସୁଛନ୍ତି। ତେଣୁ ଆତଙ୍କିତ ହେବାର କୌଣସି କାରଣ ନାହିଁ। ଆଜି ଏଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କେନ୍ଦ୍ର ସରକାର ଏଭଳି ଆଶ୍ୱାସନା ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସବୁ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ଏକ ଘଣ୍ଟା ୪୫ ମିନିଟ ଧରି ଚାଲିଥିବା ବୈଠକରେ ବିରୋଧୀ ସାଂସଦ ସାଂପ୍ରତିକ ସଙ୍କଟ ନେଇ ସରକାରଙ୍କୁ ଘେରିଥିଲେ। ସଂସଦରେ ପ୍ରଧାନମନ୍ତ୍ରୀ ଦେଇଥିବା ଭାଷଣକୁ ନେଇ ଦେଶବାସୀ ଆତଙ୍କିତ ହୋଇପଡ଼ିଥିବା କହିଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଦିଗରେ ପାକିସ୍ତାନ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଭାରତ କାହିଁକି ପଛରେ ରହିଛି ବୋଲି ସେମାନେ ପ୍ରଶ୍ନ କରିଥିଲେ।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଲେ ଯେ ବୈଠକରେ ବିରୋଧୀ ସଭ୍ୟ ଯାହା ଯାହା ପ୍ରଶ୍ନ ଉଠାଇଥିଲେ, ସରକାର ତାହାର ଜବାବ ଦେଇଛନ୍ତି। ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଉପସ୍ଥିତ ରହି ସବୁ କଥା ବିସ୍ତୃତ ରୂପେ ବର୍ଣ୍ଣନା କରିଛନ୍ତି। ପାକିସ୍ତାନର ମଧ୍ୟସ୍ଥତା ସଂପର୍କରେ ସେ କହିଲେ ଯେ ଭାରତ ଦଲାଲି କରେନାହିଁ। ▶ପୃଷ୍ଠା-୭

# ବିଜେଡିକୁ ଫେରିଲେ ରଘୁ, ଜୀବନ

## ବାଲେଶ୍ୱରରେ ପୁଣି ଏକ ନମ୍ବର ଦଳ ହେବ ବିଜେଡି: ନବୀନ



■ ଭୁବନେଶ୍ୱର, ୨୫।୩ (ସମିସ): ବିଜେପି ଛାଡ଼ି ବିଜେଡିକୁ ଫେରିଛନ୍ତି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଉଭୟ ପୂର୍ବରୁ ବିଜେଡିରେ ଥିଲେ ଓ ପରବର୍ତ୍ତୀ ସମୟରେ ବିଜେପିରେ ଯୋଗ ଦେଇଥିଲେ। ମାତ୍ର ରାଜ୍ୟସଭା ନିର୍ବାଚନ ଠିକ୍ ପୂର୍ବରୁ ବିଜେପିରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଯୋଗଦାନ ପରେ ରଘୁନାଥ ଓ ଜୀବନ ପ୍ରଦୀପ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ଶତାଧିକ କର୍ମୀଙ୍କ ସହ ଉଭୟ ନେତା ଶଙ୍ଖ ଭବନରେ ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ପରେ ଏକ ବିଶାଳ ପଟୁଆରରେ ଉଭୟ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ▶ପୃଷ୍ଠା-୭

**ନବୀନଙ୍କ ନିର୍ଦ୍ଦେଶରେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବି: ରଘୁ**

**ସୁପ୍ରିମୋଙ୍କ ନିର୍ଦ୍ଦେଶରେ ଜିଲ୍ଲାରେ ଦଳ ସୁସଂଗଠିତ ହେବ: ଜୀବନ ପ୍ରଦୀପ**

**ଛାତ୍ରଛାତ୍ରୀଙ୍କ ପାଇଁ କଟକଣା**

# ଦିନକୁ ଘଣ୍ଟାଏ 'ସ୍କ୍ରିନ୍ ଟାଇମ୍'

■ ବେଙ୍ଗାଲୁରୁ, ୨୫।୩ (ଏଜେନ୍ସି): କର୍ଣ୍ଣାଟକ ସରକାର ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କ ଏକ ଡ୍ରାଫ୍ଟ ପଲିସି ଜାରି କରିଛନ୍ତି। କିଶୋର ଅବସ୍ଥାରେ ପିଲାଙ୍କ ମଧ୍ୟରେ ବଢୁଥିବା ଇଣ୍ଟରନେଟ୍ ନିଶା ଓ ଏହାର ମାନସିକ ପ୍ରଭାବକୁ ରୋକିବା ପାଇଁ କଡ଼ା ନିୟମ କରିବାକୁ ପ୍ରସ୍ତାବ ଦିଆଯାଇଛି। ପାଠପଢ଼ା ବ୍ୟତୀତ ମନୋରଞ୍ଜନ ପାଇଁ ପିଲାମାନେ ଦିନକୁ ମାତ୍ର ୧ ଘଣ୍ଟା ମୋବାଇଲ ବା ସ୍କ୍ରିନ ବ୍ୟବହାର କରିପାରିବେ। ପୁଣି ସନ୍ଧ୍ୟା ୭ଟା ପରେ ଇଣ୍ଟରନେଟ ବ୍ୟବହାର ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି। ଶୋଇବା ପୂର୍ବରୁ ଅତିକମ୍‌ରେ ଏକ ଘଣ୍ଟା ସ୍କ୍ରିନରୁ ଦୂରେଇ ରହିବାକୁ କୁହାଯାଇଛି। ମୋବାଇଲ ଫୋନ୍‌ରେ କେବଳ ଅଡିଓ ସୁବିଧା ଓ ନିର୍ଦ୍ଦିଷ୍ଟ ସମୟ ପରେ ଇଣ୍ଟରନେଟ୍ ସ୍ୱତଃ ବନ୍ଦ ହେବା ଭଳି ସିଷ୍ଟମ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ମାର୍ଚ୍ଚ ମାସ ୬ ତାରିଖରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡ଼ିଆ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। କର୍ଣ୍ଣାଟକ ସରକାର ଏହି କ୍ରମରେ ନୂତନ ଶିକ୍ଷା ନୀତିରେ ପରିବର୍ତ୍ତନ ଆଣିଛନ୍ତି। ସରକାରଙ୍କ ▶ପୃଷ୍ଠା-୭

**ସନ୍ଧ୍ୟା ୭ଟା ପରେ ଇଣ୍ଟରନେଟ୍ ମନା**

**ସରକାରଙ୍କ ଶ୍ୱେତପତ୍ର: ରାଜ୍ୟରେ ବଢ଼ିଛି ଅପରାଧ**

# ଦିନକୁ ୪ ହତ୍ୟା, ୮ ଦୁଷ୍କର୍ମ

■ ଭୁବନେଶ୍ୱର, ୨୫।୩ (ସମିସ): ବୁଧବାର ବିଧାନସଭାରେ ୨୦୨୫ ମସିହାର ଅପରାଧ ଶ୍ୱେତପତ୍ର ପ୍ରକାଶ କରିଛନ୍ତି ସରକାର। ଶ୍ୱେତପତ୍ରରେ ଗୃହ ବିଭାଗ ରଖିଥିବା ତଥ୍ୟ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରିଛି। ୨୦୨୪ ତୁଳନାରେ ୨୦୨୫ରେ ଧର୍ତ୍ତବ୍ୟ ଅପରାଧ, ଚୋରି, ହତ୍ୟା, ସାଇବର ଅପରାଧ ବଢ଼ିଥିବା ଉଲ୍ଲେଖ ରହିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନେଇ ବିରୋଧୀ ଦଳ କ୍ରମାଗତ ଭାବେ କରୁଥିବା ଅଭିଯୋଗ ଶ୍ୱେତପତ୍ରରେ ପ୍ରତିଫଳିତ ହୋଇଛି। ବିଦାୟୀ ବର୍ଷରେ ୩୫୩ଟି ଡକାୟତି, ୧୮୦୨ଟି ଲୁଣ୍ଠନ, ୬୨୮୨ଟି ସିନ୍ଧିଚୋରୀ, ୬୦୫୩ଟି ପ୍ରତାରଣା (ଠକେଇ), ୧୦୯୫ଟି ଦଙ୍ଗା, ୨୯୯୪ଟି ଦୁଷ୍କର୍ମ ମାମଲା ସଂଘଟିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏସବୁ ସତ୍ତ୍ୱେ ୨୦୨୫ରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ୱେତପତ୍ର ତଥ୍ୟ ଅନୁଯାୟୀ ୨୦୨୪ରେ ରାଜ୍ୟରେ ମୋଟ ୨୧୪୧୧୩ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକରଣ ହୋଇଥିଲା। ୨୦୨୫ରେ ଏଥିରେ ୭.୬୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏହି ସଂଖ୍ୟା ୨୨୯୮୮୧ରେ ପହଞ୍ଚିଛି। ଏହି ୨୨୯୮୮୧ ମାମଲା ମଧ୍ୟରୁ ୨୨୨୩୦୮ଟି ଘଟଣା ସତ୍ୟ ଉପରେ ଆଧାରିତ ଥିବାବେଳେ ବର୍ଷ ଶେଷ ସୁଦ୍ଧା ୧୫୫୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ହତ୍ୟା ମାମଲା ନେଇ ସରକାର ଯେଉଁ ଚିତ୍ର ରଖିଛନ୍ତି, ତାହା ମଧ୍ୟ ଚିନ୍ତାଜନକ। ୨୦୨୪ରେ ୧୨୫୮ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୧୩୦୪କୁ ବୃଦ୍ଧି ପାଇଛି। ସରକାରଙ୍କ ଯୁକ୍ତି ଅନୁଯାୟୀ ଏହି ସଂଖ୍ୟା ମଧ୍ୟରୁ ୧୨୧୮ଟି ସତ୍ୟ ଘଟଣା ହୋଇଥିବା ବେଳେ ବର୍ଷ ▶ପୃଷ୍ଠା-୭



- ଅଦୃଶ୍ୟ ଠକ ଲୁଟିଲେ ୪୩୨ କୋଟି; ମିଳିଛି ମାତ୍ର ୧.୨୩%
- ରାଜ୍ୟରେ ଅଛନ୍ତି ୩୭୩୮ ବାଂଲାଦେଶୀ ଅନୁପ୍ରବେଶକାରୀ
- ସୋସିଆଲ ମିଡିଆରେ ବଢୁଛି ଶିଶୁ ଅଶ୍ଳୀଳତା, ଦୁଷ୍କର୍ମ ଭିଡିଓ
- ସରକାର କହିଲେ, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ




# ମଣ୍ଡଳ ଗାଁକୁ ବରପୁତ୍ର ଐତିହ୍ୟ ଗ୍ରାମ ଘୋଷଣା କରିବାକୁ ଦାବି

**ବେଲପଡ଼ା, ୨୫ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲ ର ବରପୁତ୍ର ଐତିହ୍ୟ ଗାଁ ହେଉଛି ମଣ୍ଡଳ। ସଦର ବ୍ଲକଠାରୁ ପୂର୍ବକୁ ୫କିମି ଦୂରରେ ଅବସ୍ଥିତ ଏହି ଗାଁର ଅନେକ କିମ୍ବଦନ୍ତୀ ରହିଛି। ୫ ହଜାର ବିଶିଷ୍ଟ ଏହି ଗାଁରେ ଅନେକ ବିଦ୍ୱାନ ବ୍ୟକ୍ତି ଜନ୍ମ ଗ୍ରହଣ କରିଛନ୍ତି; ଯେଉଁମାନେ ବିଭିନ୍ନ ପଦ ପଦବୀରେ ରହି ସ୍ଥାନୀୟ ଅଞ୍ଚଳ ତଥା ଓଡ଼ିଶାର ଉନ୍ନତି ଦିଗରେ ଅନେକ କାମ କରିଛନ୍ତି। ଗାଁର ୪ ଜଣ ବ୍ୟକ୍ତି ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ବିଧାୟକ ଭାବେ ଅଞ୍ଚଳର ବିଭିନ୍ନ ବିକାଶ କାର୍ଯ୍ୟକୁ ଆଗକୁ ନେଇଛନ୍ତି। ସେମାନଙ୍କ ମାଧ୍ୟରେ ଅଭୟ ପ୍ରସାଦ ଠାକୁର ମହାରାଜ ରାଜେନ୍ଦ୍ର ନାରାୟଣ ସିଂ ଦେଓଙ୍କ ଶାସନ କାଳରେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅଚ୍ୟୁତାନନ୍ଦ ମହନନ୍ଦ ମଧ୍ୟ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ୫ଥର ନିର୍ବାଚିତ ହୋଇ ଲୋକଙ୍କ କାମ କରିଛନ୍ତି। ସେହିପରି ବ୍ରଜ ମହନ ଠାକୁର ମଧ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହୃଷିକେଶ ମହନନ୍ଦ ବଲାଙ୍ଗୀର ଲୋକସଭା ଆସନରୁ ନିର୍ବାଚିତ ହୋଇ ଓଡ଼ିଶା ପାଇଁ ଲଢେଇ କରିଥିଲେ। ଗୋକୁଳନନ୍ଦ ଅଗସ୍ତି ଟିଟିଲାଗଡ଼ ହାଇସ୍କୁଲରେ ଶିକ୍ଷୟତା କରି ଏକା ଧାରାରେ ଜଣେ ସାଂସ୍କୃତଜ୍ଞ, ବିଦ୍ୱାନ କବି ଭାବେ ୨୮ ଖଣ୍ଡ ମୂଲ୍ୟବାନ ପୁସ୍ତକ ରଚନା କରି ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ମନୋନୀତ ହୋଇଥିଲେ। ଏଣୁ ମଣ୍ଡଳ ଗାଁକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ଘୋଷଣା କରି ବିକାଶରେ ସାମିଲ କରିବାକୁ ରାଜ୍ୟ ସରକାର ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କଣ୍ଟାବାଞ୍ଜି ଅଞ୍ଚଳବାସୀଙ୍କ ଦୁଃଖ ବୁଝିବାକୁ କେହି ନାହାଁନ୍ତି

# ୪୫ ଦିନ ହେଲା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଅଚଳ

**କଣ୍ଟାବାଞ୍ଜି, ୨୫ ।୩(ସମିସ)**

କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାର ପରିସରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ୪୫ ଦିନରୁ ଅଧିକ ହେଲା ଅଚଳ ରହିଛି। ରକ୍ତ ଭଣ୍ଡାର ଲାଇସେନ୍ସ ନବୀକରଣ ନ ହେଉଥିବା ଦର୍ଶାଇ କେନ୍ଦ୍ର ସରକାରଙ୍କ ଡ୍ରଗ୍ସ ବିଭାଗ ରକ୍ତ ଦେବା ଅନୁମତି ବାତିଲ କରିଛି ବୋଲି




### ରକ୍ତହୀନତାର ଶିକାର ରୋଗୀ ହନ୍ତସନ୍ତ

ଜଣାପଡ଼ିଛି। ଏହି ରକ୍ତ ଭଣ୍ଡାର ଉପରେ କଣ୍ଟାବାଞ୍ଜି ସହର ସହ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡ଼ା, ଲାଠୋର ବ୍ଲକ ସହ ନୂଆପଡ଼ା ଜିଲ୍ଲା ଖଡ଼ିଆଳର ଶହ ଶହ ରକ୍ତହୀନତାର ଶିକାର ରୋଗୀ ନିର୍ଭରଶୀଳ। ଏହି ଅଞ୍ଚଳ ଲୋକଙ୍କ ଅସୁବିଧାକୁ ନଜରରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ବର୍ଷ ତଳେ ଏଠାରେ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଆରମ୍ଭ କରିଥିଲେ। ଏହାଫଳରେ ଏହି ଅଞ୍ଚଳରେ ରକ୍ତହୀନତାର ଶିମକାର ରୋଗୀ ତୁରନ୍ତ ରକ୍ତ ପାଇବା ପରେ ନୂଆ ଜୀବନ ପାଇଥିଲେ। ଏବେ ରକ୍ତ ଭଣ୍ଡାର ଅଚଳ ଯୋଗୁଁ ଆସୁଥିବା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଗରିବ ଲୋକଙ୍କୁ କଣ୍ଟାବାଞ୍ଜିରୁ ରକ୍ତ ପାଇଁ ୪୦ କିଲୋମିଟର ପାଟଣାଗଡ଼, ୫୦ କିଲୋମିଟ ଟିଟିଲାଗଡ଼ ଏବଂ ୮୦ କିଲୋମିଟର ବଲାଙ୍ଗୀର ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡୁଛି। ସେମାନେ ଖର୍ଚ୍ଚାନ୍ତ ହେଉଛନ୍ତି; କିନ୍ତୁ ଅଧିକାଂଶ ଲୋକେ ସେଠାକୁ ଯାଇ ମଧ ସେଠାରେ ମଧ ରକ୍ତ ପାଇବାରୁ ବଞ୍ଚିତ ହେଉଛନ୍ତି। କଣ୍ଟାବାଞ୍ଜି ଅଞ୍ଚଳରୁ ଯାଇଥିବା କିଛି ରୋଗୀ ରକ୍ତ ନ ପାଇବାରୁ ତାଙ୍କ ଜୀବନ ଯାଇଥିବା ମଧ ଅଭିଯୋଗ ହେଉଛି। ତେବେ ରାଜ୍ୟର ଡବଲ ଇଞ୍ଜିନ ସରକାର କେବେ ନଜର ଦେବେ ଏବଂ ଏହି ରକ୍ତ ଭଣ୍ଡାର କେବେ କାର୍ଯ୍ୟ କରିବେ ତାହା ସମସ୍ତଙ୍କ ଅପେକ୍ଷା ରହିଛି।

### ସେମାନଙ୍କ ମୁହଁରୁ



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଞ୍ଚଳ ବାସୀଙ୍କ ସୁବିଧା ପାଇଁ ଏହି ରକ୍ତ ଭଣ୍ଡାର ଆରମ୍ଭ କରିଥିଲେ। କିନ୍ତୁ ବର୍ତ୍ତମାନ ଲାଇସେନ୍ସ ନାହିଁ କହି ବନ୍ଦ ପଡ଼ିଛି। ଏଥିପାଇଁ ଲୋକେ ହରିଆଣା ହେଉଛନ୍ତି। ରକ୍ତଭଣ୍ଡାର ସମ୍ମୁଖରେ ଆମେ ଧାରଣା ଦେଇଥିଲୁ। ତୁରନ୍ତ ଚାଲୁ କରିବାକୁ ସରକାର ଏବଂ ପ୍ରଶାସନ ଦୃଷ୍ଟି ଆକର୍ଷଣ ମଧ କରିଛି; କିନ୍ତୁ ବର୍ତ୍ତମାନ ସେମାନେ ଗଭୀର ନିଦରେ ଶୋଇଛନ୍ତି। ତେଣୁ ସାଧାରଣ ଲୋକଙ୍କ ଅସୁବିଧା ଦେଖି ପାରୁନାହାନ୍ତି। ଯଥା ଶୀଘ୍ର ଏହି ରକ୍ତଭଣ୍ଡା ଖୋଲା ଯାଉ। ନ ଚେତ ଆଇନ ଅମାନ୍ୟ ଆନ୍ଦୋଳନ କରିବ।

**ଗିରିରାଜ ସିଂ ମାଝୀ** (ବିଜେଡି ନେତା)



ଏହି ରକ୍ତ ଭଣ୍ଡାର ଅଞ୍ଚଳବାସୀଙ୍କ ପ୍ରାଣକେନ୍ଦ୍ର। ପୂର୍ବରୁ ଏହିଭଳି ଅସୁବିଧା ଆମେ ଦେଖି ନ ଥିଲୁ। ରକ୍ତ ଭଣ୍ଡାର ଅଚଳ ହେତୁ ରୋଗୀ ବହୁତ ହଇରାଣ ହେଉଛନ୍ତି। ଏହା ଆମେ ପ୍ରତିଦିନ ଆଖିରେ ଦେଖୁଛୁ। ଏ ନେଇ ବାରମ୍ବାର ବିଭିନ୍ନ ମାଧ୍ୟମରେ ଆମେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛୁ; କିନ୍ତୁ ସମାଧାନ ହେଉନାହିଁ। ରାଜ୍ୟ ସରକାର ଏହି ଅସୁବିଧାକୁ ଗୁରୁତର ଭାବେ ନେଇ ତୁରନ୍ତ ରକ୍ତ ଭଣ୍ଡାର ପୂର୍ବଭଳି ଚଳାଇବା ଆବଶ୍ୟକ।

**ରାଜୁ ବାରିକ** (ଯୁବ ସମାଜସେବୀ)



ଏହି ରକ୍ତ ଭଣ୍ଡାର ଚାଲୁଥିବା ବେଳେ ରୋଗୀଙ୍କୁ ରକ୍ତ ଦରକାର ଥିବା ନେଇ ଖବର ପାଇଲେ ଆମେ ତାଙ୍କୁ ତୁରନ୍ତ ରକ୍ତ ଯୋଗାଇବାରେ ସହଯୋଗ କରୁଥିଲୁ; କିନ୍ତୁ ବର୍ତ୍ତମାନ ରକ୍ତ ଭଣ୍ଡାର ଅଚଳ ଥିବା ଫଳରେ ରୋଗୀମାନେ ରକ୍ତ ପାଇଁ ହଇରାଣ ହେଉଛନ୍ତି। ଲୋକେ ଆମ ସହ ଯୋଗାଯୋଗ କରୁଛନ୍ତି; ହେଲେ ସେମାନଙ୍କୁ ସହଯୋଗ କରିବା ପାଇଁ ଆମେ ବିଫଳ ହେଉଛି।

**ରାଜେନ୍ଦ୍ର ଦୀପ** (ରକ୍ତଦାତା)

# ଗାଡ଼ି ଚୋରି ଅଭିଯୋଗରେ ଯୁବକ ଗିରଫ



**ପାଟଣାଗଡ଼, ୨୫ ।୩ (ସମିସ):** ପାଟଣାଗଡ଼ ପୁଲିସ ଏକ ଚୋରା ବାଇକ୍ ଜବତ କରିଛି। ଏହି ଘଟରାରେ ପଦ୍ମପୁରର ଚିଣ୍ଟୁ ବଗର୍ତ୍ତି ଗିରଫ ହୋଇଛି। ଫାଟଣାଗଡ଼ସ୍ଥିତ ଟ୍ୟାକ୍ସିଷ୍ଟାଣ୍ଡଠାରୁ ଗତ ୧୦ ତାରିଖ ଦିନ ଲରମ୍ବା ଥାନା ଦମେଇପାଲି ଗାଁର ସୁରେନ୍ଦ୍ର ମେହେରଙ୍କ ବାଇକ୍ ଏଚଏଫ ଡିଲକ୍ସ (ଓଡି ୦୩ ଏଫ ୭୭୫୦) ଚୋରି ହୋଇଥିଲା। ଏନେଇ ସୁରେନ୍ଦ୍ର ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା କହିଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥଣ୍ଡା ପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ



**ବଲାଙ୍ଗିର, ୨୫ ।୩(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଥଣ୍ଡା ପାନୀୟ ଜଳ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ପ୍ରତିଷ୍ଠାତା ସଦସ୍ୟ ସୁଧାଂଶୁ ମିଶ୍ରଙ୍କ ବାପା ସ୍ୱର୍ଗତ କ୍ଷୀରୋଦ୍ର ମିଶ୍ରଙ୍କ ସ୍ମୃତିରେ ଏହି ଥଣ୍ଡା ପାନୀୟ ଜଳ ଯନ୍ତ୍ର ସ୍ଥାପନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର ଏହାକୁ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏଡିଏମଓ ଡ. ପିକେ ଦାସ, ହସ୍ପିଟାଲ ପରିଚାଳକ ଡ. ପ୍ରତ୍ୟୁଷ ପଟ୍ଟନାୟକ, ବନ୍ଦନା ପଧାନ, ହେରାମ ମହାପାତ୍ର, ଅନୁଷ୍ଠାନର ସୁଧାଂଶୁ ମିଶ୍ର, ରଶ୍ମି ପଟ୍ଟନାୟକ, ମୁକେଶ ପଧାନ, ବୁଲୁ ମହାକୁର, କନ୍ଦର୍ପ ରଣା, ଖଗେଶ୍ୱର ପଧାନ, ବାଳା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଫସଲ ବିବିଧି କରଣ ଯୋଜନା ତାଲିମ ଶିବିର




**ବଲାଙ୍ଗିର, ୨୫ ।୩(ସମିସ):** ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରରେ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ. ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସତ୍ୟମୟ ଶତପଥୀ ସ୍ୱାଗତ ସମ୍ବୋଧନ ଦେଇ ଆରମ୍ଭ କରିଥିଲେ। ଏହି ତାଲିମ୍ ଶିବିରରେ ବିଭିନ୍ନ ବ୍ଲକର ୨୦ ଜଣ ସହକାରୀ କୃଷି ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଡ. ଧୀରେନ୍ଦ୍ର ସିଂହ ବରିହା ଫସଲ ବିବିଧି କରଣର ଉପାଦେୟତା ଉପରେ କୃଷି ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ବୈଜ୍ଞାନିକ ଡ. ନିରଞ୍ଜନ ପାଣିଗ୍ରାହୀ, ଉଦ୍ଭିଦ ରୋଗ ବିଜ୍ଞାନୀ ଡ. ଦୀପଙ୍କର ମଣ୍ଡଳ, କୃଷି ଇଂଜିନିୟର ଡ. ସୁଶୀଲ ବାଂଶୁଦେ, କୃଷି ବିଜ୍ଞାନ କେନ୍ଦ୍ରର ଡ. ମୋନୋଜ ବାରିକ ପ୍ରମୁଖ ପ୍ରମୁଖ ଏହି ଯୋଜନା ଉପରେ ଅଧିକ ଆଲୋକପାତ କରିଥିଲେ। କରିସ୍ମା ପ୍ରିୟଦର୍ଶିନୀ ଧନ୍ୟବାଦ ପ୍ରଦାନ କରିଥିଲେ।

### ଦୁଆରସନି ଯୁବକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ

# ସମାଜ ଗଠନରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**କଣ୍ଟାବାଞ୍ଜି, ୨୫ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ହିଆଲ ପଞ୍ଚାୟତ ଅଧୀନ ଦାବ୍ରି ଗାଁରେ ଥିବା ଜୟ ମାଁ ଦୁଆରସନି ଯୁବକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏଥିରେ ମତ ପ୍ରକାଶ ପାଇଛି। ମୟ ବାଗ, ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ଯୁବନେତା ନିଲେଶ ଛତ୍ରିଆ, ବରିଷ୍ଠ ନେତା ତଥା କଣ୍ଟାବାଞ୍ଜି ନୂଆପଡ଼ା ଲକ୍ଷେଘର ଗଣ୍ଡା ସମାଜ ସଭାପତି ଦୁଃଖିଶ୍ୟାମ ରାୟ, ଅବସରପ୍ରାପ୍ତ କୃଷି ଅଧିକାରୀ ବିଶ୍ୱମ୍ବର ବାଗ, କୈଳାସ ଦୀପ, ଦାବରୀ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ଧରୁଆ, ସାମ୍ବାଦିକ ତୁଳସୀରାମ ଜଗତ, ଇଶାନ ସୋମିୟା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ରାଜୁ ଛତ୍ରିଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରତାପଚନ୍ଦ୍ର କୁଅଁର ସଂଯୋଜନା କରିଥିଲେ। ଏହି ଅବସରରେ ଅଞ୍ଚଳର ପ୍ରତିଷ୍ଠିତ ସମାଜସେବୀ, କଳାକାର, ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୁକ୍ଷକର୍ତ୍ତା ଚନ୍ଦନ, ନବୀନ ଭୋଏ, ନେତ୍ର କୁମ୍ଭାର, ଚନ୍ଦ୍ରଧଜ ଚନ୍ଦନ, ସମ୍ପାଦକ ଜିତୁ ସୁନା, କୋଷାଧ୍ୟକ୍ଷ ବୈକୁଣ୍ଠ ଚନ୍ଦନ, ଉପସଭାପତି ବୈକୁଣ୍ଠ କୁଅର, ସହ ସମ୍ପାଦକ ନନ୍ଦୀ କିଶୋର ଚନ୍ଦନ, ସହ କୋଷାଧ୍ୟକ୍ଷ ରୋହିତ ନାଗ, ଲାଏବ୍ରେନ୍ ଦୁଃଖନାସନ୍ ମଲ୍ଲିକ, ସଦସ୍ୟ ବିଷ୍ଣୁ ଗହିର, ପ୍ରେମକାନ୍ତ ଚନ୍ଦନ, ଗଣେଶ ନାଗ, ଲଛମନ୍ କୁଅଁର, କ୍ରିଷ୍ଣା ମିଶ୍ର, ବସନ୍ତ ଛତ୍ରିଆ, ରାଜ ମଲ୍ଲିକ, ପୃଥିରାଜ ନାଗ, କାର୍ତ୍ତିକ ଛତ୍ରିଆ, ପ୍ରଧୁମ୍ ନିଆଲ, ସଜିତ ସୁନା, ବଡ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ସମସ୍ୟା ସମାଧାନ ପାଇଁ ଏଡିଏମ୍‌ଙ୍କୁ ଫେରାଦ୍



**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୨୫ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଆରୋଗ୍ୟ ମନ୍ଦିରଠାରୁ ତାଳଭଟା ପ୍ରହରୀ ମଣ୍ଡପ-ସାପ୍ତାହିକ ବଜାର-ମାଳପଡ଼ା ଭାୟା ବରତୁଣ୍ଡା ଗାଁ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବଲାଙ୍ଗୀର ଏଡିଏମ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ପଞ୍ଚାୟତ ପ୍ରଶାସନକୁ ଗୁହାରି କରିଥିଲେ ମଧ କେହି ପଦକ୍ଷେପ ନେଇ ନାହାନ୍ତି। ଏହି ରାସ୍ତାରେ ଦୈନନ୍ଦିନ ଲୋକେ ଯିବା ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି ଧ୍ୟାନ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ମାସରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେବେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏଡିଏମ୍ ପ୍ରତିଶ୍ରୁତି ଦେଇଛନ୍ତି। ମାଁ ସାହାଜି ଯୁବକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ଧବଳେଶ୍ୱର ବେହେରା, ଲମ୍ବୋଦର ବେହେରା, ସନ୍ତୋଷ ହଂସଙ୍କ ସହ କପିଲାଭଟା, ତାଳଭଟା, ମାଲପଡ଼ା ଓ ବରତୁଣ୍ଡା ଗ୍ରାମବାସୀଙ୍କ ସହ ଅଞ୍ଚଳବାସୀ ଏଡିଏମ୍‌ଙ୍କୁ ଭେଟିଥିଲେ। ପକ୍କା ରାସ୍ତା ନ ହେଲେ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଲୋକ ଚେତାବନୀ ଦେଇଛନ୍ତି।

# ଜରିମାନା ଗଣିଲେ ଅମାନିଆ ଗାଡ଼ି ଚାଳକ

**କଣ୍ଟାବାଞ୍ଜି/ତୁରେକେଲା, ୨୫ ।୩(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଯାନବାହନ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ଅମାନିଆ ଚାଳକ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ କରାଯାଇଛି। ବଲାଙ୍ଗୀର ଅତିରିକ୍ତ ଆରଟିଓ ପ୍ରଶାନ୍ତ ପାଢ଼ୀ ନେତୃତ୍ୱରେ ତୁରେକେଲାରୁ



କଣ୍ଟାବାଞ୍ଜି ରାସ୍ତାରେ ଯାଞ୍ଚ କରାଯାଇଛି। ନିୟମ ଉଲ୍ଲଂଘନ କରି ଯାନବାହନ ଚଳାଚଳ କରୁଥିବା ଚାଳକଙ୍କଠାରୁ ୩ ଲକ୍ଷ ୧୭ ହଜାର ୧୫୮ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚ ସମୟରେ ତୁରେକେଲା ଥାନା ଅଧିକାରୀ ରାକେଶ ବେହେରାଙ୍କ ସହ ଅନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

# ପଖନମୁଣ୍ଡାରେ ବନାଗ୍ନି ନିବାରଣ ସଚେତନତା ସଭା

**ତୁରେକେଲା, ୨୫ ।୩(ସମିସ):** କଣ୍ଟାବାଞ୍ଜି ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ତୁରେକେଲା ବ୍ଲକ ପଖନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଗ୍ନି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ତୁରେକେଲା ବନପାଳ ଗୋବର୍ଦ୍ଧନ ପଟେଲ ଯୋଗ ଦେଇଥିଲେ। ବନପାଳ ଶ୍ରୀ ପଟେଲ ବନାଗ୍ନିର କାରଣ ଉପରେ କହିଥିଲେ।



ତାହା କିପରି ରୋକା ଯାଇ ପାରିବ ତାହା ଉପରେ ମଧ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ସଭାରେ ପ୍ରଧାନ ଶିକ୍ଷକ ହରିଶଙ୍କର ସାହୁ, ଭବାନୀ ମାଝୀ, ଲଳିତା ମାଝୀ, ଶ୍ୟାମସୁନ୍ଦର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ୪ ଜଣଙ୍କୁ ଜେଲ୍

**ତୁରେକେଲା, ୨୫ ।୩(ସମିସ):** ପୁଲିସକୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡ଼ିଛି। ଏହି ଘଟଣାରେ ୪ ଜଣ ଯୁବକ ଜେଲ୍ ଯାଇଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ତୁରେକେଲା ପୁଲିସ ପାଟ୍ରୋଲିଂ କରୁଥିବା



ବେଳେ ତୁରେକେଲା ଛକ ନିକଟରେ ୪ ଜଣ ଯୁବକ ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଅଭିଯୋଗରେ ବୁଧବାର ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ବାରେଶବାହାଲି ଗାଁର ଲକ୍ଷ୍ମଣ ନାଗ, କାହ୍ନା ବାଗ, ତୁଳସୀ ବାଗ, ବୁଧିସାଗର ମାଝିଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବାଇକ୍ ଜବତ କରି ତୁରେକେଲା ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ୪ ଜଣ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ କଣ୍ଟାବାଞ୍ଜି ଧାମନଡ଼ଙ୍ଗା ସ୍ଥିତି ଜେଲକୁ ପଠାଇ ଦିଆଯାଇଛି। ଥାନା ଅଧିକାରୀ ରାକେଶ ବେହେରା ଏହି ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କର୍ମଶାଳା

**ବେଲପଡ଼ା, ୨୫ ।୩(ସମିସ):** ବେଲପଡ଼ା ବ୍ଲକ କୃଷି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ବିଭାଗ ପକ୍ଷରୁ ଦୁଇ ଦିନ ଧରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର କୃଷିମିତ୍ର, ଏମବିକେ, ସିଆରପି, ଏବଂ ଚାଷୀଙ୍କୁ ନେଇ ଏହି କର୍ମଶାଳା ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ସେଠି ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଏପିସି ମୁଖ୍ୟ ସତ୍ୟନାରାୟ ଦାସ, ଓଭରସିୟର ଅମିତି ସାହୁ, ଶଶାଙ୍କ ଶେଖର ମିଶ୍ର, ମୃତ୍ତିକ ସଂରକ୍ଷଣ ବିଭାଗର ଅଧିକାରୀ, ମିଶନ ଶକ୍ତି ସଂଯୋଜକ ଜୁଲି ଛତ୍ରିଆ, ହରିଶ ଚନ୍ଦ୍ର ହଂସ ପ୍ରମୁଖ ଯୋଗ ଦେଇଥିଲେ।

### ଏପ୍ରିଲ ୨ରୁ ୫ ଖଡ଼ିଛୁଆଁ ଉତ୍ସବ

# ଘର ଘର ବୁଲି ଅଭିଭାବକଙ୍କୁ ନିମନ୍ତ୍ରଣ

**କଣ୍ଟାବାଞ୍ଜି, ୨୫ ।୩(ସମିସ)**

- ନେତୃତ୍ୱ ନେଉଛନ୍ତି ବିଇଓ, ସିଆରସିସି
- ସହଯୋଗ କରୁଛନ୍ତି ଶିକ୍ଷକ, ଶିକ୍ଷୟିତ୍ରୀ





ଏପ୍ରିଲ ୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଣ୍ଟାବାଞ୍ଜି ଅଞ୍ଚଳରେ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀ ଗୌତମ୍ ପଟେଲଙ୍କ ନେତୃତ୍ୱରେ ବିଭାଗୀୟ କର୍ମକର୍ତ୍ତା ଓ ଶିକ୍ଷକ-ଶିକ୍ଷୟିତ୍ରୀ ଘରକୁ ଘର ବୁଲି ନିମନ୍ତ୍ରଣ ପତ୍ର ବାଣ୍ଟିଛନ୍ତି। ଏହି ସଚେତନତା ଅଭିଯାନରେ କଣ୍ଟାବାଞ୍ଜି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦ, ଗଜୟ ଦାସ, ଶିକ୍ଷୟିତ୍ରୀ ଯଶୋଦା ବୁଡ଼ିକା, ସିମନ୍ତିନି ପାଣିଗ୍ରାହୀ ଏବଂ ଅଙ୍ଗନବାଡ଼ି କର୍ମୀ ସଙ୍ଗୀତା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ନୂତନ ଶିକ୍ଷା ବର୍ଷରେ ପିଲାଙ୍କ ନାମଲେଖାକୁ ତ୍ୱରାନ୍ୱିତ କରିବା ଏବଂ ଶିକ୍ଷା ପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ଘରକୁ ଘର ସମ୍ପର୍କ ଅଭିଯାନ ହାତକୁ ନିଆଯାଇଛି। ଶିକ୍ଷା ଅଧିକାରୀ ଶ୍ରୀ ପଟେଲ୍ କହିଛନ୍ତି ଯେ, ଅଭିଭାବକଙ୍କ ସହଯୋଗ ବିନା ଶିକ୍ଷାର ବିକାଶ ଅସମ୍ଭବ। ଘରକୁ ଘର ଯାଇ ନିମନ୍ତ୍ରଣ କରିବା ଦ୍ୱାରା ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମ୍ପର୍କ ମଜବୁତ ହେଉଛି। ସେହିଭଳି ସିଆରସିସି ଦିନେଶ ମହାନନ୍ଦ ମଧ କହିଛନ୍ତି ଯେ, ଖଡ଼ିଛୁଆଁ ଉତ୍ସବରେ ପ୍ରତ୍ୟେକ ଶିଶୁ ଯେପରି ସାମିଲ ହେବେ ସେଥିପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି କାର୍ଯ୍ୟକ୍ରମରେ ପିଲାଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ତୁରେକେଲା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

**ବେଲପଡ଼ା:** ବେଲପଡ଼ା ବ୍ଲକର ସମସ୍ତ ବିଦ୍ୟାଳୟରେ ମଧ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହେବ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ନେତୃତ୍ୱରେ ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ସିଆରସିସି ଓ ଶିକ୍ଷକମାନେ ଘରେ ଘରେ ପହଞ୍ଚି ପିଲାଙ୍କ ନାମଲେଖା ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ କରୁଛନ୍ତି। ୫ ତାରିଖ ପର୍ଯ୍ୟନ୍ତ ଖଡ଼ିଛୁଆଁ ଉତ୍ସବ ପାଳନ କରାଯିବ। ୫ରୁ ୬ ବର୍ଷ ବୟସର ପିଲାଙ୍କୁ ଶିଶୁ ବାଟିକାରେ ଓ ୬ ବର୍ଷର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଯିବ। ଓଡ଼ିଶା ଶିକ୍ଷା ସର୍ବେକ୍ଷଣ (ଚାଇଲ୍ଡ ଟ୍ରାକିଂ ସର୍ଭେସିଟିଏସ୍) ଆଧାରରେ ଏହି ନାମଲେଖା ପ୍ରକ୍ରିୟା ସମ୍ପନ୍ନ ହେବ। ଏଥିପାଇଁ ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରି-ସ୍କୁଲରୁ ତଥ୍ୟ ସଂଗ୍ରହ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ପିଲାମାନେ ଖଡ଼ି ଛୁଇଁ ପାଠପଢ଼ାର ଆରମ୍ଭ କରିବେ। ବିଦ୍ୟାଳୟରେ ଫୁଲ, ଚନ୍ଦନ ଓ ଚନ୍ଦନ ଟିକା ଦେଇ ପିଲାଙ୍କୁ ସ୍ୱାଗତ କରାଯିବା ସହ ଶିକ୍ଷା କିଟ୍ ବଣ୍ଟନ କରାଯିବ। ଏଥିସହ 'ଆସ ସ୍କୁଲ ଯିବା ଅଭିଯାନ' ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ୫ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ଶିକ୍ଷା ପ୍ରଣାଳୀରେ ସାମିଲ କରାଯାଉଛି। ପ୍ରତ୍ୟେକ ଘରେ ପହଞ୍ଚି ଅଭିଭାବକଙ୍କୁ ସଚେତନ କରିବା ଓ ପିଲାଙ୍କୁ ବିଦ୍ୟାଳୟମୁଖୀ କରିବାରେ ଶିକ୍ଷକମାନେ ଭୂମିକା ନେବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ପ୍ରତି ସଚେତନତା ବଢ଼ାଇବା ସହ ସମସ୍ତ ଶିଶୁଙ୍କୁ ବିଦ୍ୟାଳୟ ସହିତ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି।

୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



✓ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ : ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ। ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି। ତୁମକୁ ମୋକ୍ଷଗତି ମିଳୁ। ଠାକୁରଙ୍କୁ ଡାକୁଛୁ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ, ଅଣନାତିନାତୁଣୀମାନେ

# ଖୁଡ୍‌ଖୁଡି ଜୁଆ ଆଡ୍ଡା ଉପରେ ଚଢ଼ଉ, ଜଣେ ଗିରଫ

ଜୟପୁର,୨୫ ।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ଫାମ୍ପୁଣି ଗ୍ରାମର ହରିଜନ ସାହି ଠାରେ ଚାଲିଥିବା ଖୁଡୁଖୁଡି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଛି। ଜଣକୁ ଗିରଫ କରିବା ସହିତ ୨୫୬୦ ଟଙ୍କା ଏବଂ ଜୁଅ ଖେଳ ସାମଗ୍ରୀ ଜବତ କରାଯାଇଛି। ଗତକାଲି ରାତି ସାଢେ ୯ଟା ସମୟରେ ଫାମ୍ପୁଣି ଗ୍ରାମର ଜୁଆ ଚାଲିଥିବା ସୂଚନା ପାଇବା ପରେ ପୁଲିସ ଚଢ଼ଉ କରିଥିଲେ । କିନ୍ତୁ ପୁଲିସ ଗାଡିକୁ ଦେଖି ଘଟଣାସ୍ଥଳରୁ ବହୁ ଜୁଆଡି ଦୌଡ଼ି ଚମ୍ପଟ ମାରିଥିଲେ। ପୁଲିସ କର୍ମଚାରୀ ଗୋଡ଼ାଇ ଗୋଡ଼ାଇ ଜଣେ ଜୁଆଡିକୁ ଗିରଫ କରିଥିଲେ। ଘଟଣାସ୍ଥଳରେ ଯାଞ୍ଚ ବେଳେ ୨୫୬୦ ଟଙ୍କା ଏବଂ ଖୁଡୁଖୁଡି ଖେଳା ଯାଉଥିବା ସାମଗ୍ରୀ ଜବତ କରାଯାଇଥିଲା। ଏହି ଚଢ଼ଉର ନେତୃତ୍ୱ ଏସ୍‌ଆଇ ଅମ୍ରେଶ ନାହାକଙ୍କ ନେତୃତ୍ୱରେ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ ବୋଲି ସଦରଥାନା ଅତିରିକ୍ତ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

**୨୫୬୦ ଟଙ୍କା ଜବତ**

# ରାମ ନବମୀ ପାଇଁ ଚଳଚଞ୍ଚଳ ରାଇଘର



ରାଇଘର,୨୫।୩ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ତଥା ୨୬ ପଞ୍ଚାୟତ ରାମ ନବମୀ ସକାଶେ ଚଳଚଞ୍ଚଳ ହୋଇଉଠିଛି। ଚଳିତ ମାସ ୨୭ ତାରିଖ ଶ୍ରୀରାମ ନବମୀ ଥିବାରୁ ମୁଖ୍ୟ ବଜାରରେ ପତାକା ଲଗାଯାଇଛି। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦ, ରାଇଘରର ଯୁବ ଗୋଷ୍ଠୀ, ତଥା ରାଇଘର ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ସାମିଲ ହୋଇ ଜୟ ଶ୍ରୀ ରାମ ପତାକା ମାରିବାରେ ସହଯୋଗ କରିଛନ୍ତି। ଶ୍ରୀରାମ ନବମୀ ଦିନ ଜଗନାଥ ମନ୍ଦିରରେ ପୂଜାପାଠ ସହ ସନ୍ଧ୍ୟା ୫ ଘଣ୍ଟା ସମୟରେ ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ହନୁମାନ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଆୟୋଜନ କରାଯାଇଛି। ମୁଖ୍ୟ ବଜାରର ଦୁଇ ପାଶ୍ୱର୍ରେ ପତାକା ଲଗାଯିବ ଫଳରେ ବଜାରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ବଢ଼ିଯାଇ ଥିବା ଦେଖିବାକୁ ମିଳିଛି। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ହନୁମାନ ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୂଚନା ମିଳିପାରିଛି।

● ରାଜ୍ୟସ୍ତରୀୟ ବକ୍ସିଂ ଚାମ୍ପିଅନ୍‌ସିପ

# କୋରାପୁଟ ଜିଲ୍ଲାରୁ ୫ ଜଣ ପ୍ରତିଯୋଗୀ



ଜୟପୁର, ୨୫ ।୩(ସମିସ) : ରାଜ୍ୟସ୍ତରୀୟ ବକ୍ସିଂ ଚାମ୍ପିଅନ୍‌ସିପ ଆସନ୍ତା ୨୬ ଏବଂ ୨୭ ତାରିଖରେ ରାଉରକେଲା ଠାରେ ଅନୁଷ୍ଠିତ ହେବ। ଏଥିରେ କୋରାପୁଟ ଜିଲ୍ଲାରୁ ୫ ଜଣ ପ୍ରତିଯୋଗୀ ଭାଗ ନେବେ। ବିଭିନ୍ନ ବର୍ଗ ମଧ୍ୟରୁ କନିଷ୍ଠ ବର୍ଗ ୫୭-୬୦ କିଗ୍ରାରେ ଏମ୍ ଜୀବନ, ଯୁବ ବର୍ଗ ୪୭-୫୦ କିଗ୍ରାରେ ଭି ଯଶୋବନ୍ତ, ୫୫-୬୦ କିଗ୍ରାରେ୍ ତ୍ରିଦେବ କୁମାର ସାମଲ, ୬୦-୬୫ କିଗ୍ରାରେ ଏସ୍ ବିବେକ ଏବଂ ୯୦ କ୍ରିଗ୍ରାରେ ଈଶାନ୍ତ ପାଇକ ଜିଲ୍ଲା ପାଇଁ ଖେଳିବେ। ଏହି ଅବସରରେ କୋରାପୁଟ ଜିଲ୍ଲା କ୍ରୀଡା ସଂଘର ପୂର୍ବତନ ସମ୍ପାଦକ ଅନୁପ କୁମାର ପାତ୍ର ଏବଂ ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକ ରବି ନାୟକ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଇଥିଲେ। ଏହି ପାଞ୍ଚ ଜଣ ବକ୍ସିଂ ଖେଳିଳି ସ୍ଥାନୀୟ ଅରିଜିତ ବକ୍ସିଂ କ୍ଲବ୍ ରେ ପ୍ରଶିକ୍ଷଣ ନେଇଥିଲେ ବୋଲି କୋରାପୁଟ ଜିଲ୍ଲା ବକ୍ସିଂ ସଂଘର ସଭାପତି ଶଶିଭୂଷଣ ଦାଶ ସୂଚନା ଦେଇଛନ୍ତି।

# ଅଂଶୁମାନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋରାପୁଟ,୨୫।୩(ସମିସ): କୋରାପୁଟ ପରବ ପଡ଼ିଆରେ ଅଂଶୁମାନ ମେମୋରିଆଲ୍ ପ୍ରଥମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମଣ୍ଟର ଉଦ୍‌ଘାଟନ କରିଥିଲେ। ଫ୍ରେଣ୍ଡସ ୟୁନିଅନ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ଆସନ୍ତା ମାସ ୨ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅନ୍ୟ ମାନଙ୍କ ମଧ୍ୟରେ ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଜିଲ୍ଲା ଉପ ସଭାନେତ୍ରୀ ଲିଲି ବୁରୁଡ଼ି, କୋରାପୁଟ ବ୍ଲକ୍ ବିଜେଡି ସଭାପତି ମଣ୍ଟୁ ବେନିଆ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

# ସାରସ୍ୱତ ବାଲ ମନ୍ଦିରର ବାର୍ଷିକ ଉତ୍ସବ



ଜୟପୁର, ୨୫ ।୩ ସମିସ) : ଜୟପୁର ଜୟନଗର ପାଇକ ସାହି ସ୍ଥିତ ସାରସ୍ୱତ ବାଲ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୂର୍ବତନ ଶିକ୍ଷକ ତଥା ନାଟ୍ୟକାର, ନିର୍ଦ୍ଦେଶକ ପ୍ରକାଶ ମହାନ୍ତି, ସିଟି ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ପୂର୍ବତନ ପ୍ରଧାନଶିକ୍ଷକ ହରିହର କରସୁଧା ପଟ୍ଟନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ବରିଷ୍ଠ ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ, ବରିଷ୍ଠ ଅଭିନେତା ବେତାର ମଞ୍ଚ ସିନେ କଳାକାର ଗୋପାଳ ସାମନ୍ତରାୟ, ସଂଗୀତ ନିର୍ଦ୍ଦେଶକ ଧିରେନ ମୋହନ ପଟ୍ଟନାୟକ, ପୂର୍ବତନ ବରିଷ୍ଠ ଆକାଶବାଣୀ ଉଦ୍‌ଘୋଷକ ଉଦୟ ଶଙ୍କର ଜାନି, ବିଦ୍ୟାଳୟର ସଭାପତି ଅନୁପ କୁମାର ସାମନ୍ତରାୟ, ଶିକ୍ଷା ବିଭାଗର ସିଆରସିସି ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ଦ୍ୱାରା ଅନୁଷ୍ଠାନର ପ୍ରଦୀପ ପ୍ରଜ୍ୱଳନ ପୂର୍ବକୁ ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୫ଟି ନୃତ୍ୟ, ୨ଟି ଗୀତ, ୩ଟି ନାଟକ ଏବଂ ଯୋଗ, ବ୍ୟାୟାମ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହମଦ ସରିଫ, ଅମର ମିଶ୍ର, କିଶୋର ମିଶ୍ର, ଲାଲୁ ମିଶ୍ର, ଜିତୁ ମିଶ୍ର, ରବି ପାତ୍ର, ନିଶାନ ପଟ୍ଟନାୟକ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ତଥା ସମାଜସେବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ କମିଟିର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟ ର ଅଧକ୍ଷା ରୀତାଲି ସାହୁ ଏବଂ ଅନ୍ୟାନ୍ୟ ଶିକ୍ଷୟତ୍ରୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ସମସ୍ୟା ଘେରରେ ଗୁଣୁପୁର ସହର, ସାମ୍ବାଦିକ ଓ ବୁଦ୍ଧିଜୀବୀ ପ୍ରଶାସନର ଦ୍ୱାରସ୍ଥ

# ସୁଧୁରୁନି ଟ୍ରାଫିକ୍ ବ୍ୟବସ୍ଥା, ସିସି କ୍ୟାମେରା ଅଚଳ



ଗୁଣୁପୁର,୨୫।୩(ସମିସ): ଗୁଣୁପୁର ସହରରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାରି ମଧ୍ୟରେ ଗୁଣୁପୁର ପୌରପରିଷଦ ଅଞ୍ଚଳରେ ସାଧାରଣ ଲୋକେ ବହୁ ସମସ୍ୟାରେ ଗତି କରୁଥିବା ନେଇ ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ବରିଷ୍ଠ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଶାନ୍ତିପ୍ରିୟ ଅଞ୍ଚଳରେ ଦୈନନ୍ଦିନ ହଜାର ହଜାର ଲୋକ ସହର ମଧ୍ୟକୁ ଯାତାୟତ କରନ୍ତି। ସହର ମଧ୍ୟରେ ସଡ଼କ ଦୁର୍ଘଟଣା, ଡକାୟତି ଓ ଅପରାଧିଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସହରର ବିଭିନ୍ନ ସ୍ଥାନରେ ପୌର ପରିଷଦ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସିସିଟିଭି ପ୍ରତ୍ୟେକ ଛକରେ ଲଗାଯାଇଛି। ଏହାର କଣ୍ଟ୍ରୋଲ ଗୁଣୁପୁର ଆଦର୍ଶ ଥାନାରେ ରହିଛି। କିନ୍ତୁ ଗୋଟିଏ ବି କ୍ୟାମେରା କାମ କରୁ ନଥିବା ଜଣାପଡିଛି। କ୍ୟାମେରା ଗୁଡିକ ଲାଗିଛି , କିନ୍ତୁ ଅଚଳାବସ୍ଥା ହୋଇ ଯାଇଥିବା ବିଷୟରେ ଅପରାଧି ମାନେ ଅବଗତ ହୋଇଗଲେଣି ବୋଲି ବୁଦ୍ଧିଜୀବୀ କହୁଥିବା ବେଳେ ସହରରେ ଟ୍ରାଫିକ ବ୍ୟବସ୍ଥାର ସୁଧାର ଆଣିବା ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ସହରରେ ବାଇପାସ୍, ପୁରୁଣା ଗୁଣୁପୁର, ପୁରୁଣା ବସ୍‌ଷ୍ଟାଣ୍ଡ, ବିକ୍ରମପୁର ଛକରେ ଟ୍ରାଫିକ ପୁଲିସ ବ୍ୟବସ୍ଥାର ଆବଶ୍ୟକତା, ମୁଖ୍ୟ ରାସ୍ତାରେ ସ୍ପିଡ୍ ବ୍ରେକର ଲଗାଯିବା, ଛକ ଗୁଡିକରେ ହାଇମ୍ୟାକ୍ସ ଲାଇଟ୍ ଲଗାଇବା ବ୍ୟବସ୍ଥା , ବର୍ଷବର୍ଷ ଧରି ବାଇପାସ୍ ରାସ୍ତା କାମ ଚାଲିଥିବା ବେଳେ ଏବେ କାମ ୮୦ ଭାଗ ସରିବା ପରେ ମଧ୍ୟ ଅନ୍ଧକାରରେ ଲୋକେ ଯାତାୟାତ କରୁଛନ୍ତି। ରାସ୍ତା ଉପରେ ଷ୍ଟ୍ରିଟ୍ ଲାଇଟ୍ ପୋତାଯାଇଛି । କିନ୍ତୁ ବିଦ୍ୟୁତ୍ ସଂଯୋଗୀକରଣ କରାଯାଇନାହିଁ। ଅନ୍ଧକାର ମଧ୍ୟରେ ବାଇପାସ୍ ରାସ୍ତା ରହୁଥିବାରୁ ତୁରନ୍ତ ଲାଇଟ୍ ଜଳାଇବା ପାଇଁ ଆବଶ୍ୟକତା ଥିବା ନେଇ ଦାବି ଜଣାଇଛନ୍ତି। ସୋମବାର ଦିନ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠରେ ସହର ସମସ୍ୟା ନେଇ କିଛି ସାମ୍ବାଦିକ ଓ ବୁଦ୍ଧିଜୀବୀ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଏଡିଏମ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିବା ପରେ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ଦୃଷ୍ଟି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଟ୍ରାକ୍ଟରକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ଜୟପୁର,୨୫ ।୩(ସମିସ) : ଜୟପୁର ସଦର ଥାନା ଘାଟବାଗରା ଗ୍ରାମ ରାସ୍ତାରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ କୁନ୍ଦୁରା ଥାନା ଦାରାକେନ୍ଦୁଗୁଡା ଗ୍ରାମର ମଧୁ ମୁଦୁଲି (୩୫)। ପୁଲିସ ସୂଚନା ଅନୁଯାୟୀ ଗତକାଲି ସଂଧ୍ୟା ସାଢେ ୭ ଟା ସମୟରେ ମୃତକ ଜୟପୁର ଠାରେ ନିଜ କାର୍ଯ୍ୟ ଶେଷ କରିବା ପରେ ବାଇକ୍ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଘାଟବାଗରା ଗ୍ରାମ ନିକଟସ୍ଥ ରାସ୍ତାରେ ଏକ ଟ୍ରାକ୍ଟର ଠିଆ ହୋଇଥିଲା । ଅନ୍ଧାର ଯୋଗୁଁ ଟ୍ରାକ୍ଟର ଦେଖା ନ ଯିବାରୁ ବାଇକ୍ ସହ ଟ୍ରାକ୍ଟରର ଧକ୍କା ହୋଇଥିଲା। ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ପ୍ରବଳ ରକ୍ତ ପ୍ରବାହିତ ହୋଇଥିଲା। ଜଣେ କୁନ୍ଦୁରା ଅଞ୍ଚଳର ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ବାଇକ୍ ଚାଳକକୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ଥାନାରେ ମୃତକଙ୍କ ଭାଇଙ୍କ ଏତଲାକୁ ଭିତ୍ତି କରଯାଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଅତିରିକ୍ତ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା କାର୍ଯ୍ୟକ୍ରମ



ବୈପାରୀଗୁଡ଼ା,୨୫।୩(ସମିସ): ବୈପାରୀଗୁଡ଼ା ସଦର ମହକୁମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ଉତ୍ତମ ଜନସେବା ନେଇ ପୁରସ୍କୃତ ହୋଇଛନ୍ତି ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି । କାର୍ଯ୍ୟକ୍ରମରେ ଅତିଥିଭାବେ ବୈପାରୀଗୁଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିବେଦିତା ଦଣ୍ଡସେନା, ସମ୍ପନ୍ନିତ ଶିଶୁ ବିକାଶ ଯୋଜନା ଅଧିକାରୀ ତଥା ସିଡିପିଓ ସବିତା ବ୍ରହ୍ମକ୍ଷ, ମେଡିକାଲ ଇନଚାର୍ଜ ବସବଦତ୍ତା ନାୟକ, ଏପିଓ ସାଗରିକା ପଣ୍ଡା, ବିପିଏମ ହେମରାଜ ପାଣିଗ୍ରାହୀ, ପିଏଚଇଓ ସୁନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ସ୍ୱାସ୍ଥ୍ୟ, ପରିମଳ ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଗାଁ କଲ୍ୟାଣ ସମିତି ଦଣ୍ଡାବାଡ଼ି ପଞ୍ଚାୟତର କାନ୍ଦିଲିଗୁଡା ଏବଂ ବୈପାରୀଗୁଡା ପଞ୍ଚାୟତର ଗୁଣ୍ଡକ୍ଷଗୁଡାକୁ ବ୍ଲକ ସ୍ତରରେ ପୁରସ୍କୃତ କରାଯାଉଛି। ପୁରସ୍କାର ସହ ୧୦ ହଜାର ଅର୍ଥ ରାଶି ପ୍ରଦାନ କରାଯାଇଛି । ସେହିପରି ସ୍ୱାସ୍ଥ୍ୟସେବା, ବିଶେଷକରି ମାତୃ ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ ଆଶା କର୍ମୀମାନଙ୍କୁ ପୁରସ୍କୃତ କରାଯାଛି । ସେମାନେ ହେଲେ କେନ୍ଦୁଗୁଡାର ପଦ୍ମିନୀ ଚଲାଣ, ଭାଲୁଗୁଡାର ତୁଳସା କାଉଡିଆ, ଚେର୍କାର ସୁକାନ୍ତି ଖସଲା, ବୋଦାପୁଟର ମମତା ନାୟକ, କୋଲାର ଦୀପ୍ତି ପାଙ୍ଗି, କେନ୍ଦୁଗୁଡାର ପଦ୍ମିନୀ ଚଲାଣଙ୍କୁ ଆୱାର୍ଡ ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଚଲକୋଟା ଓ ସଂଡେଇପୁଟ ଜନଆରୋଗ୍ୟ ସମିତିକୁ ମାନପତ୍ର ଓ ଉପଢୌକନ ସହ ୧୩ ହଜାର ଟଙ୍କା ଅର୍ଥ ରାଶି ପୁରସ୍କୃତ କରାଯାଇଛି । ନିଜ କର୍ମକ୍ଷେତ୍ରରେ ନିଷ୍ଠାପର ସେବା ପାଇଁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମାନିତ କରିଛି। କାର୍ଯ୍ୟକ୍ରମରେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଛନ୍ତି।

# ମାଟି ଅତଡ଼ା ଧସି ଦୁଇ ଗୁରୁତର

ଲମତାପୁଟ,୨୫।୩(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ରିଡାଲ ଗ୍ରାମର ୯ ଜଣ ମହିଳା ଚୈତ୍ରପର୍ବ ପାଳିବା ନିମନ୍ତେ ଘର ରଙ୍ଗ କରିବା ପାଇଁ ବାଇରୀପଡା ଗ୍ରାମକୁ ରଙ୍ଗ ମାଟି ଆଣିବା ପାଇଁ ଯାଇଥିଲେ। ମାଟି ଖୋଳିବା ସମୟରେ ମୁଣ୍ଡ ଉପରେ ମାଟି ଅତଡା ଖସି ରିଡାଲ ଗ୍ରାମର ଦୁଇ ଜଣ ମହିଳା ମାଟି ତଳେ ଫସି ରହିଥିଲେ। ଉଭୟଙ୍କୁ ଗ୍ରାମର ଅନ୍ୟ ମହିଳା ମାନେ ଉଦ୍ଧାର କରି ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଜଣେ ମହିଳାଙ୍କ ଗୋଡ଼ରେ ଭୀଷଣ ଆଘାତ ଲାଗିଥିବା ବେଳେ ଅନ୍ୟ ଜଣକଙ୍କ ଅଣ୍ଟା ଭାଙ୍ଗି ଯାଇଥିବା ଯୋଗୁଁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ମଦ ଜବତ , ୨ ଗିରଫ

ପାପଡାହାଣ୍ଡି,୨୫।୩(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାପଡ଼ାହାଣ୍ଡି ବ୍ଲକର ଗାଦବା କତରା ଓ ତୁମ୍ବର୍ଲା ଆଦି ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ମଇଦଲପୁର ଥାନା ଅନ୍ତର୍ଗତ ଗାଦବାକତରା ଗ୍ରାମରେ ଚଢ଼ାଉ କରି ଦୁର୍ଯ୍ୟୋଧନ ନାଏକଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଥିଲା । ପାପଡାହାଣ୍ଡି ଥାନା ଅନ୍ତର୍ଗତ ତୁମ୍ବର୍ଲା ଗ୍ରାମରେ ଚଢ଼ାଉ କରି ନାଭିନା ହରିଜନ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରାଗଲା । ଦୁଇ ଜଣଙ୍କୁ ଏସଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ନବରଙ୍ଗପୁର ଅବକାରୀ ରେଞ୍ଜରେ ମକଦ୍ଦମା ରୁଜୁ କରାଯାଇଥିଲା । ଏହି ଚଢ଼ଉରେ ପାପଡାହାଣ୍ଡି ଅବକାରୀ ଥାନା ଅଧିକାରୀ, ସମୀର ସ୍ୱାଇଁ, ରିସମା ସୁନା, ନାରାୟଣ ମୁଦୁଲି, ସୁଧାଂଶୁ ଆକ୍ରମ ଖାନ, ଉତ୍ତମ ମହାକୁଡ଼ ଓ ପ୍ରସାଦ ବଳବନ୍ତରାୟ ସହଯୋଗ କରିଥିଲେ।

# ଏମ୍‌ଭି- ୭ ୯ ରେ କଂଗ୍ରେସର ବନ୍ଦ



ଏମଭି-୭ ୯ ,୨୫ ।୩(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭ ୯ ରେ ମଧ ଶତାଧିକ ଟ୍ରକ ଅଟକି ରହିଛ । ଚାରି ରାଜ୍ୟ ସହ ଯୋଗାଯୋଗ ପୂରାପୂରି ବିଚ୍ଛିନ୍ନ ହୋଇଯାଇଛି । ଜିଲ୍ଲା କଂଗ୍ରେସ ପକ୍ଷରୁ ଚାରି ଦଫା ଦାବିକୁ ନେଇ ଆଜି ଆହ୍ୱାନ କରାଯାଇଥିବା ୧୨ ଘଣ୍ଟିଆ ମାଲକାନଗିରି ବନ୍ଦର ପ୍ରଭାବ ସମଗ୍ର ଜିଲ୍ଲାରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି। ବିଶେଷ କରି ସୀମାନ୍ତ ଅଞ୍ଚଳ ମୋଟୁ ଏବଂ ଏମ୍. ଭି-୭ ୯ ଅଞ୍ଚଳରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଥିବା ବେଳେ ଜାତୀୟ ରାଜପଥ ଉପରେ ଶତାଧିକ ଟ୍ରକ ଅଟକି ରହିଥିବାରୁ ଯାତାୟାତ ବ୍ୟବସ୍ଥା ପୂରାପୂରି ବିଚ୍ଛିନ୍ନ ହୋଇଛି। ଏହି ବନ୍ଦ ପରିପ୍ରେକ୍ଷୀରେ ଏମ୍.ଭି-୭ ୯ ଅଞ୍ଚଳରେ କଂଗ୍ରେସ କର୍ମୀମାନେ ମୁଖ୍ୟ ଛକଠାରେବ୍ୟାରିକେଡସ୍ଥାପନକରିରାସ୍ତାଅବରୋଧକରିଥିବାସହଦୋକାନ ବଜାର ବନ୍ଦ କରାଇଥିବା ଦେଖାଯାଇଛି। ଫଳସ୍ୱରୂପ, ଏମ୍. ଭି-୭ ୯ ଠାରୁ ମୋଟୁ ପର୍ଯ୍ୟନ୍ତ ଶତାଧିକ ଟ୍ରକ ଦେଖିବାକୁ ମିଳିଥିବାରୁ ସାଧାରଣ ଯାତାୟାତ ଠପ୍ ପଡ଼ିଛି। ଏହି ବନ୍ଦର ପ୍ରଭାବରେ ଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାଙ୍କ ସହ ଯୋଗାଯୋଗ ସ୍ଥାୟୀ ଭାବେ ବିଚ୍ଛିନ୍ନ ହୋଇଥିବାରୁ ବାଣିଜ୍ୟିକ ଓ ଦୈନନ୍ଦିନ ଯାତ୍ରା ଉପରେ ମଧ ପ୍ରଭାବ ପଡ଼ିଛି। କଂଗ୍ରେସ କର୍ମୀ ପାଟୁ ସରକାର, ବିଷ୍ଣୁ ସ୍ୱାଇଁ, ମନୁ ଜେନା, ବାଦଲ ବଣିକ, ଲକ୍ଷ୍ମୀପଦ ମାଲି , ଅସିମ ବାରୋଇ ଏବଂ ଅନ୍ୟାନ୍ୟ କର୍ମୀମାନେ ବନ୍ଦକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ। ସୁରକ୍ଷା ଦୃଷ୍ଟିରୁ ପୁଲିସ ବ୍ୟବସ୍ଥା କଡାକଡି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ପୁଲିସ କର୍ମୀମାନେ ମୁତୟନ ହୋଇଥିବା ଦେଖିବାକୁ ମିଳିଛି।

# ମା’ବିମଳାଙ୍କ ମନ୍ଦିରରେ ମହାଷ୍ଟମୀ



ଦାମନଯୋଡି,୨୫।୩(ସମିସ): ନାଲକୋ ଟାଉନସିପ ସେକ୍ଟର ୧ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା’ବିମଳାଙ୍କ ମନ୍ଦିରରେ ବୁଧବାର ମହାସପ୍ତମୀ ଓ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିଲା। ନବରାତ୍ର ଅବସରରେ ଆଜି ଅପରାହ୍ନରୁ ମହାଷ୍ଟମୀ ଆରମ୍ଭ ହୋଇଥିବାରୁ ସକାଳେ ସୂର୍ଯ୍ୟ ପୂଜା, ନବଗ୍ରହଙ୍କ ପୂଜା ପରେ ଅଷ୍ଟମାତୃକା ପୂଜା ଓ ମା’ଙ୍କର ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ଯଜ୍ଞ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ପୂଜକ ରାମକୃଷ୍ଣ ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ତପନ କୁମାର ମହପାତ୍ର ଓ ତାଙ୍କ ପତ୍ନୀ ସଂଗୀତା କୁମାରୀ ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଅମୀୟ କୁମାର ସାମନ୍ତରାୟ, ବିପିନ ବିହାରୀ ପଣ୍ଡା, ସୁଶାନ୍ତ କୁମାର ଦାଶ ଓ ବିଜୟ କୁମାର ଆଚାର୍ଯ୍ୟ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ, ଆର.ଏନ.ମୁଦୁଲି, ଖଦାଳ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ଆଜି ଉପବାସ ବ୍ରତ ପାଳନ କରି ମା’ଙ୍କର ପୂଜାର୍ଚ୍ଚନା କରିଥିଲେ।

# ବନ ବିଭାଗର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ନାରାୟଣପାଟଣା,୨୫।୩(ସମିସ): ଆଜି ନାରାୟଣ ପାଟଣା ବନ ବିଭାଗ ତରଫରୁ ଓଡ଼ିଆ ପେଣ୍ଠ ଗ୍ରାମରେ ଜଙ୍ଗଲରେ ନିଆଁ ଲିଭେଇବା ସଚେତନ କାର୍ଯ୍ୟକ୍ରମକୁ ନେଇ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଅଧକ୍ଷତା ନାରାୟଣପାଟଣା ବନ ବିଭାଗର ଫରେଷ୍ଟର ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋଲାପି ତ୍ରିନାଥ, ସମ୍ମାନିତ ଅତିଥି ଭାବେ ତହସିଲଦାର ସୁଶ୍ରୀ ପ୍ରଭାତୀ ଝଡ଼ିଆ, ସ୍ଥାନୀୟ ସରପଞ୍ଚ ରେବତୀ କୁନ୍ଦାରିଆ, ବନ ବିଭାଗ ଅଧିକାରୀ ଅକ୍ଷୟ କୁମାର ପାଢ଼ୀ, ବନ ବିଭାଗର ସମସ୍ତ କର୍ମଚାରୀ, ଗ୍ରାମର ଭଦ୍ର ବ୍ୟକ୍ତି, ଖେଳାଳି ବୃନ୍ଦ, ଗଣମାଧ୍ୟମ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଆଠ ଗୋଟି ଟିମ୍ ଯୋଗ ଦେଇଥିଲେ। ଯୋଗଦେଇ ଥିବା ସମସ୍ତ ଖେଳାଳି ଓ ଜନ ସାଧାରଣଙ୍କୁ ଅତିଥି ମାନେ ଜଙ୍ଗଲରେ ନିଆଁ ଲିଭେଇବା ଉପରେ ସଚେତନ କରିଥିଲେ। ସମସ୍ତେ ମିଳିତ ଭାବେ ଜନ ସାଧାରଣଙ୍କୁ ଜଙ୍ଗଲରେ ନିଆଁ ଲିଭେଇବା ବନ୍ଦ କରି ଆମ ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ଅବଗତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଯୋଗଦେଇ ଥିବା ଆଠଟି ଟିମକୁ ରିଫେରୀ ଶ୍ରୀ ସହଦେବ ଖୋସଲା ଖେଳେଇ ଥିଲେ। ଆଠଟି ଟିମ୍ ମଧ୍ୟରୁ ଦୁଇଟି ଟିମ୍ ଅର୍ଥାତ ଓଡ଼ିଆ ପେଣ୍ଠ ଓ ପରଡିବାଲସା ଫାଇନାଲରେ ପହଞ୍ଚି ଥିଲେ। ଫାଇନାଲରେ ପରଡିବାଲସା ଟିମ୍ ବିଜୟ ହାସଲ କରିଥିଲେ ଓ ଓଡ଼ିଆ ପେଣ୍ଠ ଟିମ୍ ପରାଜୟ ହାସଲ କରିଥିଲେ। ବିଜୟ ହାସଲ କରିଥିବା ଟିମ୍‌କୁ ଅତିଥି ମାନଙ୍କ ଦ୍ୱାରା ୫୦୦୦ ଟଙ୍କା , ମେଡାଲ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପରାଜୟ ଟିମ୍‌କୁ ୩୦୦୦ ଟଙ୍କା ସହ ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବନ ଅଧିକାରୀ ଅକ୍ଷୟ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ନିଳାବାଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବନ୍ଧୁଗାଁ,୨୫।୩ (ସମିସ): ବନ୍ଧୁଗାଁ ବ୍ଲକ ନୀଳାବାଡ଼ି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷଣ ପାଟଶାଣୀଙ୍କ ତତ୍ତ୍ୱାବଧାନରେ ଓ ସ୍କୁଲ ପରିଚାଳନା କମିଟି ସଭାପତି ମାରିଗା ହାରାକାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ମୁଖ୍ୟ ବକ୍ତା ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ମିନତୀ ଜଗଦେବ , ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣ୍ୟାକା, ଡା. ନିହାର ରଞ୍ଜନ ଷଡ଼ଙ୍ଗୀ, କଂଗ୍ରେସ ବ୍ଲକ ସଭାପତି ଡି ଏଙ୍କାଟି, ସରପଞ୍ଚ ଜାଗାନା ୱାଟାକା, ବିଜେଡି ବ୍ଲକ ସଭାପତି ଦୁର୍ଯ୍ୟ ନାଗ, ବିଜେପି ଜିଲ୍ଲା କର୍ମୀ ଶରତ ପାତ୍ର, ବିଜେପି ଜୋନ ୧ ସଭାପତି ଦାସ ମେଲେକା , ଆଲମଣ୍ଡ ସରପଞ୍ଚ ଗୌରୀ ମେଲେକା, ସମିତି ସଭ୍ୟ ସିନାଜି ପିଡିକା ଓ ସପ୍ଲାଏ ଇନ୍‌ସ୍ପେକ୍ଟର ଅରବିନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ପାଟଶାଣୀଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ଅଭିଭାଷଣ ରଖିଥିଲେ। ବରିଷ୍ଠ ସଙ୍ଗୀତ ଓ କଳା ଶିକ୍ଷକ ରାଘବ ଚନ୍ଦ୍ର ଦେହୁରୀଙ୍କ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅନନ୍ତ କୁମାର ନାୟକ, ମନୋଜ କୁମାର ଚୌଧୁରୀ, ନାଳା ନରେଶ ଚୌଧୁରୀ ଶ୍ରୀକାନ୍ତ ବାରିକ, ଏଭିଏସ ଶ୍ରୀନିବାସ ଅଚାରୁଲୁ, ପି ସୈରଜ ଦୋରା, ଅମ୍ବିକା କାଡ୍ରାକା, ତ୍ରିନାଥ ଖରା, ମନୋଜ କୁମାର ମେଲେକା ଓ ସମୀର ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମା’ ମାଉଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପାପଡ଼ାହାଣ୍ଡି,୨୫।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମା କୈଳାଶ ଖେଳ ପଡିଆ ଠାରେ ମା’ ମାଉଲି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଉପାଧକ୍ଷା ସୁଶାନ୍ତ ବେହେରା, ବିଜୟ ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପ୍ରବୀଣ ସତାନାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ପ୍ରଥମ ମ୍ୟାଚ ତୁମ୍ବଲ୍ଲା ଏବଂ ଲୋହରାକାନି ଓ ଦ୍ୱିତୀୟ ମ୍ୟାଚ ଅଞ୍ଚଳଗୁମ୍ମା ଓ କଣ୍ଟାମାଳ ଦଳ ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ଲୋହରାକାନି ଓ ଦ୍ୱିତୀୟ ମ୍ୟାଚରେ କଣ୍ଟାମାଳ ଦଳ ବିଜୟ ହୋଇଥିଲା। ଏହି ମ୍ୟାଚ୍‌ରେ ଦେବେନ୍ଦ୍ର ସୁନା ଓ ହରି ବାଘ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟର ଚାମ୍ପିଅନ ଦଳକୁ ୩୫ ହଜାର ଟଙ୍କା ଓ ରସର୍ନ ଅପ୍ ଦଳକୁ ୨୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି କ୍ରିକେଟ୍ ଟୁର୍ନାମେଣ୍ଟର ଆୟୋଜନ ଜଗା ହରିଜନ, କ୍ରିଷ୍ଣା ହରିଜନ, ସାଲିମ ସୁନା, ସୁମିତ ସୁନା, ଈଶ୍ୱର ସୁନା ଓ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



୰ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ । ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି । ତୁମକୁ ମୋକ୍ଷଗତି ମିଳୁ । ଠାକୁରଙ୍କୁ ଡାକୁଛୁ ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ,
ଅଣନାତିନାତୁଣୀମାନେ

## ଶାମୁକାନେଣ୍ଡି ପଞ୍ଚାୟତକୁ ବିଦ୍ୟୁତ ସଂଯୋଗ ଦାବି



ଆନନ୍ଦପୁର, ୨୫।୩ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଶାମୁକାନେଣ୍ଡି ପଞ୍ଚାୟତର ଉପରନଟିଆ, ଖଣ୍ଡିତଳ, ବାରଶାଡାହି, ଲକ୍ଷ୍ମଣଡାହି, ବାଇବ୍ରୁ, ଫନଡାହି, ପଠାଣଡାହି ପ୍ରଭୃତି ୭ଟି ଗ୍ରାମରେ ଦେଶ ସ୍ୱାଧୀନତା ହେବାର ୭୭ ବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହେଇନାହିଁ। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥିରାଜ କୁଅଁରଙ୍କ ସମେତ ଏକ ପ୍ରତିନିଧି ଦଳ ଗତକାଲି ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ତାଙ୍କର ନୂଆଦିଲ୍ଲୀସ୍ଥିତ ବାସଭବନଠାରେ ଭେଟି ଏହି ସାତଟି ଆଦିବାସୀ ଗାଁକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ତତସହିତ ଯୁଦ୍ଧକାଳୀନ ଭିତ୍ତିରେ ଏହି ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଆଲୋଚନା ସମୟରେ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଓରାମ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ନୂତନ ଗୃହ ପାଇଁ ଭୂମିପୂଜନ



ଚମ୍ପୁଆ,୨୫।୩(ସମିସ): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନଂ ୱାର୍ଡଠାରେ ଚମ୍ପୁଆ ଇଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଶାଖାର ନୂତନ ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜନ କାଯର୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, କଟକ ସବ ଜୋନ ନିର୍ଦ୍ଦେଶିକା ରାଜଯୋଗିନୀ ବି.କେ. ସୁଲୋଚନା ଦିଦି, ସ୍ୱତନ୍ତ୍ର ଅତିଥି ଭାବେ ଚମ୍ପୁଆ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂ, ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଜାତୀୟ ସଂଯୋଜକ ରାଜଯୋଗୀ ବି.କେ ନାଥମଲ, କେନ୍ଦୁଝର ଖଣ୍ଡ ସଂଯୋଜକ ରାଜଯୋଗିନୀ ବି.କେ. ବିନ୍ଦୁ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ବ୍ରହ୍ମକୁମାରୀ ଭ୍ରାତା ଓ ଭଗିନୀଗଣ ସହଯୋଗ କରିଥିଲେ। ଦିନ ୨ଟା ସମୟରେ ବ୍ରହ୍ମା ଭୋଜନ ହୋଇଥିଲା। ଚମ୍ପୁଆ ସେବାକେନ୍ଦ୍ରର ସଞ୍ଚାଳିକା ସୌଦାମିନୀ ଭଉଣୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସାଇମନ୍ଦିର ସାହିକୁ ରାସ୍ତା ନିର୍ମାଣ ଦାବି



କେନ୍ଦୁଝର,୨୫।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ଗ୍ରାମର ସାଇମନ୍ଦିର ସାହିକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପୁଟୁଳିଆ ସର୍ଭିସ ରାସ୍ତାଠାରୁ ବୀରକିଶୋରପୁର ପୂର୍ତ୍ତ ବିଭାଗ ପର୍ଯ୍ୟନ୍ତ ୧କିଲୋମିଟରରୁ ଉର୍ଦ୍ଧ୍ୱ ମାଟି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ସାମାନ୍ୟ ବର୍ଷା ହେଲେ ପାଣି କାଦୁଅ ଭର୍ତ୍ତି ହୋଇ ଯାଉଥିବାରୁ ଲୋକେ ପାଦଚଲା ଭାବେ ବ୍ୟବହାର କରିବା କଷ୍ଟକର ହୋଇ ପଡୁଛି। ସାଇକଲ, ବାଇକ୍, କାର୍ ଆଦି ନେଇ ଯାତାୟାତ କରିବା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ସାହିରେ ୨୦ ପରିବାର ୧୫୦ରୁ ପାଖାପାଖି ଲୋକ ବସବାସ କରୁଛନ୍ତି। ଏଠାରେ ମୁଖ୍ୟ ଗମନାଗମନର ସୁବିଧା ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯିବାକୁ ସୁରେଶ ଆଚାର୍ଯ୍ୟ, ପୁରୁଷୋତ୍ତମ ଗୋରି, ଅଶୋକ ବେହେରା, ସୁଧିର ମହାନ୍ତ, ଭଟ୍ଟ ଦେହୁରୀ, ମଙ୍ଗୁଲୁ ଦେହୁରୀ, ଲାଲଚାନ୍ଦ ମହାନ୍ତ, ନରେନ୍ଦ୍ର ବାରିକ୍, ଉମାକାନ୍ତ ପଣ୍ଡା, ରମାକାନ୍ତ ନାଏକ ପ୍ରମୁଖ ବାସିନ୍ଦା ଦାବି କରିଛନ୍ତି।

## ମିନତୀଙ୍କୁ ମିଶନଶକ୍ତିର ସାଂସଦ ପ୍ରତିନିଧି ଦାୟିତ୍ୱ



ହାଟଡ଼ିହୀ,୨୫।୩(ସମିସ): ହାଟଡ଼ିହୀ ବ୍ଲକର ମହିଳା ଓ ଶିଶୁବିଭାଗ ସହ ମିଶନଶକ୍ତି ବିଭାଗର ସାଂସଦ ପ୍ରତିନିଧି ଭାବେ ମିନତୀ ଧଳ ମହାପାତ୍ରଙ୍କୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପତ୍ର ମାଧ୍ୟମରେ ନିଯୁକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମିନତୀ ସାଂସଦଙ୍କ ପତ୍ର ନେଇ ସିଡ଼ିପିଓ ଉମାମଣି ମହାପାତ୍ରଙ୍କୁ ଭେଟି ପ୍ରଦାନ କରିଛନ୍ତି। ପତ୍ରରେ ଉଲ୍ଲେଖ ଥିବା ପ୍ରତ୍ୟେକ ବୈଠକରେ ତାଙ୍କୁ ସାମିଲ କରିବାକୁ କହିଛନ୍ତି। ଶ୍ରୀମତୀ ଧଳ ନିଯୁକ୍ତିପତ୍ର ପାଇବା ପରେ ବରିଷ୍ଠ ନେତା ଆଲୋକ ସେଠୀ, ଜ୍ଞାନରଞ୍ଜନ ସାମନ୍ତସିଂହାର, ସୁଶାନ୍ତ ଜେନା, ଚତୁର୍ଭୁଜ ସ୍ୱାଇଁ, ବଞ୍ଚୋ ମଣ୍ଡଳ ସଭାପତି ହରେକୃଷ୍ଣ ସ୍ୱାଇଁ, ଦେବାଶିଷ ସେନାପତି, ସୁରେନ୍ଦ୍ର ସାହୁ, ସୁରେନ୍ଦ୍ର ବିଶ୍ୱାଳ, ବେଣୁଧର ଜେନା, ଅସୀମା ମିଶ୍ର, ଦୀପ୍ତି ସାହୁ, ପୂର୍ବତନ ମଣ୍ଡଳ ସଭାପତି ଶଶିକାନ୍ତ ରାଉତ, ହରମୋହନ ଶାସିନୀ, ଯୁଦ୍ଧିଷ୍ଠିର ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବେପରୁଆ ପାଇପ୍‌ଲାଇନ୍ କାମ

# ବିଦ୍ୟାଳୟରେ କାଦୁଅ ପାଣି; ଶିକ୍ଷାଦାନ ବାଧାପ୍ରାପ୍ତ

ଆନନ୍ଦପୁର, ୨୫।୩ (ସମିସ):

ଲୁହାପଥର ପରିବହନ ପାଇଁ କେନ୍ଦୁଝରରୁ ପାରାଦୀପ ପର୍ଯ୍ୟନ୍ତ ପାଇପଲାଇନ ବିଛା ଯାଇଥିବା ବେଳେ ଏସଓପି ଭୁଲିଯାଉଛି କାର୍ଯ୍ୟରତ ଜେଏସଡବ୍ଲୁ କମ୍ପାନୀ ଅଧୀନସ୍ଥ ଠିକାସଂସ୍ଥା। ପାଇପ୍ କାମ ପାଇଁ ଗାତ ଖୋଳାଯାଉଥିବା ବେଳେ ବିଦ୍ୟାଳୟ ଶ୍ରେଣୀଗୃହରେ ଏନେଇ ଆଣ୍ଠୁଏ କାଦୁଅ ପାଣି ପଶିଯାଇଥିବାରୁ ଶିକ୍ଷାଦାନ ବ୍ୟାଘାତ ହୋଇଛି। ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷାଦାନ ପାଇଁ ଶିକ୍ଷକ ଛାତ୍ରଛାତ୍ରୀ ଆସି ପହଞ୍ଚିବା ବେଳେ ଶ୍ରେଣୀ ଗୃହରେ ଆଣ୍ଠୁଏକାଦୁଅ ପାଣିରେ ଭର୍ତ୍ତି ହୋଇଥିଲା। ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ କ୍ଲାସ୍ ରୁମ୍ ଭିତରେ ଅଣ୍ଟୁଏ ଆଣ୍ଠୁଏ କାଦୁଅରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀ ପାଠ ପଢିବାରେ ଅସୁବିଧା ହୋଇଥିଲା। ଆଇରନ ପାଇପ୍ କମ୍ପାନୀ ମନମାନି କାମ ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ପାଇପଲାଇନ ବିଛା କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ବେଳେ କେତେକ ଛକ, ବଜାର ସ୍ଥାନରେ ଗଭୀର ମାଟି ତଳେ ପାଇପ ନେବା ପାଇଁ କମ୍ପାନୀ ପକ୍ଷରୁ ମେସିନ ସାହାଯ୍ୟରେ ଗଭୀର ସୁଡଙ୍ଗ କରିବା ସମୟରେ କର୍ମଚାରୀମାନେ ଏସଓପି ଭୁଲି ତ୍ରୁଟିପୂର୍ଣ୍ଣ ଭାବେ ସୁଡଙ୍ଗ କାର୍ଯ୍ୟ କରୁଥିବାରୁ ଜାତୀୟ ରାଜପଥ କଡ଼ରେ ଥିବା ସର୍ଭିସ ରୋଡଗୁଡିକ ମାଟି କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି। ଫଳରେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହ ଜନସାଧାରଣ ଛୋଟବଡ଼ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। କିଛି ଦିନ ପୂର୍ବରୁ କମ୍ପାନୀ ପକ୍ଷରୁ ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଲକ୍ଷ୍ମୀନାରାୟଣ ହାଇସ୍କୁଲ ନିକଟରେ ପାଇପଲାଇନ ବିଛା ସମୟରେ ଏସଓପି କାର୍ଯ୍ୟକାରୀ କରୁ ନଥିବାରୁ ସର୍ଭିସ ରୋଡଟି ଭାଙ୍ଗି ପାଣି କାଦୁଅରେ ଭର୍ତ୍ତି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କଲେ ମଧ ଏଦିଗରେ କମ୍ପାନୀ କର୍ମଚାରୀ ମୁହଁ ଖୋଲୁ ନାହାଁନ୍ତି। ଜିଲ୍ଲା ପ୍ରଶାସନ କିମ୍ବା ଜାତୀୟ ରାଜପଥ ପ୍ରାଧିକରଣ ଘଟଣାର ସତ୍ୟତା ଅନୁସନ୍ଧାନ କରି କମ୍ପାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲି କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଘୋର ନିନ୍ଦା କରୁଛନ୍ତି।



### ● ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ମନମାନି

## ତଦାରଖ ଅଭାବରୁ ରାସ୍ତାକାମ ନିମ୍ନମାନର ଅଭିଯୋଗ



ଆନନ୍ଦପୁର, ୨୫।୩ (ସମିସ): ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନରେ ଗ୍ରାମ୍ୟ ରାସ୍ତା କାର୍ଯ୍ୟ ନିମ୍ନମାନର ଚାଲୁଛି। ଏଥିରେ ଠିକାଦାର ମନମାନିରେ କାର୍ଯ୍ୟ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ କର୍ତ୍ତୃପକ୍ଷଙ୍କ ତଦାରଖ ଅଭାବ ଓ ସହକାରୀ ଯନ୍ତ୍ରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ସରକାରୀ ଯୋଜନା ଭଣ୍ଡୁର ହେଉଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଯେ ଘଷିପୁରା ବ୍ଲକ୍ ଅନ୍ତର୍ଗତ ତରୁଆଁ ପଞ୍ଚାୟତର ଉଜୁଣୀ ଗ୍ରାମର ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନରେ ଗ୍ରାମ୍ୟରାସ୍ତା କାମ ରାମଚନ୍ଦ୍ର ସ୍ୱାଇଁଙ୍କ ଘରଠାରୁ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘର ପର୍ଯ୍ୟନ୍ତ ୨୦୨୫/୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ୩୯, ୩୩୨ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ବେଳେ ରାସ୍ତା କାମ ଠିକାଦାରଙ୍କ ମାନମନିରେ ହେଉଥିବା ନେଇ ଘଷିପୁରା ବିଡିଓ ବିନିତା ବିଜୟିନୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଯନ୍ତ୍ରୀ ପ୍ରକାଶ ଟାଇସନ ଲେ-ଆଉଟ୍ ଦେଇ ନଥିବା ବେଳେ ଉଜୁଣୀ ୱାର୍ଡ଼ମେମ୍ବର କୁଞ୍ଜବିହାରୀ ଭଞ୍ଜ ଜାଣି ନଥିବା ପ୍ରକାଶ କରିଛନ୍ତି। ଏପରିକି କାର୍ଯ୍ୟକ୍ଷେତ୍ରରେ କୌଣସି ଅଧିକାରୀ ଉପସ୍ଥିତ ନଥିଲେ ଏହାକୁ ଆଧାର କରି ଘଷିପୁରା ବିଡିଓଙ୍କ ସହିତ ଯନ୍ତ୍ରୀ ପ୍ରକାଶ ଟ୍ରାଇସନ୍ ଓ ସହକାରୀ ଯନ୍ତ୍ରୀ ଶ୍ୱେତପଦ୍ମା ନନ୍ଦ ପ୍ରମୁଖ ଗାଁରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଭଲ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟ ଅନୁସାରେ ବିଲ୍ ମିଳିବ ବୋଲି କହିଥିଲେ। ତେବେ, ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।

## କାମ ନସରୁଣୁ କଂକ୍ରିଟ୍ ଫାଟିଲା



କେନ୍ଦୁଝର,୨୫।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବୋଦାପଳସା ପଞ୍ଚାୟତ ଶଙ୍କରପୁର ଗ୍ରାମର ପ୍ରଭାତ ମହାନ୍ତିଙ୍କ ଘର ନିକଟରେ ୮ ଦିନ ହେଲା ନିର୍ମାଣ ହୋଇଥିବା ହ୍ୟୁମପାଇପ୍ ପୋଲଟି ଦବିଯିବା ସହ କଂକ୍ରିଟ ଫାଟି ଯାଇଛି। ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବାରୁ ଅଳ୍ପଦିନରେ ତାହା ଭାଙ୍ଗିଯିବାର ସ୍ଥିତିରେ ରହିଛି। ଏହି ପୋଲ ରାସ୍ତାଦେଇ ଶଙ୍କରପୁର ଏବଂ ସଦରପଡା ଅଞ୍ଚଳର ବହୁ ଜନସାଧାରଣ ଯାତାୟତ କରୁଛନ୍ତି। ପ୍ରଶାସନ ଅଧିକାରୀ ଏବଂ କାମ ଠିକାଦାରଙ୍କ ମଧୁଚନ୍ଦ୍ରିକା ସମ୍ପର୍କ ନେଇ ଏହି ଦୁର୍ନୀତି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। କାମର ଅଟକଳ ମଧ ସୂଚନା ଫଳକରେ ଦର୍ଶାଯାଇ ନଥିବାରୁ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଜେଇ ମନୋଜ କୁମାର ସାହୁଙ୍କୁ ସମ୍ପର୍କ କରିବାରୁ ସେ ଏହି ସମସ୍ୟା ବିଷୟରେ ଅବଗତ ଅଛନ୍ତି, ବିଲ ପାସ କରାଯାଇ ନଥିବା କହିଥିଲେ। ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

## ଅଳତି ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଲିଙ୍କ୍‌ଫେଲ୍




### ଗ୍ରାହକ ହନ୍ତସନ୍ତ

ଆନନ୍ଦପୁର, ୨୫।୩ (ସମିସ): ଗ୍ରାମାଞ୍ଚଳର ଲୋକମାନଙ୍କୁ ସହଜରେ ବ୍ୟାଙ୍କସେବା ଯୋଗାଇଦେବା ପାଇଁ ବ୍ୟାଙ୍କ ଶାଖା ଖୋଲିବା ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ଅନେକ ସମୟରେ ବ୍ୟାଙ୍କଗୁଡ଼ିକ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇବାରେ ବିଫଳ ହେଉଥିବା ଦେଖିବାକୁ ମିଳୁଛି। ଘସିପୁରା ବ୍ଲକ ଅଳତିଠାରେ ଖୋଲାଯାଇଥିବା ବ୍ୟାଙ୍କ ଅଫ ଇଣ୍ଡିଆରେ ବହୁ ସମୟ ଧରି ଲିଙ୍କ୍ ଫେଲ୍ ହେବା ଯୋଗୁଁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଦୁଇ ଦିନ ଛୁଟି ପରେ ଆଜି ସୋମବାର ଥିବାରୁ ବହୁ ଦୂରଦୁରାନ୍ତରୁ ଭତ୍ତା ଟଙ୍କା ପାଇଁ ଆସିଥିବା ବହୁ ଗରିବ ହିତାଧିକାରୀ ସକାଳୁ ଧାଡ଼ିରେ ଠିଆ ହୋଇଥିବା ବେଳେ ବ୍ୟାଙ୍କ କାର୍ଯ୍ୟ ଆରମ୍ଭରୁ ଲିଙ୍କ୍ ଫେଲ୍ ରହିଥିଲା। ଫଳରେ ବ୍ୟାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅନେକ ଉପଭୋକ୍ତା ଦିନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଥିଲେ। ଏହି ବ୍ୟାଙ୍କ ଶାଖାରେ ଆଖପାଖ ପାଞ୍ଚଟି ପଞ୍ଚାୟତର ଲୋକମାନେ ନିର୍ଭରଶୀଳ ଥିବା ବେଳେ ବାରମ୍ବାର ଲିଙ୍କ୍ ଫେଲ୍ ଯୋଗୁଁ ଗ୍ରାହକ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଇ ସମସ୍ୟା ସମାଧାନ କରିବା ସହ ଗ୍ରାହକଙ୍କୁ ସଠିକ ସମୟରେ ଉତ୍ତମ ସେବା ଯୋଗାଇ ଦେବାକୁ ଦାବି ହେଉଛି।

### ● ଦେବୋତ୍ତର ବିଭାଗ ଦୃଷ୍ଟି ଦେବାକୁ ଦାବି

## ଅବହେଳିତ ଠଁରୁଆର ଶ୍ରୀ ଦଧିବାମନଜୀଉ ମନ୍ଦିର



ଆନନ୍ଦପୁର,୨୫।୩(ସମିସ): ରାଜୁଡ଼ା ସମୟରୁ ନିର୍ମିତ ଠଁରୁଆ ଶ୍ରୀଦଧିବାମନଜୀଉ ମନ୍ଦିର ଅବହେଳିତ ହୋଇପଡ଼ିଛି। ଏହାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲେ ମଧ କୌଣସି ଆର୍ଥିକ ସହାୟତା ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆରାଧ୍ୟ ଦେବତା ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ପୂଜା ପାଇଆସୁଛନ୍ତି। ବର୍ତ୍ତମାନ ମନ୍ଦିର ପ୍ରତି ସରକାରୀ ଅବହେଳା ଜଳଜଳ ଦିଶୁଛି। ଏହାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ସୁଫଳ ମିଳୁନି। ରାଜ୍ୟ ସରକାର ବିଭିନ୍ନ ମନ୍ଦିର ପ୍ରକଳ୍ପ ପାଇଁ ଶହ ଶହ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବା ବେଳେ ଦଧିବାମନଜୀଉଙ୍କ ମନ୍ଦିର ପ୍ରତି ଅବହେଳା କାହିଁକି ବୋଲି ପ୍ରଶ୍ନ ଉଠିଛି ଓ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମନ୍ଦିର ଜରାଜୀର୍ଣ୍ଣ ହୋଇପଡୁଛି। ପାଚେରି ଭାଙ୍ଗିରୁଜି ଯାଇଥିବା ବେଳେ ନୀତିକାନ୍ତି ପାଇଁ ଆର୍ଥିକ ସମସ୍ୟା ଦେଖାଦେଇଛି। ମନ୍ଦିର ଉନ୍ନତୀକରଣ, ପାଚେରି ନିର୍ମାଣ ଓ ପ୍ରାଚୀନ ପ୍ରକୋଷ୍ଠର ପୁନରୁଦ୍ଧାର କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଏକ ଦାବିପତ୍ର ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳମାଧବ ସୁନାଙ୍କୁ ମନ୍ଦିର କୋଠ ତହସିଲଦାର ପ୍ରଣାକୃଷ୍ଣ ଭଞ୍ଜ ପ୍ରଦାନ କରିଥିବା ଜଣାଯାଇଛି।

## ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଟାଙ୍ଗରାଣୀ ଚାମ୍ପିଅନ

କେନ୍ଦୁଝର,୨୫।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କାଉଁରୀକଳା ପଞ୍ଚାୟତ ଖୁଣ୍ଟାପଡା ଗ୍ରାମର ଖେଳ ପଡ଼ିଆରେ ଆଦିବାସୀ ୟୁଥ କ୍ଲବ ପକ୍ଷରୁ ଚାଲିଥିବା ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇଲାନଲ ମ୍ୟାଚରେ ସତିକୁଦରକୁ ହରାଇ ଟାଙ୍ଗରାଣୀ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମେ ନିର୍ଦ୍ଧାରିତ ୧୦ ଓଭରରେ ଟାଙ୍ଗରାଣୀ ୪ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା। ରନ୍ ପିଛା କରି ସତିକୁଦର ୫ ୱିକେଟ ହରାଇ ୧୩୧ ରନ୍ କରିପାରିଥିଲା। ପଦ୍ମଲୋଚନ କୁଲି ଓ ଉମେଶ କୁଲି ଖେଳ ପରିଚାଳନା କରିଥିଲେ। ବୈଶାଖୁ ମୁଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। କୁନାଲ ମୁଣ୍ଡା ସ୍କୋରର ଥିଲେ। ମ୍ୟାନ ଅଫଦି ମ୍ୟାଚ୍ ସମିର ପାତ୍ର ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଦର ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ନାଏକ, ମୁଖ୍ୟବକ୍ତା ସରପଞ୍ଚ ଭାରତୀ ମୁଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ମନାଜ ମାଝୀ, ପୂର୍ବତନ ସମିତିସଭ୍ୟ ମାନସ ରଞ୍ଜନ ସାହୁ, ଯଶୋବନ୍ତ ମହାନ୍ତ, ଗୀତିକାର ଅଜିତ ଲାଗୁରୀ, ଅବସରପ୍ରାପ୍ତ ସେନା ନାଗେଶ୍ୱର ମୁଣ୍ଡା ପ୍ରମୁଖ ଚାମ୍ପିଆନ ଦଳକୁ ୩୦ହଜାର ସହ ଟ୍ରଫି ଏବଂ ରନର୍ସ ଦଳକୁ ୨୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ଖୁଣ୍ଟାପଡା ଆଦିବାସୀ ୟୁଥ କ୍ଲବର ସଭାପତି ଦନେଇ ମୁଣ୍ଡା, ସମ୍ପାଦକ ପ୍ରଦୀପ ମୁଣ୍ଡା, ସଦସ୍ୟ ବସନ୍ତ ମୁଣ୍ଡା, ଶୁକଦେବ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



# ନନ୍ଦିପଦା ହାଟରେ ଜବରଦଖଲ ଉଚ୍ଛେଦ

ହାଟଡ଼ିହୀ,୨୫।୩(ସମିସ):

ହାଟଡ଼ିହୀ ତହସିଲ ତଥା ନନ୍ଦିପଦା ଥାନା ଅନ୍ତର୍ଗତ ନନ୍ଦିପଦା ହାଟ ଦେଇ ନେଉଳିଆବଣିକୁ ଲମ୍ବିଥିବା ରାସ୍ତାକଡ଼ର ସରକାରୀ ଜାଗା ଉପରେ ଦୀର୍ଘବର୍ଷ ଧରି ଜବରଦଖଲ କରି ବ୍ୟବସାୟ କରି ଆସୁଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କ ଦୋକାନ ଗୃହ ଉଚ୍ଛେଦ ହୋଇଛି। ପ୍ରଶାସନ ପକ୍ଷରୁ ପ୍ରାୟ ଦୁଇବର୍ଷ ତଳେ ସେମାନଙ୍କୁ ନୋଟିସ୍ ଜାରି କରାଯାଇଥିଲେ ମଧ ପ୍ରଶାସନର ଅବହେଳା ଏବଂ ନୋଟିସ୍ ଲଗାଯାଇଥିବା ଦୋକାନୀଙ୍କ ଆନ୍ତରିକତା ଅଭାବରୁ ଉଚ୍ଛେଦ ପ୍ରକ୍ରିୟାରେ ଶିଥିଳତା ପ୍ରକାଶ ପାଇଥିଲା। ତେବେ ବାରମ୍ବାର ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ଗତ ତିନିମାସ ତଳେ ଉକ୍ତ ଦୋକାନୀଙ୍କୁ ଦୁଇ ଦୁଇଥର ନୋଟିସ୍ ଲାଗିଥିଲା। ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶମତେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଅତିରିକ୍ତ ଉପଜିଲ୍ଲାପାଳ ଧୀରେନ୍ଦ୍ର କୁମାର ସିଂ, ଭାରପ୍ରାପ୍ତ ହାଟଡ଼ିହୀ ତହସିଲଦାର ମନୋଜ କେରକେଟ୍ଟା, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଇନ୍ସପେକ୍ଟର ବଳିଆ ବାରିକଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି। ଏଥିରେ ଆରଆଇ ସୁପରଭାଇଜର ହୃଦାନନ୍ଦ ସାହୁ, କନିଷ୍ଠ ସହାୟକ ପ୍ରକାଶ ସାହୁ, ମରେିଗାଁ ଆରଆଇ ମାନସ ରଞ୍ଜନ ପରିଡ଼ା, ଓରାଳି ଆରଆଇ ଭକ୍ତିଲତା ଖମାରୀଙ୍କ ସମେତ ସବଇନ୍ସପେକ୍ଟର ଗୋପାଳକୃଷ୍ଣ ମିଶ୍ର, ବିନୀତା ଲାକ୍ରା, ସୋଲିନା ନାୟକ, ଏଏସଆଇ ସୁଷମା ସୁନ୍ଦରୀ ସେଠୀ, ଜମ୍ବୁବତୀ ପାତ୍ର ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ସହ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ନେଇ ଭଦ୍ରକ ଜିଲ୍ଲା ବନ୍ତ ଥାନା ସହ ନନ୍ଦିପଦା ଥାନା ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ, ଏକାଧିକ କନେଷ୍ଟବଳ ଓ ଗୃହରକ୍ଷୀ ମୁତୟନ କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟାରେ ପ୍ରାୟ ୨୦ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ଏହି ରାସ୍ତାଦେଇ ନନ୍ଦିପଦା ହାଇସ୍କୁଲ ନିକଟରେ ନେଉଳିଆବଣିଠାରେ ପୁଲିସ କର୍ମଚାରୀଙ୍କ ରହଣି ପାଇଁ ଫୋର୍ସ କ୍ୱାର୍ଟର୍ସ ନିର୍ମିତ ହୋଇଥିଲେ ସୁଦ୍ଧା ନନ୍ଦିପଦା ହାଟ ମଧ୍ୟରେ ଲମ୍ବିଥିବା ସଙ୍କୁଚିତ ରାସ୍ତାରେ ଯା'ଆସ ପାଇଁ ନାନା ସମସ୍ୟା ହେଉଥିଲା। ଏସବୁ ସମସ୍ୟାକୁ ଲକ୍ଷ୍ୟ କରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଏବଂ ସରକାରଙ୍କ ନିର୍ଦ୍ଦେଶକୁ ଭିତ୍ତି କରି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଅଦିନିଆ ଝଡ଼ବର୍ଷା ଏବଂ ଅଳ୍ପ କିଛି ଦୋକାନ ଗୃହରୁ ବ୍ୟବସାୟ ସାମଗ୍ରୀ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସମସ୍ୟା ଯୋଗୁଁ ଦୋକାନୀଙ୍କ ଅନୁରୋଧକ୍ରମେ ଆସନ୍ତାକାଲି (ଗୁରୁବାର) ପୂର୍ବାହ୍ନରେ ସମ୍ପୂର୍ଣ୍ଣ ଉଚ୍ଛେଦ କାର୍ଯ୍ୟ ପରିସମାପ୍ତି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ ସିଂ କହିଛନ୍ତି।




୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



୰ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ । ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି । ତୁମକୁ ମୋକ୍ଷଗତି ମିଳୁ । ଠାକୁରଙ୍କୁ ଡାକୁଛୁ ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ,
ଅଣନାତିନାତୁଣୀମାନେ

# କଟକ ସିଟି





■ ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

## ସହରରେ ଗଡ଼ିଲା ସଚେତନତା ରଥ

**କଟକ,୨୫ ।୩(ସମିସ):** ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦାବିରେ ଆଜି ଶୈଳବାଳାଙ୍କ ଜୟନ୍ତୀ ଅବସରରେ ସହରର ବୁଦ୍ଧିଜୀବୀ ଓ ଶୈଳବାଳାର ବର୍ତ୍ତମାନ ଓ ପୁରାତନ ଛାତ୍ରୀଙ୍କ ପକ୍ଷରୁ ଏକ ସଚେତନତା ରଥ ସହର ପରିକ୍ରମା କରିଛି। ସକାଳେ ଶୈଳବାଳା ମହାବିଦ୍ୟାଳୟ ପରିସରରୁ ଏହି ରଥର ଶୁଭାରମ୍ଭ ହୋଇଥିଲା। ଏଥିରେ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋଶ,



କଟକ ମହାନଗର ନିଗମ ମେୟର ସୁବାସ ସିଂହ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ସ୍ଥାନୀୟ କର୍ପୋରେଟର ଲିଜାରାଣୀ ରାଉତ, ଶୈଳବାଳା କଲେଜ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ ଯୋଗଦେଇଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋଶ କହିଥିଲେ ଯେ ଶୈଳବାଳାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ସହ ମଧୁବାବୁ ଓ ଶୈଳବାଳାଙ୍କୁ ସମ୍ମାନ ମିଳୁ। ଏହି ସମ୍ମାନ ନ ଦେଲେ ସରକାର ଓଡ଼ିଆ ଅସ୍ମିତା କଥା କହିପାରିବେନି ବୋଲି ସେ କହିଛନ୍ତି। ଏହି ଅବସରରେ ସଚେତନତା ରଥକୁ ରଘୁନାଥଜୀଉ କଲେଜ, ଦେଉଳ ସାହି ବାସିନ୍ଦା, ଡଗରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟିମ ସିଲଭର ସିଟି, କଟକ ମୋଟର କର୍ମଚାରୀ ସଂଘ, ଗଣେଶ ଘାଟ ବାସିନ୍ଦା ପ୍ରମୁଖ ବହୁ ସଂଗଠନ ସମ୍ବର୍ଦ୍ଧିତ କରଥିଲେ। ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଦେଉଳ ସାହିଠାରେ ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ସଚେତନତା ରଥ କଟକ ସହର ଅନ୍ତର୍ଗତ ବିଭିନ୍ନ ସାହି ବସ୍ତି ସମେତ ଜଗତପୁର ଓ ଫୁଲନଖରା ଅଞ୍ଚଳ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ସଭାନେତ୍ରୀ ସୁଚିତ୍ରା ସେଠୀ, ଗ୍ରେଟର କଟକର ମନୋଜ ପତି, ମଧୁସ୍ମୃତି ସୁରକ୍ଷା ମଞ୍ଚ ସମ୍ପାଦକ ସନ୍ତୋଷ ମହାରଣା, କବିନ୍ଦ୍ର ବେହେରା, ବିନୋଦ ପଣ୍ଡା, ଉଷାରାଣୀ ଟୀଗା, ସୌଦାମିନୀ ଜେନା, ତାପସ ଦ୍ୱିବେଦୀ, ଛାତ୍ରୀ ପ୍ରଭାତୀ ସେଠୀ, ମୌସୁମୀ ମହାନ୍ତ, ସ୍ମୃତି ସାମଲ, ନର୍ମଦା ସେଠ, ସନ୍ଧ୍ୟାରାଣୀ ସେଠୀ ସାମିଲ ହୋଇଥିଲେ।

## ୨୦୨୫ ଭାଲିଡେସନ୍ ଆଇନ ପ୍ରତ୍ୟାହାର ଦାବି

**କଟକ,୨୫ ।୩(ସମିସ):** ସର୍ବଭାରତୀୟ ପେନ୍‌ସନ୍ ଫେଡ଼ରେସନ୍‌ର ଆହ୍ୱାନକ୍ରମେ "ଅଲ୍ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ' ପକ୍ଷରୁ ଆଜି ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ୨୦୨୫ ଭାଲିଡ଼େସନ୍ ଆଇନ୍ ପ୍ରତ୍ୟାହାର କରିବା ଦାବିରେ ସଂଘର ବହୁ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳଙ୍କ



ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ୨୦୨୫ ମାର୍ଚ୍ଚ ୨୫ରେ ସଂସଦରେ ପାରିତ ହୋଇଥିବା ଏକ ବିଲ୍ ମାଧ୍ୟମରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ କରିବାକୁ ପ୍ରୟାସ କରାଯାଉଛି। ଏହି "ଭ୍ୟାଲିଡ଼େସନ୍ ଆକ୍ଟ' ପ୍ରତ୍ୟାହାର ପାଇଁ ପେନ୍‌ସନ୍‌ଭୋଗୀମାନେ ଦାବି କରିଆସୁଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନାଙ୍କ ସମେତ ଲକ୍ଷ୍ମୀଧର ସାହୁ, କାର୍ତ୍ତିକ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ଫକୀର ଚରଣ ଶତପଥୀ ଉପସ୍ଥିତ ଥିଲେ।

## ଯୁଦ୍ଧ ଏକ ସାମ୍ରାଜ୍ୟବାଦୀ ଡିଜାଇନ୍ କି ?

**କଟକ,୨୫ ।୩(ସମିସ):** ଯୁଦ୍ଧ ଏକ ସାମ୍ରାଜ୍ୟବାଦୀ ଡିଜାଇନ୍ କି? ଏହି ଶୀର୍ଷକରେ ଗୋପବନ୍ଧୁ ବିଚାର ମଞ୍ଚ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଆଜି ବିଶ୍ୱବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର




ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗର ପ୍ରଫେସର ଡ. ମନୋଜ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗୋପବନ୍ଧୁ ବିଚାର ମଞ୍ଚର ଶାଖା ଆବାହକ ସ୍ୱପ୍ନାରାଣୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଦସ୍ୟ ଆର୍ଯ୍ୟାନ ବେହେରା ସଭାପତିତ୍ୱ କରିଥିଲେ। ରେଭେନ୍ସାର ବିଭିନ୍ନ ବିଭାଗରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଥିଲେ।

### ବେଆଇନ ଗ୍ୟାସ୍ ରିଫିଲିଂ ର୍ୟାକେଟ୍ ପର୍ଦ୍ଦାଫାସ୍

## ଗ୍ୟାସ୍ ବଦଳରେ ଦେଉଥିଲେ ପାଣି; ଅଭିଯୁକ୍ତ ଗିରଫ

**କଟକ,୨୫।୩(ସମିସ):**

କଟକ ସହରରେ ଗ୍ୟାସ୍ ଉପଭୋକ୍ତାଙ୍କୁ ଠକୁଥିବା ଏକ ର୍ୟାକେଟ୍ ପର୍ଦ୍ଦାଫାସ କରିଛି ବିଡ଼ାନାସୀ ଥାନା ପୁଲିସ। ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଚୋରି କରିବା ସହ ସେଥିରେ ପାଣି ମିଶାଇ ଗ୍ରାହକଙ୍କୁ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ଧ୍ରୁବଚରଣ ବେହେରା (୪୫) ନାମକ ଜଣେ ଗ୍ୟାସ ଡେଲିଭରି ବୟକୁ ଗିରଫ କରିଛି। ସୂଚନା ଅନୁଯାୟୀ, ବିଡ଼ାନାସୀ ଥାନା ଅନ୍ତର୍ଗତ ରାଧାକିଶୋରପୁର ମଙ୍ଗଳା ମନ୍ଦିର ବସ୍ତି ଅଞ୍ଚଳରେ ଏକ ବନ୍ଦ ଘରେ ଅତ୍ୟନ୍ତ ବିପଜ୍ଜନକ ଭାବେ ଗ୍ୟାସ୍ ରିଫିଲିଂ ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିବା ସମୟରେ ଅଭିଯୁକ୍ତ ଜଣକ କୌଣସି ବୈଧ



ଲାଇସେନ୍ସ କିମ୍ବା ସୁରକ୍ଷା ବ୍ୟବସ୍ଥା ନ ଥାଇ ଘରୋଇ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ସ୍ଥାନାନ୍ତର କରୁଥିବା ଦେଖିବାକୁ ମିଳିଥିଲା। ଜେରା ସମୟରେ ଅଭିଯୁକ୍ତ ଧ୍ରୁବଚରଣ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛି। ଗ୍ରାହକମାନେ ଯେପରି ଓଜନକୁ ନେଇ ସନ୍ଦେହ ନ କରିବେ, ସେଥିପାଇଁ ସେ ସିଲିଣ୍ଡରରୁ ଗ୍ୟାସ୍ କାଢ଼ି ନେବା ପରେ ସେଥିରେ ପାଣି ମିଶାଇ ଦେଉଥିଲା। ସେ ନିର୍ଦ୍ଦିଷ୍ଟ ଏକ ଗ୍ୟାସ୍ ଏଜେନ୍ସିର ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଏହି ଅପମିଶ୍ରିତ ସିଲିଣ୍ଡରକୁ ସାଧାରଣ ଲୋକଙ୍କୁ ବିକ୍ରି କରି ବେଆଇନ ମୁନାଫା କମାଉଥିଲା। ପୁଲିସ ଘଟଣାସ୍ଥଳରୁ ୧୦ଟି ଏଚ୍‌ପି କମ୍ପାନୀ ଗ୍ୟାସ୍ ସିଲିଣ୍ଡର, ନଗଦ ୨୩,୧୦୦ ଟଙ୍କା, ଏକ ଟିଭିଏସ୍ ଲୁନା ସମେତ ଗ୍ୟାସ୍ ଚୋରି ପାଇଁ ବ୍ୟବହୃତ ପାଇପ୍, ରେଗୁଲେଟର ଓ ସିଲିଣ୍ଡର ଖୋଲିବା ଯନ୍ତ୍ରପାତି ଜବତ କରିଛି। ଏହି ମାମଲାରେ ପୁଲିସ ବିଡ଼ାନାସୀ ଥାନା କେସ୍ ନଂ ୮୩/୨୦୨୬, ବିଏନ୍‌ଏସର ବିଭିନ୍ନ ଧାରା ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଏବଂ ବିସ୍ଫୋରକ ଆଇନ ଅଧୀନରେ ମାମଲା ରୁଜୁ କରିଛି। ଏକ ଜନବହୁଳ ଆବାସିକ ଅଞ୍ଚଳରେ ଏଭଳି ବିପଜ୍ଜନକ କାର୍ଯ୍ୟ ଚାଲିଥିବାରୁ ଏହା ଏକ ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଥିବା ପୁଲିସ କହିଛି। ବର୍ତ୍ତମାନ ଏହି ର୍ୟାକେଟ୍‌ରେ ଆଉ କାହାର ସଂପୃକ୍ତି ରହିଛି ଏବଂ ସମ୍ପୃକ୍ତ ଗ୍ୟାସ୍ ଏଜେନ୍ସିର ଭୂମିକା କ'ଣ, ସେନେଇ ଅଧିକ ତଦନ୍ତ ଜାରି ରହିଛି।

### ଏସ୍‌ସିବି ଅଗ୍ନିକାଣ୍ଡ

## ମୃତକଙ୍କୁ ମିଳିତ ବିରୋଧୀ ଦଳର ଶ୍ରଦ୍ଧାଞ୍ଜଳି

**କଟକ,୨୫।୩(ସମିସ):** କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଗତ ୧୬ ତାରିଖ ରାତିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୧୪ ଜଣ ମୃତକଙ୍କ ଉଦ୍ଦେଶ୍ୟରେ ଆଜି ଏକ ମିଳିତ ବିରୋଧୀ ଦଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଛକସ୍ଥିତ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ଏନ୍‌ସିପି ଓ ଆରଜେଡି ସମେତ ବିଭିନ୍ନ ବିରୋଧୀ ଦଳ ପକ୍ଷରୁ ଏହି ସଭା ଆୟୋଜିତ ହୋଇଥିଲା।




ନେତୃମଣ୍ଡଳୀ ପ୍ରଥମେ ମୃତକଙ୍କ ନାମ ଫଳକରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ୧୪ଟି ମହମବତୀ ପ୍ରଜ୍ୱଳନ କରି ଏକ ମିନିଟ୍ ନିରବତା ଅବଲମ୍ବନ କରିଥିଲେ। ସଭାରେ ବକ୍ତବ୍ୟ ରଖି ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ଭକ୍ତଚରଣ ଦାସ, ସୁବାସ ସିଂ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା ଓ ଶ୍ରୀକାନ୍ତ ଜେନା ପ୍ରମୁଖ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ଏସ୍‌ସିବି ଭଳି

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି**

ଏକ ପ୍ରମୁଖ ଅନୁଷ୍ଠାନରେ ବିଦ୍ୟୁତ୍ ପରିଚାଳନା ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ଅଘଟଣ କୌଣସି ଦୁର୍ଘଟଣା ନୁହେଁ, ବରଂ ସରକାରୀ ଅବହେଳା ଓ ଦୁର୍ନୀତି ଯୋଗୁଁ ଘଟିଥିବା ଏକ "ବ୍ୟବସ୍ଥାକୃତ ହତ୍ୟା' ବୋଲି ସେମାନେ ଅଭିହିତ କରିଛନ୍ତି। ବିଜେପି ଶାସନରେ ରୋଗୀଙ୍କ ଜୀବନ ସୁରକ୍ଷା ପ୍ରତି ସରକାର ବେଖାତିର ମନୋଭାବ ପୋଷଣ କରୁଥିବା ବିରୋଧୀ ଦଳ ଅଭିଯୋଗ କରିଛି। ଏହି ସଭାରେ ମିଳିତ ବିରୋଧୀ ଦଳ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ଅଗ୍ନିକାଣ୍ଡ ପାଇଁ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ କିମ୍ବା ତାଙ୍କୁ ବହିଷ୍କାର କରାଯାଉ, ହାଇକୋର୍ଟଙ୍କ ଜଣେ ବିଚାରପତିଙ୍କ ନେତୃତ୍ୱରେ ଏହି ଘଟଣାର ନ୍ୟାୟିକ ତଦନ୍ତ କରାଯାଉ, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ସହ ଜଣଙ୍କୁ ସରକାରୀ ନିଯୁକ୍ତି ଏବଂ ଆହତଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉ ଏବଂ ହସ୍ପିଟାଲ ଅଧୀକ୍ଷକ, ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ଦାବିଗୁଡ଼ିକ ପୂରଣ ନହେବା ପର୍ଯ୍ୟନ୍ତ ବିଧାନସଭା ଚଳାଇ ଦିଆଯିବ ନାହିଁ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, କଂଗ୍ରେସର କଟକ ଜିଲ୍ଲା ନେତୃତ୍ୱ ପ୍ରତାପ ମଲ୍ଲିକ, ସିପିଆଇର ନେତା ଅମରେନ୍ଦ୍ର ମହାନ୍ତି, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ ପ୍ରମୁଖଙ୍କୁ ନେଇ ସଭାପତି ମଣ୍ଡଳୀ ଗଠନ କରାଯାଇଥିଲା। ପୂର୍ବତନ ବିଧାୟକ ରବି ମଲ୍ଲିକ, ସୁରେଶ ମହାପାତ୍ର, ସିପିଆଇର ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ସିପିଆଇ(ଏମ୍) ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର ଓ ବରିଷ୍ଠ ନେତା କିଶୋର ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୟଙ୍ଗ୍ ଉତ୍କଳ ଫୁଟ୍‌ବଲ ଧମାକା: ସେମିରେ ରାଜଧାନୀ କ୍ଲବ୍

**କଟକ,୨୫।୩(ସମିସ):** ୟଙ୍ଗ୍ ଉତ୍କଳ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା "ୟଙ୍ଗ୍ ଉତ୍କଳ ଫୁଟବଲ୍ ଧମାକା' ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ଏକ ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଜଗତସିଂହପୁରର ରାଜଧାନୀ ଫୁଟବଲ୍ କ୍ଲବ୍ ୩-୦ ଗୋଲ୍‌ରେ କଟକର ଗ୍ୟାଲାକ୍ସି ଫୁଟବଲ୍ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ନିଜର ସ୍ଥାନ ପକ୍କା କରିଛି। ରାଜଧାନୀ ଦଳ ପକ୍ଷରୁ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ କରିଥିବା ପପୁ ଦାସଙ୍କୁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ମୁଖ୍ୟ ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଟୁକୁନା ଭୋଇ ଓ ରାମଚନ୍ଦ୍ର ମୁର୍ମୁ ଲାଇନ୍‌ରେ ତାଙ୍କୁ ସହାୟତା କରିଥିଲେ। ଏହି ଅବସରରେ ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ଆଗା ଜାହିର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ "ସକାଳ' ଖବରକାଗଜର କଟକ ଜିଲ୍ଲା ମୁଖ୍ୟ ଭକ୍ତିଭୂଷଣ ମହାନ୍ତି ଯୋଗଦେଇଥିଲେ। କ୍ଲବ୍‌ର ମୁଖ୍ୟ କୋଚ୍ ଜନାର୍ଦ୍ଦନ ଜେନା, ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦୀପ ମହାନ୍ତି, କୈଳାଶ ଚନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ଶେଷଦେବ ବେହେରା, କାହ୍ନୁଚରଣ ସାହୁ, ରାକେଶ ସେଠୀ ଓ ରାଜୀବ ନାୟକ ସହଯୋଗ କରିଥିଲେ।



# ବାସନ୍ତିକ ଶୁଭ୍ର ଜ୍ୟୋସ୍ନାରେ ଝଲସୁଛି କଟକ

### ମା' ବାସନ୍ତୀ ଦୁର୍ଗାଙ୍କ ଆଗମନରେ ଉତ୍ସବମୁଖର ରୂପା ସହର







**କଟକ,୨୫।୩(ସମିସ):** ଶାରଦୀୟ ଦୁର୍ଗାପୂଜାର ଭବ୍ୟତା ପରେ ଏବେ ବାସନ୍ତିକ ଚୈତ୍ର ପର୍ବର ପବିତ୍ର ଅବସରରେ କଟକ ସହର ପୁଣି ଥରେ ଶକ୍ତି ସାଧନାରେ ନିମଗ୍ନ ହୋଇଛି। ସହରର ବିଭିନ୍ନ ପୂଜା ମଣ୍ଡପରେ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ସ୍ଥାପିତ ହୋଇ ପୂଜା ପାଉଛନ୍ତି। ମନ୍ତ୍ରପାଠର ଧ୍ୱନି, ଶଙ୍ଖ ନାଦ ଏବଂ ଧୂପ-ଦୀପର ସୁଗନ୍ଧରେ ସାରା ସହରର ବାତାବରଣ ଭକ୍ତିମୟ ହୋଇଉଠିଛି। ଚୈତ୍ର ଶୁକ୍ଳ ପକ୍ଷ ସପ୍ତମୀଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ମା'ଙ୍କ ସୁନ୍ଦର ମୃଣ୍ମୟୀ ରୂପକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମୁଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ଚକ୍ଷୁଦାନ ଏବଂ ଷୋଡ଼ଶୋପଚାର ପୂଜା ସମ୍ପନ୍ନ ହୋଇଥିବା ବେଳେ କଟକର ଭାଇଚାରା ଓ ସଂସ୍କୃତିର ମୁକସାକ୍ଷୀ ସାଜିଥିବା ପ୍ରତିଟି ପୂଜା ମଣ୍ଡପ ଏବେ ଆଲୋକମାଳାରେ ଝଲସି ଉଠୁଛି। ଶରତର ଆଶ୍ୱିନ ମାସ ଭଳି ଚୈତ୍ରର ଏହି ବାସନ୍ତୀ ପୂଜା ମଧ୍ୟ କଟକିଆଙ୍କ ମନରେ ଏକ ନିଆରା ଉତ୍ସାହ ଭରିଦେଇଛି।




## ସ୍ୱାବଲମ୍ବୀ କାରିଗର ସଂଘର ବିକ୍ଷୋଭ




**କଟକ,୨୫।୩(ସମିସ):** ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ମହାନଦୀ ବିହାରସ୍ଥିତ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ପରିଚାଳନାରେ ବିକ୍ଷୋଭ ସଭାରେ ଏସୟୁସିଆଇ ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ ଶ୍ରମିକ ନେତା ପ୍ରିୟଦର୍ଶିନ ପାଭେଲ, ମାନଗୋବିନ୍ଦ ପଣ୍ଡା, ଇଶ୍ୱର ସାହୁ, ଲଳିତ ମହାପାତ୍ର, ସୁଧୀର ନାୟକ, କାର୍ତ୍ତିକ ଖୁଣ୍ଟିଆ, ଧିରେନ୍ଦ୍ର ପଣ୍ଡା ଓ ବସନ୍ତ ନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ। ଏସ୍‌ଇଏମ୍‌ମାନଙ୍କୁ ପ୍ରତିମାସ ନିୟମିତ ପାରିଶ୍ରମିକ ପ୍ରଦାନ କରିବା ମେଗା ପ୍ରୋଜେକ୍ଟରେ ପାଣି ଚଳେଇବା ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ, ଏସ୍‌ଇଏମ୍‌ଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପର୍ଯ୍ୟନ୍ତ ଦୈନିକ ସର୍ବନିମ୍ନ ମଜୁରି ପ୍ରଦାନ କରିବା ପ୍ରମୁଖ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଆରଡବ୍ଲୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଦିଆଯାଇଛି।

## ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ

**ଡମପଡ଼ା,୨୫।୩(ସମିସ):** ଜାତୀୟ ଶିକ୍ଷାନୀତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଆସନ୍ତା ଏପ୍ରିଲ ୨ ତାରିଖ ରାଜ୍ୟସ୍ତରୀୟ "ପ୍ରବେଶ ଉତ୍ସବ' ଏବଂ "ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ପାଇଁ ବୁଧବାର କଟକ ଜିଲ୍ଲା ପ୍ରଶାସନ ଏବଂ



ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡମପଡ଼ା ବ୍ଲକ୍‌ରେ ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ନିମନ୍ତ୍ରଣପତ୍ର ବିତରଣ କରିବା ସହ ଶିଶୁମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସରକାରଙ୍କ ଏହି ପରିକଳ୍ପନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଭିଯାନ ମାଧ୍ୟମରେ ପ୍ରତି ବ୍ଲକ୍ ଏବଂ ପଞ୍ଚାୟତସ୍ତରରେ ଥିବା ବିଦ୍ୟାଳୟଗୁଡ଼ିକରେ ଉତ୍ସବ ପାଳନ କରାଯିବ। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୦୨୬ ସୁଦ୍ଧା ଯେଉଁ ପିଲାଙ୍କ ବୟସ ୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ସେମାନେ "ଶିଶୁ ବାଟିକା' ଏବଂ ୬ ବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ "ପ୍ରଥମ ଶ୍ରେଣୀ'ରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।

## ରାମନବମୀ ପାଇଁ ଶାନ୍ତି କମିଟି ବୈଠକ

# ଶୋଭାଯାତ୍ରାରେ ଅସ୍ତ୍ରଶସ୍ତ୍ର, ଉଚ୍ଚ ଶବ୍ଦ ମନା



**ମୁତୟନ ହେବେ ୨୦ ପ୍ଲାଟୁନ ଫୋର୍ସ ଜଗିବ ୧୦୦ ସିସିଟିଭି ଓ ୪ ଡ୍ରୋନ କ୍ୟାମେରା**

**ରାଉରକେଲା, ୨୫।୩(ସମିସ)**

ରାମନବମୀକୁ ସ୍ମାର୍ଟସିଟି ରାଉରକେଲାରେ ଧୁମଧାମ ଓ ଶାନ୍ତିଶୃଙ୍ଖଳାର ସହ ପାଳନ ଲାଗି ସହରର ବିଭିନ୍ନ ଆଖଡା କମିଟି ସହ ରାଉରକେଲା ପୁଲିସର ପକ୍ଷରୁ ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାମନବମୀ ପାଇଁ ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବା ସହ ପୁରା ଶୋଭାଯାତ୍ରାକୁ ୧୦୦ ଟି ସିସିଟିଭି ଜଗିବ ଏବଂ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ୪ଟି ସ୍ୱତନ୍ତ୍ର ଡ୍ରୋନ କ୍ୟାମେରା ସର୍ଭିଲାନ୍ସରେ ରହିବ ବୋଲି ବୈଠକରେ ଏସ୍‌ପି ନିତେଶ ୱାଧୱାନୀ ଓ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ସୂଚନା ଦେଇଥିଲେ।

ଚଳିତ ବର୍ଷ ମାର୍ଚ୍ଚ ୨୭ ତାରିଖରେ ଶ୍ରୀ ରାମନବମୀ ଉତ୍ସବ ଅନୁଷ୍ଠିତ ହେବା ସହ ରାଉରକେଲା ସହରର ବିଭିନ୍ନ ପୂଜା ମଣ୍ଡପରେ ଶ୍ରୀ ହନୁମାନଙ୍କ ସହ ଶ୍ରୀରାମଙ୍କ ପୂଜା ଅନୁଷ୍ଠିତ ହେବ। ବିଭିନ୍ନ ହନୁମାନ ଆଖଡା କମିଟି ପକ୍ଷରୁ ଶ୍ରୀ ହନୁମାନଙ୍କ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ସହରରେ ମାର୍ଚ୍ଚ ୨୭ ତାରିଖ ଅନୁଷ୍ଠିତ ହେଉଥିବା ବେଳେ ତତ୍ପରଦିନ ମାର୍ଚ୍ଚ ୨୮ ତାରିଖ ଦିନ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମୁଖ୍ୟ ରାସ୍ତାରେ ଆୟୋଜିତ ହେବା ନେଇ ରାଉରକେଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଡିଆଇଜି ଶ୍ରୀ ରାଏ ସୂଚାଇଛନ୍ତି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ପୁଲିସ ପଦାଧିକାରୀ, ବିଭିନ୍ନ ଥାନାର ଇନିସପେକ୍ଟରଙ୍କ ସମେତ ବିଭିନ୍ନ ଆଖଡା କମିଟିର ସଦସ୍ୟ, ଇଣ୍ଟିଗ୍ରେସନ ଫୋରମର ସଦସ୍ୟ, ଅନ୍ୟାନ୍ୟ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ୱାଧୱାନୀ କହିଥିଲେ, ରାଉରକେଲା ହେଉଛି ଏକ ମିନି ଇଣ୍ଡିଆ, ଯେଉଁଠି ଦେଶର ବିଭିନ୍ନ କୋଣ ଅନୁକୋଣରୁ ବିଭିନ୍ନ ଜାତିଧର୍ମର ଲୋକ ବସବାସ କରନ୍ତି। ସୁତରାଂ ଏହା ଏକ ଭାଇଚାରାର ସହର ଭାବେ ବେଶ୍ ସୁନାମ ଅର୍ଜନ କରିଛି। ଆସନ୍ତା ରାମନବମୀ ଉତ୍ସବ ପାଳନ ବେଳେ କିଭଳି ଶାନ୍ତି ବଜାୟ ରହିବ ସେ ନେଇ ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରାମନବମୀ ପାଳନ ଦିନ ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟ ଉପରେ ସମସ୍ତେ ଧ୍ୟାନ ଦେବାକୁ ସେ କହିଥିଲେ। ଶୋଭାଯାତ୍ରା ବେଳେ କୌଣସି ଅସ୍ତ୍ରଶସ୍ତ୍ର ଖେଳରେ ପ୍ରଦର୍ଶନକୁ ଅନୁମତି ଦିଆଯିବ ନାହିଁ ବୋଲି ଏସ୍‌ପି କହିଥିଲେ। ଏଥିସହ ଉଚ୍ଚ କ୍ଷମତା ବିଶିଷ୍ଟ ସାଉଣ୍ଡ ତଥା ଡିଜେ ବାଜିବ ନାହିଁ ବୋଲି ସେ କହିଥିଲେ। ଏହି ଦିନ ଅପରାହ୍ନ ୧ଟା ଠାରୁ ଶ୍ରୀ ହନୁମାନ ଆଖଡା ଶୋଭାଯାତ୍ରା ରାଉରକେଲା ମେନ୍ ରୋଡ (ମୁଖ୍ୟ ରାସ୍ତା) ରେ ଆରମ୍ଭ ହୋଇ ରାତି ୮ଟାରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶୋଭାଯାତ୍ରାରେ ଡିଜେ ପରିବର୍ତ୍ତେ ସାଉଣ୍ଡ ବକ୍ସ ବଜାଇବାକୁ ଅନୁମତି ପ୍ରଦାନ କରାଯାଇଛି। ସହରର ମଦ ଦୋକାନଗୁଡ଼ିକ ମାର୍ଚ୍ଚ ୨୭ ଓ ୨୮ ତାରିଖ ଦିନ ବନ୍ଦ ରହିବ। ଆଖଡା ଶୋଭାଯାତ୍ରା ସମୟରେ କୌଣସି ବ୍ୟକ୍ତି ମଦ ପିଇଥିବା ଦେଖାଗଲେ, ତୁରନ୍ତ ପୁଲିସ ହେପାଜତକୁ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ହନୁମାନ ଆଖଡା ଶୋଭାଯାତ୍ରା ସମୟରେ ରାଉରକେଲା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ପ୍ରଶାସନ ପକ୍ଷରୁ ବିଦ୍ୟୁତ, ଆଲୋକ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଏସପି ରାମରାଏ ମୁର୍ମୁ ମଞ୍ଚାସୀନ ଥିଲେ। ଅତିରିକ୍ତ ଏସ୍‌ପି ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ବ୍ରିଜେଶ ମାହାତୋଙ୍କ ସମେତ ବହୁ ବ୍ୟକ୍ତି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

## ୨୭ରୁ ହନୁମାନ ବାଟିକାର ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

# ରାମନବମୀ ପୂର୍ବରୁ ମୁଖ୍ୟ ରାସ୍ତାରୁ ହଟିବ ବେଆଇନ ପାର୍କିଂ



**ରାଉରକେଲା, ୨୫।୩(ସମିସ):** ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପଶ୍ଚିମ ଓଡ଼ିଶାର ଏକ ପ୍ରସିଦ୍ଧ ଧାର୍ମିକ ଏବଂ ପର୍ଯ୍ୟଟନସ୍ଥଳୀ ଭାବରେ ବେଶ୍ ପରିଚିତ ରାଉରକେଲାର ହନୁମାନ ବାଟିକା ସମ୍ମୁଖରୁ ଉଠିବ ବିଶୃଙ୍ଖଳିତ ଯାନବାହାନ ପାର୍କିଂ। ଏଥିପାଇଁ ହନୁମାନ ବାଟିକା ପରିସରରେ ଏକ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଉଛି। ଯାହାକି ଆସନ୍ତା ରାମନବମୀ ମାର୍ଚ୍ଚ ୨୭ ତାରିଖ ଠାରୁ କାର୍ଯ୍ୟକାରୀ ହେବ ବୋଲି ସହର ବିଶିଷ୍ଟ ସମାଜସେବୀ ତଥା ଜୟ ହନୁମାନ ସମିତି ଚାରିଟେବଲ୍ ଟ୍ରଷ୍ଟର ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଭକ୍ତ ଏବଂ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ହନୁମାନ ବାଟିକାର ପରିଚାଳନା ସଂସ୍ଥା 'ଜୟ ହନୁମାନ ସମିତି ଚାରିଟେବଲ୍ ଟ୍ରଷ୍ଟ' ମୁଖ୍ୟ ରାସ୍ତାରେ ହେଉଥିବା ବିଶୃଙ୍ଖଳିତ ଯାନବାହାନ ପାର୍କିଂକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଏନେଇ ଆଜି ହନୁମାନ ବାଟିକା ସମ୍ମିଳନୀ କକ୍ଷରେ ଜୟ ହନୁମାନ ସମିତି ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଶ୍ରୀ ପଟ୍ଟନାୟକ କହିଛନ୍ତି, ସହରର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ମିଳୁଥିବା ନିରନ୍ତର ଅଭିଯୋଗ ଏବଂ ପରାମର୍ଶ ପରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ରାଜ୍ୟସଭା ସଦସ୍ୟ ଦିଲୀପ ରାୟଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୨୭ ତାରିଖରୁ, ହନୁମାନ ବାଟିକାକୁ ଆସୁଥିବା ଯାନବାହାନ, ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱର ପାର୍କିଂକୁ କଡ଼ାକଡ଼ି ନିଷେଧ କରାଯିବ। ସମସ୍ତ ଯାନବାହାନକୁ କେବଳ ହନୁମାନ ବାଟିକା ପରିସର ଭିତରେ ଥିବା ନିର୍ଦ୍ଦିଷ୍ଟ 'ଦେୟ ପାର୍କିଂ' ଅଞ୍ଚଳରେ ପାର୍କିଂ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦୁଇଚକିଆ ଯାନର ପାର୍କିଂ ଫି ୫ ଟଙ୍କା ରଖାଯାଇଥିବା ବେଳେ ତିନିଚକିଆ ଯାନର ପାର୍କିଂ ଫି ୧୦ ଟଙ୍କା, ଚାରିଚକିଆ ଯାନର ପାର୍କିଂ ଫି ୨୦ ଟଙ୍କା ଏବଂ ଛଅ ଚକିଆ କିମ୍ବା ବଡ଼ ଭାରୀଯାନର ପାର୍କିଂ ଫି ୧୦୦ ଟଙ୍କା ରଖାଯାଇଛି। ନୂତନ ବ୍ୟବସ୍ଥା ଅନୁସାରେ ଯାନବାହାନର ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ଗୋଟିଏ ଗେଟ୍ ନିର୍ଦ୍ଦିଷ୍ଟ କରାଯାଇଛି। ବର୍ତ୍ତମାନ ହାଇଟେକ୍ ହସ୍ପିଟାଲ ଆଡକୁ ଯାଉଥିବା ଲେନରେ ଅବସ୍ଥିତ ତ୍ରିଶକ୍ତି ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର ପାଖରେ ଥିବା ରାସ୍ତା ତଥା ଗେଟ ନମ୍ବର-୪ ଯାନବାହାନ ଯାତାୟାତ ଏବଂ ସାଧାରଣ ଲୋକଙ୍କ ଗତିବିଧି ପାଇଁ ଏକ ରାସ୍ତା ଭାବରେ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଥିଲା। ସନ୍ଧ୍ୟା ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯାଇଛି ଏବଂ ଡ୍ରାଇଭରମାନଙ୍କ ପାଇଁ ପାର୍କିଂ ଅଞ୍ଚଳରେ ବସିବା ପାଇଁ ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି। ବହୁତ ଶୀଘ୍ର ଏହି ସ୍ଥାନରେ ମାଗଣା ପାନୀୟ ଜଳ ବ୍ୟବସ୍ଥା ସମେତ ଅତ୍ୟାବଶ୍ୟକୀୟ ସୁବିଧା ସ୍ଥାପନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ହନୁମାନ ବାଟିକା ମୁଖ୍ୟ ରାସ୍ତାରେ ଅବସ୍ଥିତ ଗେଟ ନମ୍ବର-୧ ଦେଇ ପ୍ରବେଶ ଏବଂ ପ୍ରସ୍ଥାନ କେବଳ ପଦଯାତ୍ରୀଙ୍କ ପାଇଁ ଖୋଲା ରହିବ। ଏହି ଗେଟରେ କୌଣସି ପ୍ରକାରର ଯାନବାହାନ ପାର୍କିଂ କରିବାକୁ ଅନୁମତି ଦିଆଯିବ ନାହିଁ। ଉକ୍ତ ଗେଟ ସାମ୍ନାରେ ସିଧାସଳଖ ଯାନବାହାନ ପାର୍କିଂ ପାଇଁ ନିଷେଧ କରାଯାଇଛି। ଖୁବ୍‌ଶୀଘ୍ର ଆଉ ଏକ ଗେଟ ଖୋଲାଯାଇ ପ୍ରବେଶ ଓ ପ୍ରସ୍ଥାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ପଦକ୍ଷେପ କେବଳ ଟ୍ରାଫିକ୍ ପରିଚାଳନାକୁ ସୁଗମ କରିବ ନାହିଁ ବରଂ ଭକ୍ତମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁବିଧାଜନକ ପରିବେଶ ମଧ୍ୟ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଟ୍ରଷ୍ଟି ଏମ୍. ଦିନାକର ଏବଂ ଗଣେଶ ବାଗାଡିଆ, ନିମନ୍ତ୍ରିତ ଟ୍ରଷ୍ଟି ସଜ୍ଜନ ଖୈତାନ ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରମୋଦ କୁମାର ନାତୁଲ୍ୟ ଉପସ୍ଥିତ ଥିଲେ।

# ରାମନବମୀ ଶୋଭାଯାତ୍ରା ପାଇଁ ଶାନ୍ତି କମିଟି ବୈଠକ



**ରାଉରକେଲା, ୨୫।୩(ସମିସ):** ଆସନ୍ତା ୨୭ ତାରିଖରେ ହେବାକୁ ଥିବା ରାମନବମୀ ଶୋଭାଯାତ୍ରାକୁ ନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ପ୍ରଶାସନ ପକ୍ଷରୁରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ରାମନବମୀ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଯେପରି ସମ୍ପନ୍ନ ହେବ ସେଥିପ୍ରତି ବିଶେଷ ଯତ୍ନବାନ ରହିବାକୁ ଉପସ୍ଥିତ ସମସ୍ତ ଆଖଡ଼ା କମିଟିର ସଦସ୍ୟଙ୍କୁ ନିବେଦନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଅଧ୍ୟକ୍ଷତା କରି ଭାତୃତ୍ୱ ଭାବ ରକ୍ଷା ସହ ନିର୍ଦ୍ଧାରିତ ସମୟରେ ଶୋଭାଯାତ୍ରାକୁ ଆରମ୍ଭ କରିବା, ଆଖଡା ଶୋଭାଯାତ୍ରା ସମୟରେ ଅସ୍ତ୍ରଶସ୍ତ୍ର ଏବଂ ଡିଜେ ବ୍ୟବହାରକୁ ନିଷେଧ କରିଥିଲେ। ସୁନ୍ଦରଗଡ଼ ଅତିରିକ୍ତ ଏସପି ମହେନ୍ଦ୍ର କୁମାର ମୁର୍ମୁ, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ପୌର ଅଧ୍ୟକ୍ଷା ମାଧୁରୀ ଲୁଗୁନ, ପୌର ଉପାଧ୍ୟକ୍ଷ ଏମଡି ଇଫାର୍ନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ରାଜଗାଙ୍ଗପୁର ତହସିଲଦାର ଗୋପବନ୍ଧୁ ମଲ୍ଲିକ, ବିଡ଼ିଓ ଅକ୍ଷୟ କୁମାର ବାଗ, ଅତିରିକ୍ତ ତହସିଲଦାର ଅନୀଲ କୁମାର ସୋରେନ, ବିଜୁଳି ବିଭାଗ ଏସଡିଓ ସଞ୍ଜୀବ ମହାନ୍ତି, ଯୋଗ ଦେଇଥିଲେ। ରାମ ନବମୀ କମିଟିର ସଭାପତି ସଞ୍ଜୀବ ଦାସଙ୍କ ସମେତ କଂଗ୍ରେସ ଦଳର ଟାଉନ ସଭାପତି ଦେବ ରଞ୍ଜନ ବିନୋଦ, ବ୍ଲକ ସଭାପତି ଏକେ ସାମଲ, ଟ୍ରକ ମାଲିକ ସଂଘ ସଭାପତି ରାକେଶ ନନ୍ଦା, ସମ୍ପାଦକ ମନୋଜ କୁମାର ବଙ୍କା, ଏମ୍‌ଡି ଅମିନ, ଏମ୍‌ଡି ଫଇମ, ଅଶୋକ ସାହୁ, କାଉନସିଲର ଶ୍ୱେତା କୁମାରୀ, ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ଦାହିମା ଉପସ୍ଥିତ ଥିଲେ। ଏହି ଶାନ୍ତି କମିଟି ବୈଠକରେ ମୋଟ ୨୩ଟି ଆଖଡ଼ାର ସଭାପତି ସହ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ମୁସଲିମ କମିଟି, ମଜାର କମିଟି ଏବଂ ଶିଖ୍ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକକୁ ରାଜଗାଙ୍ଗପୁର ଏସଡିପିଓ ବିଭୁତି ଭୂଷଣ ଭୋଇ ପରିଚାଳନା କରିଥିଲେ। ଶେଷରେ ବିଜେଡି ଟାଉନ ସଭାପତି ତଥା ପୂର୍ବତନ ପୌର ଅଧ୍ୟକ୍ଷା ସୃଶିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡ଼ିଯିବାକୁ ପରାମର୍ଶ

**ରାଉରକେଲା, ୨୫।୩(ସମିସ):** ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡିଯିବାକୁ ଆରଏସପିର ପ୍ରାକ୍ତନ ସିଇଓ ଦୀପକ ଚଟ୍ଟରାଜ କାରଖାନା ସାମୂହିକଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ଚଟ୍ଟରାଜ ମାର୍ଚ୍ଚ ୨୪ ତାରିଖ ଦିନ ଆରଏସପି ଅନ୍ତର୍ଗତ ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ତାଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ଏମ୍‌ଡି ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହଙ୍କ ସହ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଚଟ୍ଟରାଜ ସିଇଓ ଭାବରେ କୋଭିଡ୍-୧୯ ମହାମାରୀ ସମୟରେ ତାଙ୍କ କାର୍ଯ୍ୟକାଳ ଏକ ଅଭୂତପୂର୍ବ ଆହ୍ୱାନ ଥିଲା ବୋଲି ଉଲ୍ଲେଖ କରି ଆର୍‌ଏସ୍‌ପି ସାମୂହିକ କିପରି ସବୁ ପ୍ରତିକୂଳତାକୁ ସଫଳତାରେ ପରିଣତ କରିଥିଲେ ସେ ସମ୍ବନ୍ଧରେ ବିସ୍ତୃତ ଭାବରେ କହିଥିଲେ। ସେ ଆଉ ମଧ୍ୟ ବିଶ୍ୱ ସଙ୍କଟ



ସତ୍ତ୍ୱେ, କାରଖାନା କେବଳ ନୂତନ ଉତ୍ପାଦନ ମାନଦଣ୍ଡ ସ୍ଥାପନ କରିନଥିଲା ବରଂ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲା ବୋଲି କହିଥିଲେ। ସେହି ସମୟରେ ଜଟିଳ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନାଗତ ବାଧାଗୁଡ଼ିକୁ ଦୂର କରିବା ପାଇଁ କିପରି ଅଣପାରମ୍ପରିକ ରଣନୀତି ଅତ୍ୟାବଶ୍ୟକ ଥିଲା ସେ ତାହା ବ୍ୟାଖ୍ୟା ମଧ୍ୟ କରିଥିଲେ। ସେ ଏହି ଅବସରରେ ଅଧିକାରୀଙ୍କୁ ଦୃଢ଼ ମନୋଭାବ ଏବଂ ନିରନ୍ତର ଶିକ୍ଷା ପ୍ରତି ପ୍ରତିବଦ୍ଧତାର ସହ ନେତୃତ୍ୱ ନେବାକୁ ଉତ୍ସାହିତ କରିବା ସହ ଆତ୍ମବିଶ୍ୱାସ, ନିଷ୍ଠା ଏବଂ କାରଖାନାର ଉନ୍ନତି ପ୍ରତି ଏକାତ୍ମ ଭାବନା ହେଉଛି ପରିବର୍ତ୍ତନକାରୀ ନେତୃତ୍ୱର ପ୍ରମୁଖ ଲକ୍ଷଣ ବୋଲି ଉଲ୍ଲେଖ କରିଥିଲେ। ସାମ୍ପ୍ରତିକ ସ୍ଥିତିର ଏକ ଚିନ୍ତନାତ୍ମକ ବିଶ୍ଳେଷଣରେ ଶ୍ରୀ ଚଟ୍ଟରାଜ ଭୂ-ରାଜନୈତିକ ପ୍ରେକ୍ଷାପଟ ଓ ବିଶ୍ୱ ଇସ୍ପାତ ଶିଳ୍ପ ଏବଂ ଆରଏସପିର ରଣନୈତିକ ସ୍ଥିତି ଉପରେ ମଧ୍ୟ ଆଲୋଚନା କରିଥିଲେ। ତାଙ୍କ ଅଭିଭାଷଣ ଅନ୍ତେ, ସେ ଆରଏସପିକୁ ଏକ 'ମହାନ କର୍ମ ସଂସ୍ଥାନ' ଭାବରେ ପ୍ରଶଂସା କରି, କାରଖାନା ଏବଂ ଏହାର କର୍ମଚାରୀଙ୍କ ନିରନ୍ତର ସମୃଦ୍ଧି ପାଇଁ ଶୁଭକାମନା ଜଣାଇଥିଲେ। ଅଭିଜ୍ଞତା ଆଦାନ ପ୍ରଦାନ ଅଧିବେଶନ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଜିଏମ ହୃଦାନନ୍ଦ ପତିଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିବା ବେଳେ ବିଭାଗର ଜିଏମ ପିକେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଏମ୍‌ଏମ୍ କର୍ମଚାରୀଙ୍କ ଉଦ୍ୟମରେ ଉଚ୍ଚ ମୂଲ୍ୟର ୱିଞ୍ଚର ପୁନଃନିର୍ମାଣ

**ରାଉରକେଲା, ୨୫।୩(ସମିସ):** ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍ ସେକ୍ସନର କର୍ମଚାରୀଙ୍କ ଉଦ୍ୟମୀ ପ୍ରୟାସ ଯୋଗୁଁ ସମ୍ପ୍ରତି ପ୍ଲାଣ୍ଟ ପାଇଁ ଯଥେଷ୍ଟ ସଞ୍ଚୟ ହାସଲ ହୋଇପାରିଛି। ସିଏମଏମ, ୱିଞ୍ଚ ସେକ୍ସନର କର୍ମଚାରୀମାନଙ୍କର ଏକ ଉତ୍ସର୍ଗୀକୃତ ଗୋଷ୍ଠୀ ୩ଟି ଗୁରୁତ୍ୱପୂର୍ଣ୍ଣ ଉଚ୍ଚ ମୂଲ୍ୟର ୱିଞ୍ଚ ନିଜସ୍ୱ ଉଦ୍ୟମ ଓ ସମ୍ବଳ ଉପଯୋଗରେ ଏହାର ପୁନଃନିର୍ମାଣ ଏବଂ ପୁନଃନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁସାରେ ଡ୍ରମ୍ କଣ୍ଟ୍ରୋଲର ସହିତ ବିଦ୍ୟମାନ କ୍ଷତିଗ୍ରସ୍ତ ବ୍ରେକ୍ ଆସେମ୍ବ୍ଲି ଗୁଡ଼ିକୁ ନିଜସ୍ୱ ପ୍ରଚଳିତ ଏଲଡ୍ରୋ ବ୍ରେକ୍ ଆସେମ୍ବ୍ଲି ଏବଂ ପ୍ୟାନେଲ୍ ନିୟନ୍ତ୍ରଣ ପ୍ରଣାଳୀ ସହିତ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଦ୍ୟମାନ ଡ୍ରାଇଭ୍ ମୋଟର ମରାମତି ଏବଂ ସର୍ଭିସିଂ ସେଣ୍ଟ୍ରାଲାଇଜଡ୍ ଏଲେକ୍ଟ୍ରିକାଲ ସହାୟତାରେ କରାଯାଇଥିଲା। ପ୍ରତିରୋଧ ବାକ୍ସର ମରାମତି ସହିତ, ୱିଞ୍ଚଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ନୂତନ ଓ୍ୱାୟାର ମଧ୍ୟ ଲଗାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ସମାନ କ୍ଷମତାର ନୂତନ ୱିଞ୍ଚ୍ କ୍ରୟ କରି



ଏବଂ ପୁନର୍ବିନ୍ୟାସ କରିପାରିଛନ୍ତି। ଉଲ୍ଲେଖନୀୟ, ୩ ଟନ୍ କ୍ଷମତା ବିଶିଷ୍ଟ ତିନୋଟି ପରିତ୍ୟକ୍ତ ଏବଂ ମରାମତି ଅକ୍ଷମ ୱିଞ୍ଚ ଦୀର୍ଘସମୟଧରି ଏଲଡିବିପି ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ମେକାନିକାଲ୍ କ୍ଷେତ୍ରରେ ଅଚଳ ଏବଂ ବ୍ୟବହାର ଅନୁପଯୋଗୀ ପଡ଼ି ରହିଥିଲା। ସିଏମଏମ, ୱିଞ୍ଚ ସେକ୍ସନର କନିଷ୍ଠ ଯନ୍ତ୍ରୀ କେସି ବେହେରାଙ୍କ ନେତୃତ୍ୱରେ କର୍ମଚାରୀଙ୍କ ଏକ ଦଳ ଏହି ୱିଞ୍ଚ ଗୁଡ଼ିକୁ ନିଜସ୍ୱ ଉଦ୍ୟମ ଓ ସମ୍ବଳ ବ୍ୟବହାର କରି ଏହାର ମରାମତି, ପୁନର୍ବିନ୍ୟାସ ଥିଲେ କାରଖାନାର ପ୍ରାୟ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା। ସିଜିଏମ୍ ମେକାନିକାଲ୍ ଡି ପାଲୋ ୨୪ ମାର୍ଚ୍ଚରେ ୱିଞ୍ଚ୍ ସେକ୍ସନରେ ପୁନଃନିର୍ମିତ ଏହି ୱିଞ୍ଚ୍ ଗୁଡିକର ଉଦ୍‌ଘାଟନ କରିବା ସହ କର୍ମଚାରୀମାନଙ୍କୁ ସେମାନଙ୍କର ଉଦ୍ୟମୀ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଜିଏମ୍, ଇନଚାର୍ଜ ସିଏମଏମ୍ ଏସ୍ ପଙ୍କ, ଜିଏମ୍, ସିଏମଏମ୍ ଏସ୍ ପି ପଟେଲ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

# ବଣାଇଁ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା




**ବଣାଇଁ, ୨୫।୩(ସମିସ):** ବଣାଇଁଗଡ଼ ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ବୁଧବାର ଲ୍ୟାମ୍ପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଲ୍ୟାମ୍ପସ ପରିଚାଳକ ହରେନ୍ଦ୍ର କୁମାର ବାରିକଙ୍କ ଆହ୍ୱାନ କ୍ରମେ ସଭାପତି ଭାସ୍କର କିସାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସିଦ୍ଧାର୍ଥ ଲେଙ୍କା, କୃଷି ଅଧିକାରୀ ସାଲିନୀ ମାହାନ୍ତି, ଉପସଭାପତି ଦମୟନ୍ତୀ ସାଣ୍ଡିଲଙ୍କ ସହ ଅନ୍ୟାନ୍ୟ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ସଭାରେ ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ମନୋଜ କୁମାର ପ୍ରଧାନ, ଶିବଶଙ୍କର ରାଉତ, ଚୈତୁ କିସାନ, ରେବତୀ କିସାନ, ଭକ୍ତବନ୍ଧୁ କିସାନ, ରବିନାରାୟଣ ଡଗରା, ନୃପମଣି ଛଦିଆ, ଶ୍ରୀକର କିସାନ ମଞ୍ଚରେ ଉପସ୍ଥିତ ଥିଲେ। ସୁନ୍ଦରମଣି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜନନୀ ଏସଏଚଜି ଗ୍ରୁପର ମହିଳାମାନଙ୍କୁ ବଣାଇଁ ଲ୍ୟାମ୍ପସ ପକ୍ଷରୁ ୭ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହା ସହିତ ଆକାଉଣ୍ଟାଣ୍ଟ ଗୋବିନ୍ଦ ଚନ୍ଦ୍ର କୁଅଁର ବାର୍ଷିକ ଆର୍ଥିକ ବିବରଣୀ ପାଠ କରିଥିଲେ। ସଭାରେ ବଣାଇଁ ଲ୍ୟାମ୍ପସ ଅନ୍ତର୍ଗତ ୬ଟି ପଞ୍ଚାୟତ ଜର୍କେଇକଲା, ବଡଗୋଗୁଆ, ବଣାଇଁ, କେନ୍ଦ୍ରିକଲା, ଗୋବିନ୍ଦପୁର ଓ କେନାଭେଟାର ଚାଷୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର କିସାନ, ଉସତ ପାତ୍ର, ସୁବ୍ରତ ଭୋଇ, ବିଷ୍ଣୁ କିସାନ, ଶୁଭେନ୍ଦୁ ଡଗରା ଓ ଦୋଳଗୋବିନ୍ଦ କିସାନ ସହଯୋଗ କରିଥିଲେ।

## ହୋଇପାରୁନି କୃଷକଙ୍କ ପଞ୍ଜୀକରଣ

# ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପବାଚସ୍ପତି

**ବଣାଇଁ, ୨୫।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡର କୃଷକମାନଙ୍କ ରବି ଧାନ କ୍ରୟ ପାଇଁ ନାମ ପଞ୍ଜୀକରଣ ହୋଇନଥିବା ସମ୍ବନ୍ଧୀୟ ଏକ ଗୁରୁତର ଅଭିଯୋଗ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ନିକଟକୁ ଆସିଥିଲା। ଏହାପରେ ଉପ ବାଚସ୍ପତି ଶ୍ରୀ ଭୋଇ ଆଜି ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସୂଚନାନୁସାରେ, ବଣାଇଁ ଉପଖଣ୍ଡର କୃଷକମାନେ ରବି ଧାନ କ୍ରୟ ପାଇଁ ତାଙ୍କର ନାମ ପଞ୍ଜୀକରଣ କରିପାରୁନାହାନ୍ତି। ରୁକୁଡା ଜଳ ସେଚନ ପ୍ରକଳ୍ପ ପରିସର ଅଧୀନରେ ଧାନ ଚାଷ କରୁଥିବା ସତ୍ତ୍ୱେ ପାଣି କର ଆଦାୟ ନ ହୋଇଥିବା କାରଣ ଦେଖାଇ କୃଷକମାନଙ୍କ ଜମିକୁ ପୋର୍ଟାଲରେ ପଞ୍ଜୀକରଣ କରାଯାଇନାହିଁ। ଯାହାଯୋଗୁଁ ପ୍ରଭାବିତ କୃଷକମାନେ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ବିଷୟ ଉପବାଚସ୍ପତିଙ୍କୁ ଜଣାଇଛନ୍ତି। ଏହି ପରିସ୍ଥିତିକୁ ଗମ୍ଭୀରତାର ସହିତ ନେଇ ଉପ ବାଚସ୍ପତି ମୁଖ୍ୟମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କୁ ଏହାର ତଦନ୍ତ କରିବା ସହ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ଚାଲୁଥିବା ରବି ଧାନ କ୍ରୟ ଋତୁରେ କୃଷକମାନେ ଯେପରି ତାଙ୍କର ନାମ ପଞ୍ଜୀକରଣ କରିପାରିବେ, ସେଥିପାଇଁ ଶୀଘ୍ର ପଦକ୍ଷେପ ନେବାକୁ ମଧ୍ୟ ଅନୁରୋଧ କରାଯାଇଛି।

# ପାଚେରିରେ ପିଟି ହୋଇ ବାଇକ୍ ଆରୋହୀ ମୃତ

**ଲହୁଣୀପଡ଼ା, ୨୫।୩(ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ତୁମକଲାଠାରେ ଚାଲିଥିବା ଏକ କମ୍ପାନୀର ନିର୍ମାଣଧୀନ ପାଚେରୀରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ବିକ୍ରମ କିଷାନ (୧୯), ସେ ବଣାଇଗଡ଼ କଲେଜରେ ଯୁକ୍ତତିନି ବିଜ୍ଞାନ ପ୍ରଥମ ବର୍ଷ ଛାତ୍ର ଥିଲେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଗୁଡିଆଳି ଗ୍ରାମର କାଳିଆ କିଷାନଙ୍କ ବଡପୁଅ ବିକ୍ରମ କିଷାନ ଗତକାଲି ରାତିରେ ବାଇକ(ଓଡି ୧୪ ଏ ଏଲ ୮୨୦୪) ଯୋଗେ କୌଣସି ଏକ କାମରେ ତୁମକଲାରୁ ଭାସ୍କର ପ୍ଲାଣ୍ଟ ପାର୍ଶ୍ୱ ରାସ୍ତାରେ ଲୁର୍ଥୁବା ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଚାଲିଥିବା ଏକ ପ୍ଲାଣ୍ଟର ନିର୍ମାଧୀନ ପାଚେରୀରେ ପିଟି ହୋଇଯାଇଥିଲେ। ସେଠାରେ ଉପସ୍ଥିତ ପ୍ଲାଣ୍ଟ କର୍ତ୍ତୃପକ୍ଷ ତାଙ୍କୁ ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିବା ବେଳେ ଆଜି ବ୍ୟବଚ୍ଛେଦ ପରେ ଶବ ପରିବାରକୁ ହସ୍ତାନ୍ତର କରାଯାଇଛି। କମ୍ପାନୀ ତରଫରୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

## ନିର୍ମାଣକୁ ପୂରିଲାଣି ବର୍ଷେ

# ବନଶ୍ରୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ତାଲା

**ଲହୁଣୀପଡ଼ା, ୨୫।୩(ସମିସ)**

ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବ୍ଲକ ଅଧୀନ ଦୁର୍ଗମ ରେଲହାତୁ ପଞ୍ଚାୟତର ଝାରବେଡା ଗ୍ରାମରେ ଥିବା ବନଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ନିର୍ମାଣ ହୋଇ ବର୍ଷେରୁ ଉର୍ଦ୍ଧ୍ୱ ସମୟ ବିତିଲାଣି। ତଥାପି ଶିକ୍ଷାବିଭାଗ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଛାତ୍ରାବାସରେ ଏଯାଏଁ ତାଲା ଝୁଲୁଛି। ଫଳରେ ଏଠାରେ ଅଧ୍ୟୟନ ପାଇଁ ବାହାରୁ ଆସୁଥିବା ଗରିବ ମେଧାବୀ ଛାତ୍ରଛାତ୍ରୀ ଏବେ ସମସ୍ୟା ଭୋଗୁଛନ୍ତି। ଯାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଦଶନ୍ଧି ପୂର୍ବରୁ ଏହି ରେଲହାତୁ ପଞ୍ଚାୟତ ମାଓବାଦୀ ଗଡ଼ ହୋଇ ରହିଥିଲା। ୨୩ ଡିସେମ୍ବର ୨୦୦୯ ରେ ମହୁପଦା, ରେଲହାତୁ, ବାଲିଯୋଡି, ଲଙ୍ଗଳକଟା, ସେତାରଟୋଲା, ସାନବାଲିଝର ଓ ଝାରବେଡା ଗ୍ରାମରେ ଥିବା ବିଦ୍ୟାଳୟକୁ ବୋମା ବିସ୍ଫୋରଣ କରି ଉଡାଇ ଦେଇଥିଲେ ମାଓବାଦୀ। ଏହାପରେ ଶିକ୍ଷା ବ୍ୟବସ୍ଥା ପ୍ରାୟ ଠପ ହୋଇଯାଇଥିଲା। ଶିକ୍ଷକମାନେ ମଧ୍ୟ ଏଠାରେ ପଢ଼ାଇବାକୁ ଭୟ କରୁଥିଲେ। ବର୍ତ୍ତମାନ ପରିସ୍ଥିତିରେ

**ସମସ୍ୟା ଭୋଗୁଛନ୍ତି ଛାତ୍ରଛାତ୍ରୀ**

ପରିବର୍ତ୍ତନ ଆସିଥିବା ବେଳେ ବନଶ୍ରୀ ଉଚ୍ଚ ବିଦ୍ୟାଳୟରୁ ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷାବର୍ଷରେ ଅନମୋଲ ଓ ରୋହିତ ଭଳି ଛାତ୍ରମାନେ ଇ୧ ଗ୍ରେଡ଼ରେ ଉର୍ତ୍ତୀର୍ଣ୍ଣ ହୋଇ ବ୍ଲକ ଓ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଏଥିସହ ଅନେକ ଛାତ୍ରଛାତ୍ରୀ ଇ୨ ଓ ଇ୧ ଗ୍ରେଡ଼ରେ କ୍ରମାନ୍ୱୟରେ ସଫଳତା ଅର୍ଜନ କରୁଥିବାରୁ ଅଞ୍ଚଳରେ ଶିକ୍ଷା ପ୍ରତି ଆକର୍ଷଣ



ବଢ଼ିଛି। ବର୍ତ୍ତମାନ ବିଭିନ୍ନ ଗ୍ରାମ ଓ ପଞ୍ଚାୟତରୁ ଛାତ୍ରଛାତ୍ରୀମାନେ ଏଠାକୁ ଆସି ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୧୭୮ ଜଣ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୦୦ ରୁ ଅଧିକ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ଛାତ୍ରୀମାନଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀବାସ ଥିଲେ ମଧ୍ୟ ବାଳକମାନଙ୍କ ପାଇଁ ସୁବିଧା କିଛି ନାହିଁ। ବାରମ୍ବାର ବାଳକ ଛାତ୍ର ବାସ ପାଇଁ ଅଭିଯୋଗ ହେବା ପରେ ସରକାର ବିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୯୯.୭୦ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରାବାସ ନିର୍ମାଣ କରିଥିଲେ। ୨୦୨୫ ଜାନୁଆରୀ ୨୯ରେ ବିଦ୍ୟାଳୟକୁ ତାହା ହସ୍ତାନ୍ତର କରାଯାଇଥିଲା। କିନ୍ତୁ ବର୍ଷେରୁ ଅଧିକ ସମୟ ବିତିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ଛାତ୍ରାବାସରେ ତାଲା ପଡ଼ି ରହିଛି। ସ୍ଥାନୀୟ ସରପଞ୍ଚ ୨୦୨୫ ମାର୍ଚ୍ଚ ୪ରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପାଚିକା ନିଯୁକ୍ତି ହୋଇନଥିବାରୁ ଛାତ୍ରାବାସ ଖୋଲିପାରିନାହିଁ। ଏପଟେ ଗରିବ ଆଦିବାସୀ ଛାତ୍ରମାନେ ସମ୍ପର୍କୀୟଙ୍କ ଘରେ ଅସୁବିଧାରେ ରହି ପଢୁଛନ୍ତି। ଯାହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶୀଘ୍ର ବାଳକ ଛାତ୍ରାବାସକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଛି।

# ଶ୍ରୀରାମ ନବମୀ ମହୋତ୍ସବ ▶ ୬୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା






ଭଦ୍ରକ/ବାରିକପୁର/ଆରଡ଼ି, ୨୫।୩(ସମିସ)

ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ବୁଧବାର କଳସ ଶୋଭାଯାତ୍ରା, ଆଜ୍ଞାମାଳ ଅଣାଯିବା କାର୍ଯ୍ୟ ସହିତ ଯଜ୍ଞ କର୍ମ ଆରମ୍ଭ ହୋଇଛି। ପୂର୍ବାହ୍ଣରେ ୪ଟି ଆଧ୍ୟାତ୍ମିକ ସ୍ଥଳୀ ଅଯୋଧ୍ୟା ଧାମ, ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣି ଧାମ, ଯାଜପୁରର ମା' ବିରଜା କ୍ଷେତ୍ର ଓ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯାଇ ଗାନ୍ଧୀପଡ଼ିଆ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା।

ଶ୍ରୀରାମ ନବମୀ ମହାଯଜ୍ଞ ନିମନ୍ତେ ସହରର ବାବା ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞାରମ୍ଭ ହୋଇଥିଲା। ଅପରାହ୍ଣ ୪ଟାରେ ୬ ହଜାରରୁ ଅଧିକ ସଂଖ୍ୟାର ମହିଳାମାନେ ଗାନ୍ଧୀପଡ଼ିଆ ଯଜ୍ଞସ୍ଥଳରୁ ବାହାରି ଅସ୍ତଳ ଗ୍ରାମ ହୋଇ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ସାଳନ୍ଦୀ ନଦୀ ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ, ପୂଜା ପରେ ମହିଳାମାନେ ଘଟୋତ୍ତଳନ କରିଥିଲେ। ପରେ ଶୋଭାଯାତ୍ରାରେ ବନ୍ତ ଛକ, ଅପର୍ତିବିନ୍ଧା ଛକ, କଚେରୀ ବଜାର, ଟାଉନ୍ ହଲ୍ ଛକ, ନୂଆବଜାର ହୋଇ ଗାନ୍ଧୀ ପଡ଼ିଆକୁ ଫେରିଥିଲେ। କାଳବୈଶାଖୀର ପ୍ରଭାବ ଥିବା ସତ୍ତ୍ୱେ ମାତୃମଣ୍ଡଳୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଯଜ୍ଞ ମଣ୍ଡପରେ ରୀତିନୀତି ମୁତାବକ ପୂଜାକର୍ମ ଆରମ୍ଭ କରାଯାଇଛି। ବୁଧବାରଠାରୁ ଏହି ପୂଜା ଯଥା- ରାମ ନବମୀ ଯଜ୍ଞ, ହନୁମାନ ଚାଳିଶା ପାଠ ଆଦି ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଯଜ୍ଞ କର୍ମରେ କର୍ତ୍ତା ଭାବେ ସନାତନ ସାହୁ, ପ୍ରହ୍ଲାଦ ନାୟକ, ଅମ୍ବିକା ପ୍ରସନ୍ନ ଦାସ, ସନ୍ତୋଷ ସାହୁ, ରବି ସାହୁ ସପତ୍ନୀକ ସଂକଳ୍ପ କରିଛନ୍ତି। ବାବା ଆଖଣ୍ଡଳମଣିଙ୍କ ପୀଠରୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ବରିଷ୍ଠ ସମାଜସେବୀ କିଶୋର ନାୟକ, ବିରଜା କ୍ଷେତ୍ରରୁ ସମିତିର ଉପଦେଷ୍ଟା ବଦ୍ରୀ ନାରାୟଣ ଧଳ, ଭଦ୍ରକାଳୀଙ୍କ ପୀଠରୁ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଅଯୋଧ୍ୟା ଧାମରୁ ରାଜୁ ବାଇତିଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଅଣାଯାଇଥିବା ବେଳେ ମହିଳାଙ୍କ କଳସ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ଓ ବ୍ଲକସ୍ତରର ମହିଳା ନେତୃତ୍ୱମାନେ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ବିଶାଳ କଳସ ଶୋଭାଯାତ୍ରାରେ ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, ଦୀନବନ୍ଧୁ ପତି, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ଆଇନଜୀବୀ ତୁଷାରକାନ୍ତ ଦାସ ଏବଂ ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, ବରିଷ୍ଠ ସଦସ୍ୟ ଭଗବାନ ପଣ୍ଡା, ଶ୍ରୀହର୍ଷ ସ୍ୱାଇଁ, ସୁବ୍ରତ ନାୟକ, ଭାଗବତ ବାରିକ, ବିମ୍ବାଧର ସେନାପତି, ବିଭୁ ଚନ୍ଦନ ଜେନା, ଡ. ଦେବରାଜ ପାତ୍ର, ପ୍ରତାପ ଦାସ, ବିଶ୍ୱରଞ୍ଜନ ଦାସ, ରଞ୍ଜିତ ମହାପାତ୍ର, ସୁରେଶ ସାମଲ, ବସନ୍ତ ରାଉତ, ମହିଳା ସେବିକା ରଞ୍ଜିତା ସ୍ୱାଇଁ, ଗୀତାଞ୍ଜଳି ପଡ଼ିଆରୀ, ମାଳତୀଲତା ସାହୁ, ଗୌତମୀ ପାଢ଼ୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

**କାଳବୈଶାଖୀ ବର୍ଷାରେ ଦୁଇ ଗୁଣା ଉତ୍ସାହ**

**୪ ଆଧ୍ୟାତ୍ମିକସ୍ଥଳରୁ ଆସିଲା ଆଜ୍ଞାମାଳ**

## ଅସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ଜିଲ୍ଲାପାଳଙ୍କୁ ଭେଟିଲେ ପିତାଗଡ଼ିଆ ଗ୍ରାମବାସୀ



**ଭଣ୍ଡାରିପୋଖରୀ, ୨୫।୩(ସମିସ):** ସୋମବାର ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ସଭାଗୃହ ମଧ୍ୟରେ ଜନଶୁଣାଣି ଶିବିରରେ ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର ରାଜସ୍ୱ ମୌଜା ଅନ୍ତର୍ଗତ ପିତାଗଡ଼ିଆ ଗ୍ରାମରେ ନିମ୍ନମାନର ପେଭର୍ ବ୍ଲକ ରାସ୍ତା କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ସମେତ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ୍ କରିବା ସହିତ ଏହି ଅଭିଯୋଗଟିକୁ ନିଜେ ପି.ଡି ଶୁଭେନ୍ଦୁ ସାମଲ ବୁଝିବେ ବୋଲି ସୂଚନା ପ୍ରଦାନ କରିଛନ୍ତି। ୨୦୨୪-୨୫ ଆର୍ôଥକ ବର୍ଷର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପେଭର୍ ବ୍ଲକ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ୨୭ ହଜାର ଟଙ୍କା ପ୍ରଦାନ ହୋଇଥିଲା। ପଞ୍ଚାୟତ ପକ୍ଷରୁ ଏହି ପ୍ରକଳ୍ପର କାର୍ଯ୍ୟାଦେଶ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ହୋଇଥିଲା। ଦୁଃଖର ବିଷୟ ଯେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ରାସ୍ତା କାର୍ଯ୍ୟ କରିବା ପାଇଁ ଏକ ଠିକାଦାରଙ୍କୁ ନିୟୋଜିତ କରିଥିଲେ କିନ୍ତୁ ନିମ୍ନମାନର କାର୍ଯ୍ୟ କରିବା ସହିତ ଅଧାଖଣ୍ଡିଆ ଅବସ୍ଥାରେ ଛାଡ଼ି ଚାଲିଯିବା ଯୋଗୁଁ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ କେହି ମଧ୍ୟ ଅଭିଯୋଗକୁ ଶୁଣି ନ ଶୁଣିଲା ପରି କାର୍ଯ୍ୟ କରୁଛନ୍ତି। ଜନଶୁଣାଣି ଶିବିରରେ ଦରଖାସ୍ତ ସଂଖ୍ୟା-୪୭/୧୭୨୮ ଜରିଆରେ ଲିଖିତ ଅଭିଯୋଗ କରି ଜିଲ୍ଲାପାଳଙ୍କୁ ଅନୁରୋଧ କରି ଜଣାଇଛନ୍ତି, ଏହି ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ କରିବା ପାଇଁ ପିତାଗଡ଼ିଆ ଗ୍ରାମବାସୀ ବୃନ୍ଦ।

## ମନବମୀ ଓ ବିଜୟାଦଶମୀ ପାଇଁ ବାଇକ୍ ଶୋଭାଯାତ୍ରା



**ରାଧାମନଗର, ୨୫।୩(ସମିସ):** ଧାମନଗରରେ ପବିତ୍ର ରାମନବମୀ ପାଳନ ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ୧ଟାରେ ଶ୍ରୀରାମ ମହାଯଜ୍ଞ ସମିତି ଧାମନଗର ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରା ଭଗବାନ ଶ୍ରୀରାମଙ୍କ ଜନ୍ମୋତ୍ସବକୁ ଉତ୍ସାହ, ଶ୍ରଦ୍ଧା ଓ ଭକ୍ତିଭାବରେ ପାଳନ କରିବା ସହ ସମାଜରେ ଧର୍ମ, ନୀତି, ଶାନ୍ତି ଓ ସନ୍ଦେଶ ପ୍ରସାର କରିବା ଉଦ୍ଦେଶ୍ୟରେ ବିଶାଳ ବାଇକ୍ ଶୋଭାଯାତ୍ରା ବନ୍ଧଟିଆ ହନୁମାନ ଛକ ପଡ଼ିଆରୁ ବିଧିବଦ୍ଧ ଭାବେ ବାହାରି ବ୍ଲକ ବଜାର, ସାନ ଓ ବଡ଼ ବଜାର ପରିକ୍ରମା କରି ମେଡିକାଲ ବଜାରସ୍ଥିତ ମେଳଣ ପଡ଼ିଆରେ ପହଞ୍ଚି ଶେଷ ହୋଇଥିଲା। ସେଠାରେ ସମସ୍ତଙ୍କ ପାଇଁ ପଖାଳ ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରା ସମୟରେ ଜୟ ଶ୍ରୀରାମ ଧ୍ୱନି, ଭଜନ ଓ ଧାର୍ମିକ ସଙ୍ଗୀତରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଆଶୋକ ପୁହାଣ, ନଗର ପ୍ରତିନିଧି କୈଳାଶ ଚନ୍ଦ୍ର ମହାପାତ୍ର, କାଉନ୍ସିଲର ସ୍ୱାଧୀନ ସମ୍ବିତ ଦାଶ, ଉତମ ମହାନ୍ତି, ବିଜେପି ନେତା ଅରବିନ୍ଦ ପତି, ପ୍ରଶାନ୍ତ ନାୟକ, ବିପିନ ପଣ୍ଡା, ସରୋଜ ମହାପାତ୍ର, ବିଜୟ କୁମାର ରାମ, ରଞ୍ଜିତ ମହାନ୍ତି ପ୍ରମୁଖଙ୍କ ସହ ଶତାଧିକ ଯୁବକ ଯୋଗଦେଇଥିଲେ।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ବାର୍ଷିକ କର୍ମଶାଳା

**ଭଦ୍ରକ, ୨୫।୩(ସମିସ):** ଭଦ୍ରକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ସିଏସ୍ଆଇଆର୍ ପ୍ରାୟୋଜିତ କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ପରିବେଶ ଓ ସମାବେଶୀ ବିକାଶର ପ୍ରମୁଖ ବୈଜ୍ଞାନିକ ପ୍ରଫେସର ଡ. ନବୀନ କୁମାର ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡ. ଧଳ ଔଷଧୀୟ ବୃକ୍ଷର ସଂରକ୍ଷଣ ଓ ହର୍ବାରିୟମ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ଲେଙ୍କା, କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଆରତି ଜେନା ଔଷଧୀୟ ବୃକ୍ଷ ଓ ତାହାର ସ୍ୱାସ୍ଥ୍ୟଗତ ଉପାଦେୟତା ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଅର୍ପିତା ନାୟକ ଅତିଥି ପରିଚୟ ପ୍ରଦାନ ପୂର୍ବକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ ସନ୍ଦୀପ କୁମାର କବି ଔଷଧୀୟ ବୃକ୍ଷର ବିଭିନ୍ନ ଦିଗ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ଛାତ୍ରୀ ବନ୍ଦନା ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଛାତ୍ରୀ ଇତିଶ୍ରୀ ଦଳେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଏହି କର୍ମଶାଳାରେ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ, କିରଣ କାନ୍ତି, ସୁପ୍ରିୟା ଚକ୍ରବର୍ତ୍ତୀ, ଉବେଶ ସ୍ୱାଇଁ, ପ୍ରଦ୍ୟୁତ ପଣ୍ଡା, ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

## ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରେ ବନ୍ଧୁ ମିଳନ



**ଭଦ୍ରକ, ୨୫।୩(ସମିସ):** ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରୁ ପୁରୁଣା ବଜାରସ୍ଥିତ ମଦିନା ମଇଦାନଠାରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ଏକ ବନ୍ଧୁ ମିଳନ ଓ କବି ସମ୍ମିଳନୀ ଭଦ୍ରକ ରୋଟାରୀ କ୍ଲବ୍‌ର ସଭାପତି ତଥା ପ୍ରଧାପକ ନାସିର ବକ୍ସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକ୍କୀ ଦଲୱାଜି ହବିବ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ରୋଟାରୀ କ୍ଲବ୍‌ର ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା କବି ପବିତ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଫେଲୋସିପ୍‌ର ପ୍ରତିଷ୍ଠାତା ଏସ୍.ଏମ୍.ଫାରୁକ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଭୟ ଦାସ, ରାମଚନ୍ଦ୍ର ପଣ୍ଡା, ଟୋକା ଗଣେଶ ସଭାପତି ହରୀ ନନ୍ଦୀ, ବୁଢ଼ା ଗଣେଶ ସଭାପତି ବିଦ୍ୟାଧର ସାହୁ, ମୁସ୍‌ଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଶେଖ୍ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବ୍‌ଦୁଲ ମୁକିତ ଖାନ୍, ଅଶୋକ ଦାସ, ସୁଧାକର ରାଉତ, ଲଲାଟେନ୍ଦୁ ମହାନ୍ତି, ଦିବ୍ୟାଂଶି ନାୟକ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଫୁଲତୋଡ଼ା ସହ ସମ୍ମାନିତ କରାଯାଇଥିଲା। ଏହି କବି ସମ୍ମିଳନୀରେ ଅବ୍‌ଦୁଲ ଦୟାନ ଜିଆ, ମୁନିର ଅରମାନ, କିଶୋର ପାଣିଗ୍ରାହୀ, ଅକମଲ ଅଲ୍ଲି, ମୋଇନ ସଫକ, ଡ. ଅନିଲ ଦାସ, ତୌଫିକ ସାଗର, ମୁଖ୍‌ତାର ନଶିମ୍ ପ୍ରମୁଖ ଯୋଗଦେଇ କବିତା ଆସରରେ କବିତାରୁ ମନମୁଗ୍ଧ କରିଥିଲେ। ଏହି ବନ୍ଧୁ ମିଳନ ଭାଇଚାରା ସହରରେ ଉଭୟ ହିନ୍ଦୁ ଓ ମୁସଲ୍‌ମାନ ଭାଇ ଯୋଗଦେଇଥିଲେ।

**ଭଣ୍ଡାରିପୋଖରୀରେ କାଳବୈଶାଖୀ ତାଣ୍ଡବ**

## ଉପୁଡ଼ିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ



**ବାରିକପୁର, ୨୫।୩(ସମିସ):** ବୁଧବାର ଅପରାହ୍ଣ ପ୍ରାୟ ୪ଟାରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଆକାଶରେ କଳା ବାଦଲ ଘୋଟି ଆସିଥିବାବେଳେ ପରେ ପରେ ବିଜୁଳି ଘଡ଼ଘଡ଼ି ଆରମ୍ଭ ହୋଇଥିଲା। କୁଆପଥର ବର୍ଷା ସହିତ ପବନ ସୁସୁ ହୋଇ ମାଡ଼ି ଆସିଥିଲା। ଚାହୁଁ ଚାହୁଁ ଶାନ୍ତ ପରିବେଶ ସମ୍ପୂର୍ଣ୍ଣ ଅଶାନ୍ତ ହୋଇ ଉଠିଥିଲା। ପ୍ରାୟ ଏକ ଘଣ୍ଟା ଧରି ଉଗ୍ରରୂପରେ ପବନ ବର୍ଷା ଲାଗି ରହିଥିବାବେଳେ ଏଥିରେ ଜନସାଧାରଣ ଭୟଭୀତ ହୋଇଥିଲେ। ୧ ଘଣ୍ଟା ପରେ ପବନର ପ୍ରକୋପ କମିଥିଲେ ସୁଦ୍ଧା ସନ୍ଧ୍ୟା ୭ଟା ଯାଏଁ ବର୍ଷା, ବିଜୁଳି ଲାଗି ରହିଥିଲା। ଅଦିନିଆ ଝଡ଼ ବର୍ଷା ଯୋଗୁଁ କେଉଁଠି ବଡ଼ ବଡ଼ ଗଛ ଉପୁଡ଼ିଛି ତ ପୁଣି କେଉଁଠି ଇଲେଭେନ ଓ ଏଲ୍‌ଟି ଲାଇନ୍ ଖୁଣ୍ଟ ଭାଙ୍ଗିଯାଇଛି। ବ୍ଲକର ମଞ୍ଜୁରୀରୋଡ୍‌ଠାରୁ ବିଷ୍ଣୁପୁର ଓ ଆଖୁଆପଦାଠାରୁ ମଣିନାଥପୁର ସବୁଠି କାଳବୈଶାଖୀ ତାଣ୍ଡବ ରଚିଛି। ମାତ୍ର କେଇ ମିନିଟ୍‌ରେ ଅନେକ କିଛି ଛାରଖାର୍ ହୋଇଯାଇଛି। କଚ୍ଚା ଘରୁ ଛପର ଉଡ଼ିଯାଇଥିବା ବେଳେ ଟିଣ ଓ ଆଜ୍‌ବେଷ୍ଟସ ଗୃହ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ସୂଚନା ମୁତାବକ, ପାଳଦା ମଣିନାଥପୁର ପୂର୍ତ୍ତ ରାସ୍ତାର ମାଳଦା ନିକଟରେ ଏକ ଅଶ୍ୱତ୍ଥ ଗଛ ଉପୁଡ଼ି ପଡ଼ିବାରୁ ଭଦ୍ରକ ଯାଜପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୃକ୍ଷର କିଛି ଅଂଶ ଗୋଟିଏ ବାସଗୃହରେ ପଡ଼ିବାରୁ ଏଥିରେ ଦୁଇଜଣ ଗୃହସ୍ଥ ଆହତ ହୋଇଥିବା ମଧ୍ୟ ଜଣାଯାଇଛି। ସଠଗାଁଠାରେ ବିଜୁଳି ଆଘାତ ଘଟି ନଡ଼ିଆ ଗଛ ପୋଡ଼ିଯାଇଥିବା ବେଳେ ସରସଦା, ପଟାପୋଲ, କୁରିଗାଁ, ବୟାଁ, ମଞ୍ଜୁରୀ, ରାଢୋ, ରହଣିଆ, ଜଳହରି, ବିରୋଳି, ଷୋଳମପୁର ପ୍ରମୁଖ ସ୍ଥାନରେ ଶହଶହ ଗଛ ମାଟିରେ ଲୋଟିଯାଇଛି। ବିଦ୍ୟୁତ୍ ତାର ଛିଡ଼ିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅନୁରୂପ ଭାବେ ବାରିକପୁର, ପାଟୁଳି, ରାଜେନ୍ଦ୍ରପୁର, ନାଆମୀ, ତେସିଙ୍ଗା, ନେରଡ଼ା ପ୍ରମୁଖ ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। ସବୁଠାରୁ ଦୁଃଖର ବିଷୟ ବିଳମ୍ବିତ ଶସ୍ୟ କ୍ରୟ ଯୋଗୁଁ ମଣ୍ଡିରେ ଥିବା ଶହଶହ ଧାନ ବସ୍ତା ଭିଜିଯାଇଛି। ଏହାକୁ ନେଇ ମଣ୍ଡି ପରିଚାଳକ ଓ ଚାଷୀମାନେ ଘୋର୍ ଚିନ୍ତା ପ୍ରକଟ କରିଛନ୍ତି।

**ଆଖଣ୍ଡଳମଣିଙ୍କ ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା**

## ଦଶହରାରେ ମା'ଙ୍କୁ ଲାଗି ହେବ ମଣ୍ଡାପିଠା ଭୋଗ

**ଆରଡ଼ି, ୨୫।୩(ସମିସ):** ଚୈତ୍ର ମାସ ଶୁକ୍ଲପକ୍ଷ ସପ୍ତମୀ ତିଥିଠାରୁ ଦଶହରା ପର୍ଯ୍ୟନ୍ତ ଆରଡ଼ି ପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ାରେ ପୀଠ ଦେବୀ ମା' ଜୟ ଦୁର୍ଗାଙ୍କ ବାସନ୍ତିକ ପୂଜା ଆରମ୍ଭ ହୋଇଛି। ପ୍ରତିଦିନ ମା'ଙ୍କ ପୂଜା ମଣ୍ଡପରେ ଘଟ ସ୍ଥାପନ, ସୂର୍ଯ୍ୟପୂଜା, ହଳଦୀ ପଞ୍ଚାମୃତ ସ୍ନାନ, ଚଣ୍ଡୀପାଠ, ବେଶ ଆଦି ସହ ଷୋଡ଼ଶ ଉପଚାର ପୂଜାରେ ମା'ଙ୍କୁ ଆରାଧନା କରାଯାଉଛି। ଦଶହରାରେ ମା'ଙ୍କୁ ମଣ୍ଡାପିଠା ଭୋଗ ଲାଗି କରାଯାଇ ଘଟ ବିସର୍ଜନ କରାଯିବ। ମା'ଙ୍କ ପୂଜା ପାଇଁ ଉଭୟ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।




## ମଧୁ ଗଣେଶ ପୂଜା ପାଇଁ ଉତ୍ସବମୁଖର ଭୂଇଁପୁର ଗାଁ



**ଆରଡ଼ି, ୨୫।୩(ସମିସ):** ଆରଡ଼ି ସନ୍ନିକଟ ନାନ୍ଦପୁର ପଞ୍ଚାୟତ ଭୂଇଁପୁର ଗାଁରେ ଗତ ରବିବାରଠାରୁ ମଧୁ ଗଣେଶ ପୂଜା ଆରମ୍ଭ ହୋଇଛି। ଏହି ପୂଜା ୭ଦିନ ଧରି ଚାଲିବ। ଚଳିତ ବର୍ଷ ଏହି ପୂଜା ୬୯ ବର୍ଷରେ ପଦାର୍ପଣ କରିଥିବା ଗାଁର ମୁରବୀମାନେ କହିଛନ୍ତି। ୭ଦିନ ଧରି ଏହି ପୂଜା ଚାଲିବ ଓ ଶନିବାର ପ୍ରଭୁଙ୍କୁ ବିସର୍ଜନ କରାଯାଇ ସାଳନ୍ଦୀ ନଦୀରେ ଭଷାଣି ଉତ୍ସବ ପାଳନ କରାଯିବ। ପ୍ରତିଦିନ ମଧ୍ୟାହ୍ନ ଓ ରାତ୍ରରେ ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଛି। ଏଥିସହ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞରେ ପ୍ରତିଦିନ ଘିଅ ଆହୁତି ସହ ଅନ୍ୟାନ୍ୟ ଆହୁତି ପ୍ରଦାନ କରାଯାଉଛି। ପୂଜା ପ୍ରାରମ୍ଭରୁ ୩ ଦିନ ଧରି ଅପେରା ପ୍ରଦର୍ଶିତ ହେଉଥିବାବେଳେ ଅନ୍ୟ ଦିନରେ ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଭଜନ ପରିବେଷଣ କରାଯିବ।

## ଭ୍ୟାଲିଡେସନ ବିଲ୍ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର



**ଭଦ୍ରକ, ୨୫।୩(ସମିସ):** ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକଙ୍କ ନେତୃତ୍ୱରେ ଯୁଗ୍ମ ସମ୍ପାଦକ ଅଜିତ ନାୟକ, ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ରଙ୍କ ସଂଯୋଜନା ଓ ପରିଚାଳନାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୨୦୨୫ ମସିହାରେ ଭ୍ୟାଲିଡେସନ ବିଲ୍ ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ଭ୍ୟାଲିଡେସନ ବିଲ୍ ଯୋଗୁଁ କେନ୍ଦ୍ର ସରକାର ଓ ଭାରତ ବର୍ଷର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରି ସେବା ନିବୃତ୍ତ ସମସ୍ତ କର୍ମଚାରୀ ୮ମ ବେତନ କମିଶନରେ ପୂର୍ବ ବେତନ କମିଶନ ଭଳି ପେନ୍‌ସନ ଅଭିବୃଦ୍ଧିରୁ ବଞ୍ଚିତ ହେବେ। ଏହି ଆଇନ ବଳରେ ୨୦୨୬ ମସିହା ପୂର୍ବରୁ ଅବସର ନେଇଥିବା ଭାରତର ସମସ୍ତ ବର୍ଗର କର୍ମଚାରୀ ପେନ୍‌ସନ ଅଭିବୃଦ୍ଧି ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ। ଦରଦାମ୍ ବୃଦ୍ଧି, ଜୀବନଜୀବିକା ନିର୍ବାହ ପାଇଁ ଲିଭିଙ୍ଗ୍ କଷ୍ଟ ବୃଦ୍ଧି ଦୃଷ୍ଟେ ବେତନ କମିଶନ ବେତନ ବୃଦ୍ଧି ପାଇଁ ଫିଟ୍‌ମେଣ୍ଟ ବ୍ୟବସ୍ଥା କରାଇ ସରକାରଙ୍କୁ ପ୍ରଦାନ କରିଥାଆନ୍ତି। ମାତ୍ର ଉକ୍ତ ଭ୍ୟାଲିଡେସନ ଆକ୍ଟ କେନ୍ଦ୍ର ସରକାର ପାରିତ କରାଇଥିବାରୁ ଅଷ୍ଟମ ବେତନ କମିଶନ୍-୨୦୨୬ ମସିହା ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍‌ସନ୍ ଅଭିବୃଦ୍ଧି ତାଙ୍କର ଫିଟ୍‌ମେଣ୍ଟରେ ଅନ୍ତର୍ଭୁକ୍ତ କରାଇବେ ନାହିଁ। ଯାହାଫଳରେ ଦୀର୍ଘ ବର୍ଷ ଧରି ଭାରତବର୍ଷରେ ସେବା ଯୋଗାଇ ଅବସରପ୍ରାପ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ସୁପ୍ରିମ୍ କୋର୍ଟଙ୍କ ପୂର୍ବ ରାୟକୁ ବିଚାରକୁ ନ ନେଇ ଅନ୍ତରାୟ ସୃଷ୍ଟି କରିଛି। ସେହିପରି ଅବସରପ୍ରାପ୍ତ କର୍ମଚାରୀଙ୍କର ନ୍ୟାଯ୍ୟ ଦାବିକୁ ମଧ୍ୟ ଜନକଲ୍ୟାଣ ଯୋଜନାରେ ଏକ ଅଂଶବିଶେଷ ରୂପେ ଅନ୍ତର୍ଗତ କରାଇବା ପାଇଁ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ମଦନ ମୋହନ ନାୟକ, ରମାକାନ୍ତ ନାୟକ, ରମେଶ ଚନ୍ଦ୍ର ଦାସ, ଆଦିତ୍ୟ ନାୟକ, ଅରୁଣ ମିତ୍ର, ବାଳକୃଷ୍ଣ ସେନାପତି, ପ୍ରଦୀପ୍ତ ଦାସ, ଶମ୍ଭୁନାଥ ପାଣିଗ୍ରାହୀ, ଇଂ. ସୁରେନ୍ଦ୍ର ପ୍ରସାଦ ଦାସ, ଦୟାନିଧି ରାଉଳ, ପୁରୁଷୋତ୍ତମ ନନ୍ଦୀ, ବାଇଧର ମହାପାତ୍ର, ବାବୁଲା ରାଉତ, ଅଶୋକ ମହାପାତ୍ର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବେପରୁଆ ବାଇକ୍ ଚାଳନା } ଯୁବନେତାଙ୍କ ମୃତ୍ୟୁ; ପ୍ରତିବାଦରେ ରାସ୍ତାରୋକ

ତିହିଡ଼ି, ୨୫।୩(ସମିସ)




ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ପରସ୍ପର ସହ ପ୍ରତିଯୋଗିତା କରି ଦ୍ରୁତ ଗତିରେ ବାଇକ୍ ଚଳାଉଥିବାବେଳେ ଭାରସାମ୍ୟ ହରାଇ ସେଥିରୁ ଗୋଟିଏ ବାଇକ ଧକ୍କା ଦେବା ଫଳରେ ତିହିଡ଼ି ଥାନା ଅଧୀନ କୋହ୍ଲ ବଜାରରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବିଜେଡିର ଯୁବନେତା ଆଦିତ୍ୟ ମହାଳିକଙ୍କ ମୃତ୍ୟୁ ହୋଇଯାଇଛି। ଏହାର ପ୍ରତିବାଦରେ ବୁଧବାର ରାସ୍ତାରୋକ କରାଯାଇଛି। ଆଦିତ୍ୟଙ୍କ ମୃତଦେହ ପହଞ୍ଚିବା ପରେ କୋହ୍ଲ ବଜାର ଛକ ନିକଟରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଶବ ରଖି ରାସ୍ତାରେ ଟାୟାର ଜାଳି ମଧ୍ୟାହ୍ନ ୧୨ଟାରୁ ୨ଟା ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ଠପ୍ ହୋଇଥିଲା।

ସମ୍ପ୍ରତି ଅଳ୍ପ ବୟସର ଯୁବକମାନେ ଯେଉଁପରି ଭାବରେ ରାସ୍ତାରେ ବେପରୁଆ ବାଇକ ଚାଳନା କରୁଛନ୍ତି ତାହା ଉପରେ କୌଣସି ଅଙ୍କୁଶ ଲାଗୁ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ଓ ନିରୀହ ଜନସାଧାରଣଙ୍କର ଧନଜୀବନ ନଷ୍ଟ ହେଉଛି ବୋଲି ଅଭିଯୋଗ କରାଯାଇଥିଲା। ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ତିହିଡ଼ି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ମଙ୍ଗଳପୁର ସମବାୟ ସମିତି ସଭାପତି ନିତ୍ୟାନନ୍ଦ ବେହେରା, ସରପଞ୍ଚ କୈଳାସ ପରିଡ଼ା, ପୂର୍ବତନ ଭାଟପଡ଼ା ସମିତିସଭ୍ୟ ସଂଗ୍ରାମ କେଶରୀ ଦାସ, ଅନିରୁଦ୍ଧ ବାରିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ମୃତକଙ୍କ ପରିବାରକୁ ରେଡ୍‌କ୍ରସରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୃତ ଆଦିତ୍ୟଙ୍କ ପତ୍ନୀଙ୍କୁ ବିଧବା ଭତ୍ତା, କୋହ୍ଲ ବଜାର ଛକରେ ଗତି ନିରୋଧକ ନିର୍ମାଣ ଓ ସର୍ବୋପରି ଅଳ୍ପ ବୟସର ଯୁବକମାନଙ୍କର ଦ୍ରୁତ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଇବା ଆଦି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯୋଗ୍ୟ, ଆଦିତ୍ୟ ନିଜ ପତ୍ନୀଙ୍କୁ ଆଣିବା ପାଇଁ କୋହ୍ଲ ବଜାର ଛକରେ ବାଇକ୍‌ରେ ବସି ଅପେକ୍ଷା କରିଥିବାବେଳେ ୨ଟି ବାଇକ୍ ପରସ୍ପର ମଧ୍ୟରେ ସିନେମା ଢଙ୍ଗରେ ପ୍ରତିଯୋଗିତା କରୁଥିଲେ। ତେବେ ଏହି ୨ ବାଇକ୍ ପରସ୍ପର ସଂସ୍ପର୍ଶରେ ଆସିଯିବା ଫଳରେ ଗୋଟିଏ ବାଇକ୍ ଆଦିତ୍ୟଙ୍କୁ ଧକ୍କା ଦେଇଥିଲା।

# ପରିବହନ ବିଭାଗ ନିୟମ ମାନୁନାହାନ୍ତି ସରକାରୀ ଅଧିକାରୀ

**ପରଜଙ୍ଗ, ୨୫ ।୩(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସିଡିପିଓ ବ୍ୟବହାର କରୁଥିବା ଗାଡ଼ିର ଫିଟନେସ କିମ୍ବା ବୀମା ନାହିଁ। ଏଥିସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ମଧ୍ୟ ଲଗାଯାଇନାହିଁ। ସାଧାରଣ ଲୋକ ଏଥିପାଇଁ ଫାଇନ ଗଣୁଥିବା ବେଳେ ଖୋଦ ବେଆଇନ ଭାବେ ପ୍ରଶାସନ ଅଧିକାରୀଙ୍କ ଗାଡ଼ି ଚାଲିଛି। ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ସଡ଼କ

- ବିନା ଫିଟନେସ ଓ ବୀମାରେ ଗାଡ଼ି ଚାଲୁଛି
- ଲାଗିନି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍




ସୁରକ୍ଷା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ପରିବହନ ବିଭାଗ ପକ୍ଷରୁ ମଧ୍ୟ ସଚେତନତା କାର୍ଯକ୍ରମ କରାଯିବା ସହ ନିୟମ କଡ଼ାକଡ଼ି କରାଯାଇଛି। ମୋଟର ଯାନ ଆଇନ ଉଲ୍ଲଘଂନ କଲେ ଜରିମାନା ଆଦାୟ ହେଉଛି। ବିନା ଡ୍ରାଇଭିଂ ଲାଇସେନ୍ସ, ହେଲମେଟ କିମ୍ବା ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଇଲେ ସାଧାରଣ ଲୋକଙ୍କଠାରୁ ଜରିମାନା ଆଦାୟ ହେଉଛି। ତେବେ ପରଜଙ୍ଗ ସିଡିପିଓଙ୍କ ସରକାରୀ ଗାଡ଼ି ନଂ-ଓଡି୦୨-ସିଡି୧୪୧୨ରେ ବୈଧ କାଗଜପତ୍ର ନ ଥାଇ କିପରି ଏଗ୍ରିମେଣ୍ଟ ହେଲା ତାହା ସନ୍ଦେହ ସୃଷ୍ଟି କରିଛି। ବୀମା ଅବଧି ପ୍ରାୟ ଏକ ବର୍ଷ ହେବ ନାହିଁ। ରାସ୍ତାରେ ଏହି ଗାଡ଼ି ଗଡ଼ିବା ସମୟରେ କୌଣସି ଦୁର୍ଘଟଣା ଘଟିଲେ କେବଳ ଭଗବାନ ହିଁ ଭରସା। ଅନ୍ୟପଟେ ପରିବହନ ବିଭାଗ ସରକାରୀ ଗାଡ଼ିକୁ ବାଦ୍ ଦେଇ ଯାଞ୍ଚ କରିବା ନିୟମ ରହିଛି କି ବୋଲି ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସିଡିପିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଗାଡ଼ି ମାଲିକ କହିଛନ୍ତି ଯେ ଗାଡ଼ି ସରକାରୀ କାର୍ଯ୍ୟାଳୟରେ ଲାଗିଛି, ସରକାରୀ ନାମ ଫଳକ ଲାଗିଛି, ତେଣୁ କେହି ଯାଞ୍ଚ କରୁନାହାନ୍ତି। ଆଗାମୀ ଦିନରେ ସବୁ କାଗଜପତ୍ର ଠିକ କରିଦେବି ବୋଲି କହିଛନ୍ତି।

# ଗ୍ରୀଷ୍ମ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ, ୨୫ ।୩(ସମିସ)**

ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ଜିଲ୍ଲାସ୍ତରୀୟ କର୍ମଶାଳା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓସଡମାର ଜିଏମ ବବିତା ମଞ୍ଜରୀ ନାୟକ ଯୋଗଦେଇ ଗ୍ରୀଷ୍ମ ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ସମସ୍ତ ଅଧିକାରୀ ନିଷ୍ଠାର ସହ ନିଜ ଦାୟିତ୍ୱ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ସମସ୍ତ ଚିକିତ୍ସାଳୟରେ କଣ୍ଟ୍ରୋଲରୁମ୍ କାର୍ଯ୍ୟକାରୀ କରିବା,





ରାପିଡ୍ ରେସପନ୍ସ ଟିମ ପ୍ରସ୍ତୁତ ରହିବା, ପୌରାଞ୍ଚଳ ସହ ଗ୍ରାମାଞ୍ଚଳରେ ଜଳଛତ୍ର ବ୍ୟବସ୍ଥା, ବସ୍ ଓ ଅନ୍ୟ ଯାତ୍ରୀବାହୀ ଗାଡ଼ିରେ ପାନୀୟ ଜଳ ବ୍ୟବସ୍ଥା, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ମଧ୍ୟରେ ଯାତ୍ରୀ ପରିବହନ ବନ୍ଦ, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଦ୍ୱାରା ପାନୀୟ ଜଳ ଯୋଗାଣ, ଗାଈଗୋରୁଙ୍କ ଯତ୍ନ ନେବା, ସେମାନଙ୍କ ନିମନ୍ତେ ପାଣି କୁଣ୍ଡ ବ୍ୟବସ୍ଥା, ଦିନ ୧୧ଟାରୁ ୩ଟା ୩୦ ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବା, ପଥିକମାନଙ୍କ ପାଇଁ ଡେ ସେଲଟର ବ୍ୟବସ୍ଥା, ଜଙ୍ଗଲରେ ଅଗ୍ନି ନିର୍ବାପନ ବ୍ୟବସ୍ଥା, ଭିନ୍ନକ୍ଷମ ପିଲାଙ୍କ ପାଇଁ ଥିବା ସ୍ୱତନ୍ତ୍ର ବିଦ୍ୟାଳୟର ପରିଚାଳନା, ଚାଷ କାର୍ଯ୍ୟ ନିମନ୍ତେ ଚାଷୀମାନଙ୍କୁ ଆବଶ୍ୟକ ସୂଚନା ପ୍ରଦାନ, ଅଂଶୁଘାତରୁ ରକ୍ଷା ନିମନ୍ତେ ପ୍ରଚାରପତ୍ର ଓ ପୋଷ୍ଟର ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା, କୌଣସି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ଆଦି ସମ୍ପର୍କରେ ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଆପାତକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଚ୍ଚିଦାନନ୍ଦ ପତି ପାୱରପଏଣ୍ଟ ମାଧ୍ୟମରେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ପୃକ୍ତ ବିଭାଗଗୁଡ଼ିକ ତରଫରୁ ଗ୍ରହଣ କରାଯାଇଥିବା ସମସ୍ତ ତଥ୍ୟ ପୁଙ୍ଖାନୁପୁଙ୍ଖ ଭାବେ ଜିଲ୍ଲା ଆପାତକାଳୀନ ବିଭାଗକୁ ଜଣାଇବାକୁ ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ପରାମର୍ଶ ଦେଇଥିଲେ। ସମସ୍ତ ବ୍ଲକ, ଏନଏସି ଓ ପୌରଞ୍ଚଳର ଅଧିକାରୀ ଏଥିରେ ଯୋଗଦେଇଥିଲେ।

## ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ




**ଢେଙ୍କାନାଳ, ୨୫ ।୩(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପିଏମଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଆବାହକତ୍ୱ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନ, ଶାରୀରିକ ଶିକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ସୃଷ୍ଟି କରିବାରେ ସମର୍ଥ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ୟୁନେସ୍କୋର ଆଜୀବନ ସଦସ୍ୟ, ପ୍ରାକ୍ତନ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ତର୍ଜାତୀୟ ଅଲମ୍ପିକ୍ କମିଟି ପକ୍ଷରୁ ବିଶ୍ୱର ବିଭିନ୍ନ ଦେଶ ସହ ଭାରତରେ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହା କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ହୋଇପାରିବ ବୋଲି ସେ କହିଥିଲେ।

## ପେନସନର୍ସ ବିରୋଧୀ ଭାଲିଡେସନ ବିଲ୍ ପ୍ରତ୍ୟାହାର ଦାବି



**ଢେଙ୍କାନାଳ, ୨୫ ।୩(ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରତ୍ୟାହାର କରିବାକୁ ୨୦୨୫ ମାର୍ଚ୍ଚରେ ସଂସଦରେ ଏକ ଭାଲିଡେସନ୍ ବିଲ୍ ପାରିତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ଓ ଡିପ୍ଲୋମା ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ଅଭିଯୋଗ ହୋଇଛି। ଏହି ବିଲ୍ କାର୍ଯ୍ୟକାରୀ ହେଲେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଅଷ୍ଟମ ବେତନ କମିଶନରେ ଅନ୍ତର୍ଭୁକ୍ତ ହେବାରୁ ବଞ୍ଚିତ ହେବେ। ସାମୂହିକ ଡିଏ ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେବେ। ସର୍ବଭାରତୀୟ ପେନସନର୍ସ ଫେଡେରେସନ ଡାକରାରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ଓ ଡିପ୍ଲୋମା ଇଞ୍ଜିନିୟର୍ସ କର୍ମଚାରୀ ସଂଘ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ପ୍ରଶାନ୍ତ କୁମାର ଧଳ, ବିଭୂତି ସାମଲ, ଧୃବଚରଣ ଗଡ଼ନାୟକ, ପ୍ରଶାନ୍ତ କୁମାର ସାହୁ, କାମାକ୍ଷାପ୍ରସାଦ ସାହୁ, କାଠିଆ ପରିଡ଼ା, ଶ୍ରୀନିବାସ ପାତ୍ର, ରବୀନ୍ଦ୍ର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଭଗତ ସିଂଙ୍କ ବୈପ୍ଳବିକ ଭୂମିକା ସମ୍ପର୍କରେ ଆଲୋଚନା

- ନିଶ୍ୱାର୍ଡ ଅନୁଷ୍ଠାନ ପକ୍ଷରୁ ସହିଦ ଦିବସ ପାଳିତ

**ଢେଙ୍କାନାଳ, ୨୫ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଶାଖା ମୋ ଭାରତ ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ବାରଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସହିଦ ଦିବସ ପାଳିତ ହୋଇଛି। ନିଶ୍ୱାର୍ଡର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହିଦ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭାରତୀ ଯୁବସେବା ସଂଘ ସଭାପତି ଜଗବନ୍ଧୁ ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ଲଚ୍ଛମନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମୋହନ ମାଝୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂଙ୍କ ବୈପ୍ଳବିକ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶ୍ନ ଓ ରିଲ୍ ପ୍ରତିଯୋଗିତା, ସ୍ୱଚ୍ଛ ଭାରତ ଅଭିଯାନ ତଥା ଶ୍ରମଦାନ ଏବଂ ପଦଯାତ୍ରା କରାଯାଇଥିଲା। ପଦଯାତ୍ରାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭାରତୀ ଯୁବ ସେବା ସଂଘର କର୍ମକର୍ତ୍ତା, ଲଚ୍ଛମନ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ନିଶ୍ୱାର୍ଡ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ବିଶ୍ୱଜିତ୍




ସ୍ୱାଇଁ ଓ କିଶନ୍ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋ ଭାରତ ଢେଙ୍କାନାଳ ଶାଖା କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଓ ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

**ଢେଙ୍କାନାଳ, ୨୫ ।୩(ସମିସ):** ଢେଙ୍କାନାଳ ନଗର ମଣ୍ଡଳ ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଦୁଇଦିନ ବ୍ୟାପୀ ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ନଗର ମଣ୍ଡଳ




ସଭାପତି ବିକାଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସଭାପତି ନରେଶ ମହାପାତ୍ର, ଜିଲ୍ଲା ଉପସଭାପତି ନିରୋଦ କୁମାର ସାହୁ ଓ ଧୃବ ଚରଣ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା ଓ କାର୍ଯ୍ୟକ୍ରମର ସଂଯୋଜକ ମାତୃପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ସତ୍ର 'ବୈଚାରିକ ପୃଷ୍ଠଭୂମି'ରେ ବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ପୂର୍ବତନ କାଉନସିଲର ସନ୍ତୋଷ ରାଉତ ଏହାକୁ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ବକ୍ତାଭାବେ ଯୋଗଦେଇଥିଲେ। କାଉନସିଲର ସୂର୍ଯ୍ୟପ୍ରତାପ ରାଉତ ଏହାକୁ ସଞ୍ଚାଳନ କରିଥିଲେ। ବରିଷ୍ଠ ନେତା ପ୍ରମୋଦ ନନ୍ଦ, ରୁଦ୍ର ନାରାୟଣ ତ୍ରିପାଠୀ, ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଭାରତୀ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ଲକ୍ଷ୍ମୀଧର ଦଳେଇ, ଦୁଷ୍ମନ୍ତ କୁମାର ବେହେରା, ସୁଚିତ୍ର ବେହେରା, ଧୃବଚରଣ ସ୍ୱାଇଁ, ଉଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ।

## ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା





**ଖଜୁରିଆକଟା, ୨୫ ।୩(ସମିସ):** ହିନ୍ଦୋଳ ବ୍ଲକ ନୂଆବଗ ଗାଁରେ ସୋମବାର ଘଟିଥିବା ଅଗ୍ନିକାଣ୍ଡରେ ବିପନ୍ନ ୭ ପରିବାରର ସଦସ୍ୟ ଖୋଲା ଆକାଶ ତଳେ ତଥା ପାଖ ପଡ଼ୋଶୀଙ୍କ ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଥିବା ବେଳେ ଅଦ୍ୟାବଧି ସରକାରଙ୍କ ତରଫରୁ କୌଣସି ସହାୟତା ମିଳିନାହିଁ। ତେବେ ହିନ୍ଦୋଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଛୋଟ ଏକ ପ୍ରୟାସ' ଏବଂ 'ଜନ ମଙ୍ଗଳ ରାସୋଳ' ପକ୍ଷରୁ ବିପନ୍ନ ପରିବାରକୁ ୫ ଦିନର ରାସନ ସାମଗ୍ରୀ, ଶାଢ଼ି, ଧୋତି, ଲୁଙ୍ଗି ଆଦି ପ୍ରଦାନ କରାଯାଇଛି। ଜନ ମଙ୍ଗଳ ରାସୋଳର ଉପଦେଷ୍ଟା ସତ୍ୟଭାମା ମିଶ୍ରଙ୍କ ଉପସ୍ଥିତିରେ ପ୍ରତିଷ୍ଠାତା ବିଭୁପ୍ରସାଦ ଶତପଥୀଙ୍କ ତତ୍ତ୍ୱାବଧାନରେ ସଭାନେତ୍ରୀ ନିରୁପମା ମିଶ୍ର, ଉପସଭାନେତ୍ରୀ ପ୍ରତିମା ପାଲ, ସଂଯୋଜକ ଚନ୍ଦନ ସାହୁ ଓ ଆଜୀବନ ସେବକ ପ୍ରଶାନ୍ତ ଦାସ, ନିରାକାର ବୈଦ୍ୟ ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ।

## ଆମ୍ ଆଦ୍‌ମୀ ପାର୍ଟିରେ ମିଶିଲେ ଲୋକେ

**ଗଁଦିଆ, ୨୫ ।୩(ସମିସ):** ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ କାମର ରାଜନୀତିରେ ଅନୁପ୍ରାଣିତ ହୋଇ ଅନେକ ବ୍ୟକ୍ତି ଦଳରେ ଯୋଗଦେଉଛନ୍ତି। ନବଗଠିତ ଗଁଦିଆ ଏନଏସିର ବିଭିନ୍ନ ୱାର୍ଡରୁ ବହୁ ଲୋକ ଆମ୍ ଆଦମୀ ପାର୍ଟିରେ ଯୋଗଦେଇଛନ୍ତି। ପୂର୍ବତନ ସମିତି ସଭ୍ୟ ଈଶ୍ୱର ଖଟୁଆଙ୍କ ନେତୃତ୍ୱରେ ଦଳର ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲ୍ଲା ସମ୍ପାଦକ ଅନିଲ ସାମଲ, ବରିଷ୍ଠ ଭ୍ୟ ପ୍ରସନ୍ନ ବରାଳ, କୃପାସିନ୍ଧୁ ଦେହୁରୀ, ଜୟଦେବ



ବେହେରା ପ୍ରମୁଖଙ୍କୁ ନେଇ ଗଠିତ ଏକ ଟିମ୍ ଗଁଦିଆ ବିଜ୍ଞପିତ ଅଞ୍ଚଳ ପରିଷଦର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାକାର ସମସ୍ୟା ଅନୁଧ୍ୟାନ କରିଥିଲେ। ସ୍ୱାଧୀନତାର ୮୯ ବର୍ଷ ପରେ ବି ଅଞ୍ଚଳରେ ମୌଳିକ ସୁବିଧା ନ ଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ପାର୍ଟିର କାମ ରାଜନୀତିରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଲୋକେ ଦଳରେ ଯୋଗଦେଇଥିଲେ।

## ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କାମାକ୍ଷାନଗର, ୨୫ ।୩(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡରେ ଢେଙ୍କାନାଳ ଆଞ୍ଚଳିକ ପରିବହନ ବିଭାଗ ଓ କାମାକ୍ଷାନଗର ଅଗ୍ନିଶମ ବାହିନୀ ମିଳିତ ଆନୁକୂଲ୍ୟରେ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହଠାତ ଜନଗହଳିପୂର୍ଣ୍ଣ ସ୍ଥାନରେ ନିଆଁ ଲାଗିଲେ ବିଚଳିତ ନ ହୋଇ କିପରି ତାହାକୁ ଆୟତ୍ତ କରାଯିବ ସେ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ରନ୍ଧନ ଗ୍ୟାସରେ ନିଆଁ ଲାଗିଲେ ତାକୁ କିପରି ଆୟତ୍ତ କରାଯାଇପାରିବ ସେ ନେଇ ଅଗ୍ନିଶମ ବାହିନୀ



ତରଫରୁ ପ୍ରଶିକ୍ଷଣ କୌଶଳ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ବସ ମାଲିକ ସଙ୍ଘ, ଡ୍ରାଇଭର ସଙ୍ଘ, ବହୁ ଯାତ୍ରୀ ଉପସ୍ଥିତ ଥିଲେ। କାମାକ୍ଷାନଗର ଅଗ୍ନିଶମ ବାହିନୀର ମୁଖ୍ୟ ଆଗ୍ନିକ ଶ୍ରୀକାନ୍ତ ବଳବନ୍ତରାୟ ନିଆଁ ଆୟତ୍ତ କରିବାର କୌଶଳ ପ୍ରଦର୍ଶନ କରିଥିବା ବେଳେ ଡ୍ରାଇଭର ହାବିଲଦାର ରାଜୀବ ଲୋଚନ ସାହୁ, ଆଗ୍ନିକ ପ୍ରଣତ କୁମାର ହୋତା, ସୌମ୍ୟରଞ୍ଜନ ଭୂତିଆଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ସୁଶାନ୍ତ ଓଡିଏମ୍‌ଏମ୍ ସମ୍ପାଦକ ମନୋନୀତ

**ଭୁବନ, ୨୫ ।୩(ସମିସ):** ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ (ଓଡିଏମଏମ) ରାଜ୍ୟ ସମ୍ପାଦକ ଭାବେ ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ସମ୍ପନ୍ନ ବରିଷ୍ଠ ସାମ୍ବାଦିକ ତଥା ଭୁବନ ସାମ୍ବାଦିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ପୋଥାଳ ମନୋନୀତ ହୋଇଛନ୍ତି। ମଙ୍ଗଳବର ବିଧାନସଭା ଗେଷ୍ଟ ହାଉସରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାର



ପଦାଧିକାରୀ ଯୋଗଦେଇ ରାଜ୍ୟ କମିଟି ଗଠନ କରିଥିଲେ। ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳଙ୍କୁ ସଂଘର ରାଜ୍ୟ ସମ୍ପାଦକ ଭାବେ ଚୟନ କରାଯାଇଛି। ରାଜ୍ୟ ସଭାପତି ମନୋଜ ଶତପଥୀଙ୍କ ସମେତ ସମସ୍ତ ନବ ନିର୍ବାଚିତ ପଦାଧିକାରୀଙ୍କୁ ପୋଥାଳ କୃତଜ୍ଞତା ଜଣାଇଛନ୍ତି। ଓଡିଏମଏମ ଜିଲ୍ଲା ଶାଖା, କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘ, ଭୁବନ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ତରଫରୁ ପୋଥାଳଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସାମ୍ବାଦିକଙ୍କ ସ୍ୱାର୍ଥରକ୍ଷା ଓ ସ୍ୱାଭିମାନ ପାଇଁ ଓଡିଏମଏମ କାର୍ଯ୍ୟ କରିବ ବୋଲି ପୋଥାଳ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ପୌରାଞ୍ଚଳ ବିକାଶରେ ନାଗରିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର

**ଢେଙ୍କାନାଳ, ୨୫ ।୩(ସମିସ)**

ସ୍ଥାନୀୟ ମହିଷାପାଟସ୍ଥିତ ବହୁମୁଖୀ ପ୍ରକୋଷ୍ଠ ସମ୍ମିଳନୀ କକ୍ଷରେ ପୌରାଞ୍ଚଳର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସିତ ହେଉଥିବା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ନିଜ ପାରିଷଦର ଚାରି ବର୍ଷର କାର୍ଯ୍ୟ ତାଲିକା ନାଗରିକଙ୍କ ଭୂମିକା ସମ୍ପର୍କିତ ସ୍ୱତନ୍ତ୍ର ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ। ପୌରାଞ୍ଚଳ ବିକାଶରେ ନାଗରିକଙ୍କ ଭୂମିକା ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀରଞ୍ଜନ ସେଠୀ ଯୋଗଦେଇ କହିଲେ, ସହରର କଳେବର ବୃଦ୍ଧି ସହ ଏହାର ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ପୌର ପ୍ରଶାସନ ସହ ସହରବାସୀଙ୍କ ଗୁରୁଦାୟିତ୍ୱ ରହିଛି। ବିକାଶର ଏକ ନିୟମିତ ପ୍ରକ୍ରିୟା। ଯିଏ ଏହି କାର୍ଯ୍ୟ କରିଥାନ୍ତି ସେହିମାନେ ମନେ ରହିଥାନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁ ଯୋଗଦେଇ ବିକାଶ କାର୍ଯ୍ୟକୁ ଆହୁରି ଆଗକୁ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ଚାମ୍ବର ଅଫ କମର୍ସ ସଭାପତି ରାଜେନ୍ଦ୍ର କୁମାର ଦାସ, ସାମ୍ବାଦିକ ସଂଘ




କାର୍ଯ୍ୟକାରୀ ସଭାପତି ତଥା ଆଲୋଚନାଚକ୍ର କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା ରତନ ନାୟାର, ସମାଜସେବୀ ରାମଚନ୍ଦ୍ର ପାତ୍ର, ପରେଶ ଚନ୍ଦ୍ର ପଟ୍ଟନାୟକ, ରବିନାରାୟଣ ମହାନ୍ତି, ରାଜକିଶୋର ବେହେରା, ଦୀପ୍ତାଂଶ ପ୍ରସାଦ ପଟ୍ଟନାୟକ, ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ସୁରେଶ ପାଣିଗ୍ରାହୀ, ମାତୃପ୍ରସାଦ ନନ୍ଦ, ଜ୍ଞାନେନ୍ଦ୍ର ବେହେରା, ବିରଞ୍ଚି ନାରାୟଣ ପାଣି, ଯୋଗିନାଥ ମହାନ୍ତି, ଅପର୍ଣ୍ଣା ରଥ, ବାହାଦୁର ପାଟସାହାଣୀ, ହୃଦୟାନନ୍ଦ ମହାନ୍ତି, ବସନ୍ତ କୁମାର ପଟ୍ଟନାୟକ, ହୃଦାନନ୍ଦ ଦ୍ୱିବେଦୀ, ଡ. ପ୍ରମୋଦ ନାୟକ, କାଉନସିଲର ଅଭିମନ୍ୟୁ ପଣ୍ଡା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସହରକୁ ଅଧିକ ସୁନ୍ଦର, ସମସ୍ୟାବିହୀନ କରିବା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷା ପାତ୍ରଙ୍କ ଗତ ୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ରାସ୍ତାଘାଟ, ବହୁମୁଖୀ ପ୍ରକୋଷ୍ଠ ଓ ଆଲୋକୀକରଣଠାରୁ ଆରମ୍ଭ କରି ଅନେକ ଲୋକହିତକର କାର୍ଯ୍ୟ କରାଯାଇଛି। ଅତ୍ୟାଧୁନିକ ଟାଉନ ହଲ, ସ୍ମାର୍ଟ ପାର୍କ, ଶିଶୁ ଉଦ୍ୟାନ, ବରପୁତ୍ରଙ୍କ ପ୍ରତିମୂର୍ତ୍ତି, ପାର୍କିଂ ବ୍ୟବସ୍ଥା ଆଦି ଅନେକ କାର୍ଯ୍ୟ କରାଯାଇଛି। ଆଗକୁ ବିକାଶ ପ୍ରକ୍ରିୟା ଜାରି ରହିବ ବୋଲି ପୌରାଧ୍ୟକ୍ଷା ସୂଚନା ଦେଇଥିଲେ। ରାଜ୍ୟ କଳାସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମିଟି ଆବାହକ ଡ. ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସହ ଆବାହକ ଅଥୟ କୁମାର ସାହୁ ଏବଂ କମିଟି ସଦସ୍ୟ ସହଯୋଗ କରିଥିଲେ। ଅକ୍ଷୟ ନାୟକ ଓ ସାଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ଢେଙ୍କାନାଳ, ୨୫ ।୩(ସମିସ):** ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ସର୍ବକନିଷ୍ଠ ବିଭାଗରେ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ର ସତ୍ୟସାଗର ରାଉତ, କନିଷ୍ଠ ବିଭାଗରେ ବଂଶୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଞ୍ଜନା ପ୍ରିୟଦର୍ଶିନୀ ସାହୁ ଓ ବରିଷ୍ଠ ବିଭାଗରେ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅରୂପ ଅନୁପମ ସାହୁ ପ୍ରଥମ ସ୍ଥାନ ଅଧିକାର କରି




ପୁରସ୍କୃତ ହୋଇଛନ୍ତି। ଅପରାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ପାଠ୍ୟ ପୁସ୍ତକଗତ ଜ୍ଞାନର ପରିଧିରୁ ଊର୍ଦ୍ଧ୍ୱକୁ ଯାଇ ପାରିପାର୍ଶ୍ୱିକ ଜ୍ଞାନରେ ସମୃଦ୍ଧ ହୋଇ ନିଜକୁ ଅପଡେଟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଦର ବିଆରସିସି ଦେବବ୍ରତ ନାଥ ଯୋଗଦେଇଥିଲେ। ବିଜ୍ଞାନର ଦୁରୁପଯୋଗ ଯୋଗୁଁ ମନୁଷ୍ୟ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛି। କୁନି ବୈଜ୍ଞାନିକମାନେ ବିଜ୍ଞାନକୁ ଜନକଲ୍ୟାଣ କାର୍ଯ୍ୟରେ ଉପଯୋଗ କରିବାକୁ ସେ ମତବ୍ୟକ୍ତ କରିଥିଲେ। ଏବିଇଓ ଭଗବାନ ବେହେରା ଓ ଶତ୍ରୁଘ୍ନ ଖଣ୍ଡା ମଞ୍ଚାସୀନ ଥିଲେ। ଶିକ୍ଷକ ନୃସିଂହଚରଣ ବେହେରା, ତାପସ ସେଠୀ, ଝସକେତନ ପ୍ରଧାନ, ବିକାଶ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ପଣ୍ଡା, ସୁବ୍ରତ ତ୍ରିପାଠୀ, ଶିକ୍ଷୟିତ୍ରୀ ଶୁଭସ୍ମିତା ବେଉରା, ପ୍ରିୟଙ୍କା ବାରିକ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ କୃତୀକୁ ମୂଲ୍ୟାଙ୍କନ କରିଥିଲେ। ପ୍ରଭାତୀ ବେହେରା, ଅର୍ଜୁନ ନାୟକ, ରସାନନ୍ଦ ମହାରଣା, ଲାଲୁପ୍ରସାଦ ସେନ, ସନ୍ତୋଷ ପଟ୍ଟନାୟକ, ବିଷ୍ଣୁ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଦୁଇ ଗାଁ ବିବାଦ ସମାଧାନ ପାଇଁ ଥାନାରେ ବୈଠକ

**କିଶୋରନଗର,୨୫ ।୩(ସମିସ):** କିଶୋରନଗର ଥାନା ମାଣିକପୁର ଓ ଝାରବନ୍ଧଲୀ ଗାଁରେ ମଧ୍ୟରେ କିଛିଦିନ ତଳେ ହୋଇଥିବା ଗୋଷ୍ଠୀ ସଙ୍ଘର୍ଷ ଯୋଗୁଁ ଉତ୍ତେଜନା ଲାଗି ରହିଥିଲା । ପୁଲିସ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିଛି । ଉଭୟ ଗାଁରେ ପୁଲିସ ମୁତୟନ କରାଯାଇଥିଲା । ତେବେ ଗାଁରେ ଶାନ୍ତି ଫେରାଇ ଆଣିବାକୁ ରବିବାର ଥାନା ସଭାଗୃହରେ ଉଭୟ ଗ୍ରାମର




୨୦ ଜଣ ମହିଳା, ପୁରୁଷଙ୍କୁ ନେଇ ଆପୋସ ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ତହସିଲଦାର ବିକ୍ରମ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୋଳ ଡିଏସପି ସୁକୁମାର ତ୍ରିପାଠୀ, ଥାନା ଆଇଆଇସି ବିଭୂତି ପ୍ରଧାନ, ଏସ୍‌ଆଇ ପ୍ରସନ୍ନ ରାଉତଙ୍କ ସମେତ ମାଣିକପୁର ଗାଁର ଲିଙ୍ଗରାଜ ପାତ୍ର, ଝାରବନ୍ଧଲୀ ଗାଁର ସଂଯୁକ୍ତା ମିର୍ଦ୍ଧା ଉପସ୍ଥିତ ରହି ପ୍ରତିଶୋଧ ମନୋଭାବ ନ ରଖି ଭାଇଚାରା ସମ୍ପର୍କ ରଖି ଚଳିବା, ଉଭୟ ଗାଁର କିଛି ବ୍ୟକ୍ତି କିଛି ଅରାଜକତା ସୃଷ୍ଟି କଲେ ଗ୍ରାମବାସୀ ନିଜେ ନିଷ୍ପତ୍ତି ନ ନେଇ ପ୍ରଶାସନର ସାହାଯ୍ୟ ଲୋଡ଼ି ଥାନା ଦ୍ୱାରସ୍ଥ ହେବେ ବୋଲି ନିଷ୍ପତ୍ତି ହୋଇଛି ।

## ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ

### ● ଥାନାରେ ଅଭିଯୋଗ

**ବଅଁରପାଳ,୨୫ ।୩(ସମିସ):** ବିବାହ ପ୍ରଲୋଭନ ଦେଖାଇ ଜଣେ ବିବାହିତା ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ପରେ ଧମକ ଦେବା ନେଇ ବଅଁରପାଳ ଥାନାରେ ଅଭିଯୋଗ ହୋଇଛି । ମହିଳାଙ୍କ ଅଭିଯୋଗ ଅନୁସାରେ, ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମର ପହଲା ବେହେରାଙ୍କ ପୁଅ ଶିବାନୀ ବେହେରା (୨୬) ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ନେଇଯାଇଥିଲେ । ପ୍ରାୟ ଦୁଇ ମାସ ଧରି ଶିବାନୀ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ପରେ ବିବାହ ପାଇଁ ଦାବି କରିବାରୁ ସେ ଧମକ ଦେଇଥିଲେ । 'ତୁ ପଳା, ନ ହେଲେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବି' ବୋଲି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## କେନାଲରୁ ମୃତଦେହ ଉଦ୍ଧାର

**ବଅଁରପାଳ,୨୫ ।୩(ସମିସ):** ବଅଁରପାଳ ଥାନା ଗୋତମରା ଗ୍ରାମ ଦେଇ ପ୍ରବାହିତ ରେଙ୍ଗାଳି ଦକ୍ଷିଣ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ବଅଁରପାଳ ବ୍ଲକ ପୁଷ୍ପଙ୍ଗୀ ଗ୍ରାମର ଅନ୍ତର୍ଯ୍ୟାମୀ ନାୟକ (୬୦) । ସକାଳ ପ୍ରାୟ ୬ଟାରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ୧୧୨କୁ ଫୋନ କରି ସୂଚନା ଦେଇଥିଲେ । ଘଟଣାସ୍ଥଳରେ ଏସ୍‌ଆଇ ଲକ୍ଷ୍ମୀପ୍ରିୟ ସ୍ୱାଇଁ, ଏଏସଆଇ ଜୟକୁମାର ସଏ, ଗୋତମରା ସରପଞ୍ଚ ଅରବିନ୍ଦ ସାମଲ, ବଅଁରପାଳ ଦମକଳବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଗୋବିନ୍ଦ ଓ ଚିନ୍ମୟ ସ୍ମାରକୀ କ୍ରିକେଟ: ଘୋଷର ଚାମ୍ପିଅନ

**କିଶୋରନଗର,୨୫ ।୩(ସମିସ):** କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତ ଘୋଷର ମୁଗମାଳ ସାହିରେ ଚାଲିଥିବା ରାତ୍ରିକାଳୀନ ଗୋବିନ୍ଦ ଓ ଚିନ୍ମୟ ସ୍ମାରକୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଘୋଷର ଦଳ ମୁଗମାଳ ଦଳକୁ ୧୦ ରନରେ ପରାସ୍ତ



କରି ଚାମ୍ପିଅନ ହୋଇଛି । ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର କ୍ଷୀରୋଦ ସାହୁ, ସମାଜସେବୀ ତଥା ବ୍ୟବସାୟୀ ପ୍ରବୀର ପ୍ରଧାନ, ରତ୍ନାକର ସାହୁ, ସାମ୍ବାଦିକ ସଞ୍ଜୟ ଦାଶ, ସମାଜସେବୀ ଧୀରେନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ । ଘୋଷରର କାହ୍ନା ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ମୁଗମାଳର ସାଗର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଲିପୁ ସାହୁ ଓ ଶାନ୍ତନୁ ପୋଢ଼ ଧାରାବିବରଣୀ ପ୍ରଦାନ କରିଥିଲେ । କାଳିଆ ଓ ବିଶ୍ୱଜିତ ଅମ୍ପାୟର ଦାଇତ୍ୱ ତୁଲାଇଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବଅଁରପାଳ,୨୫ ।୩(ସମିସ):** ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ବଅଁରପାଳ ବ୍ଲକ ନୂଆହତା ଓଭରବ୍ରିଜ୍ ନିକଟରେ ୫୫ନଂ ଜାତୀୟ ରାଜପଥରେ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ନେତୃତ୍ୱରେ ଗାଡ଼ିଚାଳକମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ସେମାନଙ୍କୁ ଫାଷ୍ଟଏଡ୍ କିଟ ଦିଆଯାଇଛି । ଚାଳକମାନଙ୍କୁ ଗାଡ଼ିର ବେଗ ନିୟନ୍ତ୍ରଣ, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ସିଟ୍ ବେଲ୍ଟ, ହେଲମେଟ ପିନ୍ଧିବା, ପାର୍କିଂ ଆଦି ସମ୍ପର୍କରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ



ଏମଭିଆଇ ରାଜେଶ କୁମାର ମହାପାତ୍ର, ଜୁନିୟର ଏମଭିଆଇ ସନ୍ଧ୍ୟାରାଣୀ ନାୟକ, କନଷ୍ଟେବଲ୍ ଜ୍ୟୋତ୍ସ୍ନାମୟୀ ସେନାପତି, ସମାଜସେବୀ ଚିନ୍ମୟୀ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା



**କିଶୋରନଗର,୨୫ ।୩(ସମିସ):** ସମଗ୍ର ଶିକ୍ଷା, ଅନୁଗୋଳ ତରଫରୁ ଆଞ୍ଚଳିକସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଖଣ୍ଡହତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି । ଏଥିରେ ଧଉରାପାଲି କ୍ଲଷ୍ଟରର ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । କର୍ମଶାଳାକୁ ଏବିଇଓ ଲକ୍ଷ୍ମଣ କୁମାର ଦେହୁରୀ ଉଦଘାଟନ କରିଥିବା ବେଳେ ବିଇଓ ଅରୁଣ କୁମାର ସେଠୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ସମୟରେ ପହଞ୍ଚି ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷଣ ସାମଗ୍ରୀଗୁଡ଼ିକ ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇ ଶିକ୍ଷଣ ଗୁଣବତ୍ତାକୁ ବୃଦ୍ଧି କରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ । ସିଆର୍‌ସିସି ସୁରେନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଠ୍ୟ ବିଷୟଭିତ୍ତିକ ବହୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା ।

## ଏନଟିପିସି ଏସଏପି ପରିବାରଙ୍କ ଧରଣା

**କଣିହାଁ,୨୫ ।୩(ସମିସ):** କଣିହାଁ ବ୍ଲକ ଏନଟିପିସି ଥାନା ଅମ୍ବପାଳ ରେଲୱେ ଲେଭେଲ୍ କ୍ରସିଂ ନିକଟରେ ଏନଟିପିସି ଦ୍ୱାରା ପ୍ରଭାବିତ



୬ ଜମିହରା ପରିବାର ନିଯୁକ୍ତି ଦାବିରେ ଧରଣାରେ ବସିଥିଲେ । ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସେମାନେ ଧରଣାରେ ବସୁଥିଲେ । ଜମିହରା ପ୍ରଜା ଭାବେ ନିଯୁକ୍ତି ପାଇବାରେ ସେମାନେ ଅଧିକାରୀ ହୋଇଥିଲେ ମଧ୍ୟ ଏନଟିପିସି କର୍ତ୍ତୃପକ୍ଷ ଦିନକୁ ଦିନ ଏହାକୁ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏନଟିପିସିର ଟାଳଟୁଳ ନୀତିକୁ ବିରୋଧ କରି ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ସେମାନେ କହିଛନ୍ତି । ଆନ୍ଦୋଳନ ଯୋଗୁଁ କିଛି ସମୟ ପର୍ଯ୍ୟନ୍ତ ଏନଟିପିସିକୁ କୋଇଲା ଯୋଗାଣ ବାଧାପ୍ରାପ୍ତ ହୋଇଥିଲା । ଧାରଣାସ୍ଥଳରେ ଏନଟିପିସିର ମାନବ ସମ୍ପଦ ବରିଷ୍ଠ ଅଧିକାରୀ ସୁଜିତ ରଥ, ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ ଓ ଏନଟିପିସି ଥାନା ଆଇଆଇସି ସଂଯୁକ୍ତା ଖିଲାର ପହଞ୍ଚି ତାଳଚେର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ କରି ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧରଣା ପ୍ରତ୍ୟାହୃତ ହୋଇଥିଲା । ଧରଣାରେ ରଶ୍ମିତା ନାଏକ, ବିନ୍ଦୁସାଗର ପାଣି, ହୃଷୀକେଶ ପାଣି, ମୋନାଲିସା ପ୍ରଧାନ, ସବିତାରାଣୀ ପ୍ରଧାନ, ଶୁଭଲକ୍ଷ୍ମୀ ପ୍ରଧାନଙ୍କ ସହ ଅନ୍ୟ ଜମିହରା ପରିବାର ସାମିଲ ହୋଇଥିଲେ ।

### ରନ୍ଧନ ଗ୍ୟାସ୍, ଖାଇବା ତେଲର ମୂଲ୍ୟବୃଦ୍ଧି

# ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ସମାବେଶ

**ଅନୁଗୋଳ,୨୫ ।୩(ସମିସ):**






ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଭୀଷିକା ଆଳରେ ରନ୍ଧନ ଗ୍ୟାସ୍, ଖାଇବା ତେଲ ସମେତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ଯୋଗୁଁ ସାଧାରଣ ମଣିଷର ଜୀବନ ଜୀବିକା ବହୁ ଭାବରେ ପ୍ରଭାବିତ ହୋଇଛି । ରନ୍ଧନ ଗ୍ୟାସ୍ ଓ ଖାଇବା ତେଲ ମୂଲ୍ୟବୃଦ୍ଧି ରୋକିବାରେ ସରକାର ବିଫଳ ହୋଇଛନ୍ତି । ସରକାରଙ୍କର ବିଫଳତା ଓ ଜନବିରୋଧୀ ନୀତି ପ୍ରତିବାଦରେ ବୁଧବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି । ରନ୍ଧନ ଗ୍ୟାସ୍, ଖାଇବା ତେଲ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ପ୍ରତ୍ୟାହାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର, କର୍ମଚାରୀ ନିଯୁକ୍ତି ସହ ଆନୁଷଙ୍ଗିକ ଉପକରଣ ଯୋଗାଇଦେବା, ପରିବହନ ବିଭାଗ ପକ୍ଷରୁ ଯାନବାହାନ ଉପରେ ପ୍ରଦୂଷଣ ଓ ବିଭିନ୍ନ ଆଳରେ ଟିକସ ଆଦାୟ ଏବଂ ଜୁଲୁମ୍ ବନ୍ଦ, ବିଦ୍ୟୁତ୍ ସେବା କ୍ଷେତ୍ରରେ ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ବନ୍ଦ, ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ରିଆତି ମୂଲ୍ୟରେ ବିଦ୍ୟୁତ୍ ସେବା ଯୋଗାଇଦେବା, ସମସ୍ତ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଚଳାଚଳ କରାଇବା, ବର୍ଦ୍ଧିତ ବସ୍ ଭଡ଼ା ପ୍ରତ୍ୟାହାର, ଜିଲ୍ଲାରେ ଖଣି, ଶିଳ୍ପସଂସ୍ଥା ଦ୍ୱାରା ହେଉଥିବା ପ୍ରଦୂଷଣକୁ ବୈଜ୍ଞାନିକ ପ୍ରଣାଳୀରେ ନିୟନ୍ତ୍ରଣ କରାଯିବା, ସ୍ଥାନୀୟ ଖଣି, କାରଖାନାରେ କ୍ଷତିଗ୍ରସ୍ତ ବିସ୍ଥାପିତ ପରିବାରର ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି, ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଖଣି ଓ କାରଖାନାର ମାଲ୍ ବୋଝେଇ ଭାରୀଯାନ ଚଳାଚଳ ବନ୍ଦ, କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କରିଡର ନିର୍ମାଣ, ଜିଲ୍ଲାରେ ପ୍ରସ୍ତାବିତ ସୁରେଶ୍ୱରୀ, ଧଉରାଗୋଠ ସମେତ ସମସ୍ତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବ ବନ୍ଦ କରି କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା, ମଦ, ଡ୍ରଗ୍ସ, ଅଶ୍ଳୀଳତା, ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ, ଛାତ୍ରୀ ଓ ମହିଳାମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଆଦି ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ ପାଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି । ଶତାଧିକ ପୁରୁଷ ମହିଳା ଶୋଭାଯାତ୍ରାରେ ଗୋପବନ୍ଧୁ ପାର୍କଠାରୁ ବାହାରି ଅନୁଗୋଳ ବଜାର, ପୁରୁଣା ବସଷ୍ଟାଣ୍ଡ, କାଞ୍ଚନ ଟକିଜ୍ ଛକ ଦେଇ ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲେ । ସେଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ବ୍ରଜବନ୍ଧୁ ସାହୁ, ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ସଞ୍ଜୟ ସାହୁ, ରଣଜିତ ପ୍ରଧାନ, ସରୋଜିନୀ ନାୟକ, ମାନସୀ ସ୍ୱାଇଁ, ପରମାନନ୍ଦ ସାହୁ, ଟୁନା ନାଏକ, ଚିତ୍ତରଞ୍ଜନ ମେଣ୍ଡୁଲି, ପରିବେଶବିତ୍ ପ୍ରମୋଦ ବେହେରା ପ୍ରମୁଖ ବକ୍ତବ୍ୟ ସରକାର ଓ ପ୍ରଶାସନର ଅପାରଗତାକୁ ତୀବ୍ର ସମାଲୋଚନା କରିଥିଲେ । ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ଦାବି ସମ୍ପର୍କରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ■ ପିଲାଚୋର ସନ୍ଦେହରେ ଗାଡ଼ି ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ମାମଲା ରୁଜୁ, ୩ କୋର୍ଟ ଚାଲାଣ

**ପାଲଲହଡ଼ା,୨୫ ।୩(ସମିସ):** ପିଲାଚୋର ସନ୍ଦେହରେ ଗାଡ଼ି ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପାଲଲହଡ଼ା ଥାନା ପୁଲିସ ୧୧ ଯୁବକଙ୍କ ସମେତ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରି ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାଲଲହଡ଼ା ଅଞ୍ଚଳର ସମ୍ବିତ ସାହୁ, ସୁମନ ବିଶ୍ୱାଳ ଏବଂ ଅର୍ଜୁନ ସୋନକର । ପୁଲିସ ଘଟଣାକୁ ଗୁରୁତ୍ୱର ସହିତ ଗ୍ରହଣ କରି ତଦନ୍ତ ଜାରି ରଖିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରଖିଛି ।

ଗତ ସୋମବାର ରାତି ୯ଟାରେ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଜଗମୋହନପୁର ଅଞ୍ଚଳରୁ ପିଲା ଚୋରି କରି ଏକ କଳା ରଙ୍ଗର ଟାଟା ହ୍ୟାରିଅର ଗାଡ଼ିରେ ନେଉଥିବା ଖବର ପ୍ରଚାରିତ ହୋଇଥିଲା । ସେହି ଅଞ୍ଚଳର ଯୁବକମାନେ ଗାଡ଼ିର ପିଛା କରି ସ୍ଥାନୀୟ ଯୁବକମାନଙ୍କ ସହାୟତାରେ ଗାଡ଼ିକୁ ଅଟକ ରଖିଥିଲେ । ତେବେ ଉକ୍ତ ଗାଡ଼ିକୁ କେବଳ ଜଣେ ଯୁବକ ଚଳାଉଥିବା ବେଳେ କୌଣସି ପିଲା କିମ୍ବା ଶିଶୁ ସେଥିରେ ନ ଥିଲେ । ପୁଲିସ ମଧ୍ୟ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ମାତ୍ର ପିଲାଚୋରି ଘଟଣା ଶୁଣି ଉତକ୍ଷିପ୍ତ ଯୁବ ଗୋଷ୍ଠୀ ଅତି ଅମାନୁଷିକ ଭାବେ ପୁଲିସ ଉପସ୍ଥିତିରେ ଗାଡ଼ି ଚାଳକଙ୍କୁ ମାଡ଼ମାରି ଲହୁଲୁହାଣ କରିଥିଲେ । ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଏଭଳି ଅମାନୁଷିକ କାର୍ଯ୍ୟ ଚାଲିଥିଲା ବେଳେ ଭିଡ଼କୁ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହୋଇଥିଲା । ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ଭିଡ଼ରୁ ଗାଡ଼ି ଚାଳକଙ୍କୁ ଉଦ୍ଧାର କରି ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଦୀର୍ଘ ସମୟ ପରେ ମଧ୍ୟ ପିଲା ଚୋରି ସମ୍ପର୍କିତ କୌଣସି ପ୍ରମାଣ ମିଳି ନ ଥିଲା । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଗିରଫଦାରି ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି ।

## ଟ୍ରେନ୍‌ରୁ କୋଇଲା ଚୋରି; ୫ ଗିରଫ

**ବଅଁରପାଳ,୨୫ ।୩(ସମିସ):** ବଅଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତ ବୈଦ୍ୟନାଥପୁର ଦେଇ ଯାଉଥିବା କୋଇଲା ଟ୍ରେନରୁ କୋଇଲା ଚୋରି ଅଭିଯୋଗରେ ବଅଁରପାଳ ଥାନା ପୁଲିସ୍ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବୈଦ୍ୟନାଥପୁର ଗ୍ରାମର ନବ ପ୍ରଧାନ (୨୩), ପାପୁନ ପ୍ରଧାନ (୨୪), ସିପୁନ ବେହେରା (୨୨), ବୁଢ଼ାପଙ୍କର ପ୍ରଭଞ୍ଜନ ମହାନ୍ତି (୩୧) ଓ ବିଟ ପ୍ରଧାନ (୪୫) । ସୋମବାର ରାତି ୧୦ଟାରେ ନାଲ୍‌କୋର ନିଜସ୍ୱ ଟ୍ରେନ୍‌ରେ ବୁଢାପଙ୍କ ରେଲ୍‌ୱେ ଷ୍ଟେସନରୁ ଏକ କୋଇଲା ବୋଝେଇ ଟ୍ରେନ୍ ନାଲ୍‌କୋ ଅଭିମୁଖେ ଯାଉଥିଲା । ବୈଦ୍ୟନାଥପୁର ରେଳ ଧାରଣା ପାଖରେ ଅଭିଯୁକ୍ତମାନେ ହୋସ୍ ପାଇପ କାଟି ଟ୍ରେନ୍‌କୁ ଦୀର୍ଘ ସମୟ ଅଟକାଇ କୋଇଲା ଚୋରି କରିଥିଲେ । ଖବରପାଇ ପୁଲିସ୍ ଅତର୍କିତ ଚଢ଼ଉ କରି ପାଞ୍ଚଜଣଙ୍କୁ କାବୁ କରି ଥାନାକୁ ଆଣିଥିଲା । ସେମାନଙ୍କ ବିରୋଧରେ ମାମଲା ରୁଜୁକରି ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି ।

## ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ପର୍ଶୁମାଳ ଚାମ୍ପିଅନ

**ଆଠମଲ୍ଲିକ,୨୫ ।୩(ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଖେଳ ପଡ଼ିଆରେ ଚାଲିଥିବା ଉତ୍ତମ ମେମୋରିଆଲ ଠାକୁରଗଡ଼ କପ୍ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ପର୍ଶୁମାଳ ଓ ସାନହୁଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପର୍ଶୁମାଳ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।




ଅମ୍ପାୟର ଜିତେନ୍ଦ୍ର ଦେହୁରୀ, ସୁନୀଲ ଲହରା ଓ ପ୍ରବୀଣ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । ଜନ୍ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ପିଣ୍ଟୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସନ୍ତୋଷ ସାହୁ, ଶୁଭକାନ୍ତ ପ୍ରଧାନ, ସୌରଭ ମିଶ୍ର, ବିଭୁପ୍ରସାଦ ସେନାପତି, ଅଖିଳ ମଇଉଁଦିନ ଓ ଯୁବ ସାମ୍ବାଦିକ ଧନଞ୍ଜୟ ନାୟକ ଯୋଗଦେଇଥିଲେ । ଅତିଥିମାନେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫ ହଜାର ୫୫୫ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୫ ହଜାର ୫୫୫ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆୟୋଜକ ଦଳର ଶକ୍ତି, ପିଣ୍ଟୁ, ଲିଟୁ, କାହ୍ନୁ, ସିପୁନ, ସିଲନ, ହିମାଂଶୁ, ଲିଙ୍କୁ, ବାପୁନି, ରାଜା, ଚିନୁ, ଶ୍ରୀନୁ ଓ ପ୍ରବୀଣ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ବଅଁରପାଳରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ




**ବଅଁରପାଳ,୨୫ ।୩(ସମିସ):** ବଅଁରପାଳ ତହସିଲ ଅଫିସ ସମ୍ମୁଖ ଡେଲି ମାର୍କେଟରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି । ମଙ୍ଗଳବାର କଳସ ଯାତ୍ରା ସହ ନୂତନ ମଣ୍ଡପ ପ୍ରତିଷ୍ଠା ଓ ପୂଜାରମ୍ଭ ହୋଇଥିଲା । ବୁଧବାର ସୂର୍ଯ୍ୟପୂଜା, ମା'ଙ୍କ ଚକ୍ଷୁଦାନ, ଜୀବନ୍ୟାସ ସହ ସପ୍ତମୀ ବିହିତ ଷୋଡ଼ଶ ଉପଚାର ପୂଜା, ଦିବା ୨ଟାରେ ପୁଷ୍ପାଞ୍ଜଳି ଦିଆଯାଇଥିଲା । ବଅଁରପାଳ ଅଞ୍ଚଳରେ ମଣ୍ଡପରେ ବାସନ୍ତିକ ଦୁର୍ଗାପୂଜା ହେଉଥିବାରୁ ଲୋକେ ଆନନ୍ଦ ଉଲ୍ଲାସରେ ମା'ଙ୍କ ପୂଜା ଆରାଧନା ସହ ସନ୍ଧ୍ୟା ଦର୍ଶନ କରୁଛନ୍ତି । ମଣ୍ଡପକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି । ପେଣ୍ଡାଲକୁ ଆଲୋକ ଓ ଫୁଲରେ ସଜ୍ଜିତ କରାଯାଇଛି । ଏହି ପୂଜା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

### ଲୋକସଭାରେ ଦାବି ଉଠାଇଲେ ସାଂସଦ

## ଚଳିତ ବର୍ଷରୁ ଜାତୀୟ ଜଳମାର୍ଗ ୫ କାର୍ଯ୍ୟ ଆରମ୍ଭ ହେଉ

**ଅନୁଗୋଳ,୨୫ ।୩(ସମିସ):** ସାଂସଦ ରୁଦ୍ରନାରାୟଣ ପାଣି ବୁଧବାର ଲୋକସଭାରେ ଜାତୀୟ ଜଳମାର୍ଗ କାର୍ଯ୍ୟର ଅଗ୍ରଗତି ବିଷୟ ଉତ୍ଥାପନ କରିଛନ୍ତି । ଚଳିତ ବର୍ଷରୁ ଦ୍ରୁତ ଗତିରେ କାର୍ଯ୍ୟ ଆରମ୍ଭ କରାଯିବକୁ ସେ ଦାବି କରିଛନ୍ତି । ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀରେ ତାଳଚେରରୁ ଜାତୀୟ ଜଳପଥ-୫ ଆରମ୍ଭ କରିବାର ପ୍ରସ୍ତାବ ଶତାବ୍ଦୀ ଆରମ୍ଭରୁ ଆଲୋଚନାର ବିଷୟ ହୋଇଆସିଛି । ଏଥର



ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣରେ ଏହି ବିଷୟକୁ ପ୍ରମୁଖ ଭାବରେ ଉଲ୍ଲେଖ କରାଯାଇଛି । ଲୋକଙ୍କ ମଧ୍ୟରେ ଏକ ପ୍ରଚଳିତ ଆଶା ରହିଛି ଯେ ଏହି ଜଳପଥ ପ୍ରକଳ୍ପ ସମଲ ବ୍ୟାରେଜରୁ ଧାମରା/ପାରାଦୀପ ପର୍ଯ୍ୟନ୍ତ ବିସ୍ତାର କରିବ । ବାଜପେୟୀ ସରକାରଙ୍କ କାର୍ଯ୍ୟକାଳରେ ତତ୍କାଳୀନ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଏହି ପ୍ରକଳ୍ପ ସମ୍ପର୍କରେ କାର୍ଯ୍ୟ ଆରମ୍ଭ କରିଥିଲେ । ବର୍ତ୍ତମାନ କାର୍ଯ୍ୟର ପ୍ରକୃତ କାର୍ଯ୍ୟାନ୍ୱୟନ ଆରମ୍ଭ କରିବାର ସମୟ ଆସିଛି । ଏହି ମାର୍ଗରେ ବ୍ରାହ୍ମଣୀ ନଦୀରେ ନିର୍ମାଣ ହେବାକୁ ପ୍ରସ୍ତାବିତ ଯେକୌଣସି ସେତୁ ସମ୍ପର୍କରେ, ଯୋଜନା ପ୍ରକ୍ରିୟାରେ ଜଳପଥ ପାଇଁ ଆବଶ୍ୟକ ଉପଯୁକ୍ତ ଭୂଲମ୍ବ କ୍ଲିୟରାନ୍ସରେ ସେଗୁଡ଼ିକୁ ନିର୍ମାଣ କରିବାର ଆବଶ୍ୟକତାକୁ ତୁରନ୍ତ ଅନ୍ତର୍ଭୁକ୍ତ କରାଯିବା ଉଚିତ । କାର୍ଯ୍ୟଟି ଜରୁରୀକାଳୀନ ଭିତ୍ତିରେ ଆଗକୁ ବଢ଼ିବା ଉଚିତ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ନଦୀର ଉଭୟ କୂଳରେ ରହୁଥିବା ବାସିନ୍ଦାମାନଙ୍କୁ ସକ୍ରିୟ ଭାବରେ ନିୟୋଜିତ କରାଯିବା ଉଚିତ । ଏହାବ୍ୟତୀତ ଏହି ଜଳପଥ ପ୍ରକଳ୍ପର କାର୍ଯ୍ୟକ୍ଷମତା ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ସେହି ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦିଆଯିବା ଉଚିତ ଯାହାଙ୍କ ଜୀବିକା ବର୍ତ୍ତମାନ ସଡ଼କ ଆଧାରିତ ଟ୍ରକ୍ ପରିବହନ ଉପରେ ନିର୍ଭରଶୀଳ ବୋଲି ସାଂସଦ ପାଣି ଲୋକସଭାରେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଧଉରାଗୋଠ ଜଳସେଚନ ଯୋଜନା କାର୍ଯ୍ୟକାରୀ ଦାବି

**ଅନୁଗୋଳ,୨୫ ।୩(ସମିସ):**

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର





ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର କୃଷିବହୁଳ ଆଠମଲ୍ଲିକ ଉପଖଣ୍ଡର ମରୁଡ଼ି ପ୍ରବଣ ଅଞ୍ଚଳର ଚାଷଜମିକୁ ଜଳସେଚନ ପାଇଁ ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବାକୁ କୃଷିଜୀବୀମାନେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ ହେଲେ ଆଠମଲ୍ଲିକ ଉପଖଣ୍ଡ ୫ ପଞ୍ଚାୟତ ଅନ୍ତର୍ଗତ ୨୨ ଗ୍ରାମର ୧୦ ହଜାର ଏକରରୁ ଅଧିକ ଚାଷଜମି ଜଳସେଚିତ ହୋଇପାରିବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ୨୦୦୭ରେ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ସେ ସମୟରେ ପ୍ରାୟ ୬୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଦୀର୍ଘ ୨୦ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଚାଷୀଙ୍କ ପାଇଁ ବହୁ ଯୋଜନା କରୁଥିବାବେଳେ ଦୀର୍ଘଦିନ ଧରି ଉପେକ୍ଷିତ ଧଉରାଗୋଠ ଜଳସେଚନ ଯୋଜନା କାର୍ଯ୍ୟକାରୀ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସରକାରଙ୍କ ଚାଷୀମାରଣ ନୀତିର ପ୍ରତିଫଳନ ବୋଲି ଧଉରାଗୋଠ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ପ୍ରକାଶ କରିଛି । ଏହି ପ୍ରକଳ୍ପ ଅବିଳମ୍ବେ କାର୍ଯ୍ୟକାରୀ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ କମିଟି ଉପଦେଷ୍ଟା ତୀର୍ଥବାସୀ ଭୋଇ, ସମ୍ପାଦକ ବିଦ୍ୟାଧର ଧଳ, ଉପସଭାପତି ବିମ୍ବାଧର ପ୍ରଧାନ, ମହେଶ୍ୱର ବେହେରା, କଳ୍ପତରୁ ପ୍ରଧାନ, ଚକ୍ରଧର ପ୍ରଧାନ, ଅଭିମନ୍ୟୁ ନାୟକ, ବୈଷ୍ଣବ ବେହେରା, କୁମର ପ୍ରଧାନ, ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



୰ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ । ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି । ତୁମକୁ ମୋକ୍ଷଗତି ମିଳୁ । ଠାକୁରଙ୍କୁ ଡାକୁଛୁ ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ, ଅଣନାତିନାତୁଣୀମାନେ

# ଭୁବନେଶ୍ୱର ସିଟି



## ଟେଷ୍ଟ ଡ୍ରାଇଭ୍ ପାଇଁ ଆସି ଫସିଲେ ଶୋରୁମ୍ କର୍ମଚାରୀ

# ବନ୍ଧୁକ ଦେଖାଇ ନେଇଗଲେ ଡିଫେଣ୍ଡର୍

ଭୁବନେଶ୍ୱର, ୨୫।୩ (ସମିସ): ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ଟେଷ୍ଟ ଡ୍ରାଇଭ୍ ଆଳରେ କାର୍ ଲୁଟିଥିବା ବେଳେ ଆଜି ପୁଣି ସମାନ ଘଟଣା ଘଟିଛି। ଏଥର କ୍ରେତା ନୁହେଁ, ମୁଣ୍ଡରେ ବନ୍ଧୁକ ଲଗାଇ ସିଧାସଳଖ ଡିଫେଣ୍ଡର ଲୁଟି ନେଇଛନ୍ତି ଦୁର୍ବୃତ୍ତ। କେବଳ କାର୍ ନେଇନାହାନ୍ତି, ବରଂ ମହିଳା ସେଲ୍ସ ଅଫିସରଙ୍କୁ ଅସଦାଚରଣ କରିବା ସହ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇ ଯାଇଛନ୍ତି। ଭରତପୁର ଥାନା



- ଓୟୋରେ ଗୃହବନ୍ଦୀ କରି ରଖିଥିଲେ
- ମହିଳା ସେଲ୍ସ ଅଫିସରଙ୍କୁ ଅସଦାଚରଣ
- ୧ ଲକ୍ଷ ୫୬ ହଜାର ଟଙ୍କା ବି ନେଇଗଲେ
- ସେଲ୍ଫ ଡ୍ରାଇଭ୍ ଗାଡ଼ି ଛାଡ଼ି ଲୁଟେରା ପାର୍
- ଅଭିଯୋଗ ପରେ ସିସିଟିଭି ଅଣ୍ଡାଳୁଛି ପୁଲିସ

ଷ୍ଟୁଡିଓ ଛକରେ ଏଭଳି ଘଟଣା ଘଟିଛି। ଏମ୍ପେରିଓ ପ୍ରେଷ୍ଟିଜ୍ ଶୋରୁମ୍ ମ୍ୟାନେଜର ଗୌତମ ସିହ୍ନା ଏନେଇ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତକାଲି ଆକାଶ ପଣ୍ଡା ନାମକ ଜଣେ ଯୁବକ ଫୁଲନଖରାସ୍ଥିତ ଏମ୍ପେରିଓ ପ୍ରେଷ୍ଟିଜ୍ ଶୋରୁମକୁ କଲ୍ କରି ଡିଫେଣ୍ଡର କିଣିବାକୁ ଚାହୁଁଥିବା ବେଳେ ଟେଷ୍ଟ ଡ୍ରାଇଭ୍ ଆବଶ୍ୟକ ବୋଲି କହିଥିଲା। ବୁଧବାର ମଧ୍ୟାହ୍ନରେ ସେଲ୍ସ ମ୍ୟାନ୍ ସନ୍ତୋଷ ନାୟକ, ଜଣେ ମହିଳା ସେଲ୍ସ ଅଫିସର ଓ ଡ୍ରାଇଭର ଡିଫେଣ୍ଡର ଗାଡ଼ି ନେଇ ଷ୍ଟୁଡିଓ ଛକରେ ପହଞ୍ଚିଥିଲେ। ପୂର୍ବ ଯୋଜନା ମୁତାବକ ଆକାଶ ଓ ତା'ର ସହଯୋଗୀ ଏକ କାର୍ ଯୋଗେ ଆସି ସେମାନଙ୍କୁ ନିକଟରେ ଥିବା ଓୟୋକୁ ନେଇ ଯାଇଥିଲେ। ସେଠାକୁ ଯିବାପରେ ସନ୍ତୋଷ ଓ ଡ୍ରାଇଭରକୁ ପ୍ରଥମ ମହଲାରେ ଥିବା ରୁମକୁ ନେଇ ଯାଇଥିଲେ। ସେଠାରେ ୪ ଜଣ ଅଣ ଓଡ଼ିଆ ଓ ଜଣେ ଓଡ଼ିଆ ଥିଲେ। ପ୍ରଥମେ ଖାଇବାକୁ ଦେଇ ପରେ ନିର୍ଘୁମ ମାଡ଼ ମାରି ସନ୍ତୋଷଙ୍କ ଠାରୁ ୬ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏହାପରେ ସନ୍ତୋଷଙ୍କ ଦ୍ୱାରା ମହିଳା ସେଲ୍ସ ଅଫିସରଙ୍କୁ କୋଠରିକୁ ଡାକି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ୩ ଜଣଙ୍କୁ ବନ୍ଧୁକ ମୁନରେ ଗୃହବନ୍ଦୀ କରି ରଖିଥିଲେ।

ଏହାପରେ ଗୌତମଙ୍କୁ କଲ୍ କରି ଗାଡ଼ି ପସନ୍ଦ ହୋଇଛି ବୋଲି କହିବା ସହ ଆପଣ ଆସିଲେ ବ୍ୟାଙ୍କ୍ ଚେକ୍ ଦିଆଯିବ ବୋଲି କହିଥିଲେ। ଗୌତମ ମଧ୍ୟ ସେମାନଙ୍କ କଥାକୁ ସହଜରେ ବିଶ୍ୱାସ କରି ସେହି ଓୟୋରେ ପହଞ୍ଚିଥିଲେ। ଲୁଟେରାମାନେ ତାଙ୍କୁ ତଳ ମହଲାରେ ଥିବା ଏକ ରୁମକୁ ନେଇ ବନ୍ଦୀ କରି ଦେଇଥିଲେ। ମୁଣ୍ଡରେ ବନ୍ଧୁକ ଲଗାଇ ୟୁପିଆଇ ଓ ଆକାଉଣ୍ଟ ମାଧ୍ୟମରେ ଏକଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଟଙ୍କା ଲୁଟିବା ପରେ ଦୁଇଟି ଯାକ ରୁମରେ ୪ ଜଣ କର୍ମଚାରୀଙ୍କୁ ବନ୍ଦୀ କରି ଡିଫେଣ୍ଡର ନେଇ ଫେରାର ହୋଇ ଯାଇଥିଲେ।

ଲୁଟେରାମାନେ ଯିବାପରେ କର୍ମଚାରୀମାନେ କୌଣସିମତେ ରୁମରୁ ବାହାରି ଭରତପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳକୁ ଯାଇ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା। ଲୁଟେରାମାନେ ଛାଡ଼ି ଯାଇଥିବା ଏକ ଭର୍ନା କାରକୁ ପୁଲିସ ଜବତ କରିଥିଲା। ଲୁଟେରାମାନେ କାରଟିକୁ ବରମୁଣ୍ଡା ଅଞ୍ଚଳରେ ଏକ ସେଲ୍ଫ ଡ୍ରାଇଭ୍ ଜୋନରୁ ଭଡ଼ାରେ ଆଣିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଓଡ଼ିଶାରେ କାର୍; ୟୁକେରୁ ଅଚଳ

ଡିଫେଣ୍ଡର ଗାଡ଼ିଟି ଚୋରି ହେବା ପରେ ଭୁବନେଶ୍ୱରରେ ଥିବା କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ୟୁକେସ୍ଥିତି କାର୍ଯ୍ୟାଳୟ ସହ ଯୋଗ ଯୋଗ କରିଥିଲେ। ଲ୍ୟାଣ୍ଡ ରୋଭରର ଉନ୍ନତ ସୁରକ୍ଷା ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଜାଗୁଆର୍ ଓ ଲ୍ୟାଣ୍ଡ ରୋଭର୍ ୟୁକେ ଓ ଭାରତ ସମନ୍ୱୟରେ ଲୁଟ୍ ଗାଡ଼ିର ଇଞ୍ଜିନ ଅଚଳ କରି ଦେଇଥିଲେ। ଫଳରେ ଗାଡ଼ି ଆଉ ଆଗକୁ ବଢ଼ି ନ ଥିଲା। ଖୋର୍ଦ୍ଧା ଗୋଡ଼ିପଡ଼ା ନିକଟରେ ଗାଡ଼ିକୁ ଛାଡ଼ି ଲୁଟେରା ଫେରାର ହୋଇ ଯାଇଥିବା ବେଳେ ପୁଲିସ ଗାଡ଼ିକୁ ଜବତ କରିଛି।

## ବୋଲେରୋ ପିକ୍ଅପ୍ ଚୋରି; ୨ ଗିରଫ



ହଂସପାଳ, ୨୫।୩(ସମିସ): ହଂସପାଳ ଅଭୟମୁଖି ରାସ୍ତା ବାଲିଅନ୍ତା ମାଟିକୋଟ ନିକଟରୁ ଚୋରି ହୋଇଥିବା ବୋଲେରୋ ପିକଅପ୍ ଗାଡ଼ି କୁ ଅଭିଯୋଗକାରୀ ଦିଲ୍ଲୀପ ସିଂହ (୫୬)ଙ୍କ ଲିଖିତ ରିପୋର୍ଟ ଆଧାରରେ ବାଲିଅନ୍ତା ଥାନା ପୋଲିସ ଖଣ୍ଡଗିରି ଥାନା ଯଦୁପୁର ଗ୍ରାମର ମୁମ୍ ତାଜ ଖାଁ (୨୦), ଖୋର୍ଦ୍ଧା ଜିଲ୍ଲା ମୁକୁନ୍ଦ ପ୍ରସାଦ ଗ୍ରାମର ସମୀର ଖାଁ (୨୧) କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ ଗତ ୧୯ ତାରିଖ ରାତି ପ୍ରାୟ ସାଢ଼େ ୨ଟାରେ ଅଜ୍ଞାତ ଅପରାଧୀମାନେ ଅଭିଯୋଗକାରୀଙ୍କ ଗୋଦାମ ସମ୍ମୁଖରେ ପାର୍କିଂ ହୋଇଥିବା ଏକ ମହିନ୍ଦ୍ରା ବୋଲେରୋ ପିକଅପ୍ ଗାଡ଼ି ଚୋରି କରିଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ବିଶ୍ଳେଷଣରୁ ଚୋରି ଗାଡ଼ିକୁ ଏସ୍କର୍ଟ କରିବା ପାଇଁ ବ୍ୟବହୃତ ଏକ ମହିନ୍ଦ୍ରା ଥର ଗାଡ଼ିର ସମ୍ପୃକ୍ତି ଜଣାପଡ଼ିଥିଲା, ଯାହାର ରେଜିଷ୍ଟ୍ରେସନ୍ ପ୍ଲେଟ୍ ନଷ୍ଟ ହୋଇଥିଲା। ପରବର୍ତ୍ତୀ ତଦନ୍ତରେ କଳିଙ୍ଗ ନଗରର ଏକ ଭଡ଼ା ଏଜେନ୍ସିରୁ ଗାଡ଼ି ଭଡ଼ା ରେକର୍ଡ ଯାଞ୍ଚ କରି ଅଭିଯୁକ୍ତ ମୁମତାଜ ଖାନଙ୍କୁ ଚିହ୍ନଟ କରାଯାଇଥିଲା। ଭଡ଼ା ନିଆଯାଇଥିବା ଥର ଗାଡ଼ିର ଜିପିଏସ ତଥ୍ୟ ଘଟଣାସ୍ଥଳ ସହିତ ମେଳ ଖାଇଥିଲା। ଗିରଫ ପରେ, ମୁମତାଜ ତାଙ୍କର ସମ୍ପୃକ୍ତି ସ୍ୱୀକାର କରି ସହ-ଅଭିଯୁକ୍ତ ସମୀରଙ୍କ ନାମ ପ୍ରକାଶ କରିଥିଲେ। ଉଭୟ ଅଭିଯୁକ୍ତ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଚୋରି କରି ଚିହ୍ନଟ ଏଡାଇବା ପାଇଁ ନମ୍ବର ପ୍ଲେଟ ପରିବର୍ତ୍ତନ କରି ପରେ ଗାଡ଼ିଗୁଡ଼ିକୁ ଭିନ୍ନ ସ୍ଥାନରେ ଛାଡ଼ି ଦେଇଥିବା କଥା ସ୍ୱୀକାର କରିଥିଲେ। ପରେ ବିଶ୍ୱସ୍ତ ସୂଚନା ଆଧାରରେ ସମୀରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

ଅଭିଯୁକ୍ତମାନେ ପୋଲିସ ଦଳକୁ ଏମ୍ସ କାଜୁ ଫିଲ୍ଡ, ପୋଖରିପୁଟ ଏବଂ ଇନଫୋସିଟି ଅଞ୍ଚଳ ନିକଟରୁ ଚୋରି ହୋଇଥିବା ମହିନ୍ଦ୍ରା ବୋଲେରୋ ପିକଅପ୍ ସହିତ ଅନ୍ୟ ଏକ ଚୋରି ହୋଇଥିବା ବୋଲେରୋ ଏବଂ ଏକ ସେଭ୍ରୋଲେଟ୍ ଟାଭେରା ଗାଡ଼ି ଉଦ୍ଧାର କରିବାକୁ ନେଇ ଯାଇଥିଲେ। ଅପରାଧରେ ବ୍ୟବହୃତ ଏସ୍କର୍ଟ ଗାଡ଼ି (ମହିନ୍ଦ୍ରା ଥର) ମଧ୍ୟ ଜବତ କରାଯାଇଥିଲା। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

■ ଧକ୍କା ଦେଇ ଅଭିଯୁକ୍ତ ଖସିଯିବା ଘଟଣା

## ମିଳିଲାନି ଅଭିଯୁକ୍ତ; ଫେରିଗଲା ବେଙ୍ଗାଲୁରୁ ପୁଲିସ

ଭୁବନେଶ୍ୱର, ୨୫।୩ (ସମିସ): ଗଞ୍ଜେଇ ଚାଲାଣ ମାମଲାର ବର୍ଷକ ପରେ ଅଭିଯୁକ୍ତକୁ ଧରିଥିଲା। ହେଲେ ପରିସ୍ରା ଯିବାକୁ କହି ପୁଲିସକୁ ଧକ୍କା ଦେଇ ଖସି ପଳାଇଲା। ଅଭିଯୁକ୍ତକୁ ଧରିବାକୁ ପୁଣି କନ୍ଧମାଳରେ ଡେରା ପକାଇଲା। ୪ ଦିନ ଖୋଜାଖୋଜି କରି ନମିଳିବାରୁ ଖାଲି ହାତରେ ଫେରିଗଲା ବାଙ୍ଗାଲୋର ପୁଲିସ।



- ୪ ଦିନ ଗାଁରେ ଡେରା ପକାଇ ଖାଲି ହାତରେ ଫେରିଲା
- ଗଞ୍ଜେଇ ମାମଲାରେ ବର୍ଷେ ହେବ ଫେରାର ଥିଲା
- କନ୍ଧମାଳରୁ ଧରାପଡ଼ିବା ପରେ ପୁଲିସକୁ ଧକ୍କା ଦେଇ ପଳାଇଥିଲା

ପୁରା ଘଟଣା ଥିଲା ଏମିତି, ଗତବର୍ଷ କର୍ଣ୍ଣାଟକର ବାଙ୍ଗରପେଟ୍ ରେଳବାଇ ଥାନା ଷ୍ଟେସନରୁ ବିପୁଳ ପରିମାଣର ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରିଥିଲା। ଓଡ଼ିଶାର କନ୍ଧମାଳରୁ ବାଙ୍ଗାଲୋରକୁ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। କନ୍ଧମାଳ ଖଜୁରୀପଡ଼ା ଥାନା ଅଞ୍ଚଳର ବାଦଲ ବେହେରା ହିଁ ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ବୋଲି ଜାଣିବା ପରେ ତାକୁ ଖୋଜାଖୋଜି କରିଥିଲା, ହେଲେ ପାଇନଥିଲା। ସେବେଠାରୁ ଫେରାର ବାଦଲକୁ ଧରିବା ପାଇଁ ବାଙ୍ଗାଲୋର କୋର୍ଟ ନିକଟରେ ୱାରେଣ୍ଟ ଜାରି କରିଥିଲେ।

ବାଙ୍ଗରପେଟ୍ ରେଳବାଇ ପୁଲିସ ଓ ଖଜୁରୀପଡ଼ା ଥାନା ପୁଲିସ ମିଳିତ ଚଢ଼ଉ କରି ୱାରେଣ୍ଟ ବଳରେ ବାଦଲକୁ ଗିରଫ କରିଥିଲେ। ବାଙ୍ଗରପେଟ୍ ପୁଲିସ ଅଭିଯୁକ୍ତକୁ ଧରି ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିଥିଲା। ବାଦଲ ପରିସ୍ରା କରିବାକୁ କହିବାରୁ ପୁଲିସ ତାକୁ ବାଥରୁମକୁ ନେଉଥିଲା। ସେହି ସମୟରେ ସେ ପୁଲିସକୁ ଧକ୍କା ଦେଇ ଖସି ପଳାଇଥିଲା। ଏହାପରେ ପୁଲିସ ଟିମ୍ ଜିଆରପି ଥାନାରେ ଅଭିଯୋଗ କରିବା ସହ ପୁଣିଥରେ ଖଜୁରୀପଡ଼ା ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ଏମିତିକି ୪ ଦିନ ଧରି ଗାଁରେ ଡେରା ପକାଇଥିଲା। ତଥାପି ବାଦଲର ଖୋଜ ଖବର ପାଇନଥିଲା। ଶେଷରେ ବାଙ୍ଗରପେଟ୍ ପୁଲିସ ଖାଲି ହାତରେ ବାଙ୍ଗାଲୋର ଫେରିଯାଇଛି। ଏପଟେ ଜିଆରପି ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତକୁ ଆଗେଇଛି। ବାଦଲ ପୁଲିସକୁ ଖସିଯିବା ପରେ ୟୁନିଟ୍ ୩ ଦେଇ ବାଣୀବିହାର ଆଡ଼କୁ ପଳାଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ପଥ ପ୍ରସ୍ତୁତ; ଆଜି ଗଡ଼ିବ ରୁକୁଣା ରଥ

ଭୁବନେଶ୍ୱର, ୨୫ ।୩(ସମିସ): ରୁକୁଣା ରଥ ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ପୁରୁଣା ଭୁବନେଶ୍ୱର। ବୁଧବାର ସପ୍ତମୀ ତିଥିରେ ଭୁବନେଶ୍ୱରୀଙ୍କ ନବରାତ୍ରି ପୂଜା ସରିବା ପରେ ରଥଖଳାରେ ରଥ ପ୍ରତିଷ୍ଠା କରାଯିବା ନେଇ ମୁକ୍ତେଶ୍ୱର ପୀଠରୁ ମରୀଚି କୁଣ୍ଡର ପାଣି ପତ୍ରୀ ସେବାୟତ ରଥଖଳାରେ ପହଞ୍ଚାଇଥିଲେ। ପରେ ମନ୍ଦିର କୁଳ ପୁରୋହିତ, ରାଜଗୁରୁ ଏବଂ ୧୮

■ ୫ଦିନ ପାଇଁ ରାମେଶ୍ୱର ମନ୍ଦିର ଯିବେ ମହାପ୍ରଭୁ

କ୍ଷେତ୍ରବାସୀ ସେବାୟତଙ୍କୁ ନେଇ ରଥ ପ୍ରତିଷ୍ଠା କାର୍ଯ୍ୟ ବଢ଼ିବା ସହ ନେତ ପୂଜା କରାଯାଇଥିଲା ଏବଂ ରଥ ଚୂଡ଼ାରେ ନେତ ଲାଗି ହୋଇଥିଲା।

ଅଶୋକାଷ୍ଟମୀ ବା ରୁକୁଣା ରଥଯାତ୍ରାରେ ଗୁରୁବାର ପ୍ରଭୁ ଶ୍ରୀଲିଙ୍ଗରାଜ ଦେବଦଳନ ରଥ ବା ରୁକୁଣା ରଥରେ ବସି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିବେ। ରଥରେ ପ୍ରଭୁ ଲିଙ୍ଗରାଜ (ଚନ୍ଦ୍ରଶେଖର), ଦେବୀ ଦୁର୍ଗା ଓ ପ୍ରଭୁ ଦୋଳଗୋବିନ୍ଦ ରହିବେ। ଏହି ରଥର ସାରଥୀ ସାଜିବେ ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମା। ପାଞ୍ଚଦିନ ପାଇଁ ପ୍ରଭୁ ରାମେଶ୍ୱର ମନ୍ଦିରରେ ଅବସ୍ଥାନ କରିବେ। ଏହି ରଥର ବିଶେଷତ୍ୱ ହେଉଛି ଏହା ଅଣଲେଉଟା। ଯେଉଁଭଳି ଭାବେ ରଥଟି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ, ସେହିଭଳି ଭାବରେ ପୁନର୍ବାର ପଛକୁ ଫେରିଥାଏ। ବିଧି ଅନୁସାରେ ରଥର ପଛପଟ ଦ୍ୱାର ଖୋଲାଯାଏ ଓ ଅଶ୍ୱଙ୍କୁ ଆଗରୁ ଖୋଲି ଆଣି ନୂଆ ଦ୍ୱାରରେ ଯୋଚାଯାଏ। ଜଗନ୍ନାଥ ମହାପ୍ରଭୁଙ୍କ ରଥ ଯେମିତି ଦକ୍ଷିଣ ମୋଡ଼ ନିଏ, ରୁକୁଣା ରଥ ସେମିତି କୌଣସି ମୋଡ଼ ନେଇନଥାଏ। ସେଥିପାଇଁ ଏହାକୁ ଅଣଲେଉଟା ବୋଲି କୁହାଯାଏ। ପ୍ରଭୁ ଲିଙ୍ଗରାଜଙ୍କର ଏହା ସ୍ୱତନ୍ତ୍ର ନୀତି।



ବାହୁଡ଼ା ଦିନ ରଥର ସମ୍ମୁଖ ଭାଗର ସାଜସଜ୍ଜାକୁ ଖୋଲି ଆଣି ପଛ ପାଶ୍ୱର୍ରେ ଲଗାଯାଏ ଓ ରଥର ପଛପାଖକୁ ସମ୍ମୁଖ କରି ଠାକୁରଙ୍କୁ ବାହୁଡ଼ାଇ ଅଣାଯାଏ। ବିଶେଷ କଥା ହେଉଛି ଏହି ରଥର ନିର୍ମାଣ ଶୈଳୀ ଏମିତି ଯେ ସମ୍ମୁଖ ଭାଗକୁ ବଦଳାଇବା ପରେ ପଛ ପାଶ୍ୱର ପୁଣି ସମ୍ମୁଖ ଭାଗ ଭଳି ପ୍ରତୀୟମାନ ହୁଏ।

### ନିଲାମ ହେଲା ମରିଚିକୁଣ୍ଡ ପାଣି

ନେତ ଉତ୍ସବରେ ନିଲାମ ହୋଇଛି ମରିଚିକୁଣ୍ଡ ପାଣି। ଚଳିତ ବର୍ଷ ମରିଚିକୁଣ୍ଡର ପାଣି ନିଲାମ ହୋଇଛି। ବୁଧବାର ବିଳମ୍ବିତ ରାତିରେ ବଡୁ ନିଯୋଗ ସେବାୟତମାନେ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ମରିଚିକୁଣ୍ଡ ପାଣିକୁ ନିଲାମ କରିଛନ୍ତି। ତେବେ ପ୍ରତିବର୍ଷ ରୁକୁଣା ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ନେତ୍ରୋତ୍ସବ ଦିନ ଏହି ପାଣି ନିଲାମ କରାଯିବାର ପରମ୍ପରା ରହିଛି। ସନ୍ତାନପ୍ରାପ୍ତି ନିମନ୍ତେ ନାରୀମାନେ ଏହି ଜଳରେ ସ୍ନାନ କରିଥାଆନ୍ତି। ଏହି ନିଲାମ ପକ୍ରିୟାରେ ଅନେକ ଶ୍ରଦ୍ଧାଳୁମାନେ ମରୀଚିକୁଣ୍ଡ ପାଣି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

ପୌରାଣିକ ତଥ୍ୟ ଅନୁସାରେ ପ୍ରଭୁ ରାମଚନ୍ଦ୍ର ମାତା ସୀତାଙ୍କୁ ଉଦ୍ଧାର କରିବାକୁ ଯାଇ ରାବଣକୁ ହତ୍ୟା କରିବାରୁ ତାଙ୍କୁ ବ୍ରହ୍ମ ହତ୍ୟା ଦୋଷ ଲାଗିଥିଲା। ଏହି ପାପରୁ ମୁକ୍ତି ପାଇବା ପାଇଁ ସେ କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶ ଅନୁସାରେ ଏକାମ୍ର କ୍ଷେତ୍ରରେ ରାମେଶ୍ୱରଠାରେ ତାଙ୍କୁ ପ୍ରତିଦିନ ପୂଜା କଲେ। ତାଙ୍କ ବ୍ରତ ଓ ଉପାସନାରେ ପ୍ରଭୁ ଲିଙ୍ଗରାଜ ସନ୍ତୁଷ୍ଟ ହୋଇ ତାଙ୍କୁ ବର ଯାଚିଥିଲେ। ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ପୁନର୍ବସୁ ନକ୍ଷତ୍ରରେ ରୁକୁଣା ରଥରେ ବସି ରାମେଶ୍ୱର ମନ୍ଦିର ଆସିବେ ବୋଲି ରାମଚନ୍ଦ୍ର ବର ମାଗିଥିଲେ। ସେହିଦିନଠାରୁ ଏହି ସ୍ୱତନ୍ତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହି ରଥର ଉଚ୍ଚତା ୫୦ ଫୁଟ ହୋଇଥିବା ବେଳେ ଏଥିରେ ୪ଟି ଚକ, ୨ଟି ଓରା, ୧୬ ନାହାକା ଓ ୫ଦଣ୍ଡା ରହିଥାଏ।

● ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ପ୍ରସଙ୍ଗ

## ଜୟଦେବ ପଞ୍ଚାୟତରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ



ବାଲିଅନ୍ତା, ୨୫।୩(ସମିସ): ରାଜ୍ୟସଭା ନିର୍ବାଚନରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ କ୍ରସ ଭୋଟିଂକୁ ନେଇ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଅସନ୍ତୋଷର ନିଆଁ କୁହୁଳୁଛି। ନବଙ୍କ ନିଜ ପଞ୍ଚାୟତ ଜୟଦେବ ଗ୍ରାମ ପଞ୍ଚାୟତ ସମ୍ମୁଖରେ ଅସନ୍ତୁଷ୍ଟ କର୍ମୀ ଏବଂ କାର୍ଯ୍ୟକର୍ତ୍ତା ବୁଧବାର ପ୍ରତିବାଦ କରିବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ। ଗତ ସପ୍ତାହରେ ବାଲିପାଟଣା ଛକରେ ବିଜେଡି କର୍ମୀମାନେ ନବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆଜି ଅପରାହ୍ନରେ ଅନୁରୂପ ଭାବେ ଜୟଦେବ ପୀଠ ସମ୍ମୁଖରେ ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ପଞ୍ଚାୟତ ବିଜେଡି କର୍ମୀ ନବଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ଅବସରରେ ସଂଗଠିତ ବିଜେଡି କର୍ମୀ ବିଧାୟକ ନବ କିଶୋର ମଲ୍ଲିକ ମର୍ଦ୍ଦାବାଦ ସ୍ଲୋଗାନ ଦେବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ। ୧୮ ନମ୍ବର ଜିଲ୍ଲା ପରିଷଦ ମଙ୍ଗରାଜ ବେହେରା, ଜୟଦେବ ପଞ୍ଚାୟତ ବିଜେଡି ସଭାପତି ସୌମ୍ୟରଞ୍ଜନ ଦାଶ, ସନ୍ଦୀପ୍ତ ସେନାପତି ପ୍ରମୁଖ ପ୍ରତିବାଦର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ପଞ୍ଚାୟତ କର୍ମୀ ସାମିଲ ଥିଲେ।

## ମିଠା ଦୋକାନୀଙ୍କୁ ହାଣିବା ଘଟଣା
## ବାଘମାରିରୁ ଗେଣ୍ଡୁଆ ଗିରଫ; ଖଣ୍ଡା ଜବତ

ଭୁବନେଶ୍ୱର, ୨୫।୩ (ସମିସ): ମିଠା ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଜଣକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ମଇଁଷିଖାଲ ବସ୍ତିରେ ରହୁଥିବା ବାଘମାରିର ମହେଶ୍ୱର ସାହୁ ଓରଫ୍ ଗେଣ୍ଡୁଆ (୨୨)।



ପୁଲିସ ସୂଚନା, ଶିଶୁପାଳଗଡ଼ ଦୋଳମଣ୍ଡପ ସାହିର ଦିଲ୍ଲୀପ କୁମାର ବେହେରା ସାମନ୍ତରାପୁର ଛକରେ ମିଠା ଦୋକାନ କରିଛନ୍ତି। ଗତ ୫ ତାରିଖ ସନ୍ଧ୍ୟାରେ ଗେଣ୍ଡୁଆ ସେହି ଦୋକାନକୁ ଆସି ମିଠା ଖାଇବା ସହ ପ୍ଲାଷ୍ଟିକ ଚାମଚ୍ ମାଗିଥିଲା। ହେଲେ ତାହା ନଥିବାରୁ, ଦିଲ୍ଲୀପ ତାଙ୍କୁ ମନା କରି ଦେଇଥିଲେ। ଗେଣ୍ଡୁଆ ଏହାକୁ ନେଇ ଯୁକ୍ତିତର୍କ କରିବା ସହ ଦିଲ୍ଲୀପଙ୍କୁ ଗାଳିଗୁଲଜ କରିଥିଲା। ୟୁପିଆଇ ମାଧ୍ୟମରେ ମିଠା ବାବଦକୁ ୩୦ ଟଙ୍କା ଦେଇ ପଳାଇଥିଲା। ଯିବା ବେଳେ ଭୟଙ୍କର ପରିଣାମର ଧମକ ଦେଇ ଯାଇଥିଲା। ଏହାର ଠିକ୍ ୫୦ ମିନିଟ୍ ପରେ ଅର୍ଥାତ୍ ୯ଟା ୨୦ ବେଳକୁ ଗେଣ୍ଡୁଆ, ଓମ୍ ପ୍ରକାଶ ମହାନ୍ତି ଓ ଶୁଭ ଶଙ୍କର ଗିରି ୩ଟି ଖଣ୍ଡା ଧରି ମିଠା ଦୋକାନରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ହଠାତ୍ ଅଭିଯୁକ୍ତମାନେ ଶୋକେସ୍, ଫ୍ରିଜର, ଫର୍ଣ୍ଣିଚର, ବେସିନ୍, ଚେୟାର, କ୍ୟାସ୍ ବାକ୍ସକୁ ହାଣି ଚାଲିଥିଲେ। ଏହାସହିତ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଦୋକାନ ମାଲିକ ଦିଲ୍ଲୀପ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ହାଣି ମାରିଦେବାକୁ ଉଦ୍ୟମ କରିଥିଲେ। ଦିଲ୍ଲୀପ ବଞ୍ଚିବାକୁ ଉଦ୍ୟମ କରିବାରୁ ୩ଟି ଯାକ ଚୋଟ ତାଙ୍କ ହାତରେ ବାଜିଥିଲା। ଫଳରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଅନ୍ୟ ଦୋକାନୀମାନେ ଦିଲ୍ଲୀପଙ୍କୁ ଉଦ୍ଧାର କରି ପ୍ରଥମେ ବିଏମସି ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏବେବି ସେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଦିଲ୍ଲୀପଙ୍କ ପୁଅ ରାଜ କୁମାର ବେହେରା ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଫୋନ୍-ପେ ନେଣଦେଣ ଓ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଗେଣ୍ଡୁଆକୁ ଚିହ୍ନଟ କରିଥିଲା। ଗତକାଲି ବାଘମାରିରେ ଚଢ଼ଉ କରି ଗେଣ୍ଡୁଆକୁ ଉଠାଇ ଆଣିଥିଲା। ପଚରାଉଚରା କରିବାରୁ, ସେ ୩ଟି ଖଣ୍ଡାକୁ ସାମନ୍ତରାପୁର ଶ୍ମଶାନରେ ଲୁଚାଇ ରଖିଥିବା ସ୍ୱୀକାର

■ ଓମ୍, ଶୁଭ ଏବେ ବି ଫେରାର

କରିଥିଲା। ପୁଲିସ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଧାରା ୨୩ ଅନୁଯାୟୀ ଦୁଇ ଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ ଗେଣ୍ଡୁଆର ବୟାନ ରେକର୍ଡ କରିଥିଲା। ତା'ର ବୟାନ ଆଧାରରେ, ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ସାମନ୍ତରାପୁର ଶ୍ମଶାନରୁ ୩ଟି ଖଣ୍ଡା ଜବତ କରିଥିଲା। ବିଏସ୍ଏ ଧାରା ଅନୁସାରେ ରେକର୍ଡ ହୋଇଥିବା ବୟାନକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରିବ ପୁଲିସ। ଗେଣ୍ଡୁଆ ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଓ ବଡ଼ଗଡ଼ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

### ୫ରେ ହାଇଦରାବାଦରେ ପାଳନ ହେବ ଓଡ଼ିଆ ପକ୍ଷ

ଭୁବନେଶ୍ୱର, ୨୫ ।୩(ସମିସ): ଆସନ୍ତା ଏପ୍ରିଲ ୫ ତାରିଖରେ ଉତ୍କଳ ୟୁଥ୍ ଆସୋସିଏସନ୍ ପକ୍ଷରୁ ହାଇଦ୍ରାବାଦର ତାରାମତି ବାରାଦରି ଆମ୍ଫି ଥିଏଟରରେ ଓଡ଼ିଆ ପକ୍ଷ ପାଳନ କରାଯିବ। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଲିଉଡର କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ଟିମ୍ ଯୋଗଦେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରିବେ। ଏଥିରେ ହାଇଦରାବାଦର ପ୍ରବାସୀ ଓଡ଼ିଆ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ହେବାକୁ ଥିବା ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁଷ୍ଠାନର ସଭାପତି ସୀତେଶ ଚନ୍ଦ୍ର ମହାନ୍ତି ହାଇଦ୍ରାବାଦରେ ରହୁଥିବା ହଜାର ହଜାର ପ୍ରବାସୀ ଓଡ଼ିଆ ଭାଇଭଉଣୀଙ୍କୁ ଅନୁରୋଧ କରିଛନ୍ତି।

## ଗୁମ୍ଭାଛକରେ ବାସନ୍ତୀକ ଦୁର୍ଗା ପୂଜା



**ବିଞ୍ଝାରପୁର,୨୫।୩(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ପଞ୍ଚାୟତ ଗୁମ୍ଭାଛକ ବଜାର କମିଟି ପକ୍ଷରୁ ଚଳିତବର୍ଷ ମହାସମାରୋହରେ ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଚଳିତବର୍ଷ ଚୈତ୍ର ଶୁକ୍ଳ ଷଷ୍ଠୀ ତିଥିରେ ମା'ଙ୍କର ବିଲ୍ୱବରଣ, ସପ୍ତମୀରେ କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା ପରେ ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, ଆବାହିତ ମଣ୍ଡଳ ଦେବତା ପୂଜା ପରେ ମା'ଙ୍କର ଷୋଡ଼ଶ ଉପଚାର ପୂଜା, ଚଣ୍ଡି ପାଠ, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ମା'ଙ୍କର ପୂଜା ଗୁମ୍ଭାଛକ ବଜାର କମିଟିର ସ୍ଥାୟୀଦକ ସୁରଥ କର ସଙ୍କଳ୍ପ କରିଥିଲା ବେଳେ ପୀଠର ମୁଖ୍ୟପୂଜକ ପଣ୍ଡିତ ଚନ୍ଦନ ପଣ୍ଡାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବେଦଜ୍ଞ ବ୍ରାହ୍ମଣ ଗଜାନନ ପତି, ପର୍ଶୁରାମ ପଣ୍ଡାଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଉଛି। ଏହି କାର୍ଯ୍ୟକ୍ରମ ୪ ଦିନ ବ୍ୟାପି ହେବାକୁ ଥିଲା ବେଳେ ପ୍ରତ୍ୟେକ ଦିନ ରାତିରେ ସାଂସ୍କୃତିକ କାର୍ଯ୍ୟ ହେବ ବୋଲି ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଗୁମ୍ଭାଛକ ବଜାର କମିଟିର ଉପଦେଷ୍ଟା ଦିଲ୍ଲିପ ରାଉଳଙ୍କ ତତ୍ତ୍ୱାବଧାନରେ ଅନ୍ୟ ସଦସ୍ୟ ଅକ୍ଷୟ ବିଶ୍ୱାଳ, ପରମେଶ୍ୱର ପାଣିଗ୍ରାହୀ, ଅନନ୍ତକୁମାର ସାହୁ, ରାମଚନ୍ଦ୍ର ସ୍ୱାଇଁ, ଜୟପ୍ରକାଶ ପଣ୍ଡା, ଆଲୋକ ବାରିକ, ଲୋକନାଥ ଦାଶ, ଅମରେଶ ପଣ୍ଡା, ସୁବାସ ସାହୁ, ନକୁଳ ପଣ୍ଡା, ବିଶ୍ୱନାଥ ଦାସ, ସତ୍ୟାନନ୍ଦ ଦାଶ, କମଳଲୋଚନ ପଣ୍ଡା, ଅଜିତ ଜେନା, ମନୋଜ ସାହୁ, ଅଶୋକ ଜେନା, ଧିରେନ୍ଦ୍ର ଦାସ, ସୁବାସ ପଣ୍ଡା, ସଞ୍ଜୟ ଦାସ, ଦୀନବନ୍ଧୁ ସାହୁ, ସୁବାସ ସାହୁ, ଜୟଶଙ୍କର ସାହୁ, ଅଲେଖ ସାହୁ, ଫକୀରଚନ୍ଦ ମଲ୍ଲିକ, ବନମାଳୀ ରାଉତ, ଲକ୍ଷ୍ମୀଧର ସାହୁ, ମଧୁସୂଦନ ସାହୁ, ଗୋବିନ୍ଦ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

## ପ୍ରଥମ ବର୍ଷାର ଅନୁଭୂତି ପାଇଲା ଯାଜପୁର

# ଏକ ଘଣ୍ଟା ଧରି କୁଆପଥର ସହିତ ପ୍ରବଳ ବର୍ଷା






**ବ୍ୟାସନଗର/ଯାଜପୁର,୨୫।୩(ସମିସ):** ଆଜି ଅପରାହ୍ନରେ ଯାଜପୁର ଜିଲ୍ଲା ୨୦୨୬ ମସିହାର ପ୍ରଥମ ବର୍ଷାର ଅନୁଭୂତି ସାଉଁଟିଛି। ଜିଲ୍ଲାର ଶିଳ୍ପ ରାଜଧାନୀ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ସହର ସମେତ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଆଜିର ବର୍ଷାର ଆଗମନ ଫଳରେ ପ୍ରାୟ ଦୁଇ ସପ୍ତାହ ଧରି ପ୍ରବଳ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବୃକ୍ଷରାଜି ଠାରୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ଆଶ୍ୱସ୍ତ ହୋଇଛନ୍ତି। ଆଜି ଅପରାହ୍ନରେ ହଠାତ୍ ପ୍ରବଳରୁ ଅତି ପ୍ରବଳ ବେଗରେ ପବନ ମାଡ଼ି ଆସିବା ସହିତ ଘଡ଼ଘଡ଼ି ସହିତ କୁଆପଥର ବର୍ଷା ଫଳରେ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରାୟ ଏକ ଘଣ୍ଟା ଧରି ପବନ ଘଡ଼ଘଡ଼ି ସହିତ କୁଆପଥର ବର୍ଷା ହେବା ଫଳରେ ସହରରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଡ୍ରେନ ସମସ୍ୟା ପାଇଁ ସହରର ଡ୍ରେନ ବୁଡ଼ି ରାସ୍ତା ଉପରେ ପାଣି ଚାଲୁଛି। ଅଚାନକ ବର୍ଷା ପ୍ରବଳ ଫଳରେ ସହରର ରାସ୍ତା କଡ଼ରେ ପାଲ ଟାଣି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ବ୍ୟାପକ କ୍ଷତି ସହିଛନ୍ତି। କିଛି ବ୍ୟବସାୟୀଙ୍କ ତମ୍ବୁ ଛିଡ଼ିଯାଇଥିବା ବେଳେ ଅନ୍ୟ ଛୋଟ ବ୍ୟବସାୟୀଙ୍କ ଦୋକାନରେ ପାଣି ପଶିଯିବା ଫଳରେ ସେମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ଏବଂ ପବନରେ ସହର ଜଳାର୍ଣ୍ଣବ ହୋଇଥିବା ବେଳେ ଏସବୁ ମଧ୍ୟରେ ମଧ ସହରବାସୀ ପ୍ରଥମ ବର୍ଷାର ଉପଭୋଗ କରୁଥିବାର ଦେଖିବାକୁ ମିଳୁଛି। ଯାଜପୁର, ବ୍ୟାସନଗର ସହର ସମେତ ଜିଲ୍ଲାରେ ବିଭିନ୍ନ ସ୍ଥାନରେ କୁଆପଥର ମାଡ଼ ଓ ଝଡ଼ ତୋଫାନ ଯୋଗୁଁ ବ୍ୟାପକ ଗଛ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ହୋର୍ଡିଂ ଉଡ଼ି ରାସ୍ତା ପରେ ପଡ଼ିଛି। କୁଆପଥର ମାଡ଼ରେ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିବା ଜଣାପଡିଛି।

● ମହୋତ୍ସବ ପଡ଼ିଆରେ ପ୍ରକୃତିର ତାଣ୍ଡବ

## ଛାରଖାର୍ ପଲ୍ଲୀଶ୍ରୀ ମେଳା ଓ ମୀନା ବଜାର

**ଯାଜପୁର:** ଗତକାଲି ଯାଜପୁର ଜିଲ୍ଲା ମହୋତ୍ସବର ଉଦଯାପନୀ ଥିଲା। ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା ଦୁଇଦିନ ପାଇଁ ବଢ଼ିବା ଘୋଷଣା କରାଗଲା। କିନ୍ତୁ ଆଜି ପ୍ରକୃତିର କରାଳ ରୂପରେ ଛାରଖାର ହୋଇଯାଇଛି ପ୍ରଶାସନିକ ପଦ୍ଧତିରେ ଯଉଁଠି ପାଇଁ ତିଆରି ହୋଇଥିବା ସମସ୍ତ ଷ୍ଟଲ ଓ ହୋର୍ଡିଂ। ଆଜି ଅପରାହ୍ନ ୪ଟାରୁ ଆକାଶ ମେଘାଚ୍ଛନ୍ନ ହୋଇ ଧୂମାଳ ସହ ବର୍ଷା ଘଡ଼ଘଡ଼ି ଆରମ୍ଭ ହୋଇଗଲା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ। ଯାହାଦ୍ୱାରା ପଲ୍ଲିଶ୍ରୀ ମେଳା ଓ ମୀନାବଜାରରେ ବ୍ୟବସାୟୀ ମାନଙ୍କ ଟେଣ୍ଟ ଉଡ଼ାଇ ଦେବା ସହ ଲୁଗାପଟା କପଡ଼ା, ଗ୍ରୋସରୀ ଓ ଖାଦ୍ୟପେୟ ପ୍ରଭୃତି ଭିଜେଇବା ସହ ଉଡ଼ାଇ ନେଇଯାଇଛି। ଲକ୍ଷ ଲକ୍ଷ ଟଙ୍କାର ଜିନଷ ସାମଗ୍ରୀ ନଷ୍ଟ ହୋଇଥିବା ଦେଖାଯାଏ। ଜିଲ୍ଲା ଓ ବାହାର ଜଲ୍ଲାରୁ ବହୁ ଏସଏଚ୍‌ଜମାନେ ଷ୍ଟଲ ପକାଇଥିଲେ। ସେମାନଙ୍କର ବର୍ଷକର ରୋଜଗାର ପାଣିରେ ଭିଜିଯାଇଛି।

## ବିକେବି ଉଚ୍ଚ ବିଦ୍ୟାଳୟରେ ସଚେତନତା



**ସିଂହପୁର,୨୫।୩(ସମିସ):** ହାବଳଗଣ୍ଡ ପାଟଣାସ୍ଥ ବିକେବି ଉଚ୍ଚ ବିଦ୍ୟାଳୟ ପରିସରରେ ଏଚ୍‌ଆଇଭି/ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସଂଯୋଜନା ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରା, ବ୍ଲକ ସଂଯୋଜକ ବିଜୟ କୁମାର ସୁତାର, ବର୍ଷିୟାନ୍ ଶିକ୍ଷାବିତ ନଚ୍ଛେନ୍ଦ୍ର କୁମାର ବଳ, ଶିକ୍ଷାବିତ୍ ଅରବିନ୍ଦ ନାୟକ, ଶିକ୍ଷାବିତ ଦିବାକର ଦାଶ, ରବୀନ୍ଦ୍ର କୁମାର ବେହେରା, ବିଜନ କୁମାର ନାୟକ ପ୍ରଫୁଲ୍ଲ କୁମାର ସୁତାର, ରତିକାନ୍ତ ଦାସ, ଅଭିମନ୍ୟୁ ବାରିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିରୋଦ ପରିଡା, ରାଜଶ୍ରୀ ପ୍ରିୟଦର୍ଶିନୀ ବେହେରା, ରୋଜି ଦେହେରୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଗତ ବାର୍ଷିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମେଡାଲ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପିତାମ୍ବର ରାଉତ, ଅନୁପ କୁମାର ପରିଡା, ଅନୁପମା ସେନାପତି, ପ୍ରଭାତୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ



**ଧର୍ମଶାଳା,୨୫।୩(ସମିସ):** ଧର୍ମଶାଳା ବ୍ଲକ ସୁନ୍ଦରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୂଖ୍ୟ ଅତିଥି ଭାବରେ ସମଜସେବୀ ମିନତୀ ସାହୁ ଯୋଗ ଦେଇଥିବା ବେଳେ ମୂଖ୍ୟ ବକ୍ତା ଭାବରେ ସରପଂଚ ନିର୍ମଳ କୁମାର ଦାସ,ସମ୍ମାନିତ ଅତିଥି ଭାବରେ ସମିତିସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଦାସ, ପ୍ରତାପପୁର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ବେହେରା ଯୋଗଦେଇ ଶିକ୍ଷା ଅଜ୍ଞାନ ରୁପକ ଅନ୍ଧକାର ଦୁର କରି ଆଲୋକ ରୁପକ ଜ୍ଞାନ ସଂଚାର କରେ। ପିଲାମାନେ ବଡମଣିଷ ନହୋଇ ଭଲ ମଣିଷ ହେବାକୁ ଚେଷ୍ଟା କରିବା ସହିତ ମାଆ,ମାଟି,ମାତୃଭାଷା,ମାତୃଭୂମିର ଉନ୍ନତି କରିବା ସହିତ ବାପା,ମାଆ, ଗୁରୁଜନଙ୍କୁ ଶ୍ରଦ୍ଧା ଭକ୍ତି ଓ ସମ୍ମାନ ଦେବା ପାଇଁ ପରାମର୍ଶ ଦେଇଥିଲେ।ଏହି ଉତ୍ସବରେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଦିପ୍ତିଶ୍ରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।ଏହା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ପରିଶେଷରେ ସଭାପତି ତାଙ୍କ ଅଭିଭାଷଣ ରଖି ସଭାସାଙ୍ଗ କରିଥିଲେ।ଶିକ୍ଷକ ନରେଶ ମିଶ୍ର ଧନ୍ୟବାଦ ଦେଇଥିଲା।

## ଧର୍ମଶାଳା ମଧୁବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ୨୯ରେ

**ଧର୍ମଶାଳା,୨୫।୩(ସମିସ):** ଧର୍ମଶାଳା ବ୍ଲକ ମଧୁବୈଶ୍ୟ (ଗୁଡ଼ିଆ) ସମାଜର ଚତୁର୍ଥ ବାର୍ଷିକ ଉତ୍ସବ ଧର୍ମଶାଳା ଷ୍ଟାଡିୟମ ହଲରେ ଅଗାମୀ ୨୯ ତାରିଖ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହେବ। ଏନେଇ ଗତ ୨୩ ତାରିଖ ପୂର୍ବାହ୍ନରେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ. ରଘୁନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଲେଖ ଚନ୍ଦ୍ର ସାହୁ, ଉପସଭାପତି ଇଂ. ରବିନାରାୟଣ ସାହୁଙ୍କ ସମେତ ପ୍ରଶାନ୍ତ କୁମାର ସାହୁ, ସୁନାକର ସାହୁ, ସୁନନ୍ଦ କୁମାର ସାହୁ, ହରିହର ସାହୁ, ଅଶୋକ କୁମାର ସାହୁ, ମହେଶ୍ୱର ସାହୁ, କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇ ଉତ୍ସବକୁ ସାକାର କରିବା ପାଇଁ ମତ ରଖିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୧୨ ଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ଏହି ଉତ୍ସବରେ ଧର୍ମଶାଳା ବ୍ଲକର ୪୫ ଗୋଟି ପଞ୍ଚାୟତ ଓ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାରିଶହ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ନିଖିଳ ଉତ୍କଳ ମଧୁବୈଶ୍ୟ (ଗୁଡିଆ) ସମାଜର ଉପସଭାପତି ସୁନିଲ କୁମାର ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ,ଜିଲ୍ଲା ସମ୍ପାଦକ ଧିରେନ୍ଦ୍ର କୁମାର ସାହୁ, ସଭାପତି ବସନ୍ତ କୁମାର ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ବହୁ ସଂଖ୍ୟାରେ ସଂଘର ସଦସ୍ୟମାନେ ଯୋଗଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ବିଞ୍ଝାରପୁର ବ୍ଲକରେ ହାଇସ୍କୁଲ ଶିକ୍ଷକଙ୍କୁ ଜନଗଣନା ମନା

**ପ୍ରୀତିପୁର,୨୫।୩(ସମିସ):** ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ଓ ମାଧମିକ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ବେଳେ ବିଞ୍ଝାରପୁର ବ୍ଲକରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏଠାରେ ପ୍ରାଥମିକ ଶିକ୍ଷକମାନଙ୍କୁ ଗଣନାକାରୀ ଏବଂ ତଦନ୍ତକାରୀ ଭାବେ ଚୟନ କରାଯାଇଛି। ଓଡ଼ିଶାର ସମସ୍ତ ବ୍ଲକରେ ହାଇସ୍କୁଲ ଶିକ୍ଷକମାନଙ୍କୁ ସୁପରଭାଇଜର (ସୁପରଭାଇଜର) ଭାବେ ଚୟନ କରାଯାଇଛି। ଏପରିକି ଯାଜପୁର ଜିଲ୍ଲାର ଅନ୍ୟ ୯ଟି ବ୍ଲକରେ ହାଇସ୍କୁଲ ଶିକ୍ଷକମାନଙ୍କୁ ସୁପରଭାଇଜର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ବିଞ୍ଝାରପୁର ବ୍ଲକରେ କୌଣସି ଜଣେ ହାଇସ୍କୁଲ ଶିକ୍ଷକଙ୍କୁ ନିଯୁକ୍ତି ମିଳିନାହିଁ। ସରକାରୀ ଗାଇଡ ଲାଇନ ଅନୁଯାୟୀ ପରିଷ୍କାର ଭାବରେ ହାଇସ୍କୁଲ ଶିକ୍ଷକଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ତହସିଲଦାର ଏବଂ ମଣ୍ଡଳ ଶିକ୍ଷା ଅଧିକାରୀ ଚଞ୍ଚକତା କରି ସରକାରୀ ଚିଠିକୁ ଅବମାନନା କରି କୌଣସି ହାଇସ୍କୁଲ ଶିକ୍ଷକଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ କରିନାହାନ୍ତି। ଯାହା ଫଳରେ ବିଞ୍ଝାରପୁର ବ୍ଲକରେ ହାଇସ୍କୁଲ ଶିକ୍ଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଯାଜପୁରଙ୍କ ନିକଟରେ ବ୍ଲକ ଓଷ୍ଟା ତରଫରୁ ଦାବି କରାଯାଇଛି।

## ଦଶରଥପୁର ବ୍ଲକରେ ନାହିଁ ଅଗ୍ନି ନିରାପତ୍ତା ଯନ୍ତ୍ର

**କଯାଁଗୋଲା,୨୫।୩(ସମିସ):** କଟକ ଏସ୍‌ସିବି ମେଡିକାଲ ଆଇସିୟୁରେ ସଟ୍‌ସର୍କିଟ ଯୋଗୁଁ ୧୩ ଜଣ ନିରୀହ ରୋଗୀଙ୍କ ପ୍ରାଣହାନି ଘଟଣା ସାରା ରାଜ୍ୟରେ ଚହଳ ପକାଇଥିଲା। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ପରିତାପର ବିଷୟ କୌଣସି ବି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର ପ୍ରକୋଷ୍ଠରେ ଅଗ୍ନିନିର୍ବାପକ ଯନ୍ତ୍ରର ସିଲିଣ୍ଡର ଲାଗି ନଥିବା ଦୃଶ୍ୟମାନ ହେଉଛି। ଯାହାକୁ ନେଇ ଦଶରଥପୁର ବ୍ଲକ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଦଶରଥପୁର ବ୍ଲକ ୩୫ଟି ପଞ୍ଚାୟତକୁ ନେଇ ଗଠିତ ଦୈନିକ ବିଭିନ୍ନ ପ୍ରକାରର କାର୍ଯ୍ୟ ନିମନ୍ତେ ଶତାଧିକ ଜନସାଧାରଣ ଏଠାକୁ ଆସିଥାଆନ୍ତି।




ବିଶେଷତଃ ମଧୁବାବୁ ପେନ୍‌ସନ୍ ଏବଂ ରାସନ କାର୍ଡ ବିଭାଗ ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣର୍ ବିଭାଗ ଗୁଡ଼ିକରେ ବହୁ ଭିଡ଼ ହୋଇଥାଏ। ଯାହାକୁ ଆଖି ଆଗରେ ରଖି ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରାଥମିକ ଅବସ୍ଥାରେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବସ୍ଥା କରାଯିବା କଥା, କିନ୍ତୁ ତାହା କରାଯାଇ ନାହିଁ। ଯଦି ବ୍ଲକ୍ ପରିସର ମଧ୍ୟରେ କୌଣସି ଅଗ୍ନିକାଣ୍ଡ ଘଟେ ତେବେ ବଡ଼ ଧରଣର ଅଘଟଣ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଓ କମ୍ପ୍ୟୁଟର ସହ ଅନ୍ୟାନ୍ୟ ଆସବାବପତ୍ର ନିଆଁ କବଳରୁ ଉଦ୍ଧାର କରାଯାଇ ପାରିବ ତ। ଏଠି ପ୍ରଶ୍ନ ଉଠେ ଯଦି କଟକ ଏସ୍‌ସିବି ମେଡିକାଲ ଭଳି ଏଠାରେ ଅଗ୍ନିକାଣ୍ଡ ଘଟେ; ତେବେ ଉକ୍ତ ଘଟଣା ପାଇଁ କିଏ ଦାୟୀ ରହିବେ? ଦଶରଥପୁର ବ୍ଲକରେ କେଉଁଠି ଅଗ୍ନି ନିର୍ବାପକ ଯନ୍ତ୍ର ଅଛି ଓ କାହିଁକି ଲାଗି ନାହିଁ ବୋଲି ଏ ସମ୍ପର୍କରେ ବିଡିଓ ଆକାଶ ପଟ୍ଟନାୟକଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହି ଘଟଣାରେ ଦଶରଥପୁର ବ୍ଲକ ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାପାଳ ଏ ଦିଗ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି।

## ସୁକିନ୍ଦାରେ ପ୍ରଭୁ ଶ୍ରୀରାମଙ୍କ ରଥ ଭ୍ରମଣ



**ସୁକିନ୍ଦା,୨୫।୩(ସମିସ):** ପ୍ରଭୁ ଶ୍ରୀରାମଙ୍କ ଭ୍ରମଣ ରଥ ୨ ଦିନ ଧରି ସୁକିନ୍ଦା ଅଞ୍ଚଳର ବହୁ ମଠ, ମନ୍ଦିର ତଥା ଧାର୍ମିକ ସ୍ଥଳୀ ପରିକ୍ରମା କରି ଯଖପୁର ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଛି। ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଛତିଆ ଜଗନ୍ନାଥ ମନ୍ଦିରରୁ ଗତ ସୋମବାର ଏହି ରଥ ବାହାରି ସୁକିନ୍ଦା ଅଞ୍ଚଳ ଭ୍ରମଣ କରିଛି। ଜାତୀୟ ରାଜପଥର ବଙ୍ଗଳା ଛକ ନିକଟରେ ପୂର୍ବରୁ ଭ୍ରମଣ ରଥକୁ ସ୍ୱାଗତ ନିମନ୍ତେ ବହୁ ରାମ ଭକ୍ତ ଉପସ୍ଥିତ ଥିଲେ। ଭକ୍ତମାନେ ରାମ ରଥକୁ ସଙ୍କୀର୍ତ୍ତନ କରି ଏକ ପଟୁଆରରେ ହାତୀବାରୀ ଜଗନ୍ନାଥ ମନ୍ଦିର ନିକଟକୁ ନେଇଥିଲେ। ପରେ ସୁକିନ୍ଦା ରାମ ମନ୍ଦିର ଅଭିମୁଖେ ବାହାରି ଥିଲା। ସୁକିନ୍ଦା ଗୁଣ୍ଡିଚା ମନ୍ଦିର ନିକଟରେ ଉପସ୍ଥିତ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରାରେ ରାମ ମନ୍ଦିର ନିକଟରେ ପହଞ୍ଚାଇବା ପରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲ। ରାମ ମନ୍ଦିରରେ ସନ୍ଧ୍ୟା ଆଳତି ପରେ ଭ୍ରମଣ ରଥ ଡୁବୁରୀ ସରାଂଶ ମନ୍ଦିର ଅଭିମୁଖେ ବାହାରିଥିଲା। ଗୋପିନାଥ ଗଜପତି ଭୂୟାଁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ରାମ ଭ୍ରମଣ ରଥ ଗତ ୨୦ ତାରିଖରୁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନିକଟରୁ ବାହାରି ଥିବା ଜଣାପଡିଛି। ସୁକିନ୍ଦା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦିଲ୍ଲୀପ କୁମାର ଦ୍ୱିବେଦୀ, କଲ୍ଲୋଳ କୁମାର ବେହୁରା, ମାନସ କୁମାର ବାରିକ, ରୁଦ୍ର ନାରାୟଣ ମହାପାତ୍ରଙ୍କ ସହିତ ସରାଂଶ ମନ୍ଦିର ପରିଚାଳନା କମିଟିର ଦେବେନ୍ଦ୍ର କୁମାର ସାହୁ, ହୃଷୀକେଶ ମାଝୀ, ନୀଳମଣି ରାଉତ ପ୍ରମୁଖ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସହୋଯାଗ କରିଥିଲେ।

## ସ୍ମୃତି ମନେ ପକାଇଲେ ପୁରାତନ ଛାତ୍ରଛାତ୍ରୀ

**କଯାଁଗୋଲା,୨୫।୩(ସମିସ):** ଦଶରଥପୁର ବ୍ଲକ କଯାଁଗୋଲା ଉଚ୍ଚ ବିଦ୍ୟାଳୟରେ ୨୦୦୧ ମସିହାର ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କର ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଗୁରୁ ମାନଙ୍କୁ ପୂଜା କରିବା ସହିତ ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜୟଚଣ୍ଡୀ ମହାବିଦ୍ୟାଳୟର ଅଧ୍ୟାପକ ଅଭିମନ୍ୟୁ ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂର୍ବତନ ଶିକ୍ଷକ ନାରାୟଣ ନାୟକ, ସୁବାସ ଚନ୍ଦ୍ର ଦାସ, ସର୍ବେଶ୍ୱର ଦାସ, ବୈକୁଣ୍ଠନାଥ ପରିଡା, ବିଶ୍ୱନାଥ ସାହାଣୀ ବିଦ୍ୟାଳୟର ବର୍ତ୍ତମାନ ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, ପୂର୍ବତନ ଛାତ୍ର ଚନ୍ଦ୍ରଶେଖର ଦାସ, ତ୍ରିଲୋଚନ ମାଝୀ, ସମସ୍ତେ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ପତିତପାବନ ସାହାଣୀ, ନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ରାଜେନ୍ଦ୍ର କୁମାର ମାଝୀ, ଦିଲ୍ଲୀପ କୁମାର ବାରିକ ଖଗନ ସାହାଣୀ, ଅଭୟ କୁମାର ବିଳାସ ସୌମେନ୍ଦ୍ର ପରିଡା, ରୁକମଣି ପରିଡା, ଜମ୍ବୁବତୀ ମାଝୀ, ଝିଲିରାଣୀ ବାରିକ, କୁନିଲତା ଦାସ, ଶୈଳବାଳା ବାରିକ ପ୍ରଭୃତି ଯୋଗଦାନକରି ନିଜ ନିଜର ଅତୀତର ବକ୍ତବ୍ୟ ପ୍ରଦାନ କରିଥିଲେ। ଦିଲ୍ଲୀପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅମରେନ୍ଦ୍ର କବି, ସୌଭାଗ୍ୟ ରଞ୍ଜନ ଦାସ ଓ ଅନ୍ୟ କର୍ମଚାରୀ ଟିକିନା ସାହାଣୀ ଶରତ ଯେନା ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟରେ ସାହାଯ୍ୟ କରିଥିଲେ।

## ଅପହୃତା ନାବାଳିକାର ବିଜୟୱାଡ଼ାରେ ମୃତ୍ୟୁ

**ଦଶରଥପୁର,୨୫।୩(ସମିସ):** ଦଶରଥପୁର ଥାନାଞ୍ଚଳରୁ ୬ ମାସ ପୂର୍ବେ ଅପହୃତା ଜୈନିକା ନାବାଳିକାର ସୁଦୂର ବିଜୟୱାଡାରେ ସନ୍ଦେହଜନକ ମୃତ୍ୟୁକୁ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅପହର୍ତ୍ତା ଯୁବକଙ୍କ ବିରୋଧରେ ହତ୍ୟା ଅଭିଯୋଗ ହୋଇଛି। ମାତ୍ର ପୁଲିସ ଅଭିଯୁକ୍ତ ଯୁବକକୁ ଖସାଇ ଦେବାକୁ ଯାଇ ମାମଲାକୁ ରଫାଦଫା କରିବାକୁ ଚାପ ପକାଉଥିବା ପରିବାର ତରଫରୁ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ଥାନାଞ୍ଚଳର ଜୈନିକା ନାବାଳିକାକୁ ସେହି ଥାନାଞ୍ଚଳର ଆକାଶ ମଲ୍ଲିକ ୬ ମାସ ପୂର୍ବେ ଅପହରଣ କରି ସୁଦୂର ବିଜୟୱାଡା ନେଇଯାଇଥିଲା। ଆକାଶ ସେଠାରେ ଥିବା ଏକ ଘରୋଇ ସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ରହୁଥିବା ଭଡ଼ା ଘରେ ନାବାଳିକାକୁ ରଖିଥିଲା। ଚଳିତ ମାସ ୨୨ତାରିଖରେ ଆକାଶ କାର୍ଯ୍ୟ କରୁଥିବା ଘରୋଇ ସଂସ୍ଥାର ଜଣେ ବ୍ୟକ୍ତି ନାବାଳିକା ପରିବାର ଲୋକଙ୍କୁ ଫୋନରେ ତାଙ୍କ ଝିଅ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅସୁସ୍ଥ ଅବସ୍ଥାରେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ସୂଚନା ଦେବା ସହିତ ତୁରନ୍ତ ମେଡ଼ିକାଲରେ ପହଞ୍ଚିବାକୁ କହିବାରୁ ନାବାଳିକା ବାପା ଏବଂ ଅନ୍ୟ ୨ଜଣ ସମ୍ପର୍କୀୟ ବିଜୟୱାଡାରେ ପହଞ୍ଚି ନାବାଳିକାର ମୃତ୍ୟୁ ହୋଇଥିବା ଜାଣିଥିଲେ। ମୃତ ନାବାଳିକା ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ପାଇ ତାଙ୍କ ଝିଅ ଆତ୍ମହତ୍ୟା କରିନାହିଁ ବରଂ ତାକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ନାବାଳିକାକୁ ଅପହରଣ କରିଥିବା ଆକାଶ ମଲ୍ଲିକ ବିରୋଧରେ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତିମଧ୍ୟରେ ୩ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପୁଲିସ ହତ୍ୟା ଜନିତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନାବାଳିକା ପରିବାର ଲୋକଙ୍କୁ ମାମଲାକୁ ରଫାଦଫା କରିବା ନିମନ୍ତେ ଚାପ ପ୍ରୟୋଗ କରୁଥିବା ପରିବାର ଲୋକେ ଅଭିଯୋଗ କରିବା ସହିତ ପୁଲିସ ଅଭିଯୁକ୍ତ ଅପହର୍ତ୍ତା ଆକାଶ ମଲ୍ଲିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ମୃତ ଶରୀରକୁ ଶେଷକୃତ୍ୟ ପାଇଁ ଗ୍ରହଣ କରିବେ ନାହିଁ ବୋଲି ଅଡ଼ି ବସିଥିବା ନାବାଳିକା ପରିବାର ଲୋକେ ପ୍ରକାଶ କରିଛନ୍ତି।

## ସମାଜସେବୀଙ୍କ ସ୍ମୃତିସଭା

**ପ୍ରୀତିପୁର,୨୫।୩(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତ ଜଗନ୍ନାଥପୁର ଗାଁର ସମାଜସେବୀ ରୁକ୍ମିଣୀଦେବୀ ସାମଲଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ସ୍ମୃତିସଭା ଓ ଗୀତାଯଜ୍ଞ, ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭିକାରୀ ଚରଣ ମିଶ୍ରଙ୍କ ପରିଚାଳନାରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରଦ୍ଧାଞ୍ଜଳି ସଭାରେ ତ୍ରୈଲୋକ୍ୟ ନାଥ ସାମଲ, ମହେଶ୍ୱର ସାମଲ, ଶ୍ରୀଧର ସାମଲ, କିଶୋର ଦ୍ୱିବେଦୀ, କରୁଣାକର ଦ୍ୱିବେଦୀ, ସଂଗୀତଜ୍ଞ ମାଧବାନନ୍ଦ ଦାସ, ସବୁଜ ଓଡିଶାର ସଂପାଦକ ଓ ସାମ୍ବାଦିକ ସରୋଜ କୁମାର ସାହୁ, ଲେଲିନ ଦାଶ, ମୁକ୍ତେଶ୍ୱର ସାମଲ, ଅକ୍ଷୟ, ଭାରତୀ ପ୍ରମୁଖ ଯୋଗଦେଇଥିଲେ।

### ସରିଆସିଲାଣି ଡେଡ୍‌ଲାଇନ୍

# ମଣ୍ଡିରୁ ଉଠି ପାରୁନି ଧାନ

**ଧର୍ମଶାଳା,୨୫।୩(ସମିସ):**

ଧର୍ମଶାଳା ବ୍ଲକର ଶହ ଶହ ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ପ୍ରଶାସନ ଅବହେଳା ଦୃଷ୍ଟିରୁ ମଣ୍ଡିକୁ ଯାଇ ପାରୁନଥିବା ଅଭିଯୋଗ ହୋଇଛି। ଅନେକ ମଣ୍ଡିରେ ଟାର୍ଗେଟ ନଥିବାରୁ ଧାନ ଯାଇ ପାରୁନଥିବା ସୋସାଇଟି ସମ୍ପାଦକ କହି ନିଜ ଉପରୁ ଦୋଷ ଖସାଇ ଦେଉଛନ୍ତି। ଏହି ବ୍ଲକ୍ ଅନ୍ତର୍ଗତ ଅଭୟପୁର, ଆରୁହା, କଣ୍ଟିଗଡ଼ିଆ ଭଳି ଅନେକ ମଣ୍ଡିରେ ଟାର୍ଗେଟ ଅଭାବରୁ ଅନେକ ଚାଷୀଙ୍କ ଟୋକନ ଲାପ୍ସ ହୋଇଯାଇଛି। ଏହି ଅଞ୍ଚଳର ଚାଷୀ ମାନେ ଏ ବିଷୟରେ ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟରେ ଗୁହାରି କରି ଫଳପ୍ରଦ ହେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଧାନ ବିକ୍ରି ଅବଧି ଶେଷ ହୋଇଯିବ ବୋଲି ଜଣାପଡିବା ପରେ ଧାନ





ବିକ୍ରି କରିପାରିନଥିବା ଚାଷୀ ମାନଙ୍କ ମଧ୍ୟରେ ଭାଳେଣି ପଡିଛି। ଧର୍ମଶାଳା ବ୍ଲକ୍‌ର ଏକାଧିକ ମଣ୍ଡିରେ ଟାର୍ଗେଟ ନଥିବା କାରଣରୁ ହଜାର ହଜାର କୁଇଂଟାଲ ଧାନ ମଣ୍ଡିକୁ ଯାଇ ପାରିନାହିଁ। ଏହି ବ୍ଲକ ଅନ୍ତର୍ଗତ ଅଭୟପୁରରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ ଜାନୁଆରୀ ୭ତାରିଖରୁ ଧାନ ମଣ୍ଡି ଖୋଲା ଯାଇଥିଲା। ଏଠାରେ ୪ଶହ ୯୩ ଜଣ ଚାଷୀ ପଞ୍ଜିକୃତ କରି ଟୋକନ ପାଇଥିଲେ। ହେଲେ ମାତ୍ର ୧୮୦ଜଣ ଚାଷୀ ଧାନ ଦେବା ପରେ ଉକ୍ତ ମଣ୍ଡିରେ ଟାର୍ଗେଟ ସରିଯାଇଥିବା ସମ୍ପାଦକ ସଞ୍ଜୟ ସେଠୀ କହିଛନ୍ତି। ଧାନ ବିକ୍ରି କରିନପାରି ହଜାର ହଜାର ଚାଷୀ ସେମାନଙ୍କ ଖଳା ଓ ଘରେ ଧାନ ଗଦେଇ ରଖିଛନ୍ତି। ଅବଧି ଶେଷ ସମୟ ପାଖେଇ ଆସୁଥିବା ବେଳେ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏସମ୍ପର୍କରେ ଜିଲ୍ଲାପାଳ ସଠିକ୍ ଦୃଷ୍ଟି ଦେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଚାଷୀମାନଙ୍କ ପାଇଁ ଧାନ ମଣ୍ଡି ବ୍ୟବସ୍ଥା ଥିବା ବେଳେ ଏଗୁଡିକ ପରିଚାଳାନା କରିବାରେ ଜିଲ୍ଲା ଅଧିକାରୀ ମାନଙ୍କ ଖାମଖିଆଲି ମନୋଭାବ ପାଇଁ ଅନେକ ଚାଷୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।





# ଭୁବନେଶ୍ୱର ସିଟି



# ଫ୍ଲାଏଓଭର ଉପରେ ଅନ୍ଧାରର ରାଜୁତି

ଯାଁଳା, ୨୫।୩(ସମିସ): ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ଫ୍ଲାଏଓଭରରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗତ ମାସେ ହେବ ଜଳୁ ନାହିଁ, ଫଳରେ ରାଜପଥରେ ସନ୍ଧ୍ୟାରେ ଅନ୍ଧାର ରାଜୁତି କରୁଛି। ଫଳରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ସାଧାରଣ ଲୋକ ଏବଂ ମର୍ଣ୍ଣିଂ ୱାକ୍‌ରେ ଯାଉଥିବା ଲୋକମାନେ ଯାତାୟତ କରିବା ବେଳେ ନିରାପଦ ମଣୁ ନାହାନ୍ତି। ୧୬ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ କାମ ପରେ ଲୋକଙ୍କ ଯାତାୟତ ସୁବିଧା ପାଇଁ ଓଭରବ୍ରିଜ୍ ଉପରେ ଆଲୋକି କରଣ କରାଯାଇଥିଲା। କିନ୍ତୁ ଗତ ମାସେ ହେବ ଯାଁଳା ଓଭରବ୍ରିଜ ଉପରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡ଼ିକ ଜଳୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ରାଜପଥ ଦେଇ ସ୍ଥାନୀୟ ଅଞ୍ଚଳର ଲୋକ ନିଜ ନିଜ କାମ କରିବାକୁ ଯାଇଥାନ୍ତି, ସନ୍ଧ୍ୟାପରେ ଲୋକେ ତାଙ୍କ କାମରୁ ଘରକୁ ଫେରନ୍ତି। ଏହାଛଡ଼ା ବରମୁଣ୍ଡ, ବସଷ୍ଟାଣ୍ଡ, ଖୋର୍ଦ୍ଧା, ଜଟଣୀ ସହରକୁ ମଧ୍ୟ ସବୁଦିନ ହଜାର ହଜାର ଲୋକ ଯାତାୟତ କରନ୍ତି। କିନ୍ତୁ ରାଜପଥ ଅନ୍ଧାରିଆ ଯୋଗୁଁ ଏବେ ରାସ୍ତାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ସନ୍ଧ୍ୟାପରେ ରାଜପଥ ନିଛାଟିଆ ହୋଇଯାଇଥିବାରୁ ଅନେକ ସମୟରେ ଲୋକମାନେ ଲୁଟ୍ ଓ ଛିନତାଇର ଶିକାର ହେଉଛନ୍ତି। ଏହାଛଡା ରାସ୍ତାରେ ଗାଇ ଗୋରୁମାନେ ଶୋଉଥିବାରୁ ସବୁଦିନ ଛୋଟବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ସାଧାରଣ ଲୋକ ଅନ୍ଧାରରେ ଯାତାୟତ କରିବାକୁ ନିରାପଦ ମଣୁନାହାନ୍ତି। ଏନେଇ ଜଣେ ବିଦ୍ୟୁତ ବିଭାଗର କର୍ମଚାରୀଙ୍କ କହିବା କଥା ରାଜପଥରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ପାଇଁ ସ୍ମାର୍ଟ ମିଟର ଲାଗିଛି। ଯଦି ସ୍ମାର୍ଟ ମିଟରରେ ବିଲ୍ ପଡ଼ିନଥିବ ତେବେ ସ୍ୱତଃ ବିଦ୍ୟୁତ ବିଚ୍ଛିନ୍ନ ହୋଇଯିବ। ତେଣୁ ଷ୍ଟ୍ରିଟ୍ ଲାଇଟଗୁଡିକ ଜଳିବ ନାହିଁ କିନ୍ତୁ ଏ ନେଇ ରାଜପଥ ବିଭାଗର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରି ଷ୍ଟ୍ରିଟ ଲାଇଟ ଗୁଡିକ ଜଳାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ଆଜିର କାର୍ଯ୍ୟକ୍ରମ

- ପ୍ରଭାତ ପ୍ରକାଶନ ପକ୍ଷରୁ ପୁସ୍ତକ ଉନ୍ମୋଚନ ଏବଂ ଆଲୋଚନା। ସ୍ଥାନ-ଗୀତଗୋବିନ୍ଦ ସଦନ। ସମୟ-ସନ୍ଧ୍ୟା ସାଢ଼େ ୬ଟା।
- ନାଗରିକ ସମାଜ ଏବଂ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ 'ମଡର୍ଣ୍ଣ କଲଚର୍ ଇନ୍ ଓଡ଼ିଶା; ଏ ଇଭାଲୁଏସନ୍ ଆଣ୍ଡ ଆଡପ୍‌ସନ' ଶୀର୍ଷକ କର୍ମଶାଳା। ସ୍ଥାନ-ଓଡ଼ିଶା ରେଡ୍‌କ୍ରସ୍ ଭୁବନେଶ୍ୱର ଶାଖା ସମ୍ମିଳନୀ କକ୍ଷ। ସମୟ-ଦିନ ୧୧ଟା।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୫।୩(ସମିସ): ଭୁବନେଶ୍ୱରରେ ଅନେକ ପୁରାତନ ମନ୍ଦିର, ମଠ ଏବଂ ଐତିହ୍ୟସ୍ଥଳୀ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ବର୍ତ୍ତମାନ ପିଢି ପାଇଁ ଏହି ସ୍ଥାନ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ ସାଜନ୍ତି। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁ ନ ଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସୀମିତ ଥିଲା ଏହି ସହର। ଏଠାରେ ଥିବା ପର୍ଯ୍ୟଟନସ୍ଥଳୀ ଆଜି ଭଳି କୋଳାହଳ ନଥିଲା। ସେହିପରି ଏକ ଦୃଶ୍ୟ ଆଜି ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ଫଟୋଚିତ୍ରଟି ଉଦୟଗିରି ଗୁମ୍ଫା ସାମ୍ନା ପାଖର ଦୃଶ୍ୟ। ଏହି ଫଟୋଟି ୫୮ ବର୍ଷ ତଳର ବୋଲି ଜଣାପଡ଼ିଛି। ଏଥିରେ ସେ ସମୟରେ ଉଦୟଗିରି ଗୁମ୍ଫା କିପରି ଦେଖାଯାଉଥିଲା, ତାହା ଦୃଶ୍ୟମାନ ହେଉଛି। ସମ୍ରାଟ ଖାରବେଳଙ୍କ ପ୍ରସିଦ୍ଧ ହାତୀଗୁମ୍ଫା ଶିଳାଲେଖ ଏହି ସ୍ଥାନରେ ରହିଛି। ଏହି ପୁରାତନ କିର୍ତ୍ତିରାଜି ପ୍ରଥମ ଶତାବ୍ଦୀର ବୋଲି ଇତିହାସରୁ ଜାଣିବାକୁ ମିଳେ।

## ପାଇକା ମହୋତ୍ସବରେ 'ନୃତ୍ୟଶାଳା'ର ଶିଳ୍ପୀ



ଭୁବନେଶ୍ୱର, ୨୫।୩(ସମିସ): ପୁରାଣ ବର୍ଣ୍ଣିତ ପାଇକାନଦୀ କୂଳରେ ପୋତାରୀ, ବଡିରା, ମଙ୍ଗରାଜପୁରଠାରେ ଦୀର୍ଘ ୧୫ବର୍ଷ ହେବ ଫ୍ରେଣ୍ଡ୍ସ ୟୁଥ କ୍ଲବ ଦ୍ୱାରା 'ପାଇକା ମହୋତ୍ସବ' ପାଳିତ ହୋଇଆସୁଛି। ଏଥିରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ଆମନ୍ତ୍ରିତ କଟକସ୍ଥିତ 'ନୃତ୍ୟଶାଳା' ସଂସ୍କୃତି କେନ୍ଦ୍ରର ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ, ଡ. ସଙ୍ଗୀତା ସାହୁ, ଅଭିଲିପ୍ସା ସେଠି, ବୈଷ୍ଣବୀ ସାହୁଙ୍କ ଦ୍ୱାରା ଆଧ୍ୟାତ୍ମଭରା ଓଡିଶୀନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ଅନୁଷ୍ଠାନର ସଭାପତି ପ୍ରତାପ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ତ୍ରିଲୋଚନ ଦାସ ଓ ମୁଖ୍ୟ ସଂଯୋଜକ ସର୍ବେଶ୍ୱର ଦାସ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ତ୍ରିଭାଷୀ କବି ସମ୍ମିଳନୀ

ଭୁବନେଶ୍ୱର, ୨୫।୩(ସମିସ): ସାମାଜିକ ଅନୁଷ୍ଠାନ ହେଲ୍ପମେଟ୍ ଓ ଉର୍ଦ୍ଦୁ ଏକାଡେମୀର ମିଳିତ ଆନୁକୂଲ୍ୟରେ ହିନ୍ଦି, ଉର୍ଦ୍ଦୁ ଓ ଓଡ଼ିଆ ତ୍ରିଭାଷୀ କବି ସମ୍ମିଳନୀ ବୁଦ୍ଧମନ୍ଦିରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାର ମୁଖ୍ୟ ଅତିଥି ପ୍ରଫେସର ଡ଼ଃ ଜ୍ୟୋସ୍ନା ମହାପାତ୍ର, ଅନୁଷ୍ଠାନର ସଭାପତି ଡ଼ଃ ଅଞ୍ଜଳି ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ଉପସଭାପତି ନିହାରିକା ପଟ୍ଟନାୟକ ଉପସ୍ଥିତ ରହି କହିଛନ୍ତି କି, ଏଭଳି କାର୍ଯ୍ୟକ୍ରମଦ୍ୱାରା ବିଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ହେବା ସହ ସଂସ୍କୃତିର ଆଦାନ ପ୍ରଦାନ ଏବଂ ନିଜ ଜ୍ଞାନର ସୀମା ବୃଦ୍ଧି ହୋଇଥାଏ। ତେଣୁ ଭାଷାକୁ ଭାଷା ସହ ଯୋଡ଼ି ଭାଷାର ଭାବାର୍ଥ ଓ ବାର୍ତ୍ତାକୁ କବିତା ମାଧ୍ୟମରେ ପ୍ରଚାର ପ୍ରସାର କରିବା ଲେଖକମାନଙ୍କର ଏକ ମୁଖ୍ୟ ଦାୟିତ୍ୱ ଅଟେ। ଏହି ସଭାକୁ ଚମକ ଚାନ୍ଦିନୀ ଦାଶ, ସବିତା ଶତପଥୀ, ସନ୍ଧ୍ୟାରାଣୀ ପୃଷ୍ଟି ଓ ଗୀତାଞ୍ଜଳି ମହାନ୍ତିଙ୍କ ସହ ବିଭିନ୍ନ ଭାଷାଭାଷୀର କବିମାନେ ଯୋଗ ଦେଇ ପରିବେଶକୁ ଏକ ନିଆରା ଢଙ୍ଗରେ ପରିଚାଳନା କରିଥିଲେ।

## ସଂସ୍କୃତି ଚର୍ଚ୍ଚା ସମାରୋହ

ଭୁବନେଶ୍ୱର, ୨୫।୩(ସମିସ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୯୩ ତମ ସଂସ୍କୃତି ଚର୍ଚ୍ଚା ସମାରୋହ ଅନୁଷ୍ଠିତ ହୋଇଛି। ଯାହାର ବିଷୟବସ୍ତୁ 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ମହିଳାଙ୍କ ଅବଦାନ' ରହିଥିଲା। ଉତ୍ସବରେ ମୁଖ୍ୟବକ୍ତା ଭାବରେ ଲେଖକ, ଗବେଷକ ଓ ପ୍ରାକ୍ତନ ପ୍ରଶାସକ ଜୟନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥଲାବେଳେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଅଭିଲେଖାଗାରର ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ। ଏଥିରେ ମୁଖ୍ୟବକ୍ତା ଜୟନ୍ତ କୁମାର ଦାସ କହିଥିଲେ ଯେ ମୁଷ୍ଟିମେୟ କେତେଜଣ ସଂକଳ୍ପବଧ ସାଧକ ଯଦି ସେମାନଙ୍କ ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି ତା'ହେଲେ ସେମାନେ ଇତିହାସର ମୋଡ଼ ବଦଳାଇ ଦେଇ ପାରିବେ। ଏହି ମହାମନ୍ତ୍ରରେ ଅଭିହିତ ହୋଇ ପରାଧୀନ ଭାରତ ତଥା ଆମ ରାଜ୍ୟର ଅଗଣିତ ମହିଳା ତତ୍କାଳୀନ ସାମାଜିକ ପ୍ରଥାକୁ ଆଡ଼େଇ ଦେଇ ସ୍ୱଇଚ୍ଛାରେ ପୁରୁଷମାନଙ୍କ ସହସ୍ୱାଧୀନତା ଯୁଦ୍ଧରେ ନିଜକୁ ସାମିଲ୍ କରିଦେଇଥିଲେ ସବୁ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ। ସାମ୍ପ୍ରତିକ ପରିସ୍ଥିତିରେ ନାରୀମାନଙ୍କର ଅଦମ୍ୟ ସାହସ ଓ ନିର୍ଭୀକତା ସେମାନଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିଥିଲା। ସାହିତ୍ୟ ମାଧ୍ୟମରେ ନାରୀ ଜାଗରଣ ସୃଷ୍ଟି କରିବାରେ କୁନ୍ତଳା କୁମାରୀସାବତଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ଓଡ଼ିଶାର ଅନେକ ଗବେଷକ, ଐତିହାସିକ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## 'ଲୋପା ଅପା' ଉନ୍ମୋଚିତ



ଭୁବନେଶ୍ୱର, ୨୫।୩(ସମିସ): ଓଡ଼ିଶା ରାଜ୍ୟ ମହିଳା କମିଶନ ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି ଙ୍କ ୮୦ତମ ଜନ୍ମ ଦିବସ ଅବସରରେ 'ଓଡ଼ିଶା ଜୀବନ ଦାନ ଅଭିଯାନ 'ଓ 'ସାହିତ୍ୟାୟନ' ଉଭୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଷାବିଜ୍ଞାନୀ ତଥା ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ, ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ପଠାଣି ସାମନ୍ତ ପ୍ଲାନୋଟୋରିୟମର ପୂର୍ବତମ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ, ଲୋପାମୁଦ୍ରା ମହାନ୍ତିଙ୍କ 'ଅଙ୍ଗଦାନ- ମହାନ ଦାନ 'ନିଷ୍ପତ୍ତିକୁ ଅଭିନନ୍ଦନ କରିବା ସହ ଜନ୍ମ ଦିନ ଅବସରରେ ଶୁଭେଚ୍ଛା ପ୍ରଦାନ କରିଥିଲେ। ସୃଜନୀ ପରିବାର (ଚେନ୍ନାଇ) ଓ ବାଉରିବନ୍ଧୁ ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଡକ୍ଟର ବାସନ୍ତୀ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ ଅଭିନନ୍ଦନିକା 'ଲୋପା ଅପା 'ଉନ୍ମୋଚିତ ହୋଇଥିଲା। 'ଓଡ଼ିଶା ଜୀବନ ଦାନ ଅଭିଯାନ' ର ଆବାହକ ଦେବେନ୍ଦ୍ର ସୂତାର, ଅସୀମ ଅମିତାଭ ଦାସ, ସୂର୍ଯ୍ୟମଣି ତ୍ରିପାଠୀ, ମିହିର ସାହୁ, ପ୍ରଦୀପ ସିହ୍ନା, କବିତା ବାରିକ, ପ୍ରଫେସର ପ୍ରମୋଦ ପରିଡ଼ା ସମେତ ତାଙ୍କ ପରିବାର ସଦସ୍ୟ ପ୍ରଭଞ୍ଜନ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପ୍ରବୋଧ ମହାନ୍ତି, ପ୍ରଗତି ମହାନ୍ତି, ସୋମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। 'ସାହିତ୍ୟାୟନ' ର ସମ୍ପାଦକ ସଞ୍ଜୟ ମହାନ୍ତି ଓ 'ସମଦୃଷ୍ଟି' ର ସମ୍ପାଦକ ବିଘ୍ନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଓୟୁଏଟିରେ ଶିକ୍ଷା ପରିଷଦ ବୈଠକ




ଭୁବନେଶ୍ୱର, ୨୫।୩(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ୧୩ତମ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଶିକ୍ଷାରେ କୃତ୍ରିମ ବୁଦ୍ଧିମତା ଓ ନବୀନତାର ସମ୍ମିଳନ ନୂତନ ଶିକ୍ଷାନୀତି-୨୦୨୦ ସହ ପାଠ୍ୟକ୍ରମର ସମନ୍ୱୟ ଉପରେ ଆଲୋଚନା କରାଯାଇଛି। ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡ଼ ଏ. ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଆଇ ତଥା ନୂତନ କୃତ୍ରିମ ବୁଦ୍ଧିମତ୍ତାର ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ଉପରେ ଆଲୋକପାତ କରିଛନ୍ତି। ନୂତନ ଶିକ୍ଷାନୀତିର ପ୍ରୟୋଗ ସମସ୍ତଙ୍କ ପାଇଁ ଓ ସଦାସର୍ବଦା ବ୍ୟବହୃତକାରୀ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ନିଜ ସଭାପତିତ୍ୱ ଅଭିଭାଷଣରେ କହିଛନ୍ତି। ଶିକ୍ଷାର୍ଥୀମାନେ ନିଜ ଆଗ୍ରହ ଅନୁଯାୟୀ ବିଷୟ ଚୟନ କରିପାରିବେ ଓ ବହୁବିଷୟକ ଶିକ୍ଷା ଦ୍ୱାରା ସମଗ୍ର ଜ୍ଞାନ ଅର୍ଜନ କରିପାରିବେ। ଯାହାକି ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିପାରୁଛି ବୋଲି କୁଳପତି କହିଛନ୍ତି। ଏହି ବୈଠକରେ ୩ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମକୁ ଡିଆରଆଇ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।



ରାମନବମୀ ପୂର୍ବରୁ ସଜେଇ ହୋଇଛି ୟୁନିଟ୍-୩ ରାମ ମନ୍ଦିର

## ଜାତୀୟ ମାନବାଧିକାର ଆୟୋଗ ଅଧିକାରୀଙ୍କ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୨୫।୩(ସମିସ): ଜାତୀୟ ମାନବାଧିକାରୀ ଆୟୋଗଙ୍କ ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର କହ୍ନେୟା ତ୍ରିପାଠୀ ଓ ତାଙ୍କ ସହଯୋଗୀମାନେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଅନ୍ୟତମ ପରିଦର୍ଶୀ ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଜ୍ୟୋତିରଞ୍ଜନ ଦାସ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ସହ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ସହକାରୀ



ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ରାଜଭବନ ଘେରାଉ କରିବ ଆମ ଜନତା ଅଧିକାର

ଭୁବନେଶ୍ୱର, ୨୫।୩(ସମିସ): ରାଜ୍ୟରେ ଦୁଇ ବର୍ଷ ହେବ ଲୋକାୟୁକ୍ତ ନାହାନ୍ତି। ଗତ ମାସରୁ ମାନବାଧିକାର କମିଶନ ଅଧ୍ୟକ୍ଷ ଓ ପଦବୀ ଖାଲି ପଡ଼ିଛି। ସୂଚନା କମିସନଙ୍କ ଅନଭିଜ୍ଞ ଓ ଅପାରଗତା ଯୋଗୁଁ ସୂଚନା କମିଶନରେ ଦେଖା ଯାଇଥିବା ଅରାଜକତା ପରିପ୍ରେକ୍ଷୀରେ ବୁଦ୍ଧମନ୍ଦିରଠାରେ ଆମ ଜନତା ଅଧିକାର ପକ୍ଷରୁ ଆଗାମୀ ପଦକ୍ଷେପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ୨୦୨୪ରେ ରାଜ୍ୟରେ ଲୋକାୟୁକ୍ତଙ୍କ କାର୍ଯ୍ୟକାଳ ଶେଷ ହୋଇଗଲା ଓ ନୂଆ ବିଜେପି ସରକାରକୁ ଆସି ଦୁଇ ବର୍ଷ ହବାକୁ ବସିଲାଣି ଏପର୍ଯ୍ୟନ୍ତ ଲୋକାୟୁକ୍ତ ନିଯୁକ୍ତି କଲେନି। ସରକାର ଜାଣିଶୁଣି ଲୋକାୟୁକ୍ତ ନିଯୁକ୍ତି କରୁନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି। ରାଜ୍ୟ ମାନବାଧିକାର କମିଶନରେ ଅଧ୍ୟକ୍ଷ ଓ ସଦସ୍ୟ ଗତ ମାସରୁ ଅବସର ନେବାରୁ ପଦବୀ ଖାଲି ପଡ଼ିଛି। ମାତ୍ର ଜଣେ ସଦସ୍ୟ ଥିବାରୁ ଅଭିଯୋଗ ଶୁଣାଣି କି ତଦନ୍ତ ବା ନ୍ୟାୟ ମିଳି ପାରୁନି। ଶାସନିକ ସ୍ୱଚ୍ଛତା, ଦୁର୍ନୀତିଖୋର ଅଧିକାରୀଙ୍କୁ ସାବାଡ଼ ତଥା ନିର୍ବାଚିତ ପ୍ରତିନିଧିଙ୍କୁ ଦଣ୍ଡ ବିଧାନ ସହ ଜବାବ ଦେହି କରିବାକୁ ଏହି ଅର୍ଦ୍ଧନ୍ୟାୟିକ ସଂସ୍ଥା ସବୁକୁ ରାଜ୍ୟ ସରକାର ଜାଣିଶୁଣି ପଙ୍ଗୁ କରି ଦେଇଛନ୍ତି। ବିଭିନ୍ନ ସମସ୍ୟା ଓ ପଦକ୍ଷେପ ଉପରେ ଆଲୋଚନା ପରେ ଆଗାମୀ ୯ ତାରିଖରେ ରାଜଭବନ ଆଗରେ ଧାରଣା ଓ ବକ୍ଷୋଭ ସହ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ଦିଆଯିବ। ରାଜ୍ୟରେ ସବୁ ଜିଲ୍ଲାରେ ମଧ୍ୟ ଧାରଣା ଓ ପ୍ରତିବାଦ କରିବା ସହ ରାଜ୍ୟ ସାରା ଏହି ପ୍ରସଙ୍ଗରେ ଲିଫଲେଟ, ପୋଷ୍ଟର ଆଦି ମରା ଯାଇ ଜନସାଧାରଣଙ୍କୁ ମଧ୍ୟ ସୂଚିତ ଓ ସଚେତନ କରିବାକୁ ନିଷ୍ପତି ନିଆଯାଇଛି ବୋଲି ସୂଚନା ଅଧିକାର ଅଭିଯାନ ପକ୍ଷରୁ ସୂଚନା ଦିଆଯାଇଛି।

## 'ଦଣ୍ଡକାଳୀ'ର ପୋଷ୍ଟର୍ ଉନ୍ମୋଚିତ

ଭୁବନେଶ୍ୱର, ୨୫।୩(ସମିସ): ଚଳିତ ବର୍ଷର ଚର୍ଚ୍ଚିତ ସିନେମା 'ଦଣ୍ଡକାଳୀ'ର ପୋଷ୍ଟର ଉନ୍ମୋଚିତ ହୋଇଛି। ହୋଟେଲ ପ୍ରାଚୀଠାରେ ଏହି ଉନ୍ମୋଚନ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଥିଲେ। ରାଜଶ୍ରୀ ସିନେ କ୍ରାଫ୍ଟସ ନିବେଦିତ ଦଣ୍ଡକାଳୀର ପ୍ରଯୋଜନା କରିଛନ୍ତି ରାଜଶ୍ରୀ ଘୋଷ। ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ ଏବଂ କାହାଣୀ ରଚନା କରିଛନ୍ତି ଅଭିଷିକ୍ତା ମିଶ୍ର। ଡ. ନିର୍ମଳ ନାୟକ ଓ ବାପୁ ଗୋସ୍ୱାମୀଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ମ୍ୟୁଜିକ ସାଇଣ୍ଟିଷ୍ଟ ପ୍ରେମ ଆନନ୍ଦ ଏବଂ ଡିଓପି ଅଛନ୍ତି ଦୀପକ କୁମାର। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ମହାଶ୍ୱେତା ରାୟ, କ୍ରିଷ୍ଣା କର, ସୂର୍ଯ୍ୟମୟୀ, ଉଷଶୀ ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦିତ ଗୁରୁ, ଏଲି ପାଢ଼ୀ, ତୃପ୍ତି ମୀରାମ୍ବିକା ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ରାସ୍ତାକଡ଼ରେ ଖୋଲିଲାଣି 'ଥଣ୍ଡା' ଆସର

## ବାଟୋଇଙ୍କୁ ଆଶ୍ୱସ୍ତ କରୁଛି ଲେମ୍ବୁ, ପୋଦିନା ସର୍ବତ

ଭୁବନେଶ୍ୱର, ୨୫।୩(ସମିସ): ରାଜଧାନୀ ରାସ୍ତା କଡରେ ମେଲିଲାଣି ଧଣ୍ଡା ପାନୀୟ ଆସର। ଦିନବେଳା ଖରାର ମାତ୍ରା ଧିରେ ଧିରେ ବଢ଼ିବାରୁ ରାସ୍ତାରେ ଖୋଲିଥିବା ଥଣ୍ଡା ପାନୀୟ ଦୋକାନଗୁଡ଼ିକରେ ଭିଡ଼ ଜମାଉଥିବା ଲକ୍ଷ୍ୟ କରାଯାଉଛି। ଏହି ସମୟରେ ଯିବା ଆସିବା କରୁଥିବା ଲୋକଙ୍କୁ ବିଭିନ୍ନ ପ୍ରକାରର ଥଣ୍ଡା ପାନୀୟ ଖରାରୁ ଆଶ୍ୱସ୍ତି ଦେଉଛି। ବିଭିନ୍ନ ସ୍ଥାନରେ ଥିବା ଫ୍ରୁଟ୍ ଜୁସ୍, ଲସି, ଲେମ୍ବୁ ଓ ପୋଦିନା ସରବତ, ଜଳଜିରା, ଦହି ପାଣି, ନାଣ୍ଡିବଗୁଲି, ପଇଡ଼ ଆଦି ଦେଖିଲେ ଘଡ଼ିଏ ଅଟକି ଯାଉଛନ୍ତି। ରାଜଧାନୀ ବଜାରରେ ଆଖୁ ରସ ଗ୍ଲାସ୍ ପ୍ରତି ୨୫ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସେଓ ଜୁସ୍ ଗ୍ଲାସ୍ ପ୍ରତି ୫୦ ଟଙ୍କାରେ, ଅଙ୍ଗୁର ଜୁସ ୩୦, ସପୁରୀ ଜୁସ୍ ୩୦ରେ ବିକ୍ରି ହେଉଛି। ସବୁଠାରୁ ଶସ୍ତା ପାନୀୟ ହିସାବରେ ଜଳଜୀରା ୧୫ ଟଙ୍କା, ଲେମ୍ବୁ ପୋଦିନା ସର୍ବତ ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଦହି ସର୍ବତ ୨୦ ଟଙ୍କା, କଦଳୀ କ୍ଷୀର ସେକ୍ ୪୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ପଇଡ଼ର ଆକାର ଅନୁଯାୟୀ ୩୦ ଟଙ୍କାରୁ ଆରମ୍ଭ କରି ୫୦ ଟଙ୍କାରେ ବିକ୍ରି ହେଉଛି। ଋତୁ ଅନୁଯାୟୀ ବ୍ୟବସାୟ କରୁଥିବା ବେପାରୀମାନେ ଥଣ୍ଡା ପାନୀୟର ଆସର ଜମାଇଲେଣି। ଏହି ଥଣ୍ଡା ପାନୀୟ ବିଶେଷତଃ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଅଫିସ୍, ସ୍କୁଲ ଓ କଲେଜ ବାହାରେ ଅଧିକ ଦେଖିବାକୁ ମିଳୁଛି। ରାଜଧାନୀର କିଛି ପ୍ରମୁଖ ସ୍ଥାନ ଯଥା ଏକ ନମ୍ବର ମାର୍କେଟ, ରାଜମହଲ ଛକ, ଆଚାର୍ଯ୍ୟ ବିହାର, ବାଣୀବିହାର, ସହିଦନଗର, କଳ୍ପନା ଛକ, ଖଣ୍ଡଗିରି ଛକ ଆଦି ଅଞ୍ଚଳରେ ଏହି ବ୍ୟବସାୟୀଙ୍କୁ ବେଶି ଦେଖିବାକୁ ମିଳୁଛି।



### ଏଥର ଲସି ବେପାର ମାନ୍ଦା

ଗତ ବର୍ଷ ତୁଳନାରେ ସେତେ ଖରା ହେଉ ନ ଥିବାରୁ ଅନ୍ୟ ଥଣ୍ଡାପାନୀୟ ଅପେକ୍ଷା ଲସି ବେପାର ଏଥର ମାନ୍ଦା ଚାଲିଥିବା ବ୍ୟବସାୟୀଙ୍କଠୁ ଶୁଣିବାକୁ ମିଳିଛି। ଖରା ଆସିଲେ ପ୍ରତିଥର ଛକ ଛକରେ ଲସି ଦୋକାନ ଦେଖିବାକୁ ମିଳେ। ହେଲେ ଚଳିତ ବର୍ଷ ଅନ୍ୟ ବର୍ଷ ଅପେକ୍ଷା ବହୁତ କମ ଦୋକାନ ପଡ଼ିଥିବା ନଜର ଆସୁଛି। ଯେଉଁ ଲସି ଦୋକାନ ଏବେ ଖୋଲୁଛି ତା ବି ଗ୍ରାହକ ସଂଖ୍ୟା କାଁ ଭାଁ ଦେଖିବାକୁ ମିଳୁଛି। କେବଳ ସେତିକି ନୁହଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ଲିଙ୍ଗରାଜ ମନ୍ଦିର ଏବଂ ଉଦୟଗିରି ଖଣ୍ଡଗିରି ଭଳି ପର୍ଯ୍ୟଟନସ୍ଥଳୀ ନିକଟରେ ବି ଗୋଟିଏ ଦୋକାନ ସେ ପୁଣି କ୍ୱଚିତ ପରିଲକ୍ଷିତ ହେଉଛି। ଯେଉଁଠିକି ରାସ୍ତା କଡରେ ଅନେକ ଲସି ଦୋକାନ ଏକା ସହ ଖୋଲିଥାଏ। ଏ ନେଇ ଖଣ୍ଡଗିରି ଉଦୟଗିରି ନିକଟରେ ଦୀର୍ଘଦିନ ଧରି ଲସି ବିକ୍ରି କରୁଥିବା ମନୋଜ କୁହନ୍ତି, ପୂର୍ବ ବର୍ଷ ଅପେକ୍ଷା ଏଥର ସେତେ ଖରା ହେଇ ନାହିଁ। ନଚେତ ମାର୍ଚ୍ଚ ଆରମ୍ଭରୁ ତାତିରେ ଦିନ ବେଳା ଲୋକ ଘରୁ ବାହାରିବାକୁ ସଙ୍କୋଚ କରନ୍ତି। ତେଣୁ ଆଶା ଅପେକ୍ଷା ଏଥର ଗ୍ରାହକ କମ ଆସୁଛନ୍ତି। ସେଥିପାଇଁ ବେପାର ବି ମାନ୍ଦା ଚାଲିଛି।



## ଜିଲ୍ଲାସ୍ତରୀୟ ଆଧାର ପରିଚାଳନା କମିଟି ବୈଠକ

# ଶୁଳ୍କଚାର୍ଟ ପ୍ରଦର୍ଶନ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ବରଗଡ଼,୨୫ ।୩(ସମିସ):




ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲ୍ଲାସ୍ତରୀୟ ଆଧାର ପରିଚାଳନା କମିଟିର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାର ଆଧାର ସେବା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ସହ ୦ ରୁ ୫ ବର୍ଷ ବୟସର ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଆଧାର ପଞ୍ଜୀକରଣ କାର୍ଯ୍ୟକୁ ସହଜ, ସୁଗମ ଏବଂ ଗତିଶୀଳ କରିବାକୁ ଆଲୋଚନା କରାଯାଇଥିଲା। ଏହାସହିତ ୫ରୁ ୭ ବର୍ଷ ଓ ୧୫ରୁ ୧୭ ବର୍ଷ ବୟସ ମଧ୍ୟରେ ଥିବା ଶିଶୁ/କିଶୋରମାନଙ୍କ ପାଇଁ ବାୟୋମେଟ୍ରିକ ଅପଡେଟ୍ ଓ ଆବଶ୍ୟକ ଡକ୍ୟୁମେଣ୍ଟ ଅପଡେଟ୍ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ସହ ଜିଲ୍ଲାର ସମସ୍ତ ଆଧାର ସେବା କେନ୍ଦ୍ରରେ ସେବା ଆଧାରିତ ଶୁଳ୍କ ଚାର୍ଟ ପ୍ରଦର୍ଶନ କରିବା ଏବଂ ଆଧାର ପଞ୍ଜୀକରଣର ଇ-ଜେକ୍ଟ ହୋଇଥିବା ଆପ୍ଲିକେସନ ଗୁଡ଼ିକୁ ପୁନଃ ପ୍ରୋସେସ୍ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଇ-ପ୍ରଶାସନ ଅଧିକାରୀ ମସ୍ତରାମ ଛନ୍ଦଙ୍କ ପ୍ରଚେଷ୍ଟାରେ ଆୟୋଜିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଡିଏସ୍ଏସ୍ଓ ତାହିର ହୁସେନ, ଜିଲ୍ଲା ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର, ୟୁଆଇଡିଏଆଇର ଆଧାର ପରିଚାଳକ ଜ୍ୟୋତି ପ୍ରକାଶ, ଲିଡ୍ ବ୍ୟାଙ୍କ ମ୍ୟାନେଜର ବିଦ୍ୟାନନ୍ଦ ତିରକି, ଜିଲ୍ଲା ପରିଚାଳକ, ଶାରଦା ସିଷ୍ଟମ ପ୍ରାଇଭେଟ ଲିମିଟେଡ୍ ଏବଂ ସହଜ ରିଟେଲ ଲିମିଟେଡ୍‌ଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଅଧିକାରୀ ସହିତ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀ ହନୁମାନ, ଶନିଶ୍ଚର, ଭୈରବଙ୍କ ବିଗ୍ରହ ପ୍ରତିଷ୍ଠା



ବରଗଡ଼,୨୫ ।୩(ସମିସ):ବରଗଡ଼ ବ୍ଲକ୍ ପଧାନପାଲି ଗ୍ରାମରେ ହନୁମାନ ଜୀଙ୍କ ପାଞ୍ଚ ଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁକ୍ତେଶ୍ୱର ମନ୍ଦିରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ୧୦୦୦ରୁ ଅଧିକ ମହିଳା ଯୋଗଦେଇଥିଲେ। ସକାଳେ ସୂର୍ଯ୍ୟ ପୂଜନ, ଗୋପୂଜନ, ବ୍ରାହ୍ମଣଭୋଜନ, ଯଜ୍ଞକର୍ମ, ବିଷ୍ଣୁ ସହସ୍ରନାମ ହୋମ କରାଯାଇଥିଲା। ପଣ୍ଡିତ ରାଜେନ୍ଦ୍ର ତ୍ରିପାଠୀ, କିଶୋର ଦାଶ, ପଞ୍ଚା ମିଶ୍ର, ରଞ୍ଜନ ଦାଶ, ପ୍ରଫୁଲ୍ଲ ଦାଶ, ଶୁଭମ ଦେବତା, ପିଙ୍କୁ ଦାଶ, କବିଚନ୍ଦ୍ର ଦାଶ, ଶିବୁନ ଦାଶ ପ୍ରମୁଖ ପୂଜା କରିଥିଲେ। କର୍ତ୍ତା ଭାବରେ ଜଗଦିଶ ଗୋଲପୁରିଆ, ଇନ୍ଦୁ ଗୋଲପୁରିଆ ଯୋଗଦେଇଥିଲେ। ଶନିଶ୍ଚର ମନ୍ଦିର କର୍ତ୍ତା ଭାବରେ ଗଣେଶ ବାରିକ, ସାଗରିକ ବାରିକ ଓ ଭୈରବ ମନ୍ଦିର କର୍ତ୍ତା ଭାବରେ ଡୋଲାମଣୀ ଭୋଇ, ପୁଷ୍ପାଞ୍ଜଳି ଭୋଇ ଯୋଗଦେଇଥିଲେ। ସେହିପରି ବୃଷଭ ବାବା କର୍ତ୍ତା ଭାବରେ ସ୍ୱାଧୀନ ସେଠ, ବର୍ଷାରାଣୀ ସେଠ, ପଞ୍ଚାନନ ଖମାରୀ, ବାସନ୍ତି ଖମାରୀ, ପଦ୍ମନ ଖମାରୀ, ଭାଗବତ ପଧାନ, ଅନନ୍ତ ସେଠ, ପ୍ରଦୀପ ଖମାରୀ, ଯଶବନ୍ତ ବାଗ, ଦୁଷ୍ମନ୍ତ ଖମାରୀ, ମଦନ ପଧାନ, ପ୍ରଶାନ୍ତ ପଧାନ, ଭାନୁ ସେଠ, ଭୁଜବଳ ପଧାନ, ଅଶ୍ୱିନୀ ସାହୁ, ନିରନ ଖମାରୀ, ଶୁକ୍ଲା ଖମାରୀ, ସୁମନ୍ତ ଖମାରୀ, ରିତେଶ ଭୋଇ, ଦୁର୍ଗା ପ୍ରସାଦ ବାରିକ, ସତ୍ୟବାଦୀ ଭୋଇ, ଭଗବାନ ନାଏକ, ସୁଦାଂଶୁ ସାହୁ, କେଶବ ପୋଢ଼, ଧର୍ମ ବାଗ, ଜଟାଧାରୀ ଭୋଇଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଚାରପାଲିରେ ଷୋହଳପ୍ରହର ନାମଯଜ୍ଞ

ପଦ୍ମପୁର,୨୫ ।୩(ସମିସ): ଚାରପାଲି (ଉପରପଡ଼ା) ରେ ଷୋହଳପହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ରେବତୀ ବଲ୍ଲଭ ସାହୁ (ଶିବୁ) ଓ ସପତ୍ନୀ ନଳିତା ସାହୁ (ପ୍ରାଚୀ) କର୍ତ୍ତା ଭାବରେ ଦାୟିତ୍ୱ ତୁଲାଉଛନ୍ତି। ମଧ୍ୟାହ୍ନରେ ଚାରପାଲି ଗ୍ରାମ ପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇ ଯଜ୍ଞମଣ୍ଡଳୀରେ ସ୍ଥାପନ ହୋଇଥିଲା। ସମସ୍ତଙ୍କପାଇଁ ଅନ୍ନଭୋଗର ବ୍ୟବସ୍ଥା କରା ଯାଇଥିଲା। ଯଜ୍ଞ ପୁରୋହିତ ଭାବରେ ବିମ୍ବାଧର ତ୍ରିପାଠୀ ଓ ସହଯୋଗୀମାନେ ଦାୟିତ୍ୱ ତୁଲାଉଛନ୍ତି। ଚାରପାଲି ନାମଯଜ୍ଞ କମିଟି ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ହେଉଛି।

## +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା

ପଦ୍ମପୁର,୨୫ ।୩(ସମିସ): ସ୍ଥାନୀୟଅଞ୍ଚଳ ମହାବିଦ୍ୟାଳୟର ପୂରାତନ ସମ୍ମିଳନୀ ପ୍ରକୋଷ୍ଠରେ ରାଜନୀତି ବିଜ୍ଞାନବିଭାଗ ପକ୍ଷରୁ +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସଫଳତା ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ।



ବିଭାଗୀୟ ମୁଖ୍ୟ ଶର୍ମିଳା ପଣ୍ଡା ଚରିତ୍ର ଗଠନ ଓ ସଫଳତା ମଧ୍ୟରେ ଥିବା ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସିଦାର ସମୟାନୁବର୍ତ୍ତୀତା, ଭୁବନେଶ୍ୱର ବରିହା ସକାରାତ୍ମକ ଜୀବନଶୈଳୀ ଏବଂ ବିପିନ ପାଇକ ନିଜର ଅଭିଜ୍ଞତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଛବୀନ୍ଦ୍ର ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଟକିଆପଡ଼ା ଭୁଜାଲି ମାଡ଼ ଘଟଣା; ୪ଗିରଫ

ବରଗଡ଼,୨୫ ।୩(ସମିସ): ମଙ୍ଗଳବାର ସହରର କଟକିଆପଡ଼ା ଅଞ୍ଚଳରେ ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ହୋଇଥିଲା। ଗୁରୁତର ଯୁବକ ଜଣକ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବୁଧବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଏସ୍‌ପି ଶିବପ୍ରସାଦ ବିଶ୍ୱାଳ, ଏସ୍‌ଡିପିଓ



ପଦାର ବିନ୍ଦ ତ୍ରିପାଠୀ ଓ ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର ପ୍ରମୁଖ ତତ୍ପରତା ଦେଖାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଏମ୍‌ଡି ସନୁ (୨୯), ଅଫ୍ରଜ ଖାନ୍ (୨୨), ସିନ୍ଧବାଜ ଖାନ୍ (୨୯) ଓ ରାଜୁ ସେଖ (୨୪)। ସମସ୍ତେ ବରଗଡ଼ ଟାଉନ ଥାନା ଅଧୀନ ପଠାନ୍ ପଡ଼ାର ବୋଲି ଜଣାପଡ଼ିଛି। ଏନେଇ ଟାଉନ ଥାନାରେ ମାମଲା ରୁଜୁ ହୋଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନ୍ ଥାନା ଅଧିକାରୀ ଚିତ୍ତ ରଞ୍ଜନ ମେହେର କହିଛନ୍ତି। ପ୍ରକାଶ ଯେ, ଘଟଣାର ଅଳ୍ପ କିଛି ସମୟ ମଧ୍ୟରେ ତିନି ଜଣଙ୍କୁ ଗତକାଲି ରାତିରେ ପୁଲିସ କାବୁକରି ନେଇଥିଲେ, ବୁଧବାର ଆଉ ଜଣକୁ ପୁଲିସ ଗିରଫ କରିଥିଲା।

## ଘେଁସରେ ବାସନ୍ତୀକ ନବରାତ୍ର ପୂଜା




ଘେଁସ,୨୫ ।୩(ସମିସ): ବରଗଡ଼ ଜିଲ୍ଲା ଘେଁସ ସ୍ଥିତ ପ୍ରସିଦ୍ଧ କୁଳେଶ୍ୱରୀ ମାତା ଦୁର୍ଗାଦେବୀ ଶକ୍ତିପୀଠରେ ଚାଲିଛି ବାସନ୍ତୀକ ନବରାତ୍ର ପୂଜା। ଆଜି ମହାଷ୍ଟମୀ ତିଥିରେ ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ସପ୍ତମୀ ଗତେ ଅଷ୍ଟମୀ ମହାବିହୀତ ପୂଜାରେ ମାତା କୁଳେଶ୍ୱରୀ 'ମହାଗୌରୀ' ରୂପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ବିଶେଷକରି ନିଜର ମନସ୍କାମନା ପୂରଣ ପାଇଁ ମା'ଙ୍କ ପୀଠରେ ୨୫୦ରୁ ଅଧିକ ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳିତ ହୋଇଛି, ଯାହା ଶକ୍ତିପୀଠର ପରିବେଶକୁ ଅଧିକ ଦୀପ୍ତିମନ୍ତ କରିଛି। କେବଳ ପୂଜାପାଠ ନୁହେଁ, ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସ୍ଥାନୀୟ ଶାମ୍ଭବୀ ଲୋକକଳା ମଣ୍ଡପଠାରେ ଆୟୋଜିତ ହେଉଛି ରାଜ୍ୟସ୍ତରୀୟ ଲୋକମହୋତ୍ସବ। ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାମୀଦାମୀ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ନିଜର କଳା ପ୍ରଦର୍ଶନ କରୁଛନ୍ତି।

## ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଅମ୍ବାଭୋନା,୨୫ ।୩(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ଭାରତ ଜନଗଣନା ଲାଗି ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ବୈଠକରେ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମେହେର, ପ୍ରଶିକ୍ଷକ ଜନକ ରାମ ବାରିକ ଓ ସିଦ୍ଧାର୍ଥ ଶଙ୍କର ପ୍ରଧାନ, ହେଡକ୍ଲାର୍କ ପ୍ରଦୀପ୍ତ ଛୁରିଆ ଏବଂ ଭୁକ୍ତା ଜନତା ସରକାରୀ ହାଇସ୍କୁଲର ଶିକ୍ଷକ ସଞ୍ଜୟ ଖମାରୀ ମଞ୍ଚାସୀନ ଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୪୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ୍ ନେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜନଗଣନା ପରିଚାଳନାର ଉଦ୍ଦେଶ୍ୟ, ଭାରତର ଜନଗଣନା ଆଇନ, ଜନଗଣନା ସମୟରେ ଜନଗଣନାକାରୀ ଓ ସୁପରଭାଇଜର କରିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଝରଗ୍ରାମରେ ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜା





ମେଲଛାମୁଣ୍ଡା,୨୫ । ୩(ସମିସ): ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ଝରଗ୍ରାମରେ ମା' ସମଲେଶ୍ୱରୀଙ୍କ ବାସନ୍ତିକ ପୂଜା ମହୋତ୍ସବ ଶୁଭାରମ୍ଭ ହୋଇଛି। ସୋମବାର ଅପରାହ୍ନରେ ପୂଜା କମିଟିର ସଭାପତି ତେଜ ମେହେର, ସମ୍ପାଦକ ରାଜୁ ମେହେର ଏବଂ କୋଷାଧ୍ୟକ୍ଷ ଶଙ୍କର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟକର୍ତ୍ତା ସରୋଜ ସାହୁ ଓ ତାଙ୍କ ଧର୍ମପତ୍ନୀ ଧରିତ୍ରୀ ସାହୁଙ୍କ ସହିତ ଶ୍ରଦ୍ଧାଳୁମାନେ ପବିତ୍ର ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ପଣ୍ଡିତ ରତ୍ନମଣି ଦାଶଙ୍କ ବେଦ ମନ୍ତ୍ରୋଚ୍ଚାରଣ ଓ ରୀତିନୀତି ଅନୁସାରେ ମନ୍ଦିରରେ କଳସ ସ୍ଥାପନ କରାଯାଇଛି। ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଖୋର୍ଦ୍ଧାର ପାଇକ ଆଖଡ଼ା, ଗାଇସିଲାଟ କନ୍ଦାଗାଡ଼ର ପ୍ରସିଦ୍ଧ ଡଣ୍ଡା ନାଚ, ଝରର ପାରମ୍ପରିକ ମୟୂର ନୃତ୍ୟ ଏବଂ ରାମଲୀଳା ପରିବେଷଣ ଦର୍ଶକଙ୍କ ମନ ମୋହୁଛି। ଏହା ସହିତ 'ରାବଣ ଦରବାର' କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ପାଲଟିଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଏହି ପୂଜା ମହୋତ୍ସବ ଚାଲିବା ନେଇ ପୂଜାକମିଟି ସୂଚନା ଦେଇଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଜିଲ୍ଲା ଶିକ୍ଷକ ପ୍ରତିନିଧି ମଣ୍ଡଳୀ

ବରଗଡ଼,୨୫ । ୩(ସମିସ): ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ବିମ୍ବାଧର କୁଅଁରଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲାର ଏକ ଶିକ୍ଷକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଗ୍ରୀବର ବିଶି, ସାମାଜିକ କର୍ମୀ ଈଶ୍ୱର ବାଗ, ପ୍ରଧାନଶିକ୍ଷକ ପ୍ରଦୀପ ଶତପଥୀ, ଶିକ୍ଷକ ସଞ୍ଜୀବ ପଣ୍ଡା, ମନୋଜ ଦାସ ଓ ଶିକ୍ଷକ ତେଜରାଜ୍ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାକ୍ଷାତ ଅବସରରେ ପୂର୍ବତନ ମନ୍ତ୍ରୀ ଶ୍ରୀ କୁଅଁର ଆଗାମୀ ଦିନରେ ବରଗଡ଼କୁ ଆସିବା ପାଇଁ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କରିଥିବାବେଳେ ବରଗଡ଼ ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ ପାଇଁ ନିବେଦନ କରିଥିଲେ।



### ■ ପେସା ଆଇନ୍ କାର୍ଯ୍ୟକାରିତାରେ ବିଳମ୍ବ

## ରାଜ୍ୟସଭାରେ କେନ୍ଦ୍ରକୁ ପ୍ରଶ୍ନକଲେ ସାଂସଦ

ପଦ୍ମପୁର,୨୫ ।୩ (ସମିସ): ବଜେଟ୍ ସତ୍ର ସମୟରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଓଡ଼ିଶାର ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତ ସମ୍ପ୍ରସାରଣ (ପେସା) ଆଇନ, ୧୯୯୬ର କାର୍ଯ୍ୟକାରୀତା ନେଇ ଗୁରୁତର ଚିନ୍ତାବ୍ୟକ୍ତ କରିଥିଲେ। ସେ ପ୍ରଶ୍ନ କରିଥିଲେ ଯେ ଗ୍ରାମ ସଭାଙ୍କୁ ଜମି ଅଧିଗ୍ରହଣ, ଲଘୁ ଜଙ୍ଗଲ ଜାତଦ୍ରବ୍ୟ ସଂଗ୍ରହ ବିକ୍ରି ଓ ପ୍ରାକୃତିକ ସମ୍ପଦ ସୁରକ୍ଷା, ଆଦିବାସୀ ସଂସ୍କୃତି, ଜମି ଜଙ୍ଗଲ, ଜୀବନ ଜୀବିକା ସୁରକ୍ଷା ଉପରେ ପୂର୍ଣ୍ଣକ୍ଷମତା ଦିଆଯାଇଛି କି ନାହିଁ, ଏବଂ ପେସା ଆଇନର ପରିଚାଳନା ଏବଂ କାର୍ଯ୍ୟାନୁଷ୍ଠାନରେ କେଉଁ ସମସ୍ୟା ରହିଛି କି ବୋଲି ପ୍ରଶ୍ନ ପଚାରିଥିଲେ। ଏହାର ଲିଖିତ ଉତ୍ତରରେ କେନ୍ଦ୍ର ଆଦିବାସୀ ରାଜ୍ୟ ମନ୍ତ୍ରୀ ଦୁର୍ଗାଦାସ ଉଇକେ କହିଥିଲେ ଯେ ଏହା ମୁଖ୍ୟତଃ ରାଜ୍ୟ ବିଷୟ, ସେଥିପାଇଁ ଓଡିଶାରେ ପେସା ଆଇନ ବ୍ୟବସ୍ଥାକୁ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ରେ ସାମିଲ କରାଯାଇଛି। ପେସା ନିୟମ ୨୦୨୩ ର ଖସଡା ୧୦ ନଭେମ୍ବର ୨୦୨୩ରେ ପ୍ରକାଶିତ ହୋଇଥିଲା ଓ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ଅଛି। ସରକାର ସ୍ୱୀକାର କରିଛନ୍ତି ଯେ ନିୟମ ପ୍ରକାଶନରେ ବିଳମ୍ବ, ଜାଗୃକତାର ଅଭାବ, କ୍ଷମତା ଗଠନର ଅଭାବ ଓ ଗ୍ରାମ ସଭାର କମ୍ ସହଭାଗିତା ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ବାଧା ସୃଷ୍ଟି କରୁଛି। କେନ୍ଦ୍ର ସରକାର ପେସା ଆଇନର ୧୦ଟି ସୂଚକ ମାଧ୍ୟମରେ ଏହାର ନିରୀକ୍ଷଣ କରୁଛନ୍ତି। ସାଂସଦ ଶ୍ରୀ ବିଶି କହିଛନ୍ତି ଯେ ପେସା ଆଇନକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯାଉ, ଗ୍ରାମ ସଭାକୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଉ ଓ ଆଦିବାସୀମାନଙ୍କୁ ସଶକ୍ତିକରଣ କରାଯାଉ, ଯାହା ଦ୍ୱାରା ଆଦିବାସୀ ଅଞ୍ଚଳରେ ପ୍ରକୃତ ସ୍ୱଶାସନ ସୁନିଶ୍ଚିତ ହେବ। ଗ୍ରାମ ସଭା ଶକ୍ତିଶାଳୀ ହେଲେ ଆଦିବାସୀ ସ୍ୱୟଂଶାସନ ବ୍ୟବସ୍ଥା ମଜଭୁତ ହୋଇପାରିବ।



## ମିଲେଟ୍ସ ଟିଫିନ୍ ସେଣ୍ଟର ଉଦ୍‌ଘାଟିତ

ଅମ୍ବାଭୋନା,୨୫।୩(ସମିସ): ଶ୍ରୀ ଅନ୍ନ ଅଭିଯାନ ଯୋଜନା ଅଧୀନରେ ଅମ୍ବାଭୋନା ବ୍ଲକ୍ କାର୍ଯ୍ୟାଳୟ, ପ୍ରକାଶପୁର ଠାରେ ମିଲେଟ୍ସ ଟିଫିନ ସେଣ୍ଟରର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଅମ୍ବାଭୋନା ବିଡିଓ ଡ.ଲଳିତ ବାଗ, ଏବିଡିଓ ସରୋଜ ପଧାନ, ବଡବାବୁ ଯୁଗଳ କିଶୋର କୁଜୁର, ସିଡିପିଓ ମାଳତି ନାଏକ, ତ୍ରିରଙ୍ଗା ଯୁବକ ସଂଘର ସଭାପତି ହୃଦାନନ୍ଦ ନାଏକ, ପୂର୍ବତନ ଅମ୍ବାଭୋନା ବ୍ଲକ୍ ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବିଏଲସି ମିଶନ ଶକ୍ତି, ୱାଇପି ମିଶନ ଶକ୍ତି ଓ ଡିପିସି ୱାସନ୍ ବରଗଡ଼



ସହିତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଟିଫିନ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ତ୍ରିରଙ୍ଗା ଯୁବକ ସଂଘ ଏବଂ ସିବିଓ ଚିରସବୁଜା ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଦ୍ୱାରା ଆୟୋଜିତ ହୋଇଥିବା ବେଳେ କୃଷି ବିଭାଗର ସହଯୋଗ ରହିଥିଲା। ମିଲେଟ୍ସ ଟିଫିନ ସେଣ୍ଟରର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀ 'ସରସ୍ୱତୀ ଏସଏଚଜି'ଙ୍କୁ ପ୍ରଦାନ କରାଯାଇଛି। ଅନୁଷ୍ଠାନରେ ଅଂଶଗ୍ରାହୀ ଓ ଅତିଥିମାନଙ୍କ ପାଇଁ ବିଭିନ୍ନ ପ୍ରକାରର ମିଲେଟ୍ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ଓ ପ୍ରଦର୍ଶିତ କରାଯାଇଥିଲା। ଅମ୍ବାଭୋନା ବ୍ଲକ୍‌ରେ ମିଲେଟ୍ ଖାଦ୍ୟର ବ୍ୟବହାର ବୃଦ୍ଧି, ମିଲେଟ୍ ରେସିପିର ପ୍ରଚାର ଓ ପ୍ରସାର, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଶେଷରେ ତ୍ରିରଙ୍ଗା ଯୁବକ ସଂଘର କୋଡିନେଟର ଚିରଞ୍ଜିବି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଳ,୨୫ ।୩(ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଶେଷବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ନିରାକାର ରାଉତ, ବିଜୟ କୁମାର ମେହେର, ସନ୍ତୋଷ ସିଂ ଠାକୁର, ଅମରେଶ ଠାକୁର, ସୁମିତାବ ନାୟକ, ଦେବକାନ୍ତ ନାୟକ, ପୁଷ୍ପକାନ୍ତ ସାହୁ, ସସ୍ମିତା ସରିଆଁ, ବବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ରଶ୍ମୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ରୋହିତ ପ୍ରଧାନ, ଗୁରୁପ୍ରସାଦ ବଣ୍ଡା, ଛାତ୍ର ପ୍ରଦୀପ ପଟେଲ, ଷ୍ଟେନଲି ବାରିକଙ୍କ ସମେତ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିବାବେଳେ ଷ୍ଟେନଲି ବାରିକ ଧନ୍ୟବାଦ ଦେଇଥିଲେ।

## ପାର୍ବତୀ ଗିରି ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ବରଗଡ଼,୨୫ । ୩(ସମିସ):ସ୍ଥାନୀୟ ପାର୍ବତୀଗିରି ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ଏକ ବିଦାୟକାଳୀନ ଉତ୍ସବ ଆୟୋଜିତ ହୋଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ନନ୍ଦିନୀ ନିରୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ଅନୁପମା ବେହେରା, ଡ.ପ୍ରଶାନ୍ତ କୁମାର ଦାଶ ଓ ରିତାଞ୍ଜଳି ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ କରି ଛାତ୍ର ଜୀବନରେ ଶୃଙ୍ଖଳା, କଠିନ ପରିଶ୍ରମ ଓ ଅଧ୍ୟବସାୟ ସଫଳତାର ଶିଖର ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ତୃତୀୟ ବର୍ଷର ଛାତ୍ରୀମାନେ ତାଙ୍କର ତିନି ବର୍ଷର ଅନୁଭୂତି ଓ ଅଭିଜ୍ଞତା ବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ରିମା, ଲିଜା ଓ ପୂଜା ସଂଯୋଜନା କରିଥିବାବେଳେ ସୁପ୍ରିୟା ଧନ୍ୟବାଦ ଅର୍ପଣ କରିଥିଲେ।



# ଅଲମ୍ପିକ୍ ମୂଲ୍ୟବୋଧ ଶିକ୍ଷା ରିଫ୍ରେସର ତାଲିମ ଉଦ୍‌ଯାପିତ

ବରଗଡ଼,୨୫ ।୩(ସମିସ):




ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଭୁବନେଶ୍ୱର ଓ ଜିଲ୍ଲା ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଣାପ୍ରତାପ ଉଚ୍ଚବିଦ୍ୟାଳୟ ପରିସରରେ ଅଲମ୍ପିକ୍ ମୂଲ୍ୟବୋଧ ଶିକ୍ଷା ରିଫ୍ରେସର ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମାଷ୍ଟରଟ୍ରେନର ହମିଦ ମହାପାତ୍ର, ପ୍ରକଳ୍ପ ସଂଯୋଜକ ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୨୦ ବିଦ୍ୟାଳୟର ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତି କାନ୍ତ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୟ ପ୍ରକାଶ ସୟ, ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭିଷେକ ବାରିକ ସଂଯୋଜନା କରିଥିବାବେଳେ କାର୍ଯ୍ୟକ୍ରମରେ ଗଣେଶ ବାରିକ, ବାସନ୍ତୀ ମେହେର, ଗୀତାଞ୍ଜଳି ଗଡ଼ତିଆ, ଦେବ କୁମାର ବାରିକ, ପଙ୍କଜ ମୋହନ ସାହୁ ମହାଦେବ ଭୋଇ, ଝରଣା ଦାଶ, ଗୋପାଳ ପ୍ରଧାନା, ଉମାକାନ୍ତ ପଣ୍ଡା, ମମତା ମଞ୍ଜରୀ ହୋତା, ହୃଦମନି ଭୋଇ ପ୍ରମୁଖ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରଧାନଶିକ୍ଷକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମ୍ବଲପୁରରେ ଆଇଟି ପାର୍କ ସହ 'ଏଆଇ' ସେଣ୍ଟର ଅଫ୍ ଏକ୍ସଲେନ୍ସ

ସମ୍ବଲପୁର, ୨୫।୩(ସମିସ)

ସମ୍ବଲପୁରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ। ପ୍ରତିଷ୍ଠା ହେବ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ପାର୍କ। ଆଇଟି ଟାୱାର୍ ପାଇଁ ଜାଗା ଚିହ୍ନଟ ହୋଇସାରିଛି। ଆଇଟି ପାର୍କ ପାଇଁ ଉନ୍ନତି କେବଳ ଭୁବନେଶ୍ୱରରେ ହୋଇଛି ଏହାକୁ ବିକେନ୍ଦ୍ରୀକରଣ କରାଯିବାକୁ ଯୋଜନା ରହିଛି। ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା ଓ ବ୍ରହ୍ମପୁର ଭଳି ସ୍ଥାନରେ ଆଇଟି ଏବଂ ଇଲେକ୍ଟ୍ରୋନିକ୍ସର ବିକାଶ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଆଇଟି ଅଭିବୃଦ୍ଧି କ୍ଷେତ୍ରରେ ଭିସୁଟ୍‌କୁ ମଧ୍ୟ ସାମିଲ କରାଯାଉଛି। କାର୍ଯ୍ୟ ଏଠାରେ ଆରମ୍ଭ କରନ୍ତୁ, ଦକ୍ଷତା ବିକାଶ ହେଉ।

ସମ୍ବଲପୁରକୁ ଦୁଇଦିନିଆ ଗସ୍ତରେ ଆସି ଜିଲ୍ଲାର ନୋଡାଲ ସଚିବ ଶ୍ରୀ ଦେବ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଜିଲ୍ଲାରେ




ପ୍ରାୟ ୨୦୦ କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି। ଆଇଆଇଏମ୍ ସମ୍ବଲପୁର ସହିତ ଆଇଟି ବିଭାଗ ପକ୍ଷରୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଅନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତା ବା ଏଆଇ) ପ୍ରତିଷ୍ଠା କରିବାକୁ ପ୍ରକ୍ରିୟା ଜାରି ରହିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସମ୍ବଲପୁର ଜିଲ୍ଲାର ନୋଡାଲ ସଚିବ ବିଶାଳ କୁମାର ଦେବ ସୂଚନା ଦେଇଛନ୍ତି।

ଶ୍ରୀ ଦେବ କହିଲେ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା (ଆଇଟି)ର ବିକାଶ ଓ ଭିସୁଟ୍‌ରେ ଦେଶର ଅଗ୍ରଣୀ ଆଇଟି କମ୍ପାନୀ 'ଜୋହୋ' ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଯୋଜନା ଚାଲିଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି କ୍ଷେତ୍ରରେ ଅଭିବୃଦ୍ଧି ସହ ସମ୍ବଲପୁରକୁ ବହୁ ରାଷ୍ଟ୍ରୀୟ କମ୍ପାନୀ (ଏମ୍‌ଏନ୍‌ସି) ମାନେ ଆସିବେ ଏବଂ ସମ୍ବଲପୁର ତଥା ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବ। ସଚିବ ଶ୍ରୀ ଦେବ କହିଲେ ଯେ, ବର୍ତ୍ତମାନ ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କ୍ଷେତ୍ରରେ ଏକ ଆରମ୍ଭ ହେଉ। ଉଭୟ କ୍ଷେତ୍ରର କିଛି କମ୍ପାନୀ ଆସି ସେମାନଙ୍କ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ସ୍ଥିତି ନେଇ ବିସ୍ତୃତ ଆଲୋଚନା କରିଥିଲେ ଏବଂ ସମସ୍ତ ନିର୍ମାଣଧୀନ ଉନ୍ନୟନ ପ୍ରକଳ୍ପକୁ ତ୍ୱରାନ୍ୱିତ କରି ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ୟା, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ଶିକ୍ଷଣ ଫଳାଫଳ (ଲର୍ଣ୍ଣିଂ ଆଉଟ୍‌କମ୍) ବୃଦ୍ଧି, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ ଏବଂ ଆଇସିଡିଏସ୍ କାର୍ଯ୍ୟକ୍ରମର ସ୍ଥିତି ପଚାରି ବୁଝିଥିଲେ। ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୦୨୩ରେ ସମ୍ବଲପୁର ଏସ୍‌ଟିପିଆଇ ଅନୁମୋଦିତ

ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂସ୍ଥା ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ), ଛୋଟ ସହର ସମେତ ସାରା ଦେଶରେ ପଦକ୍ଷେପ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସାରା ଦେଶରେ ୬୩ଟି ଏସ୍‌ଟିପିଆଇ କେନ୍ଦ୍ର ସ୍ଥାପନ କରିଥିବାବେଳେ ୨୦୨୩ ମସିହା ଫେବୃଆରୀ ୮ ତାରିଖ ମନ୍ତ୍ରଣାଳୟର ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଭାରତ ସରକାର ସାରା ଦେଶରେ ୨୨ଟି ନୂତନ ଏସ୍‌ଟିପିଆଇ କେନ୍ଦ୍ରକୁ ମଧ୍ୟ ଅନୁମୋଦନ କରିଛନ୍ତି। ଏଥିଅନୁଯାୟୀ, ବିଦ୍ୟମାନ ଏସ୍‌ଟିପିଆଇ ତାଲିକାରେ ରାଜ୍ୟର ବ୍ରହ୍ମପୁର, ଭୁବନେଶ୍ୱର ଓ ରାଉରକେଲା ଏହିଭଳି ୩ଟି କେନ୍ଦ୍ର ଥିବାବେଳେ ଅନୁମୋଦିତ ଏସ୍‌ଟିପିଆଇ ତାଲିକାରେ ରହିଥିବା ୫ଟି କେନ୍ଦ୍ର ମଧ୍ୟରେ ସମ୍ବଲପୁର ରହିଛି। ତେବେ, ତିନିବର୍ଷ ପରେ ବି ଏହି କେନ୍ଦ୍ର ସକାଶେ ଆଖିଦୃଶିଆ ଅଗ୍ରଗତି ହୋଇ ପାରିନଥିବା ବିଡ଼ମ୍ବନାର ବିଷୟ।

# ପେନ୍‌ସନ୍ ଭେଲିଡେସନ୍ ଆକ୍ଟ ୨୦୨୫ ପ୍ରତ୍ୟାହାର ଦାବି



ସମ୍ବଲପୁର, ୨୫।୩ (ସମିସ): ସର୍ବଭାରତୀୟ ପେନ୍‌ସନର୍ ଫେଡେରେସନ ଓ ଓଡ଼ିଶା ରାଜ୍ୟ ଶିକ୍ଷକ କର୍ମଚାରୀ ସଂଗଠନର ଆହ୍ୱାନକ୍ରମେ ସମ୍ବଲପୁର ଜିଲ୍ଲା ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଆଜି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଆସନ୍ତା ଅଷ୍ଟମ ଦରମା ସମୀକରଣ କମିଟିର ସୁପାରିଶକୁ ୧.୧.୨୦୨୬ ପୂର୍ବରୁ ଅବସର ନେଇଥିବା କେନ୍ଦ୍ର ଓ ରାଜ୍ୟର ପେନସନ୍ ଭୋଗୀଙ୍କ ପାଇଁ ଲାଗୁ ନକରିବା ପାଇଁ ସଂସଦରେ କୌଣସି ଆଲୋଚନା ବିନା ଗତ ୨୫.୩.୨୦୨୫ ରେ ତରବରିଆ ଭାବେ କେନ୍ଦ୍ରସରକାର ଏହି ଆକ୍ଟକୁ ଗୃହୀତ କରାଇଛନ୍ତି। ଏହାଦ୍ୱାରା ସମଗ୍ର ଦେଶରେ କେନ୍ଦ୍ର ଓ ରାଜ୍ୟ ସରକାରୀ ପେନସନର୍‌ମାନେ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହେବେ ଓ ପେନସନ୍ ଏକପ୍ରକାର ସ୍ଥାଣୁ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଏହି ଆକ୍ଟକୁ ଏକ କଳା ଆଇନ ଦର୍ଶାଇ ସମଗ୍ର ଦେଶର ପ୍ରତିବାଦ ସ୍ୱରୂପ ଆଜି ସମ୍ବଲପୁର ଜିଲ୍ଲାରେ ସ୍ମାରକ ପତ୍ର ପ୍ରଦାନ କରାଯାଇ ଏହି କଳା ଆଇନ କୁ ପ୍ରତ୍ୟାହାର ଦାବି କରାଯାଇଛି। ସଂଗଠନର ସଭାପତି ହୀରାଲାଲ ବାରିକ ଓ ସମ୍ପାଦକ ରାଜେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର ଅନେକ ଶିକ୍ଷକ ପ୍ରତିନିଧି ଆନ୍ଦୋଳନରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆଇନ ପ୍ରତ୍ୟାହାର କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ ହେବେ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ହରିନାୟଣ ପଣ୍ଡା, ପଦ୍ମଲୋଚନ ନାଥ, ଯୋଗେଶ ରାଉତ, ଶୁକ୍ଳାଂଶୁ ପଟ୍ଟନାୟକ, ଡ. ରାଜକୁମାର ସାଣ୍ଡିଲ୍ୟ, ଗଗନ ବିହାରୀ ସ୍ୱାଇଁ, କୈଳାସ ବାରିକ, ବୁଧଦେବ ବେହେରା, ପଦ୍ମନାଭ ମହାକୁଡ଼, ତ୍ରିବିକ୍ରମ ମହାରଣା, କିଶୋର ପାଣିଗ୍ରାହୀ ପ୍ରମୁଖ ବହୁ ବରିଷ୍ଠ ଶିକ୍ଷକ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ସ୍ମାରକପତ୍ର ଗ୍ରହଣ କରିଥିଲେ।

# ଗ୍ୟାସ୍ କେଜି ୨୫୦; ଚ୍ୟାମ୍ବର ଛାତ୍ରଛାତ୍ରୀ ହନ୍ତସନ୍ତ

ସମ୍ବଲପୁର, ୨୫।୩ (ସମିସ) : ସମ୍ବଲପୁର ଜିଲ୍ଲାରେ ଗ୍ୟାସ୍ ବୁକିଂ କଳାପରେ ଦିନ ଦିନ ଧରି ଆସୁନଥିବାରୁ ଲୋକେ ହଇରାଣ ହେଉଛନ୍ତି। ଗ୍ୟାସ୍ ସିଲିଣ୍ଡର ମଧ୍ୟ ଯୋଗାଣ କମ୍ ହେଉଥିବାବେଳେ ବୁକିଂ ଦୁଇ ରୁ ତିନିଗୁଣା ରହୁଛି। କଳାବଜାରରେ ଗ୍ୟାସ ସିଲିଣ୍ଡର ଦର ୩ ହଜାରରୁ ଉର୍ଦ୍ଧ୍ୱ ଚାଲିଛି। ଅନ୍ୟପକ୍ଷରେ ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚ୍ୟାମ୍ବରରେ ରହୁଥିବା ଛାତ୍ରଛାତ୍ରୀ। ଗ୍ୟାସ ଅଭାବରୁ ସେମାନଙ୍କ ଚୁଲି ମଧ୍ୟ ଜଳୁନି। ପୁଣି କେଜି ପିଛା ଗ୍ୟାସ ଦର ଏବେ ୨୫୦ ଟଙ୍କାକୁ ପହଞ୍ଚିଥିବାବେଳେ ଆଗାମୀ ଦିନରେ ମିଳିବ ନା' ନାହିଁ ତାହାକୁ ନେଇ ଆଶଙ୍କା ଦେଖାଦେଇଛି।



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଛାତ୍ରାବାସ ନଥିବାରୁ ମାଳିପଡ଼ା, ଗୋପାଳମାଳ, ଫାଟକ, ଏନ୍. ଗୁହା ଲେନ୍ ଆଦି ବିଭିନ୍ନ ସ୍ଥାନରେ ଚ୍ୟାମ୍ବର ମାନଙ୍କରେ ଛାତ୍ରଛାତ୍ରୀମାନେ ରହୁଛନ୍ତି। ସମ୍ବଲପୁର ସମେତ ବରଗଡ଼, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ଅନୁଗୋଳ ଆଦି ବିଭିନ୍ନ ଜିଲ୍ଲାରୁ ସେମାନେ ଆସି ଘରଭଡ଼ା ନେଇଛନ୍ତି। ଛାତ୍ରଛାତ୍ରୀମାନେ ପ୍ରାୟତଃ ୫ ଲିଟର ସିଲିଣ୍ଡର-ଯୁକ୍ତ ଚୂଲା ରନ୍ଧନ ସକାଶେ ବ୍ୟବହାର କରନ୍ତି। ପୂର୍ବରୁ ଗ୍ୟାସ ରିଫିଲିଂ ପାଇଁ କେଜି ପିଛା ୯୦ ଟଙ୍କା ପଡୁଥିବାବେଳେ ତାହା ଏବେ କେଜି ପିଛା ୨୫୦ରୁ ୩୦୦ ଟଙ୍କା ପଡୁଛି। ପୁଣି ରିଫିଲିଂ କରୁଥିବା ଦୋକାନ ଗୁଡ଼ିକ ଚଢ଼ଉ ଭୟରେ ଏବେ ଖୋଲୁନାହାନ୍ତି। ଦୋକାନ ଗୁଡ଼ିକର କୌଣସି ଲାଇସେନ୍ସ ନଥିବାବେଳେ ସେମାନେ ଘରୋଇ ୧୪.୫ କେଜି ସିଲିଣ୍ଡର ଆଣି ଏଭଳି ଖୁଚୁରା ଭାବେ ଛାତ୍ରଛାତ୍ରୀଙ୍କୁ ବିକ୍ରୟ କରିଥାନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ସେମିଷ୍ଟାର ପରୀକ୍ଷା ଏପ୍ରିଲ ମାସରେ ରହିଛି। ଗ୍ୟାସ ଓ ଖାଇବା ଚିନ୍ତା ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ପ୍ରଭାବିତ କରୁଛି। ଏପରିସ୍ଥଳେ ଚ୍ୟାମ୍ବର ମାନଙ୍କରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗ୍ୟାସ୍ ଯୋଗାଣ ବ୍ୟବସ୍ଥା କରିବାକୁ ସେମାନେ ଦାବି ଜଣାଇଛନ୍ତି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କ୍ୟାରିଅର କାଉନ୍‌ସେଲିଂ

ସମ୍ବଲପୁର, ୨୫।୩ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେସନ୍ସ (ସିଏସ୍‌ଏ) ବିଭାଗ ପକ୍ଷରୁ ବୁଧବାର କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ସୁଚିନ୍ତିତ କ୍ୟାରିଅର ପସନ୍ଦ ଦିଗରେ ମାର୍ଗଦର୍ଶନ କରିବା ଏବଂ ଶିଳ୍ପ ଏବଂ ସରକାରୀ କ୍ଷେତ୍ରରେ ଉଦୀୟମାନ ସୁଯୋଗ ବିଷୟରେ ସେମାନଙ୍କର ସଚେତନତା ବୃଦ୍ଧି କରିବା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସମ୍ମାନିତ ଅତିଥି ଏବଂ ଓସିଏସି ଡୋମେନ୍ ଆଡ୍‌ଭାଇଜର୍ ଡକ୍ଟର ସଞ୍ଜୟ ମହାପାତ୍ର ପ୍ରମୁଖ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗୀୟ ମୁଖ୍ୟ ତଥା ଆବାହକ ପ୍ରଫେସର ଚନ୍ଦ୍ର ଶେଖର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ମିଶ୍ର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦକ୍ଷତା ବିକାଶ, ଅନୁକୂଳନଶୀଳତା



ଏବଂ ନିରନ୍ତର ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଦାସ ଶୈକ୍ଷିକ ଉତ୍କର୍ଷତା ଏବଂ କ୍ୟାରିଅର ଯୋଜନା ଉପରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ଦେଇଥିଲେ। ଡକ୍ଟର ସଞ୍ଜୟ ମହାପାତ୍ର ଉଦୀୟମାନ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ବିକଶିତ କ୍ୟାରିଅର ସୁଯୋଗ ଉପରେ ଏକ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ପ୍ରଫେସର ନିରଞ୍ଜନ ବାରା ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ ପରେ କ୍ୟାରିୟର ପରାମର୍ଶ ପ୍ରଥମ ଅଧିବେଶନ ଡ.ସଞ୍ଜୟ ମହାପାତ୍ରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା, ଯେଉଁଥିରେ କୃତ୍ରିମ ବୁଦ୍ଧିମତ୍ତା, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଆଶା ଏବଂ ଦକ୍ଷତା ବିକାଶ ଉପରେ ଧ୍ୟାନ ଦିଆଯାଇଥିଲା। କ୍ୟାରିଅର ପରାମର୍ଶ ଦ୍ୱିତୀୟ ଅଧିବେଶନ ଯୁଗ୍ମ ନିର୍ଦ୍ଦେଶକ (ଆଇଟି) ରାଜାରାମ ମୋହନ ମାଝୀଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସେ ସରକାରୀ ଆଇଟି କ୍ଷେତ୍ରରେ କ୍ୟାରିଅର ସୁଯୋଗ, ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ ଏବଂ ଡିଜିଟାଲ୍ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ। ସରକାରୀ ଆଇଟି କ୍ଷେତ୍ର ଏବଂ ଏନଆଇସିରେ କ୍ୟାରିଅର ସୁଯୋଗ, ସାର୍ବଜନୀନ ସେବା ପ୍ରଦାନରେ ଇ-ଗଭର୍ଣ୍ଣାନ୍ସର ଭୂମିକା, ଡିଜିଟାଲ ରୂପାନ୍ତରଣ ପଦକ୍ଷେପଗୁଡ଼ିକର ବ୍ୟବହାରିକ ପ୍ରକାଶ, ସରକାରୀ ସଂଗଠନରେ କ୍ୟାରିୟର ପାଇଁ ପ୍ରସ୍ତୁତି ପାଇଁ ଶ୍ରୀ ମାଝୀ ମାର୍ଗଦର୍ଶନ କରିଥିଲେ।

# ଅଧିକ ଦରରେ ପାନମସଲା ବିକ୍ରି ଅଭିଯୋଗ

ସମ୍ବଲପୁର, ୨୫।୩ (ସମିସ) : ସମ୍ପ୍ରତି ଗ୍ୟାସ ଅଭାବ ସମୟରେ ବିଭିନ୍ନ ସାମଗ୍ରୀ ଦରରେ ଅହେତୁକ ବୃଦ୍ଧିର ସୁଯୋଗ ନେଇ ସମ୍ବଲପୁର ସହରରେ ପାନମସଲା ଅଧିକ ଦରରେ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି। ନିୟମିତ ପାନ ମସଲା ବ୍ୟବହାର କରୁଥିବା ଲୋକେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାନ ମସଲା ଦର ୫ ଟଙ୍କା ହୋଇଥିବାବେଳେ ଚାହିଦା ଥିବାରୁ ଦୋକାନୀମାନେ ୭ ଟଙ୍କା ଦରରେ ବିକ୍ରୟ କରୁଛନ୍ତି। ଏପରିକି ନୂତନ ପ୍ୟାକେଟ୍‌ରେ ୫ ଟଙ୍କା ପ୍ରିଣ୍ଟ ମଧ୍ୟ ହୋଇଛି। ଏହାକୁ ହୋଲ୍‌ସେଲର୍ ମାନେ ଲୁଚାଇ ରଖି ପୁରୁଣା ସାମଗ୍ରୀ ବଜାରକୁ ଛାଡ଼ିବା ସହ ମୁନାଫା କମାଉଛନ୍ତି। ପାନମସଲା ଉପରେ ଯୋଗାଣ ବିଭାଗର ଅଙ୍କୁଶ ନଥିବାରୁ ଏଭଳି ମନଇଚ୍ଛା ଦର ବୃଦ୍ଧି କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସହିଦ ଦିବସ

ସମ୍ବଲପୁର, ୨୫।୩(ସମିସ): ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ସହିଦ ଦିବସ ଜିଲ୍ଲା ସଭାପତି ଅମିତ୍ ଗୁରୁଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। ମହିଳା କଂଗ୍ରେସର ବିଜୟ ଲକ୍ଷ୍ମୀ ବେହେରା, ହୀରାକୁଦ ନଗର ସଭାପତି ରବି ରାଉତ, ଜିଲ୍ଲା ଉପ ସଭାପତି ଜିତେନ୍ଦ୍ର ମହାନନ୍ଦ, ମାନେଶ୍ୱର୍ ଜୋନ ସଭାପତି ସଞ୍ଜୟ ଛୁରିଆ, ସୁବର୍ଣ୍ଣ ମେହେର, ଲକ୍ଷ୍ମୀ ଶତପଥୀ, ଜୋଷ୍ଣାମୟୀ ବେହେରା, ନିତ୍ୟାନନ୍ଦ ନାଗ, ସଦାନନ୍ଦ ବରାଳ, ଏମ୍‌ଡି ମୁକ୍ତାର, ଅଭିଷେକ ମୁଦୁଲି ମହମ୍ମଦ କର୍ମୁଲା ପ୍ରମୁଖ ଉପସ୍ଥିତ ଥିଲେ।

# ଫୋଟୋଗ୍ରାଫର୍ ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୨୫।୩ (ସମିସ) : ସମ୍ବଲପୁର ଫଟୋଗ୍ରାଫର୍ସ ଏସୋସିଏସନ୍‌ର ଏବଂ ସୋନି ଇଣ୍ଡିଆନ କମ୍ପାନୀ ମିଳିତ ଆନୁକୂଲ୍ୟରେ ଆଜି ବୁଢ଼ାରଜାସ୍ଥିତ ଏକ ହୋଟେଲଠାରେ ଫୋଟୋଗ୍ରାଫର ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ସମ୍ବଲପୁର, ରେଙ୍ଗାଲି, ସୋନପୁର, ବୌଦ୍ଧ, ବରଗଡ଼, ଝାରସୁଗୁଡା ଆଦି ଅଞ୍ଚଳରୁ ଫୋଟୋଗ୍ରାଫର ମାନେ ଯୋଗ ଦେଇଥିଲେ। ସୋନି ଇଣ୍ଡିଆନ କମ୍ପାନୀ ପକ୍ଷରୁ ଏହି ଶିବିରରେ ଫଟୋଗ୍ରାଫି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କ ଦକ୍ଷତା ବୃଦ୍ଧି ଓ ନୂତନ ପ୍ରଯୁକ୍ତି ବିଷୟରେ ଜ୍ଞାନ ଅର୍ଜନ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ନୂତନ କ୍ୟାମେରା, ଲେନ୍ସ ଓ ଆଧୁନିକ ଫଟୋଗ୍ରାଫି ସମ୍ବନ୍ଧରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଫୋଟୋଗ୍ରାଫର ସଂଘର ସଭାପତି ଅକ୍ଷୟ କୁମାର ପଣ୍ଡା, ଉପସଭାପତି ବିପିନ ବିହାରୀ ନାୟକ, ସମ୍ପାଦକ ତପନ ଦାସ, ସହସମ୍ପାଦକ ନରେଶ ସିଂ, କୋଷାଧ୍ୟକ୍ଷ ନିକେତ୍ ମେହେଟ୍ଟା, କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ପ୍ରଧାନ, ସତ୍ୟଜିତ ପଣ୍ଡା, ମନୋଜ କାଶ୍ୟପ, ମାନସ ରଞ୍ଜନ ମିସ୍ତ୍ରୀ, ରାଜେଶ ବେହେରା, ଅଶୋକ ରାଉତ, ଅଶୋକ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିପିଆର୍ କଲେଜ ରାଜନୀତି ବିଭାଗର ପାଠଚକ୍ର

କୁଚିଣ୍ଡା, ୨୫।୩(ସମିସ): ସମ୍ବଲପୁର ଜିଲ୍ଲା କୁନ୍ତରା ଜିପିଆର କଲେଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ଓଡ଼ିଶାରେ ଲୋକ ପ୍ରଶାସନର ଭୂମିକା'ବିଷୟବସ୍ତୁ ଉପରେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଓ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଯୋଗେନ୍ଦ୍ର ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତତିନି ତୃତୀୟ ବାର୍ଷିକ ଛାତ୍ରୀ ରୀନା ଓରାମ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡ଼. ସିଂ ଶୁଭଲକ୍ଷ୍ମୀ ବାଇଧର, ମୁଖ୍ୟବକ୍ତା ଭାବେ ବଣେଇଗଡ଼ ମହାବିଦ୍ୟାଳୟର ଅଧ୍ୟାପକ ବରୁଣ କରକେରିଆ ଓ ରିସୋର୍ସ ପର୍ସନ ଭାବରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୟୂରଭଞ୍ଜର ଅଧ୍ୟାପକ ସିପୁନ କୁମାର ଦାଶ ଯୋଗଦେଇଥିଲେ। ଅଧ୍ୟାପକ ତୁଳାରାମ ଦଣ୍ଡସେନା ଓ ଅଧ୍ୟାପିକା ପୂଜା ବନଛୋର ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ଛାତ୍ରୀ ଇତି ସୁରିଆ, ରୀନା ଓରାମ, ଲକ୍ଷ୍ମୀ ଓରାମ, ସରିତା ଟୋପ୍ପୋ, ସଞ୍ଜୁ କେରକେଟା



ଓ ଛାତ୍ର ଶୁଭମ୍ ଧୁରିଆ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ରୁଦ୍ରଦତ୍ତ ପଟେଲ, ଟିକେଲାଲ ମେହେର, ତରୁଣ କୁମାର ପୃଷେଠ, ଶିବଶଙ୍କର ମଲ୍ଲିକ, ରାଜେଶ ମାକର, ଅଧ୍ୟାପିକା ଦୀପିକା ବେହେରା, ବର୍ଷା ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଛାତ୍ର ବୈଷ୍ଣବ ସୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ତଥା ଭୀମଭୋଇ ଭିନ୍ନକ୍ଷମ ଶିବିର

ସମ୍ବଲପୁର, ୨୫।୩ (ସମିସ): ସମ୍ବଲପୁର ସିନ୍ଦୂରପଙ୍କ ପଡ଼ିଆଠାରେ ଏକତା ମଞ୍ଚ, ଇଣ୍ଡିଆନ ପବ୍ଲିକ ହେଲଥ ଏସୋସେସନ ଓଡ଼ିଶା, ଭୀମସାର ମେଡିକାଲ, ଜିଲ୍ଲା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ସମ୍ବଲପୁର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟ ତଥା ଭୀମଭୋଇ ଭିନ୍ନକ୍ଷମ ମାଗଣା ଶିବିର ଆୟୋଜନ କରାଯାଇଛି। ଏହି ଶିବିର ଆୟୋଜନରେ ସହରର ବହୁ ବେସରକାରୀ ସଂସ୍ଥା ସହଯୋଗ କରିଥିବାବେଳେ ବୁର୍ଲା ମେଡିକାଲର ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ବହୁ ଗରିବ ଅସହାୟ ଲୋକଙ୍କୁ ମାଗଣାରେ ଚିକିତ୍ସା ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ଲୋକଙ୍କ ପାଇଁ ଅସ୍ଥିଶଲ୍ୟ, ଚର୍ମ, ଚକ୍ଷୁ, ମେଡ଼ିସିନ, ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ଚିକିତ୍ସା କରାଯାଇଥିଲା। ସିନ୍ଦୁରପଙ୍କ ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଶିବିରରେ ଚିକିତ୍ସା କରାଯାଇ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଶିବିରରେ ଡା. କବିରଦାସ ପୁରୋହିତ, ଡା. ସଞ୍ଜୀବ ମିଶ୍ର, ସୁଶାନ୍ତ ପୁରହିତ, ସମୀର ରଞ୍ଜନ ବାବୁ, ରାମ ସାହୁ ଏବଂ ଏକତା ମଞ୍ଚର ସଭ୍ୟମାନେ ସହଯୋଗ କରିଥିଲେ।

# ସଦର ତହସିଲ କାର୍ଯ୍ୟାଳୟରେ ଜନଗଣନା ପ୍ରଶିକ୍ଷଣ



ସମ୍ବଲପୁର, ୨୫।୩ (ସମିସ) : ଆସନ୍ତା ୨୦୨୭ରେ ଜନଗଣନା ନିମନ୍ତେ ସମ୍ବଲପୁର ସଦର ତହସିଲରେ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ମାର୍ଚ୍ଚ ୨୪ ରୁ ୨୬ ପର୍ଯ୍ୟନ୍ତ ସଦର ତହସିଲ କାର୍ଯ୍ୟାଳୟରେ ହେଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୩୦ ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ, ଶାସନ ଏବଂ ତୃତୀୟ ପର୍ଯ୍ୟାୟ ଏପ୍ରିଲ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଶାଳାଠାରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୧୩୭ ଜଣ ଏନୁମରେଟର୍ ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବର୍ତ୍ତମାନ ଚାଲିଥିବା ପ୍ରଶିକ୍ଷଣରେ ସଦର ତହସିଲଦାର ଅଭିଜିତ ମହନ୍ତ, ଚାର୍ଜ ଅଫିସର ଥିବାବେଳେ, ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାହୁ ଓ ରଫିକ ଅହମଦ ଫିଲ୍ଡ ଟ୍ରେନର ରହିଛନ୍ତି।

# ରାମନବମୀ ଲାଗି ଫ୍ଲାଗ୍‌ମାର୍ଚ୍ଚ, କଡ଼ା ସୁରକ୍ଷା ବଳୟରେ ସହର

ସମ୍ବଲପୁର, ୨୫।୩(ସମିସ)

ଆଉ ଦୁଇ ଦିନ ପରେ ଶ୍ରୀରାମ ନବମୀ। ଏହି ଅବସରରେ ବିଶାଳ ଶୋଭାଯାତ୍ରା ସହର ବୁଲିବ। ଏଥିପାଇଁ ପୁଲିସ୍ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ସହରରେ ଫ୍ଲାଗମାର୍ଚ୍ଚ କରିଛି ପୁଲିସ। ବରିଷ୍ଠ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ଓ ରାଜ୍ୟ ସଶସ୍ତ୍ର ପୁଲିସ ବୁଲି ବଳ ପ୍ରଦର୍ଶନ କରିଛନ୍ତି। ଅପରାହ୍ନରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ପୁଲିସ ରିଜର୍ଭ ଗ୍ରାଉଣ୍ଡରୁ ଫ୍ଲାଗମାର୍ଚ୍ଚ ବାହାରି ମୁଦିପଡ଼ା, କୁଞ୍ଜେଲପଡ଼ା, ମ୍ୟୁନିସିପାଲିଟି ଛକ, ପିରବାବା ଛକ, ଗୋଲବାଜର, ଗେଟିରୋଡ୍, ଲକ୍ଷ୍ମୀ ଟକିଜ୍, କୁମ୍ଭାରପଡ଼ା, ପେନ୍‌ସନ୍‌ପଡ଼ା, ଜିଲ୍ଲାସ୍କୁଲ, ଭୂତାପଡ଼ା ମୋତିଝରନ୍, ସୁନାପାଲି ପରିକ୍ରମା କରି ଧନକଉଡାରେ ଶେଷ ହୋଇଥିଲା। ଏଥିରେ କେନ୍ଦ୍ରୀୟ ଓ ରାଜ୍ୟ ସଶସ୍ତ୍ର ପୁଲିସ ବଳର ମୋଟ୍ ୨୦ପ୍ଲାଟୁନ୍ ଫୋର୍ସ ସାମିଲ ହୋଇଥିଲେ।ସହରର ସମସ୍ତ ଥାନାର ଥାନାଧିକାରୀ ଓ ଅନ୍ୟ ପୁଲିସ ଅଧିକାରୀମାନେ ସାମିଲ ହୋଇଥିଲେ। କେନ୍ଦ୍ରୀୟ ଫୋର୍ସ ସୀମା ସୁରକ୍ଷା ବଳ (ବିଏସଏଫ), କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ)ର




ବିଶେଷ ଭାବେ ଦଙ୍ଗା ଓ ହିଂସା ପ୍ରଶମିତ ପାଇଁ ପ୍ରଶିକ୍ଷିତ ଫରାପିଡ୍ ଆକ୍ସନ ଫୋର୍ସ', ରାଜ୍ୟ ସଶସ୍ତ୍ର ପୁଲିସ ବଳ ଯବାନମାନେ ଫ୍ଲାଗମାର୍ଚ୍ଚ କରିଥିଲେ। ଅତିରିକ୍ତ ଏସପି ଶ୍ରୀ ମିଶ୍ର କହିଛନ୍ତି, ସହର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଛି। ସମ୍ବେଦନଶୀଳ ସ୍ଥାନଗୁଡିକରେ ତ୍ରୁଟିଶୂନ୍ୟ ସୁରକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଅସାମାଜିକ ତଥା କୌଣସି ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି କରିବାକୁ ପ୍ରୟାସ କଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶାନ୍ତି ଶୃଙ୍ଖଳାର ସହ ପର୍ବ ପାଳନ କରିବା ଓ ପୁଲିସ ପ୍ରଶାସନକୁ ଆଇନ ଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିବାରେ ସହରବାସୀଙ୍କୁ ନିବେଦନ କରାଯାଇଛି। ସେପଟେ ହନୁମାନ ଜୟନ୍ତୀ ଶେଷ ହେବା ପର୍ଯ୍ୟନ୍ତ ସହରରେ ନିୟମିତ ବ୍ୟବଧାନରେ ଫ୍ଲାଗମାର୍ଚ୍ଚ ଓ ପାଟ୍ରୋଲିଂ ଜାରି ରହିବ।

## ଲୋକାରଣ୍ୟ ପାଲଟିବ କ୍ଷେତରାଜପୁରରୁ ବୃକ୍ସହିଲ୍ ରାସ୍ତା

ସମ୍ବଲପୁର, ୨୫।୩(ସମିସ): ଭକ୍ତି, ଭବ୍ୟତାର ସହିତ ପାଳନ ହେବ ଶ୍ରୀରାମନବମୀ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶ୍ରୀରାମ ଜନ୍ମୋତ୍ସବ ପକ୍ଷରୁ ଏକ ପ୍ରକାରର ଶେଷ ହୋଇଛି। ଆସନ୍ତା ୨୭ ତାରିଖ ସମ୍ବଲପୁର ସହର ଲୋକାରଣ୍ୟରେ ପାଲଟିବ ବୋଲି ଆୟୋଜକ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।ଶ୍ରୀରାମ ଜନ୍ମୋତ୍ସବ ସମିତି ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ଶ୍ରୀରାମ ନବମୀ ଉତ୍ସବକୁ ଅପୂର୍ବ ଭବ୍ୟତା ଓ ଦିବ୍ୟତାର ସହିତ ପାଳନ କରାଯିବ।ଗତବର୍ଷ ଭକ୍ତମଣ୍ଡଳୀଙ୍କ ଅପାର ସହଯୋଗ ଓ ସମର୍ପଣରେ ପ୍ରଥମ ଥର ପାଇଁ ଆୟୋଜିତ ମହାନ ଉତ୍ସବ ଏକ ଐତିହ୍ୟମୟ ସଫଳତାରେ ପରିଣତ ହୋଇଥିଲା। ସେହି ଅନୁଭୂତିକୁ ଆଧାର କରି ଏ ବର୍ଷ ଏହାକୁ ଆଉ ଅଧିକ ଆକର୍ଷଣୀୟ, ସୁସଂଗଠିତ ଓ ଦିବ୍ୟ ରୂପ ଦେବା ପାଇଁ ସମିତି ଦୃଢ଼ ପ୍ରତିବଦ୍ଧ। ଶ୍ରୀରାମ ଶୋଭାଯାତ୍ରା ଭକ୍ତି ଓ ସାଂସ୍କୃତିକ ଐଶ୍ୱର୍ଯ୍ୟର ଏକ ବିରାଟ ଝଲକ ଭାବେ ପ୍ରକାଶ ପାଇବ। ଭକ୍ତିମୟ ଶୋଭାଯାତ୍ରା କ୍ଷେତରାଜପୁର ରେଲୱେ ଷ୍ଟେସନରୁ ବାହାରି ଡେରୁଆପଡ଼ା, ମୁଦିପଡ଼ା, କୁଞ୍ଜେଲପଡ଼ା, ପଟ୍ଟନାୟକପଡ଼ା, ବଡସଡକ, ଗୋଲବଜାର, ଲକ୍ଷ୍ମୀ ଟକିଜ ଓ ଭିଏସଏସ ମାର୍ଗ ମାଧ୍ୟମରେ ବୃକ୍ସହିଲସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚିବ।ବହୁ ସଂଖ୍ୟାରେ ଭକ୍ତ ଶୋଭାଯାତ୍ରାରେ ସାମିଲ ହେବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।




୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୭.୦୩.୨୦୨୬ ଶ୍ରୀରାମ ନବମୀ



ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ। ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି। ତୁମକୁ ମୋକ୍ଷଗତି ମିଳୁ। ଠାକୁରଙ୍କୁ ଡାକୁଛୁ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ,
ଅଣନାତିନାତୁଣୀମାନେ

# ୧୭ ଦିନରେ ଚାଷୀଙ୍କ ଧାରଣା

**ବରଗଡ଼, ୨୫ । ୩(ସମିସ):** ବରଗଡ଼ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାନ ରଖି ଧାରଣା ୧୭ ଦିନରେ ପହଁଞ୍ଚିଛି । ଆଜି ରାଜବୋଦସମ୍ବର କୃଷକ ସଂଗଠନ କର୍ମୀମାନେ ସମର୍ଥନ ଦେଇଛନ୍ତି । ଆବାହକ ଅଶୋକ ସାହୁ ଆନ୍ଦୋଳନକୁ ସମର୍ଥନ ଜଣାଇ କହିଥିଲେ ଯେ ଗତ ସରକାର ସମୟରେ ପଦ୍ମପୁର ଉପଖଣ୍ଡରେ ମଧ୍ୟ ଏହିପରି ଧାନବିକ୍ରି ନ ହେବାରୁ ୬୩ ଦିନ ଉପଜିଲ୍ଲାପାଳ ଅଫିସରେ ଧାନ ପକାଇ ଧାରଣା ଦେଇଥିଲୁ ଏବଂ ତତ୍କାଳୀନ ସରକାର ବାଧ ହୋଇ ସରକାରୀ ମୂଲ୍ୟରେ ଧାନ କିଣିଥିଲେ । ଏଣୁ ନିରାଶ ହେବାର କୌଣସି ଆବଶ୍ୟକତା ନାହିଁ ଆମେ ଆପଣମାନଙ୍କ ଏହି ଜୀବନ ଜୀବିକା ଆନ୍ଦୋଳନକୁ ପୂର୍ଣ୍ଣ ମାତ୍ରାରେ ସମର୍ଥନ ଜଣାଇବା ସହିତ ଧାନ କିଣା ନ ଯାଏ ତାହାହେଲେ ଏହି ଆନ୍ଦୋଳନ ପଦ୍ମପୁରରେ ମଧ୍ୟ ପ୍ରତିଫଳିତ ହେବ । ଆହୁରୀ କହିଥିଲେ ଯେ ଆମ ପାଇଁ ସରକାର ବଦଳିଲା, ହେଲେ ଆମର ଯେଉଁ ଦୁଃଖକୁ ସେହି ଦୁଃଖ ରହିଗଲା । ଚଳିତବର୍ଷ ଅନେକ ଚାଷୀ ପଞ୍ଜିକରଣରୁ ବାଦ ପଡ଼ିଛନ୍ତି, ପଞ୍ଜିକରଣ ଚାଷୀଙ୍କ




ଜମି ତୁଳନାରେ ଟୋକନ ଆସିଲା ନାହିଁ, ଦୀର୍ଘ ଦିନ ଧରି ମଣ୍ଡିରେ ଧାନ ପଡ଼ିରହିଛି ଏବଂ କଟ୍‌ନୀ ନ ଦେଲେ ଧାନ ଉଠୁ ନ ଥିବା ଦେଖିବାକୁ ମିଳିଛି । ଯାହା ଅତ୍ୟନ୍ତ ଚିନ୍ତାଜନକ ଅଟେ । ଏଣୁ ସରକାର ଓ ଜିଲ୍ଲା ପ୍ରଶାସନକୁ ତୁରନ୍ତ ସମସ୍ତ ଧାନ କିଣିବା ପାଇଁ ସେ ଅନୁରୋଧ କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୈଳାସ ବାରିକ, ଅମୃତ ଲାଲ ସାହୁ, ପୃଥିବୀ ରାଜ ନାୟକ, ରାମଚନ୍ଦ୍ର ବିଶ୍ୱାଳ, ଶତ୍ରୁଘନ ତ୍ରିପାଠୀ, ପ୍ରଫୁଲ୍ଲ ବେହେରା, ତେଜରାଜ ଗଡ଼ତିଆ, ପରାଶର ସାହୁ, ଗୋପବନ୍ଧୁ ପଧାନ, ଭୋଳାନାଥ ବେହେରା, ରମେଶ ସାହୁ, ନବୀନ ବେହେରା ଏବଂ ବିଜୟ ସାହୁ ଯୋଗ ଦେଇଥିଲେ । ଜିଲ୍ଲା ସମାଜସେବୀ ସଂଘ ସଭାପତି ବଳିଷ୍ଠ ଦୁର୍ଗା ଏବଂ ବରଗଡ଼ ନାଗରିକ ମଞ୍ଚ ସମ୍ପାଦକ ଭବାନୀ ସାହୁ ଯୋଗଦେଇ ଥିଲେ ।

# ଗାଁ ଇତିହାସ ପ୍ରଦର୍ଶନ କଲେ 'ଯମୁନା କନ୍ଧୁଣୀ'ର ଛାତ୍ରଛାତ୍ରୀ

**ପାଇକମାଲ, ୨୫ ।୩(ସମିସ)**



ଛାତ୍ରଛାତ୍ରୀ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଲାଗି ଏକ ଅଭିନବ ପ୍ରକ୍ରିୟା ଆରମ୍ଭ କରିଛନ୍ତି ପାଇକମାଲ ସ୍ଥିତ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ । ୨୦୨୩ରେ ଗାଁ ଇତିହାସ ଟିମ୍ ଦ୍ୱାରା ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପାଇକମାଲ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ୨୦୨୩ରୁ ନିଜ ନିଜ ଗାଁର ଇତିହାସ ଲେଖୁଛନ୍ତି ଓ ଭିଡିଓ ଡକ୍ୟୁମେଣ୍ଟ କରିଛନ୍ତି । ଆଜି ପାଇକମାଲ ସ୍ଥିତ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ଲିପିବଦ୍ଧ କରିବା ସମୟର ଅନୁଭୂତି ପ୍ରକାଶ କରିବା ପାଇଁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା । ଏଥିରେ ପାଇକମାଲ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସେମାନେ ନିଜ ନିଜ ଗାଁର ଇତିହାସ ଓ ଖାଦ୍ୟ ସଂସ୍କୃତି ବିଷୟରେ ସଂଗ୍ରହ କରିଥିବା ଅନୁଭୂତିକୁ ସମସ୍ତଙ୍କ ଆଗରେ ପ୍ରକାଶ କରିଥିଲେ । ଏହା ସହିତ ନିଜ ଗାଁ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ ଆରମ୍ଭରେ ଗାଁ ଇତିହାସ ଓ ଖାଦ୍ୟ ସଂସ୍କୃତି ଲିପିବଦ୍ଧ କରିବା କାର୍ଯ୍ୟକ୍ରମକୁ ନେତୃତ୍ୱ ଦେଉଥିବା ସମଧ୍ୱନି ପତ୍ରିକାର ସମ୍ପାଦକ ଓ ଗାଁ ଇତିହାସ ବିଶେଷଜ୍ଞ ସ୍ୱପ୍ନପ୍ରଭା ପାଢ଼ୀ କର୍ମଶାଳାର ଲକ୍ଷ୍ୟ ଉଦେଶ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ । ସେ ପାଇକମାଲର ବୃଦ୍ଧିଜୀବୀଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସବୁ ଗାଁରେ ଲିପିବଦ୍ଧ ଆରମ୍ଭ କରିବାପାଇଁ ଅନୁରୋଧ କରିଥିଲେ । ଯମୁନା କନ୍ଧୁଣୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ । ଅହିଂସା କ୍ଲବ୍‌ର ଶିବପ୍ରସାଦ ସାହୁ କର୍ମଶାଳାକୁ ପରିଚାଳନା କରିଥିଲେ । ସେ ପିଲାମାନଙ୍କୁ ଜୈବିକ ଚାଷର ଉପାଦେୟତା ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ଏହି କର୍ମଶାଳାରେ ପାଇକମାଲ ସହ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଏହିଭଳି ଏକ ଉଦ୍ୟମ ଆମ ପାଇକମାଳର ସବୁଗାଁର ପିଲାମାନେ କରିବା ଜରୁରୀ । ପରିବେଶବିତ ମୀନକେତନ ସାହୁ, ବରିଷ୍ଠ ସାମ୍ବାଦିକ ବଡ଼ ଶତପଥୀ, ଧୀରେନ ମହାନ୍ତି, ସରପଞ୍ଚ ଦିଲୀପ ବେହେରା ଓ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟା, ସାମ୍ବାଦିକ ଗୋପବନ୍ଧୁ ଶିକା, ଲକ୍ଷ୍ମୀଧର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ । ପରିବେଶକୁ ବଞ୍ଚାଇବା ଆମର ଦାୟିତ୍ୱ ବୋଲି କହିବା ସହ ଆମେ ଗାଁ ଇତିହାସ ସହିତ ନିଜର ଇତିହାସ ବି ଲେଖିବା ଜରୁରୀ ବୋଲି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଗାଁ ଇତିହାସ ବିଷୟରେ ଛାତ୍ରଛାତ୍ରୀମାନେ ଲିପିବଦ୍ଧ କରିବା କେତେ ଜରୁରୀ ସେ ବିଷୟରେ ନଜର ସୁଚିନ୍ତିତ ମତାମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପାଇକମାଲ ବ୍ଲକର ସବୁ ଗାଁରେ କେମିତି କରାଯିବ ସେ ବିଷୟରେ ଭବିଷ୍ୟତରେ ଏକ ଆଲୋଚନା ରଖିବାପାଇଁ ନିଷ୍ପତ୍ତି ହୋଇଥିଲା । ପରେ ସ୍କୁଲ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଗାଁ ଇତିହାସ ଲିପବଦ୍ଧ କରିଥିବା ସବୁ ଛାତ୍ରଛାତ୍ରୀମାନଙ୍କୁ ଓ୍ୱାସାନ (ଡବ୍ଲୁଏଏସଏସଏଏନ) ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇ କାର୍ଯ୍ୟକ୍ରମକୁ ଶେଷ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଥମ ଦିନରୁ ଯମୁନା କନ୍ଧୁଣୀ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଶେଷରେ ଓ୍ୱାସାନର ପଦ୍ମପୁର ସଂଯୋଜକ ଯୁବକ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ

# ସାହିତ୍ୟ ମଧ୍ୟରେ ତୁଳନା ସମୟର ଆବଶ୍ୟକତା ରହିଛି

**ସମ୍ବଲପୁର, ୨୫।୩ (ସମିସ) :** ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ସାହିତ୍ୟ ମଧ୍ୟରେ ତୁଳନା ସମୟର ଆବଶ୍ୟକତା ରହିଛି । ଯଦି ଏହା ଘଟେ, ତେବେ ଦେଶ ମଧ୍ୟରେ ବର୍ତ୍ତମାନ ଯୁଦ୍ଧ ଏବଂ ଗୃହଯୁଦ୍ଧ ଭଳି ଅନେକ ସମସ୍ୟାର ସମାଧାନ ହୋଇପାରିବ । ପିଏମ-ଉଷା ଏବଂ



ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ 'ତୁଳନାତ୍ମକ ସାହିତ୍ୟ: ଅବସ୍ଥା ଏବଂ ଦିଗ' ଦୁଇଦିନିଆ ସମ୍ମାନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏହା କହିଛନ୍ତି । ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡ. ମୁରାରୀଲାଲ ଶର୍ମା ଓ ଓଏସଓୟୁର ପରୀକ୍ଷା ନିୟନ୍ତ୍ରକ ଡ. ଉମାଚରଣ ପତି, ରାଞ୍ଚି ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପୂର୍ବତନ ମୁଖ୍ୟ ଡ.ଜଙ୍ଗ ବାହାଦୁର ପାଣ୍ଡେ ଯୋଗ ଦେଇଥିଲେ । ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର ଅରୁଣ ହୋତା କହିଥିଲେ ଯେ ତୁଳନାତ୍ମକ ସାହିତ୍ୟ ବିଭାଜନ କରେ ନାହିଁ, ଏହା ଏକାଠି କରେ । ଏହା କେବଳ ସମାନତା ଏବଂ ପାର୍ଥକ୍ୟକୁ ଅଧ୍ୟୟନ କରେ ନାହିଁ ବରଂ ଇତିହାସ, ପରମ୍ପରା, ବିଚାରଧାରା ସବୁକିଛି ଅଧ୍ୟୟନ କରେ । ଉଦ୍‌ଘାଟନୀ ଉତ୍ସବରେ, ସେମିନାର ସଂଯୋଜକ ଡ. ରଞ୍ଜନ ସେଠୀ ସ୍ୱାଗତ ଭାଷଣ ଏବଂ ସେମିନାର ସହସଂଯୋଜକ ଡ. ଦାଶରଥି ବେହେରା ଅତିଥି ପରିଚୟ ପ୍ରଦାନ ଏବଂ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ, ଅଧ୍ୟାପିକା ଡ. ପ୍ରଣତି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ. ସ୍ମୃତି ସ୍ମରଣିକା ଜେନା, ଓଡ଼ିଆ ଅଧ୍ୟାପିକା ଡ. ଲିପିକା ମିଶ୍ର, ସ୍ନେହା ସାହୁ, ଗୋବିନ୍ଦ ନାଏକ, ଯତୀନ ଦ୍ୱାରି, ନିରୂପମା ସାହୁ, ବିକାଶ ଭୋଇ, ଚନ୍ଦ୍ରିକା ସା, କୈଳାସ ସେଠୀ, ଅଙ୍କିତା ପଟେଲ ପ୍ରମୁଖ ସହଯୋଗ କରିଥିଲେ । ସମ୍ମାନରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟରୁ ବକ୍ତା ଏବଂ ପ୍ରତିଭାଗୀମାନେ ସାମିଲ ହୋଇଥିଲେ ।

# କୁସୁମୀ ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା

**କୁଚିଣ୍ଡା, ୨୫ ।୩(ସମିସ):** ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ କୁସୁମୀ ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ବୁଧବାର ଦିନ ତେଲିତିଲେଇମାଲ ପଞ୍ଚାୟତର ବୁରୋଡ଼ିହି ଠାରେ ଅନୁଷ୍ଠିତ ହୋଇଯାଇଅଛି । ସଭାରେ କୁସୁମୀ ଲ୍ୟାମ୍ପର ଦୁର୍ନୀତି ଓ ବିଭିନ୍ନ ସମସ୍ୟାକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଲ୍ୟାମ୍ପର ସଭାପତି ବିପ୍ରଚରଣ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ଏସଏଆରସିଏସ ମନୋଜ ମହନ୍ତ, କୁଚିଣ୍ଡା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିସ୍ମୟ ପଟେଲ ଓ କର୍ମଚାରୀ ବବନ ନାୟକ,



ଲ୍ୟାମ୍ପର ଏମଡି ରଙ୍ଗବଲ୍ଲଭ ପ୍ରଧାନ, ଲ୍ୟାମ୍ପ କର୍ମଚାରୀ ଅଲେଖ ନାଏକ, ନିର୍ଦ୍ଦେଶକ ସୁଶାନ୍ତ ପଟେଲ, ରୁପାନନ୍ଦ ପଟେଲ, ଅଚ୍ୟୁତ ନାୟକ, ବୃଷଭ ଡୁଡୁମ ଓ ଡିଲେଶ୍ୱର ନାୟକ ପ୍ରମୁଖ ଅତିଥିଗଣ ଉପସ୍ଥିତ ଥିଲେ । ପ୍ରଥମେ ଏମଡି ରଙ୍ଗବଲ୍ଲଭ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିବା ସହ ଗତ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣୀ ଦେଇଥିଲେ । ଏହା ପରେ ଆଲୋଚନା ବେଳେ ସଭାରେ ଉପସ୍ଥିତ ସଦସ୍ୟମାନେ ଯେଉଁ ଚାଷୀମାନେ ଋଣ ପରିଶୋଧ କରୁନାହାଁନ୍ତି, ସେମାନଙ୍କୁ ନୋଟିସ କରି ଋଣ ଆଦାୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ସହିତ କ୍ୟାସ କ୍ରେଡିଟ ନେଇ ଏହାକୁ ପରିଶୋଧ କରୁ ନଥିବା ସମସ୍ତ ବ୍ୟକ୍ତିଙ୍କ ନାମକୁ ଲ୍ୟାମ୍ପର ନୋଟିସ ବୋର୍ଡରେ ଲେଖିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ସମୟରେ କୁସୁମୀ ଲ୍ୟାମ୍ପର ପୂର୍ବତନ ଏମଡି କୈଳାସ ମାଝୀ ତାଙ୍କୁ ଚକ୍ରାନ୍ତ କରି ବେଆଇନ ଭାବେ ନିଲମ୍ବିତ କରା ଯାଇଥିବା ଅଭିଯୋଗ କରି ତାଙ୍କୁ ପୁନଃ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ, ତେବେ ଏଥିରେ ହସ୍ତକ୍ଷେପ କରି ଏସଏଆରସିଏସ ମନୋଜ ମହନ୍ତ ସଭାରେ କହିଲେ ଯେ, ଶ୍ରୀ ମାଝୀ ହାଇକୋର୍ଟରେ କେସ କରିଛନ୍ତି ଏବଂ ଏହା ବିଚାରାଧୀନ ରହିଛି । ହାଇକୋର୍ଟର ନିର୍ଦ୍ଦେଶ ପାଇବା ପରେ ଏ ବିଷୟରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ । ତେବେ କୁସୁମୀ ଲ୍ୟାମ୍ପର କିଛି କର୍ମଚାରୀମାନେ ବ୍ୟାପକ ଅନିୟମିତତା କରି ଲ୍ୟାମ୍ପର ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ସଭାରେ ଆଲୋଚନା ବେଳେ ଜଣା ପଡ଼ିବାରୁ ଉପସ୍ଥିତ ସଦସ୍ୟ ମାନେ ଗଭୀର କ୍ଷୋଭ ପ୍ରକାଶ କରି ଏହାର ଭିଜିଲାନ୍ସ ତଦନ୍ତ ପାଇଁ ପ୍ରସ୍ତାବ ଦେଇଥିଲେ । କୁସୁମୀ ଲ୍ୟାମ୍ପର ପରିଚାଳନାକୁ ନେଇ କିଛି ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ । ଚାଷୀଙ୍କ ମତାମତ ଶୁଣିବା ପରେ ସଭାପତି ଶ୍ରୀ ବାଗ ଆଜିର ବୈଠକରେ ଚାଷୀମାନେ ଦେଇଥିବା ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେବା ସହିତ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ବାବଦରେ ଚାଷୀଙ୍କୁ ଅବଗତ କରାଇବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଳପଦରରେ 'କରମ୍ ସାନୀ' ମହୋତ୍ସବ

**ବିଜେପୁର, ୨୫ ।୩(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗ୍ରାମରେ କରମସାନୀ ମହୋତ୍ସବ ଅନୁଷ୍ଠିତ ହୋଇଛି । ଗାଁ ମୁଣରୁ ଶୋଭାଯାତ୍ରାରେ ପୂଜାଡ଼ାଳ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା । ପୂଜା କର୍ତ୍ତା ପପଟଲାଲ ଭୋଇ କରମସାନୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ୍ର ସାହୁ ମାଆଙ୍କ କଥାନୀ କହିଥିଲେ । ଅଧ୍ୟାପକ ସୁଶାନ୍ତ ମିଶ୍ର, କବି ଅଧିକାରୀ ସା, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ପ୍ରଧାନ, ଅବସରପ୍ରାପ୍ତ ଯବାନ ନବୀନ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ସୁଦର୍ଶନ ବନଛୋର ପ୍ରମୁଖ ଯୋଗଦାନ କରିଥିଲେ । ଚନ୍ଦଲି, ଉପର ବାହାଲ, ଫଟାମୁଣ୍ଡା, ଯୋଖିପାଲି, ନୂଆଁପାଳି ପ୍ରମୁଖ ଗ୍ରାମର କଳାକାରମାନେ କଳାକାରୀ ପ୍ରଦର୍ଶନ କରିଥିଲେ । ଗଜାନନ ସାହୁ ପରିଚାଳନା କରିଥିବା ବେଳେ ଉମେଶ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନଗଣନା ପାଇଁ ଝାରବନ୍ଧରେ ବ୍ଲକ୍‌ସ୍ତରୀୟ ତାଲିମ

**ଝାରବନ୍ଧ, ୨୫ ।୩(ସମିସ):** ୨୦୨୭ ଜନଗଣନାକୁ ସୁଚାରୁ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ଝାରବନ୍ଧ ବ୍ଲକରେ ବ୍ଲକସ୍ତରୀୟ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି । ତହସିଲଦାର ଅଲେଖ ଘୁଟା ଏବଂ ଅତିରିକ୍ତ ତହସିଲଦାର ବିଶ୍ୱକ ସେନ ପୁରୋହିତ ଏହି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜନଗଣନାର ପ୍ରଥମ ପର୍ଯ୍ୟାୟ 'ଗୃହ ଗଣନା' ସମ୍ପର୍କିତ ଏହି ତାଲିମରେ ଜିଲ୍ଲା ଫିଲ୍ଡ ଟ୍ରେନ୍‌ର ଦିବ୍ୟ କିଶୋର ପଣ୍ଡା ଓ ଗୋପାଳ ଚନ୍ଦ୍ର ହରିଜନ ଅଂଶଗ୍ରହଣକାରୀଙ୍କୁ ପ୍ରାୟୋଗିକ ଓ ସାଧାରଣ ଦୁଇ ପ୍ରକାରର ଶିକ୍ଷାଦାନ କରିଥିଲେ । ତାଲିମ ଅବଧି ୨୪ ମାର୍ଚ୍ଚରୁ ୨୬ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରକ୍ରିୟାରେ ମୋଟ ୫ଟି ପର୍ଯ୍ୟାୟରେ ବ୍ଲକରେ ନିଯୁକ୍ତ ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ଦିଆଯିବ । ଏହି ତାଲିମ ମାଧ୍ୟମରେ ଗଣନା କାର୍ଯ୍ୟକୁ ସଠିକ୍, ସ୍ୱଚ୍ଛ ଓ ତ୍ୱରିତ ଭାବେ କରିବାରେ ଜୋର ଦିଆଯାଇଥିବାରୁ, ଆଗାମୀ ଜନଗଣନା ପ୍ରକ୍ରିୟା ସଫଳ ହେବାରେ ସହାୟକ ହେବ ବୋଲି ଅଧିକାରୀମାନେ ଆଶାବ୍ୟକ୍ତ କରିଛନ୍ତି ।

# ଜାତୀୟ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

**ସମ୍ବଲପୁର, ୨୫।୩ (ସମିସ):** ଜାତୀୟସ୍ତରର ଆଇଆଇଟି- ଜାମ୍ ପ୍ରବେଶିକା ପରୀକ୍ଷାରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଗଣିତ ବିଭାଗର ଚାରିଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଇଆଇଟି ଓ ନାଇଜର୍ ଆଦି ଜାତୀୟସ୍ତରର ଉଚ୍ଚଶିକ୍ଷା ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି । ବିଉଟି ଦେହୁରୀ ୧୨୪ତମ, ମାନିନୀ ମହାପାତ୍ର ୧୪୮୯ତମ, ଅଞ୍ଜଳି ବାରିକ ୨୩୮୮ତମ ଏବଂ ମୀନାକ୍ଷୀ ମିର୍ଦ୍ଧା ୪୬୨୬ ତମ ସ୍ଥାନ ଅଧିକାର କରି ମହିଳା ମହାବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି । ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅଧକ୍ଷା ପ୍ରଫେସର କଳ୍ପନା ମେହେର, ଗଣିତ ବିଭାଗର ଅଧ୍ୟାପକ ତଥା ମହାବିଦ୍ୟାଳୟର କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରିଛନ୍ତି । ଛାତ୍ରୀମାନେ ପରବର୍ତ୍ତୀ କାଳରେ ଉଚ୍ଚତର ଗଣିତ ଗବେଷଣା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି ।

# ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ଓଡ଼ିଆ ପାଠଚକ୍ର

**ବରଗଡ଼, ୨୫ । ୩(ସମିସ):** ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଡ. ସରୋଜ କୁମାର ଦେବତାଙ୍କ ସଭାପତିତ୍ୱରେ ପାଠଚକ୍ର ଆରମ୍ଭ ହୋଇଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବବ୍ରୁବାହନ ମହାପାତ୍ର ଉକ୍ତ ପାଠଚକ୍ରରେ ମୁଖ୍ୟ ଅତିଥି ତଥା ବିଷୟ ବିଶେଷଜ୍ଞ ଭାବରେ ଯୋଗଦାନ କରିଥିଲେ । ଛାତ୍ରୀ ଅଞ୍ଜଳି ଦାଶ ପ୍ରାରମ୍ଭିକ ସୂଚନାଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିବାବେଳେ ଅଧ୍ୟାପିକା ସୁଷମା ପଣ୍ଡା ଜଗନ୍ନାଥଙ୍କ ସ୍ତୋତ୍ର କରିଥିଲେ । ଅଧ୍ୟାପକ ଚେତନ ମିଶ୍ର, ଅଞ୍ଜଳି ଦାଶ, ବିଦ୍ୟୁତପ୍ରଭା ଷଡ଼ଙ୍ଗୀ, ଲୀନା ତାଣ୍ଡି, ରିଙ୍କି, ସଙ୍ଗୀତା, ରୁବି, ଲିପି ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ । ସୁଷମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




# ଏନ୍‌ଏସ୍‌ସିବି କଲେଜର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

**ସମ୍ବଲପୁର, ୨୫।୩ (ସମିସ) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ଦ୍ୱାରା ଆୟୋଜିତ ୭ଦିନିଆ ବିଶେଷ ଶିବିର ଆଜି ଆରମ୍ଭ ହୋଇଛି । ଏହି ଶିବିରଟି ମାର୍ଚ୍ଚ ୨୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ପୋଷ୍ୟଗ୍ରାମ ପିଲାକଦେଇପଡ଼ାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମଟି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଦ୍ୱାରା ପ୍ରାୟୋଜିତ କରାଯାଇଛି । ଉଦ୍‌ଘାଟନ ଅବସରରେ କଲେଜର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ହରପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଆଇକ୍ୟୁଏସି ସମନ୍ୱୟକ ଡଃ ରଘୁମଣି ନାଏକ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସୁରେଶ ଏକ୍କା ଓ ସହକାରୀ ପ୍ରୋଗ୍ରାମ ଅଫିସର ରୋଜାଲି ସେଠ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ ଏନ୍‌ଏସ୍‌ଏସ୍ ସଙ୍ଗୀତ ସମୂହ ଗାନ କରାଯାଇଥିଲା । ସ୍ୱାଗତ ଭାଷଣ ଓ ଆସନ୍ତା ୭ ଦିନର କାର୍ଯ୍ୟସୂଚୀ ବିଷୟରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସୁରେଶ ଏକ୍କା ବିସ୍ତୃତ ଆଲୋଚନା କରିଥିଲେ । ତାଙ୍କ ଭାଷଣରେ ସେ ଏହି ଶିବିରର ଲକ୍ଷ୍ୟ ଓ ସମାଜ ସେବାର ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ମୁଖ୍ୟଅତିଥି ଡ. ପ୍ରଦୀପ ହରପାଲ ତାଙ୍କ ଅଭିଭାଷଣରେ ଏନ୍‌ଏସ୍‌ଏସ୍‌ର ମୂଲ୍ୟବୋଧ ଓ ଛାତ୍ରଜୀବନରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ସମାଜ ସେବା ମାଧ୍ୟମରେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ଏହି ଶିବିରରେ କଲେଜର ଏନ୍‌ଏସ୍‌ଏସ୍ କୋ-ୟୁନିଟ୍‌ର ୫୦ ଜଣ ସ୍ୱୟଂସେବକ ଅଂଶଗ୍ରହଣ କରିଛନ୍ତି । ସେମାନେ ଗ୍ରାମରେ ପରିଚ୍ଛନ୍ନତା ଅଭିଯାନ, ପୋଖରୀ ସଫା, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି ଆଦି କରିବା ସହିତ ପ୍ରତିଦିନ ଶିକ୍ଷାମୂଳକ ଅଧିବେଶନରେ ଅଂଶଗ୍ରହଣ କରିବେ ।

# ଜିଲ୍ଲା ପ୍ରତିଷ୍ଠା ଦିବସରେ ଲୋକାର୍ପିତ ହେବ 'ଧଏନ୍ ମାଁ ମାଟି, ଧଏନ୍ ବରଗଡ଼'



**ବରଗଡ଼, ୨୫ । ୩(ସମିସ):** କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ବରଗଡ଼ ଜିଲ୍ଲାକୁ ନେଇ ରଚିତ 'ପୁଣ୍ୟ ମାଟି ମୋ ବରଗଡ଼' ଗୀତର ଅପୂର୍ବ ସଫଳତା ଓ ଲୋକପ୍ରିୟତା ପରେ ଗୀତିକାର ଡକ୍ଟର ରବିନାରାୟଣ ସାହୁଙ୍କ ରଚିତ ଅନ୍ୟତମ ସଙ୍ଗୀତ 'ଧଏନ୍ ମାଁ ମାଟି ଧଏନ୍ ବରଗଡ଼, କେଡ଼େ ସୁନ୍ଦର ଆମର ଜିଲ୍ଲା' ଆଗାମୀ ଏପ୍ରିଲ ଏକ ତାରିଖ ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରେ ଲୋକାର୍ପିତ ହେବାକୁ ସ୍ଥିର ହୋଇଛି । ସମଗ୍ର ଦେଶକୁ ବରଗଡ଼ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସହିତ ଦେଶର କଳା, ସାହିତ୍ୟ, ସଂସ୍କୃତିକୁ ସମୃଦ୍ଧ କରିବାରେ ଜିଲ୍ଲାର ଭୂମିକା ଓ ଉନ୍ନତ କୃଷି ଉତ୍ପାଦନର ଗୁରୁତ୍ୱ ସବୁକୁ ସଙ୍ଗୀତ ମାଧ୍ୟମରେ ବର୍ଣ୍ଣନା କରାଯାଇଛି । ବିଶିଷ୍ଟ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ନବ ମହଓମଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବରଗଡ଼ଜିଲ୍ଲାର ସୁପରିଚିତ କଣ୍ଠଶିଳ୍ପୀଙ୍କ ମଧ୍ୟରୁ ରୀନା ଦାଶ, ସନ୍ଦୀପ ମହାପାତ୍ର, ନବ ମହଓମ, ବୁଦ୍ଧଦେବ ବାରିକ, କମଲେଶ ଚକ୍ରବର୍ତ୍ତୀ, ଅନାମିକା ଆଚାର୍ଯ୍ୟ, ଆଶିଷ କୁମ୍ଭାର, କାଳୀଚରଣ ବାଗ, ବିକାଶ ସେନ୍, ତୌଫିକ ଖାନ୍, ଅଙ୍କିତ ରାଜ, ଦୁଷ୍ମନ୍ତ ସୁନା, ସୌଭାଗ୍ୟଲକ୍ଷ୍ମୀ ଦାଶ, ମିଲିମା ନାଗ, ଅଂଶିକା ସିକନ୍ଦର, ନତାଶା ସିକନ୍ଦର, ବର୍ଷା ମହଓମ, ତପସ୍ୱନୀ ଦାଶ, ମାନୀ ଚକ୍ରବର୍ତ୍ତୀ, ସ୍ୱାଗତିକା ତ୍ରିପାଠୀ, ଅଲିଶା ମିଶ୍ର, ସଙ୍ଗୀତା ମହଓମ, ରଶ୍ମୀରେଖା ଦାଶ ପ୍ରମୁଖ ୨୩ଜଣ କଣ୍ଠଶିଳ୍ପୀ ଏଥିରେ କଣ୍ଠଦାନ କରିଛନ୍ତି । ଓମ୍ ପ୍ରଡକ୍ସନ, ବରଗଡ଼ ଦ୍ୱାରା ନିବେଦିତ ଉକ୍ତ ସଙ୍ଗୀତଟି 'ସପ୍ତକ ଝଙ୍କାର' ଷ୍ଟୁଡ଼ିଓରେ ରେକର୍ଡିଂ ଓ ମାନଭଞ୍ଜନ ନାୟକଙ୍କ ଦ୍ୱାରା ସମ୍ପାଦିତ ହୋଇଥିବାବେଳେ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନ ତଥା ଗାନ୍ଧୀ ପାର୍କ ଠାରେ ଏହାର ମୁଖ୍ୟ ଭିଡିଓ ସୁଟିଂ ସମାପ୍ତ ହୋଇଯାଇଛି ।

# ଡିସିବି ବ୍ୟାଙ୍କ ଶାଖାର ଚତୁର୍ଥ ବାର୍ଷିକୋତ୍ସବ

**ପଦ୍ମପୁର, ୨୫ ।୩(ସମିସ):** ଡିସିବି ବ୍ୟାଙ୍କ ଝାରବନ୍ଧ ଶାଖାର ଚତୁର୍ଥ ବାର୍ଷିକୋତ୍ସବ ପାଳିତ କରାଯାଇଛି । ଏହି ଅବସରରେ ଶାଖା ପ୍ରବନ୍ଧକ ଏମ୍. ରାଜେଶଙ୍କ ସହ କ୍ଲଷ୍ଟର ମୁଖ୍ୟ ସୁଧାଂଶୁ ପଟ୍ଟନାୟକ ଓ ସମସ୍ତ ଶାଖା କର୍ମଚାରୀମାନେ ଉପସ୍ଥିତ ଥିଲେ । ଅନଲାଇନ୍ ଠକେଇ ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ଗ୍ରାହକମାନଙ୍କୁ ସତର୍କ ରହିବା ପାଇଁ ବ୍ୟାଙ୍କ ପକ୍ଷରୁ ସଚେତନତା କରାଯାଇଥିଲା । ସଞ୍ଚୟ ଜମା, ଦୀର୍ଘ ଓ ସ୍ୱଳ୍ପ ମିଆଦି ଋଣ, ଲକର ସୁବିଧା, ସୁନା ଋଣ ଓ ଚାଷ ଋଣ ପ୍ରମୁଖ ସେବା ବିଷୟରେ ସୂଚନା ଦିଆଯାଇଥିଲା ।

# ବରଗଡ଼ରେ ସାହିତ୍ୟ ଉତ୍ସବ 'କାବ୍ୟ ଫଗୁଣ'

**ବରଗଡ଼, ୨୫ । ୩(ସମିସ)**

ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ବିଶ୍ୱ କବିତା ଦିବସ ଉପଲକ୍ଷେ ହୋଟେଲ ଗଣପତି ସମ୍ମିଳନୀ କକ୍ଷରେ ବରଗଡ଼ ସାହିତ୍ୟ ସଂସଦ ଦ୍ୱାରା ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ କାବ୍ୟ ଫଗୁଣର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବ୍ୟଙ୍ଗ କବି ମନୋରଞ୍ଜନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏକଦିବସୀୟ ସଭାକୁ ବିଶିଷ୍ଟ ସାହିତ୍ୟିକା ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଶିବପ୍ରିୟା ମିଶ୍ର ଉଦ୍‌ଘାଟନ କରି ଲେଖିକାମାନେ ଭୋଗୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେ ଓଡ଼ିଶା ତଥା ଆମ ଅଞ୍ଚଳର ଅନେକ ନାରୀ କବିଙ୍କ କାବ୍ୟକୃତିକୁ ଉଦ୍ଧାର କରି ଏବେର ନାରୀ ଲେଖିକା କେମିତି ନାରୀର ସମସ୍ୟା ସହ ଯୁଝିବାକୁ ସକ୍ଷମ ସେ କଥା ପ୍ରତିପାଦିତ କରିଥିଲେ । ଯୁବକବି ଆଶିଷ ମିଶ୍ର ଓ ଭବାନୀପାଟଣାର ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ କବିତା ପାଇଁ ସମ୍ମାନିତ କରାଯାଇଥିଲା । ମାନପତ୍ର ପାଠ କରିଥିଲେ ଗାୟକ ଅଶୋକ ପଶାୟତ ଓ କବି ହେମାଙ୍ଗିନୀ ଦାଶ । ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଡ. ସଂଘମିତ୍ରା ମିଶ୍ର ଓ ଡ. ସୁନୀତି ଦେବତା ଯୋଗଦେଇ ଲେଖିକାଙ୍କ ସଂସାର, ସ୍ୱପ୍ନ, ସଂଶୟ, ସମସ୍ୟା ଓ ସମାଧାନ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ । ବେଲୁଥିବା ରୋଟି ତଥା ସଉଦା ପାଇଁ ତିଆରି ଥିବା ଚିରକୁଟ ରେ ବି ତାର ସୃଜନର ସ୍ୱାକ୍ଷର ଥାଏ ବୋଲି ଡ. ସଂଘମିତ୍ରା ମିଶ୍ର ମତ ଦେଇଥିଲେ । ଡ. ସୁନୀତି ଦେବତା ତାଙ୍କ ନିଜ ଜୀବନର ଅନୁଭୂତିରୁ ଦୃଷ୍ଟାନ୍ତ ଦେଇ ଲେଖିକା କିଭଳି ସାଂସାରିକ ଜଞ୍ଜାଳରେ ଘାଣ୍ଟି ହୋଇ ସୃଜନକର୍ମରୁ ଦୂରେଇ ଯିବାକୁ ବାଧ୍ୟ ହୁଏ ଓ ସେ ନିଜେ ପୁଣି ସ୍ୱଚେଷ୍ଟାରେ ନିଜକୁ ଗଢ଼ିପାରେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଉଭୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଅବସରପ୍ରାପ୍ତ ଅଧ୍ୟାପିକା ଡ. ଭଗବତୀ କର । ତୃତୀୟ ଅଧିବେଶନରେ କବି ତଥା ସମାଜସେବୀ ଜିତାରାଣୀ ଦାଶଙ୍କ ଅଧ୍ୟକ୍ଷତାରେ କେବଳ ନିମନ୍ତ୍ରିତ ନାରୀ ଲେଖିକାଙ୍କୁ ନେଇ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ସୁଷମା ଦାଶ ଓ କବୟିତ୍ରୀ ସବିତା ମହରା । ମଞ୍ଚ ପରିଚାଳନା କରିଥିଲେ ଡ. ଅଶୋକ ମହାପାତ୍ର ।



# ଧନୁର୍ଦ୍ଧର ଅର୍ଣ୍ଣବଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସହାୟତା

**ସମ୍ବଲପୁର, ୨୫।୩ (ସମିସ) :** ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଆସନ୍ତା ୨୭ ଓ ୨୮ ତାରିଖରେ ହେବାକୁ ଥିବା ଜାତୀୟ ଧନୁର୍ବିଦ୍ୟା (ଆର୍ଚେରୀ) ଚାମ୍ପିଅନସିପ୍ ପାଇଁ ସମ୍ବଲପୁର ଜିଲ୍ଲାର ଯୁଯୁମୁରା ବ୍ଲକର ବାଳକ ଅର୍ଣ୍ଣବ ଦେହୁରୀ (୧୧) ମନୋନୀତ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ମାର୍ଗଦର୍ଶନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅର୍ଣ୍ଣବଙ୍କୁ ଏହି ପ୍ରତିଯୋଗିତା ପାଇଁ ଏକ ସ୍ୱତନ୍ତ୍ର ଭାବେ ନିର୍ମିତ ଧନୁ ଓ ତୀର (କଷ୍ଟମାଇଜଡ୍) ପ୍ରଦାନ କରାଯାଇଛି । ଆଜି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅତ୍ୟାଧୁନିକ କ୍ରୀଡ଼ା ସରଞ୍ଜାମ ଅର୍ଣ୍ଣବଙ୍କୁ ହସ୍ତାନ୍ତର କରିଛନ୍ତି । ସୂଚନାଯୋଗ୍ୟ ଯେ, ଅର୍ଣ୍ଣବଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଉପକରଣଟି 'ବିରାଜ ଷ୍ଟିଲ୍' ସୌଜନ୍ୟରୁ ପ୍ରସ୍ତୁତ କରାଯାଇଛି । ଅର୍ଣ୍ଣବ ଜଣେ ଉଦୀୟମାନ ଧନୁର୍ଦ୍ଧର ଭାବେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି । ୨୦୨୨ରେ ୨୩ତମ ରାଜ୍ୟ ଆର୍ଚେରୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ, ୨୦୨୩ରେ ରାଜ୍ୟସ୍ତରୀୟ ୯ ବର୍ଷରୁ କମ୍ (ୟୁ-୯) ବିଭାଗରେ ପ୍ରଥମ ସ୍ଥାନ, ୨୦୨୪ରେ ୧୦ ବର୍ଷରୁ କମ୍ (ୟୁ-୧୦) ବିଭାଗରେ ପ୍ରଥମ ସ୍ଥାନ ପାଇଥିଲେ । ଏହାବ୍ୟତୀତ ପୂର୍ବରୁ ଜାତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ କରି ସେ ସମ୍ବଲପୁର ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।



■ ସଂରକ୍ଷିତ ଜଙ୍ଗଲରୁ ଗଛ କଟାକୁ ବିରୋଧ

# ବ୍ରଜରାଜନଗରବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ

**ଝାରସୁଗୁଡା, ୨୫।୩ (ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ କଲେଜ ଓ ହସ୍ପିଟାଲ ମଝିରେ ଅଞ୍ଚଳବାସୀଙ୍କ ତତ୍ତ୍ୱାବଧାନରେ ସରକାରୀ ଜମିର ବିଭିନ୍ନ ପ୍ଲଟରେ ପ୍ରାୟ ୧୦ ବର୍ଷ ପୂର୍ବରୁ ସୃଷ୍ଟି କରାଯାଇଥିବା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଖାତା ନଂ ୬୩୩ର ପ୍ଲଟ ନଂ ୨୯୬୦ରେ ଲଗାଯାଇଥିବା ୫୦୦ରୁ ଉର୍ଦ୍ଧ୍ୱ ଗଛ କିଛି ଦିନ ପୂର୍ବରୁ କଟାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ବ୍ରଜରାଜନଗର ଥାନାରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଏତଲା ଦିଆଯାଇଛି। ଏହା ବ୍ରଜରାଜନଗର ପୌରପରିଷଦ ଅଞ୍ଚଳର ଅନ୍ତର୍ଭୁକ୍ତ ହୋଇଥିବାରୁ ବର୍ତ୍ତମାନର ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ଏଫଆଇଆରରେ ଦାୟୀ କରାଯାଇଛି। ଏହାର ସରଜମିନ ତଦନ୍ତ କରି ସମ୍ପୃକ୍ତ ଦୋଷୀଙ୍କୁ ଦଣ୍ଡ ବିଧାନ କରାଯିବା ନେଇ ଅଞ୍ଚଳବାସୀ ଦାବି କରିଛନ୍ତି। ଏତଲା ପ୍ରଦାନ ସମୟରେ ରାଧାକୃଷ୍ଣ ଉନ୍ନୟନ ପରିଷଦର ମୁଖ୍ୟ ପୁରୋଧା ମହେନ୍ଦ୍ର ନାଏକ, ନୃପ ତାଣ୍ଡି, ରାଧାକାନ୍ତ ପ୍ରଧାନ, ପବିତ୍ର ବିଶି, କ୍ଷୀରୋଦ ପ୍ରଧାନ, ସୁପ୍ରିତ ବେହେରା, ସଚିନ ଦାସ, ପ୍ରଭାତ ରଞ୍ଜନ ଦାସ, ଦେବେଶ ପଣ୍ଡା, ରବି ସୋନି, ସୂରଜ ମହାପାତ୍ର, ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# କିଶୋରକୁ ଦୋଷମୁକ୍ତ କଲେ କିଶୋର ନ୍ୟାୟ ବୋର୍ଡ

**ଦେବଗଡ଼, ୨୫।୩(ସମିସ):** ଗତକାଲି କିଶୋର ନ୍ୟାୟ ବୋର୍ଡର ପ୍ରଧାନ ବିଚାରପତି ବିଶ୍ୱଜିତ ମହାପାତ୍ର ଏକ ସ୍ୱତନ୍ତ୍ର ସିଟି ମାମଲାର ବିଚାରଣା କରି ଦୋଷୀ ସାବ୍ୟସ୍ତ ହୋଇଥିବା କିଶୋରକୁ ଦୋଷମୁକ୍ତ କରିଛନ୍ତି। କୁଣ୍ଡେଇଗୋଲା ଥାନା କେଶ ନମ୍ବର୍ ୧୩୪/୨୦୨୦ ମାମଲାର ବିଚାର କରି ଜଣେ କିଶୋରଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୬୩ ଅନୁଯାୟୀ ପ୍ରଥମେ ଦୋଷୀ ସାବ୍ୟସ୍ତ କରିଥିଲେ। କିଶୋରଙ୍କ ଭବିଷ୍ୟତ ଓ ସାମାଜିକ ସ୍ଥିରତାକୁ ବିଚାର କରି ଫୌଜଦାରୀ ଆଇନ ୧୯୭୩ ଧାରା ୨୫୨(୨) ଓ ଜୁଭେନାଇଲ ଜଷ୍ଟିସ ( କେୟାର ଓ ପ୍ରୋଟେକ୍ସନ ) ଆକ୍ଟ ୨୦୧୫ର ଧାରା ୧୮(୧)(ଇ) ଅନୁଯାୟୀ ଦୋଷ ମୁକ୍ତ କରିଥିଲେ। ଦେବଗଡ଼ର ସହକାରୀ ଏପିପି ରିଙ୍କୁ କୁମାର ନାଥ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବେଳେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ବିଚାର ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରୁଥିଲେ।

# ଉପଭୋକ୍ତା ସଚେତନତା କର୍ମଶାଳା




**ଝାରସୁଗୁଡା, ୨୫।୩(ସମିସ):** ଝାରସୁଗୁଡା ଜିଲ୍ଲା ଲଇକେରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଲାଇକେରା ବିଇଓ ହିମାଂଶୁ ବାଗ ଯୋଗ ଦେଇଥିବାବେଳେ ଉପନିୟନ୍ତ୍ରକ ଅଖିଳ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ଅଧ୍ୟକ୍ଷା ସାବିତ୍ରୀ ଭୋଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଞ୍ଜଳି ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଇଜେଭି ଫାଉଣ୍ଡେସନର ସଭାନେତ୍ରୀ ମାନସୀ ପଣ୍ଡା ଓ ନିରୀକ୍ଷକ ଗଗନ ମାରାଣ୍ଡି ଯୋଗଦେଇଥିଲେ। ବିଭାଗ ମୁଖ୍ୟ ଅଖିଳ ଚନ୍ଦ୍ର ପ୍ରଧାନ, ମାନସୀ ପଣ୍ଡା, ଅଞ୍ଜଳି ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଉପାଦେୟତା ବାବଦରେ ବୁଝାଇଥିଲେ। ଇଜେଭିର ହେମଲତା ମେହେର ଓ ନିଖିଳ ଶର୍ମା, ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ। ଶେଷରେ ପ୍ରିୟା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଣ୍ଟବନ୍ଧ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଇବଥର୍ମାଲ, ୨୫।୩(ସମିସ):** ଲଖନପୁର ବ୍ଲକ ପିପିଲିକାନୀ କ୍ଲଷ୍ଟର ଅଧୀନସ୍ଥ ଖୁଣ୍ଟବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ପ୍ରେମସାଗର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବରେ ଚାରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେନାପତି, ସମ୍ମାନିତ ଅତିଥି ଭାବରେ ପିପିଲିକାନୀ ସିଆରସିସି ରାଜଶ କୁମାର ସା, ଶିକ୍ଷାବିତ ଡାକ୍ତର ଶୌକତ ଅଲ୍ଲୀ ଖାନ, ଶିକ୍ଷାବିତ୍ ଲକ୍ଷ୍ମଣ ମିଶ୍ର, ପିପିଲିକାନୀ ସମିତି ସଭ୍ୟ ବିଦ୍ୟାଧର ଚାନ୍ଦ, ଏସ୍‌ଏମ୍‌ସି ସଭାପତି ରମଣୀ ରଞ୍ଜନ କାଲୋ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଛଞ୍ଚାଣ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ହୋଇଥିବା ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟ ଛାତ୍ରୀ ଆସ୍ଥା କାଲୋରୁ ଓ ତାଙ୍କ ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାକାର୍ଯ୍ୟକୁ ଶିକ୍ଷକ ଶ୍ରୀପତି ଓରାମ ପରିଚାଳନା କରିଥିବା ବେଳେ ସିଆରସିସି ରାଜେଶ ସା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତୀ ବାଗଙ୍କ ସମେତ ଏସ୍‌ଏମ୍‌ସି କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ।

ଅଙ୍ଗନବାଡିକର୍ମୀଙ୍କୁ ସୁପରଭାଇଜରଙ୍କ ନିର୍ଯାତନା ଅଭିଯୋଗ

# ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘର ବିକ୍ଷୋଭ

ଦେବଗଡ଼, ୨୫।୩(ସମିସ)

ରିଆମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଘର ସଭାନେତ୍ରୀ ମୀରାବତୀ ଦଳବେହେରାଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟା ଏଥିରେ ସାମିଲ ହୋଇଥିଲେ। ରିଆମାଳ ବ୍ଲକର ପ୍ରଣତୀ ପ୍ରଧାନ ନାମ୍ନୀ ସୁପରଭାଇଜର ଅଙ୍ଗନବାଡିକର୍ମୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରି ସୁପରଭାଇଜର ପ୍ରଣତିଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ସୁପରଭାଇଜର ପ୍ରଣତୀ ପ୍ରଧାନଙ୍କ ମତାମତ ନେବାରୁ ସେ ଅଭିଯୋଗକୁ ଭିତ୍ତିହୀନ ବୋଲି ପ୍ରକାଶ କରିବା ସହ କିଛି ଦିନ ତଳେ ତାଙ୍କ ଅଧୀନରେ ଥିବା ଅଙ୍ଗନବାଡି କର୍ମୀମାନଙ୍କୁ ସେ ରିପୋର୍ଟ ମାଗିଥିଲେ, ଏହି ରିପୋର୍ଟ କିଛି ଅଙ୍ଗନବାଡି କର୍ମୀ ଦେଇଥିବା ବେଳେ କିଛି ଅଙ୍ଗନବାଡି କର୍ମୀ ଦେଇ ନଥିଲେ। ତେଣୁ ରିପୋର୍ଟ ଦେଇନଥିବା ଅଙ୍ଗନବାଡି କର୍ମୀଙ୍କୁ ଆଉ ଥରେ ରିପୋର୍ଟ ମାଗିବା ପରେ ସଭାନେତ୍ରୀ ମୀରାବତୀ ଦଳବେହେରାଙ୍କ ସହିତ ଯୁକ୍ତିତର୍କ ହୋଇଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରୁଥିବା ସୁପରଭାଇଜର ପ୍ରଣତୀ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସିଡିପିଓ ତାରାକାନ୍ତି ମହାନନ୍ଦିଆଙ୍କୁ ପଚାରିବାରୁ, ସେ ଘଟଣା ସମ୍ପର୍କରେ ଦେବଗଡ଼ ଉପଜିଲ୍ଲାପାଳଙ୍କୁ ସୂଚିତ କରିଥିବା କହିଛନ୍ତି। ଏହାର ସମାଧାନ ପାଇଁ ଉପଜିଲ୍ଲାପାଳ ମୀରାବତୀ ଦଳବେହେରାଙ୍କୁ ଫୋନ ଯୋଗେ ଡାକିଥିଲେ, ମାତ୍ର ମୀରାବତୀ ଦଳବେହେରା ଯାଇ ପାରି ନଥିଲେ। ତେଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିପିଓ ପ୍ରକାଶ କରିଛନ୍ତି। ଅନ୍ୟପଟରେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମୀରାବତୀ ଦଳବେହେରା ପ୍ରକାଶ କରିଛନ୍ତି।



# ଭୋଟର ମ୍ୟାପିଂ ଦ୍ୱାରା ହେବ ଭୋଟର ସଂଶୋଧନ

## ଜନସାଧାରଣଙ୍କ ସହଯୋଗ କାମନା କଲେ ଉପଜିଲ୍ଲାପାଳ

**ଦେବଗଡ଼, ୨୫।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ସହଜ କରିବା ପାଇଁ ଭୋଟର ମ୍ୟାପିଂ ଦ୍ୱାରା ଭୋଟର ସଂଶୋଧନ କରାଯିବ। ଭାରତ ସମ୍ବିଧାନ ଅନୁଚ୍ଛେଦ ୩୨୪ ଏବଂ ଜନ ପ୍ରତିନିଧି ଅଧିନିୟମ ୧୯୫୦ର ଧାରା ୨୧ ଅନୁଯାୟୀ ଭାରତୀୟ ନିର୍ବାଚନ କମିଶନ ଭୋଟର ତାଲିକାରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟା ସମୟରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଯେପରି କୌଣସି ଯୋଗ୍ୟ ନାଗରିକ ବାଦ୍ ନପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ଏହା ସୁନିଶ୍ଚିତ କରିବେ ବୋଲି ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପରିକ୍ଷିତ ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହ ଏହି ପ୍ରକ୍ରିୟାରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।



# ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଝାରସୁଗୁଡ଼ା, ୨୫।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ନବନିର୍ମିତ ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ପାଇଁ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ବୁଧବାର କୁଣ୍ଡ ସଂସ୍କାର, ମଣ୍ଡପ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ, ଯୁବନେତା ବିଶାଳ ଦାସଙ୍କ ସହ ଗ୍ରାମବାସୀଙ୍କ ଉପସ୍ଥିତିରେ ୭୦୧ଟି କଳସ ନେଇ କଳସ ଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟକର୍ତ୍ତା ଭାବେ ବିଶାଳ ଦାସ ଓ ପତ୍ନୀ ଚାର୍ଭି ଦାସ ଏବଂ ଗ୍ରାମ ଗୌନ୍ତିଆ ଟଙ୍କଧର ନାଏକ ଓ ପତ୍ନୀ ଉଷାବତି ନାଏକ ସହିତ ୧୭ ଯୋଡ଼ି ଏଥିରେ ଭାଗନେଇଥିଲେ। ବୁଧବାର କୁଣ୍ଡ ସଂସ୍କାର, ମଣ୍ଡପ ସଂସ୍କାର, ଲକ୍ଷ୍ମୀ ନାରାୟଣ ପୂଜା ଓ ଅନ୍ନାଧିବାସ ସମ୍ପନ୍ନ ହୋଇଯାଇଛି। ଆସନ୍ତାକାଲି ଗୁରୁବାର ଦିନ ସମଲେଶ୍ୱରୀ ମା'ଙ୍କ ପାର୍ଶ୍ୱ ବିଗ୍ରହ ମହାସ୍ନାନ ନ୍ୟାସ, ଷୋଡ଼ଷ ଉପଚାର ପୂଜା, ଚଣ୍ଡୀ ହୋମ, ଆରତି ଓ ପୁଷ୍ପାଞ୍ଜଳି ସମ୍ପନ୍ନ କରାଯିବ। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ପୁଜକ ରଞ୍ଜନ ମହାପାତ୍ର ଓ ଟଙ୍କଧର ସାବତଙ୍କ ସହିତ ଆଉ ୨୪ ଜଣ ସହ ପୁଜକ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଲଇକେରା ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ଟଙ୍କଧର ନାଏକ, ଉପସଭାପତି ପଞ୍ଚାନନ ନାଏକ, ସମ୍ପାଦକ ମନୋଜ ବେହେରା, ସହ ସମ୍ପାଦକ ଭୂପାଳ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ କାର୍ତ୍ତିକ ବେହେରା, କାର୍ଯ୍ୟକାରୀ କମିଟି ସଭାପତି ସତ୍ୟପ୍ରକାଶ ନାଏକ, ଉପସଭାପତି ସରୋଜ ଅଟି, ସମ୍ପାଦକ ପ୍ରଦୀପ ସାହୁ, ସହସମ୍ପାଦକ ଅନିଲ ମେହେରଙ୍କ ତତ୍ତ୍ୱାବଧାନରେ ତଥା ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ଆୟୋଜନ କରାଯାଇଛି।



# ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଦେବଗଡ଼, ୨୫।୩(ସମିସ):** ଆସନ୍ତା ଏପ୍ରିଲ ୧୪ରେ ପବିତ୍ର ମହା ବିଷୁବ ସଙ୍କ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ମଙ୍ଗଳବାର ଜିଲ୍ଲା ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆଗାମୀ ୧୪ ତାରିଖ ଅନୁଷ୍ଠାନ ପକ୍ଷରୁ ମହା ସମାରୋହରେ ମହା ବିଷୁବ ସଙ୍କ୍ରାନ୍ତି, ଓଡ଼ିଆ ନବ ବର୍ଷ ସହ ପବିତ୍ର ହନୁମାନ ଜୟନ୍ତୀ ପାଳନ କରାଯିବ। ୧୪ ତାରିଖ ଅପରାହ୍ଣରେ ମନ୍ଦିର ପରିସରରୁ ଝଣ୍ଡା ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ପ୍ରତି ସାହି ସାହିରେ ଆଖଡା ଖେଳ ଅନୁଷ୍ଠିତ ହେବ। ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ ମଧ୍ୟ କରାଯିବ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁଷ୍ଠାନର ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଉଦିପ୍ତ ନାୟକ, ଦିଲ୍ଲୀପ ବେହେରା, ସୁରଞ୍ଜିତ ମହାପାତ୍ର, ପ୍ରଭାତ ସାହୁ, କ୍ଷୀରୋଦ ପ୍ରଧାନ, ଆଲୋକ ପାତ୍ର, ଦୀପକ ଝାଙ୍କରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# କଙ୍କରାମୁଣ୍ଡାରେ ଷୋହଳ ପ୍ରହର ନାମଯଜ୍ଞ

**ଝାରସୁଗୁଡା, ୨୫।୩(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ କଙ୍କରାମୁଣ୍ଡା ଗ୍ରାମରେ ଷୋହଳ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଆଲୋକ କୁମାର, ତାଙ୍କ ପତ୍ନୀ ସୁରେଶ୍ୱରୀ ପଟେଲ ରହିଥିବା ବେଳେ ପୂଜକ ବଣ୍ଟି ବାବା ରହିଥିଲେ। ଗତ ଗୁରୁବାର ଗ୍ରାମ୍ୟ ପୁଷ୍କରିଣୀରୁ ଜଳ ଆଣି କଳସଯାତ୍ରା ସହ ପୂଜାକାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଶୁକ୍ରବାର ଓ ଶନିବାର ନାମଧାରଣ ସହ ରବିବାର ପୂର୍ଣ୍ଣାହୁତି, ନଗରଭ୍ରମଣ, ଦଧିଭଞ୍ଜନ କାର୍ଯ୍ୟ ସମାପନ ହୋଇଥିଲା। ଦଧିଭଞ୍ଜନର ଶେଷ ସନ୍ଧ୍ୟାରେ ବିଭିନ୍ନ ଦଳକୁ ନେଇ ବୈଠକ ହୋଇଥିଲା। ନାମଯଜ୍ଞରେ ଯୋଗଦେଇଥିବା ସମୁଦାୟ ୧୪ଟି ଦଳ ମଧ୍ୟରେ କେନାଡିପା ଓ ଲରିଆପାଳି କିର୍ତ୍ତନିଆଁ ଦଳଙ୍କ ପ୍ରତିଭା ପ୍ରଦର୍ଶନ ମନମୁଗ୍ଧକର ଥିଲା। ଗ୍ରାମର ରୋହିତ ପଟେଲ, ରଞ୍ଜନ ପଟେଲ, ମିତ୍ରଭାନୁ ପଟେଲ, ଜନ୍ମେଜୟ ପଟେଲ, ଜୟଶଙ୍କର ପଟେଲ, ଗୋପବନ୍ଧୁ ପଟେଲ, ମୋତିରାମ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ବିଜୟ, ବିଶାଳ, ବିକାଶ, ବିବେକ, ରିଙ୍କୁ, ରୋଶନ, ଦିଲିପ, ସୁଜିତ, ଅଜିତ, ବିପୀନ, ରୁକ୍ମଣ, ସୁରତ, କହ୍ନେଇ, ସୁଶିଲ, ଅରୁଣ, ଅମିତ, ଅଶ୍ୱିନୀ, ମୋହନ, ମନୋଜ, ସୁରଜ ପ୍ରମୁଖଙ୍କ ସହ କଙ୍କରାମୁଣ୍ଡା ଓ ପନିଖିପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ

**ଦେବଗଡ଼, ୨୫।୩(ସମିସ):** ଆସନ୍ତା ୨୦୨୭ ଜନଗଣନାକୁ ଦୃଷ୍ଟିରେ ରଖି ବାରକୋଟ ବ୍ଲକରେ ଡଂରା ଉଚ୍ଚ ବିଦ୍ୟାଳୟଠାରେ ଆଜି ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣ ଫିଲ୍ଡ ଟ୍ରେନରଙ୍କ ଦ୍ୱାରା ଦୁଇଟି ବ୍ୟାଚରେ ସମ୍ପନ୍ନ କରାଯାଇଛି। ଏହି ପ୍ରଶିକ୍ଷଣ ମୋଟ ୩ଟି ବ୍ୟାଚରେ ପ୍ରଦାନ କରାଯାଇଛି ଏବଂ ପ୍ରତ୍ୟେକ ବ୍ୟାଚକୁ ୩ ଦିନ କରି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଆଜି ପ୍ରଥମ ବ୍ୟାଚର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସଫଳ କରିବା ପାଇଁ ଆଜିର ପ୍ରଶିକ୍ଷଣରେ ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ବିଭିନ୍ନ ଦିଗରେ ଜ୍ଞାନ ଓ ନିର୍ଦ୍ଦେଶନା ଦିଆଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ପ୍ରଶିକ୍ଷଣ କେନ୍ଦ୍ରକୁ ପରିଦର୍ଶନ କରିବା ସହ ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଗ୍ରହଣ କରି କ୍ଷେତ୍ରସ୍ତରରେ ତ୍ରୁଟିମୁକ୍ତ ତଥ୍ୟ ସଂଗ୍ରହ କରିବାକୁ ପ୍ରେରିତ କରିଥିଲେ। ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ ଚାର୍ଜ ଅଫିସର ଭାବେ ଉପସ୍ଥିତ ଥିଲେ। ବାରକୋଟ ବିଡ଼ିଓ ସୂର୍ଯ୍ୟକାନ୍ତ ବରିହା, ଏବିଡିଓ ସବିତା ଜେନା, ଡିପିଓ ହେମନ୍ତ ସିଂ ଓ ଅତିରିକ୍ତ ତହସିଲଦାର ୱାସିମ ଅହମ୍ମଦ ଟ୍ରେନର ଭାବେ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ଅଞ୍ଜୁନୀ କୁଜୁର ଓ ଜିଲ୍ଲା ଇନ୍‌ଚାର୍ଜ କୁମାର କ୍ରୀତିକ୍ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀମାନେ ଜନଗଣନାକୁ ସଠିକ୍ ଓ ସମୟୋଚିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଖାଉଟି ସଚେତନତା ଶିବିର

**ଦେବଗଡ଼, ୨୫।୩(ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ବୈଧ ମାପ ବିଜ୍ଞାନ ଉପ -ନିୟନ୍ତ୍ରକ ରଞ୍ଜନା କୁମାରୀ ପଟେଲ, ସିଟି ଏଣ୍ଡ ଜିଏସଟି ଡେପୁଟି କମିଶନର ଅଫ ଲିଲକାନ୍ତ ବୁଡେକ୍, ଆଇନଜୀବୀ ଦୀପକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ବୃନ୍ଦ କୌଣସି ସାମଗ୍ରୀ କିଣିବା ସମୟରେ ଏହାର ମୂଲ୍ୟ ଏବଂ ଏକ୍ସପାରି ତାରିଖ ପ୍ରତି ଧ୍ୟାନ ଦେବା ସହ ଦୋକାନୀ ସଠିକ୍ ମୂଲ୍ୟରେ ଜିନିଷ ନଦେଲେ ଖାଉଟି ଅଦାଲତର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ଆଇନଜିବୀ ଶ୍ରୀ ମହାପାତ୍ର ଓ ଡେପୁଟି କମିଶନର ଶ୍ରୀ ବୁଡ଼େକ୍ ସାମଗ୍ରୀ କିଣିବା ବେଳେ ଜିଏସ୍‌ଟି ଓ ବିଭିନ୍ନ ଦ୍ରବ୍ୟ ସେବା କର ହ୍ରାସ ଏବଂ ଏହା ଉପରେ ପ୍ରଶିକ୍ଷଣ ଦେଇଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ଜିଲ୍ଲାସ୍ତର ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ସିଡିପିଓ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିବା ବେଳେ ଅତିରିକ୍ତ ଯୋଗାଣ ଅଧିକାରୀ ଯତୀନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜ୍ୟ ଶିଶୁ ସୁରକ୍ଷା କମିଶନଙ୍କ ଦେବଗଡ଼ ଗସ୍ତ

ଦେବଗଡ଼, ୨୫।୩(ସମିସ)

ଆଜି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା ଚନ୍ଦନା ଦାସ ଦେବଗଡ଼ ଜିଲ୍ଲାକୁ ଦିନିଆ ଗସ୍ତରେ ଆସି ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ ଓ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଆଇନ ପରାମର୍ଶଦାତା ଓମପ୍ରକାଶ ପଣ୍ଡାଙ୍କ ସହିତ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଗୁଡିକୁ ଗସ୍ତ କରି ଶିଶୁମାନଙ୍କ ପାଇଁ ଉପଲବ୍ଧ ଥିବା ଆଇନ ଓ ବ୍ୟବସ୍ଥା ଗୁଡିକର ସମୀକ୍ଷା କରିଛନ୍ତି। ଜିଲ୍ଲା ସଦର ମହକୁମାରେ ଥିବା ଅଙ୍ଗନବାଡି କେନ୍ଦ୍ର, ରେଙ୍ଗାଲବେଡା ସ୍ଥିତ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତିର ପିଲାଙ୍କ ପାଇଁ ଉପଲବ୍ଧ ଥିବା ହଷ୍ଟେଲ, ବଣିଆକିଲିଣ୍ଡା ଓ ରିଆମାଳ ସ୍ଥିତ ଛତୁଆ ମିଶ୍ରଣ କେନ୍ଦ୍ର, ଭିଆଇଆରଡି ଅନୁଷ୍ଠାନ ଦ୍ୱାରା ପରିଚାଳିତ ସଖୀ କେନ୍ଦ୍ର, ସପୋର୍ଟ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ଓ ଶିଶୁ ଗୃହକୁ ଯାଇ ଅନୁଷ୍ଠାନର କର୍ମଚାରୀ ଓ ପିଲାଙ୍କ ସହ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରି ଯୋଜନା ଗୁଡିକର ସୁପରିଚାଳନା ଓ ପିଲାଙ୍କ ପାଇଁ ଥିବା ଯତ୍ନ ବ୍ୟବସ୍ଥାର ମାନ ବୃଦ୍ଧି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ସେହିପରି ଦେବଗଡ଼ ଆଦର୍ଶ ଥାନାକୁ ଗସ୍ତ କରି ଶିଶୁ ସୁରକ୍ଷା କମିଶନ ଥାନା ଅଧିକାରୀ ସବ୍ୟସାଚୀ ଶତପଥିଙ୍କ ଦ୍ୱାରା ପରିଚାଳିତ ହେଉଥିବା ଶିଶୁ ମିତ୍ର ବିଧେୟକ, ମହିଳା ଓ ଶିଶୁ ଡେସ୍କରକୁ ପ୍ରଶଂସା କରିଥିଲେ। ଏଥିସହ ବଣିଆକିଲିଣ୍ଡା ଓ ରିଆମାଳ ସ୍ଥିତ ଛତୁଆ ମିଶ୍ରଣ କେନ୍ଦ୍ରରେ ପ୍ରସ୍ତୁତ ହେଉଥିବା ଛତୁଆର ମାନକୁ ନେଇ ଶିଶୁ ସୁରକ୍ଷା କମିଶନ କ୍ଷୋଭ ପ୍ରକାଶ କରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନଙ୍କୁ ଖାଦ୍ୟରେ ମାନ ବୃଦ୍ଧି ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷ୍ୟା ବବିତଓ ପାତ୍ର ଏହି ଗସ୍ତ ସମୟରେ ବଣିଆକିଲିଣ୍ଡା ସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ହଠାତ ପହଞ୍ଚି ପିଲାଙ୍କ ସଙ୍ଗେ ଧାଡିରେ ବସି ମଧ୍ୟାହ୍ନ ଭୋଜନ ଖାଇଥିଲେ। ଶିକ୍ଷୟିତ୍ରୀ ସୁନିତା ପାତ୍ରଙ୍କ ସଚ୍ଚୋଟ ପଣିଆ ଓ ପିଲାଙ୍କ ପ୍ରତି ସ୍ନେହ ଦେଖି ଜିଲ୍ଲାପାଳଙ୍କୁ ତାଙ୍କୁ ପୁରସ୍କୃତ କରିବା ପାଇଁ ସୁପାରିସ କରିଥିଲେ। ଗସ୍ତ ଶେଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଉପସ୍ଥିତିରେ ଶିଶୁ ସୁରକ୍ଷା ଆୟୋଗ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲ୍ଲାର ସମସ୍ତ ଶିଶୁଗୃହ, ବାଳାଶ୍ରମ, କନ୍ୟାଶ୍ରମ ଓ ଆଦୃତ ଗୃହଗୁଡ଼ିକରେ ଥିବା ଶିଶୁ କିଭଳି ସରକାରୀ ଯୋଜନାରେ ଉପକୃତ ହେଉଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ବାଲ୍ୟ ବିବାହ, ବାଲ୍ୟ ଭିକ୍ଷୁ, ଶିଶୁ ଶ୍ରମିକ, ବେଆଇନ ଶିଶୁବିକ୍ରିକୁ ରୋକିବା ନିମନ୍ତେ ଉଚିତ୍ ପଦକ୍ଷେପ ନେବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। ସେହିଭଳି ଛତୁଆ କେନ୍ଦ୍ର ମାନଙ୍କରେ ଲାଗିଥିବା ସିସିଟିଭିଗୁଡିକୁ ଜିଲ୍ଲା କାର୍ଯ୍ୟାଳୟ ସହ ସେଣ୍ଟ୍ରାଲାଇଜ୍ କରିବାକୁ ପରାମର୍ଶ ଦେଇଥିଲେ। ଆବାସିକ ବିଦ୍ୟାଳୟଗୁଡିକରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ସହ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୂର୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତୀ ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ, କିଶୋର ନ୍ୟାୟ ବୋର୍ଡ଼ ସଦସ୍ୟ ଗାୟତ୍ରୀ ଦ୍ୱିବେଦୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ପାନୀୟ ଜଳ ସଙ୍କଟର ମୁକାବିଲା ପାଇଁ ବୈଠକ

**ଝାରସୁଗୁଡା, ୨୫।୩(ସମିସ):** ଖରା ଦିନେ ବେଲପାହାଡ ପୌରପରିଷଦର ସମସ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ଏବଂ ଗ୍ରୀଷ୍ମ ମୁକାବିଲା ପାଇଁ ବେଲପାହାଡ ପୌରପରିଷଦରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବେଲପାହାଡ ଉପନଗରପାଳ ରୀନା ସୁନା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କ ସହ ପୌର କାଉନସିଲର, ୱାଟକୋ କର୍ତ୍ତୃପକ୍ଷ, ପୌରକର୍ମଚାରୀ ତଥା ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମାର୍ଚ୍ଚ ଆରମ୍ଭରୁ ପ୍ରବଳ ଗରମ ଅନୁଭୂତ ହେବା ସହ ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇଛି। ତେଣୁ ଚଳିତ ବର୍ଷ ଟାଣ ଖରାରେ ଲୋକେ ଉହଳ ବିକଳ ହେବା ସହ ଅଂଶୁଘାତର ଶିକାର ହେବାର ଆଶଙ୍କା ରହିଛି। ଏଥିସହ ବେଲପାହାଡ ପୌରପରିଷଦର ଅନେକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ତେଣୁ ବିଶେଷ ଭାବେ ଖରା ଦାଉରୁ ଲୋକଙ୍କୁ ସୁରକ୍ଷିତ ରଖିବା ଏବଂ ପାନୀୟ ଜଳର କଷ୍ଟ ଦୂର କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବେଲପାହାଡ଼ବାସୀଙ୍କୁ ଯେପରି ଭାବରେ ଗ୍ରୀଷ୍ମ ପୂର୍ବରୁ ଏହାର ମୁକାବିଲା ପାଇଁ ସେଚେତନ କରାଯିବ, ଆବଶ୍ୟକ ସ୍ଥାନରେ ପଥଚାରୀଙ୍କ ପାଇଁ ଜଳଛତ୍ର ଖୋଲାଯିବ, ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବେଲପାହାଡ ପୌରପରିଷଦର ୩୦ ଟି ସ୍ଥାନରେ ଜଳ ଛାତ୍ର ଖୋଲାଯିବା ସହ ଆବଶ୍ୟକ ସ୍ଥଳେ ଏହାକୁ ବର୍ଦ୍ଧିତ କରାଯିବ ବୋଲି ସୂଚାଯାଇଥିଲା। ସମସ୍ତ ୱାଟର କୁଲର ମରାମତି କରାଯିବ, ପାଣି ଟ୍ୟାଙ୍କର ସାହାଯ୍ୟରେ ଜଳ ଯୋଗାଣ କରାଯିବ, ଅଚଳ ଡିପ ବୋର ୱେଲ ମରାମତି କରାଯିବ, ଗାଇଗୋରୁ ପଶୁପକ୍ଷୀଙ୍କ ପାଇଁ ଜଳ କୁଣ୍ଡ କରାଯିବ, ଫାଟକ ପାଖରେ ଛାୟା ପାଇଁ ସେଡ ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।



# ଆରମ୍ଭ ହେଲା ପାରମ୍ପରିକ ଦଣ୍ଡନାଟ

## ବାହାରିଲେ ୨୧ ଦିନିଆ ଦଣ୍ଡଦଳ

ବ୍ରହ୍ମପୁର,୨୫ ।୩(ସମିସ)



ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଦଣ୍ଡାନାଟ ଆରମ୍ଭ ହୋଇଯାଇଛି । ଏନେଇ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି । ଢୋଲ ବାଦ୍ୟରେ ସମଗ୍ର ଇଲାକା ପ୍ରକମ୍ପିତ ହୋଇ ଉଠିଛି । ଦଣ୍ଡନାଟ ଲୋକନାଟକ ଭିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ । ଏହା ହଟଯୋଗର ସମାହାର । ଶିବଶକ୍ତି ଉପାସନାର ପ୍ରତୀକ । ଚୈତ୍ରମାସରେ ୨୧ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସକ, ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର । ଜିଲ୍ଲାବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧାନାରେ ଲିପ୍ତ ରହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଲୋକନାଟର ବଳିଷ୍ଠ ଏହି ପରମ୍ପରା କାହିଁକେଉଁ ଆଦିମଯୁଗରୁ ପ୍ରଚଳିତ ଥିବା ବେଳେ ଧୀରେ ଧୀରେ ଏଥିରେ ଯୁଗୋପଯୋଗୀ ପରିବର୍ତ୍ତନ ମଧ୍ୟ ପରିଲକ୍ଷିତ ହୋଇଛି । ମାନସିକଧାରୀମାନେ ସେମାନଙ୍କ ପରିବାରର କଲ୍ୟାଣ ସାଙ୍ଗକୁ ବିଶ୍ୱକଲ୍ୟାଣ ପାଇଁ ଏହି ଦଣ୍ଡଭୋଗ କରୁଥିବାରୁ ଏହାକୁ ସାମ୍ବତ୍ସରିକ ଗଣମହାପର୍ବ ବୋଲି ମଧ୍ୟ କୁହାଯାଇଥାଏ । ଏହାର ଇତିହାସ ଅତି ପ୍ରାଚୀନ । ମହାଦେବ ଓ ମହାଶକ୍ତି ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏହି ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି । ଆଜି ପାରମ୍ପରିକ ରୀତି ଅନୁସାରେ ଦଣ୍ଡ ପାଇଁ ମାନସିକ କରିଥିବା ଦଣ୍ଡୁଆମାନେ ସେହିକାଳ ମଧ୍ୟରେ ଆମିଷ, ମଦ୍ୟ, ନାରୀ ସଂସର୍ଗ ପରିହାରର ସଂକଳ୍ପ ନେଇ ଗେରୁଆ ବସ୍ତ୍ର ପରିଧାନ କରି ଉପାସନା କରିଥିବା ଦଣ୍ଡକାଳୀଙ୍କ ମନ୍ଦିରରେ ଏକାଠି ହୋଇଥିଲେ । ସେଠାରେ କାମନା ଘଟ ସ୍ଥାପନ କରିଥିଲେ । ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକ ଭାବରେ ସ୍ଥାପନ କରାଯାଇଥିଲା । ମୁଖ୍ୟ ଦଣ୍ଡୁଆ ବା ପାଟଭୁକ୍ତା ସମସ୍ତ ଦଣ୍ଡୁଆଙ୍କୁ ଉପବୀତ ଧାରଣ କରାଇବା ସହ ବାଉଁଶ କାଠି ଘର୍ଷଣ କରି ଶିବାଗ୍ନି ବାହାର କରିଥିଲେ । ଏହା ଏକ ଅନନ୍ୟ ପରମ୍ପରା । ନଡାରେ ତିଆରି ଚମ୍ପାବରକୁ ଏଡି ଶିବାଗ୍ନିରେ ପ୍ରଜ୍ୱଳିତ କରିଥାନ୍ତି ପାଟଭୁକ୍ତା । ଏହି ବର ମେରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ନିର୍ବାପିତ ହୁଏ ନାହିଁ । କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗମୂର୍ତ୍ତି, ମୟୂରପୁଚ୍ଛ ଓ ପତାକାକୁ ପୂଜା କରିବା ପରେ ଦଣ୍ଡନାଟ ଆରମ୍ଭ ହୋଇଥିଲା । ମହୁରୀ, ଶାହାନାୟୀ, ଘଣ୍ଟ, ଶଙ୍ଖ, କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡି, ଦାସକାଠି, ରାମତାଳି, ଘୁଡ୍ଡୁକି, ଖଞ୍ଜଣୀ ଆଦି ପାରମ୍ପରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ କାମନା ମନ୍ଦିରରୁ ଆରମ୍ଭ ହୋଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଆସନ୍ତାକାଲିଠାରୁ ମାନସିକ ଧାରୀଙ୍କ ଘର ଆଗରେ ଧୂଳି ଦଣ୍ଡ, ନିକଟସ୍ଥ ପୋଖରୀରେ ପାଣିଦଣ୍ଡ ଏବଂ ପୁଣିଥରେ ମାନସିକଧାରୀଙ୍କ ଘର ନିକଟରେ ଅଗ୍ନିଦଣ୍ଡ ଓ ସୁଆଙ୍ଗ ପରିବେଶିତ ହୋଇଥାଏ । ସହରର ଆମ୍ବପୁଆ ଦଣ୍ଡଦଳ ସେମାନଙ୍କ ଯାତ୍ରା ଆରମ୍ଭ କରିଥିବା ବେଳେ ଅନ୍ୟ ଦଳ ଗୁଡ଼ିକ ୧୩ଦିନିଆ ଦଣ୍ଡଯାତ୍ରାରେ ବାହାରିବେ ବୋଲି ଜଣାପଡ଼ିଛି ।

# ବ୍ୟବସାୟୀଙ୍କ ଘରୁ ନେଇଗଲେ କେଜିଏ ସୁନା

● ମର୍ଣ୍ଣିଂୱାକ୍ ଯାଇଥିବା ବେଳେ ଲୁଟିନେଲେ ଦୁର୍ବୃତ୍ତ



ବ୍ରହ୍ମପୁର,୨୫ ।୩(ସମିସ): ବ୍ରହ୍ମପୁର ସହରର ପ୍ରେମନଗର ଅଞ୍ଚଳରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଛି । ବ୍ୟବସାୟୀ ଜଣଙ୍କ ମର୍ଣ୍ଣିୱାକ୍‌ରେ ଯାଇଥିବା ବେଳେ ଚୋରମାନେ ତାଙ୍କ ଘରେ ପଶି ପ୍ରାୟ ୧କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଚୋରି କରି ନେଇ ଯାଇଛନ୍ତି । ଖବରପାଇ ବଡବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ସୂଚନାପ୍ରକାରେ, ପ୍ରେମନଗର ୭ମ ଲାଇନରେ ରାଜକମଲ ଏଜେନ୍ସିର ମାଲିକ ପି. ରାଜପ୍ରଭାକର ରାଓ ନିଜ ପରିବାର ସହ ରହୁଛନ୍ତି । କିଛି ଦିନ ହେବ ପରିବାର ଲୋକେ ବାହାରକୁ ଚାଲି ଯାଇଥିବା ବେଳେ ପ୍ରଭାକର ଏକୁଟିଆ ରହୁଥିଲେ । ସବୁଦିନ ଭୋରୁ ସେ ମର୍ଣ୍ଣିଂୱାକ୍ କରିବାକୁ ଯାଉଥିଲେ । ଆଜି ମଧ୍ୟ ଭୋରୁ ଉଠି ଘରେ ତାଲା ପକାଇ ମର୍ଣ୍ଣିଂୱାକ କରିବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ଚାବି ଦ୍ୱାରା ତାଲା ଖୋଲିବାକୁ ଚେଷ୍ଟା କରିଥିଲେ । ହେଲେ ତାଲା ଖୋଲିନଥିଲା । ଯାଞ୍ଚ ପରେ ତାଙ୍କ ଘରର ମୁଖ୍ୟ ଫାଟକରେ ଅନ୍ୟ ଏକ ତାଲା ପଡିଥିବା ସେ ଦେଖିଥିଲେ । ସନ୍ଦେହ ହେବାରୁ ପ୍ରଭାକର ସେହି ତାଲାକୁ ଭାଙ୍ଗି ଘର ଭିତରକୁ ପଶିଥିଲେ । ସେତେବେଳେ ଘରେ ଭିତରେ ଥିବା ୨ଟି ଆଲମୀରା ଭାଙ୍ଗା ଯାଇଥିବା ବେଳେ ଆସଭାବପତ୍ର ଏଣେତେଣେ ପଡିଥିଲା । ଆଲମିରା ଭିତରେ ଥିବା ପ୍ରାୟ ୧କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧ଲକ୍ଷ ୩୦ହଜାର ଟଙ୍କା ଚୋରି ହୋଇ ଯାଇଥିବା ଜଣାପଡିଥିଲା । ପ୍ରଭାକର ପୁଲିସକୁ ଫୋନ କରି ଜଣାଇବା ପରେ ବଡବଜାର ପୁଲିସ ତାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଚୋରି ହୋଇଥିବା ସୁନାର ମୂଲ୍ୟ ୧କୋଟିରୁ ଅଧିକ ଟଙ୍କା ହେବ ବୋଲି ପ୍ରଭାକର କହିଛନ୍ତି ।

● ନିମଖଣ୍ଡି ଥାନା ଅଞ୍ଚଳରେ ସେକ୍ସ ରାକେଟ୍ ଠାବ

# ୨ ଯୁବତୀ, ୩ ଗ୍ରାହକ ଅଟକ

ବ୍ରହ୍ମପୁର,୨୫ ।୩(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନୀପୁର ଅଞ୍ଚଳର ଅମରାବତୀ ନଗରରେ ସେକ୍ସ ରାକେଟ ଠାବ ହୋଇଛି । ସେଠାରେ ଥିବା ଏକ ଘରୁ ୨ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ ଜଣ ଗ୍ରାହକଙ୍କୁ କାବୁ କରାଯାଇଛି । ଅମରାବତୀ ନଗରରେ ଥିବା ଏକ ଭଡା ଘରେ କିଛି ଦିନ ହେବ ଅନୈତିକ କାରବାର ଚାଲୁଥିବା ଅଭିଯୋଗ ହୋଇଥିଲା । ସେହି ଘରକୁ ବିଭିନ୍ନ ସମୟରେ ପୁରୁଷମାନେ ଆସୁଥିବା ବେଳେ ଅଜଣା ଯୁବତୀ ମଧ୍ୟ ରହୁଥିଲେ । ସେଠାରେ ସେକ୍ସ ରାକେଟ ଚାଲୁଥିବା ଖବର ମିଳିବା ପରେ ନିମଖଣ୍ଡି ଥାନା ପକ୍ଷରୁ ଆଜି ସନ୍ଧ୍ୟାରେ ଅତର୍କିତ ଚଢଉ କରାଯାଇଥିଲା । ଚଢଉ ବେଳେ ଉକ୍ତ ଘରେ ୨ ଜଣ ଯୁବତୀ ଓ ୩ ଜଣ ପୁରୁଷ ରହିଥିଲେ । ସମସ୍ତଙ୍କୁ କାବୁ କରି ଥାନାକୁ ଅଣାଯାଇଥିଲା । ପୁଲିସ ସେମାନଙ୍କୁ ପଚରାଉଚରା ଜାରି ରଖିଛି ।

# ଯାତ୍ରାରେ ଅଶ୍ଳୀଳତା ପରିବେଷଣ ହେଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ଆଜିଠୁ ଆରମ୍ଭ ହେଲା ୨୧ଦିନିଆ ଦଣ୍ଡନାଚ । ରାତିରେ ବିଭିନ୍ନ ସଂଘ ପକ୍ଷରୁ ସହରର ବିଭିନ୍ନ ଛକ ଏବଂ ମାନସିକଧାରୀ ଭକ୍ତଙ୍କ ଦାଣ୍ଡରେ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯିବ ବୋଲି ଜଣାପଡ଼ିଛି । ଏନେଇ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି କି ଯେଉଁମାନେ ଦଣ୍ଡନାଚ କରୁଛନ୍ତି ସେମାନେ ନିଜ ଅଞ୍ଚଳର ଥାନାକୁ ଜଣାଇ ଦଣ୍ଡନାଚ କରିବେ । ଥାନାକୁ ଜଣାଇବା ଦ୍ୱାରା ପୁଲିସର ନଜର ସେହି ଅଞ୍ଚଳ ପ୍ରତି ରହିବ । କୌଣସି ବିଶୃଙ୍ଖଳା ହେବନାହିଁ । ଦଣ୍ଡନାଚ ସମୟରେ ସାହି ସାହିରେ ଲାଗିବ ଅପେରା, ଦଣ୍ଡ ବିଧାନ, ରାମାୟଣ, ଛଡ଼େୟା ନାଚ, ମେଲୋଡି ଇତ୍ୟାଦି । ଏସବୁ ଦେଖିବାକୁ ହଜାର ହଜାର ଲୋକେ ଆସିବେ । ଏଥିରେ ବହୁ ଅସାମାଜିକ ବ୍ୟକ୍ତି ଓ ଲୁଟେରା ମଧ୍ୟ ଆସିଥାନ୍ତି । ଏକୁଟିଆ ଦେଖି ଲୁଟେରା ମାନେ ଲୁଟ୍ ଯୋଜନା କରିବେ ଅନ୍ୟ ପଟେ କୌଣସି କାରଣକୁ ନେଇ ବିଭିନ୍ନ ସ୍ଥାନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହେଉଥିବା ନଜର ରହିଛି । ଏଭଳି ଗହଳି ସ୍ଥାନରେ ଲୁଟେରାଙ୍କ ଗତିବିଧି ଅଧିକ ବଢିଥାଏ । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ଅପରାଧୀମାନଙ୍କ ଉପରେ ତୀକ୍ଷଣ ନଜର ରଖାଯିବ ବୋଲି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ କହିଛନ୍ତି । ଯେଉଁ ଯାତ୍ରାରେ ଅଶ୍ଳୀଳତା ନୃତ୍ୟ ଓ କଳାକାରମାନେ ଅଭିନୟ କରୁଥିବା ଅଭିଯୋଗ ଆସେ ତେବେ ପୁଲିସ କାର୍ଯ୍ୟାନୁଷ୍ଠାନ ନିଆଯିବ । କେବଳ ଏତିକି ନାହିଁ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଗାଇଡ଼ ଲାଇନର ଟିକେ ବି ଖିଲାପ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯାତ୍ରାରେ ଅପ ସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିବା ସଂଗଠନ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯେଉଁ ଦଣ୍ଡନାଚ ଯାତ୍ରାରେ ଅଶ୍ଳୀଳ ନାଚଗୀତ ହେବାର ଅଭିଯୋଗ ହୁଏ ତେବେ ଆୟୋଜକଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି । ସମସ୍ତ ଥାନା ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରିବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି ।

# ଭେଲିଡେସନ ଆକ୍ଟ-୨୦୨୫କୁ ତୁରନ୍ତ ପ୍ରତ୍ୟାହାର ଦାବି

● କଳା ଦିବସ ପାଳନ ସହ ବିକ୍ଷୋଭ ଓ ଆକ୍ଟର ନକଲକୁ ପୋଡିଲେ ଆନ୍ଦୋଳନକାରୀ
● ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲାବ୍ୟାପୀ ପ୍ରତିବାଦ
● ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦିଆଗଲା ସ୍ମାରକପତ୍ର

ବ୍ରହ୍ମପୁର,୨୫ ।୩(ସମିସ): ଭେଲିଡେସନ ଆକ୍ଟ-୨୦୨୫ ବିରୁଦ୍ଧରେ ସର୍ବଭାରତୀୟ ପେନସନର୍ସ ଫେଡେରେସନ ଓ ଓଡିଶା ସେବା ନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆହ୍ୱାନ କ୍ରମେ ଆଜି ଜିଲ୍ଲାବ୍ୟାପୀ କଳାଦିବସ ପାଳନ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ଶାଖା ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଧାରଣା ଦେବା ସହ ପ୍ରତିବାଦ କରିଥିଲେ । ଆଜିର ଦିନକୁ କଳାଦିବସ ଭାବେ ପାଳନ କରି ପେନସନ ଭୋଗୀମାନେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନିତି ବିରୋଧରେ ସ୍ଲୋଗାନ ଦେଇ ତୁରନ୍ତ ଏହି ଭେଲିଡେସନ ଆକ୍ଟକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଏହି ଅବସରରେ ଭେଲିଡେସନ ଆକ୍ଟ-୨୦୨୫ର ନକଲକୁ ଆନ୍ଦୋଳନକାରୀ ପୋଡି ନିଜର ପ୍ରତିବାଦ ଜଣାଇଥିଲେ । ପରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଷହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡାଙ୍ଗା, ଉପଦେଷ୍ଟା କାମରାଜୁ ମହାରଣା, ଗୌରୀଶଙ୍କର ଦାଶ, ସମୀର କୁମାର ଆଚାର୍ଯ୍ୟ, ଧୋବା ଗୌଡ, ଇ. କନ୍ୟାକୁମାରୀ, ବିଧୁପ୍ରଭା ରଥ, ସୁଷମା ପାଠୀ, ଭାସ୍କର ଚନ୍ଦ୍ର ପାଢୀ, ଯୁଧିଷ୍ଠିର ସ୍ୱାଇଁ ଓ ତ୍ରିନାଥ ମହାରଣା ପ୍ରମୁଖଙ୍କ ସମେତ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସାମିଲ ହୋଇଥିଲେ । ଆଜି ଜିଲ୍ଲାର ଭଞ୍ଜନଗର, ଛତ୍ରପୁର, ଆସିକା, କୋଦଳା ଓ ପୁରୁଷୋତ୍ତମପୁର ଆଦି ବିଭିନ୍ନ ସ୍ଥାନରେ ମଧ୍ୟ ଅନୁରୁପ ଭାବେ କଳାଦିବସ ପାଳନ ସହିତ ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଥିଲା ।

# ଜାମ୍ ପ୍ରବେଶିକା ପରୀକ୍ଷାରେ ହୃଷୀକେଶ ସର୍ବଭାରତୀୟ ସ୍ତରରେ ପ୍ରଥମ



ବ୍ରହ୍ମପୁର,୨୫ ।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ହୃଷୀକେଶ ନାହାକ ଜାମ୍(ଜଏଣ୍ଟ ଆଡ଼ମିସନ ଟେଷ୍ଟ ଫର୍ ମାଷ୍ଟର) ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଚଳିତ ବର୍ଷ ଫେବୃୟାରୀରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ୧୦୦ମାର୍କରୁ ୭୩ ମାର୍କ ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ର୍‌ୟାଙ୍କ ହାସଲ କରିଛନ୍ତି । ସାଧାରଣତଃ ଖଣିଜ ସମ୍ପଦ ସହ ଶିଳା ଓ ଭୂତତ୍ତ୍ୱ ସମ୍ବନ୍ଧୀୟ ପ୍ରସ୍ତୁତି କରିବା ପାଇଁ ଗତ ବର୍ଷରୁ ମନବଳାଇଥିଲେ । ପୁରୁଷୋମପୁର ବ୍ଲକ ସୁନାଥର ଗ୍ରାମ ନିବାସି ପ୍ରମୋଦ କୁମାର ନାହାକ ଓ ରିନା ରାଣୀ ନାହାକଙ୍କ ପୁତ୍ର ହୃଷୀକେଶ ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ଭୁତତ୍ତ୍ୱ ବିଜ୍ଞାନ ବିଭାଗରେ ସ୍ନାତକ ଶେଷ ବର୍ଷରେ ପଢୁଛନ୍ତି । ପ୍ରବେଶିକା ପରୀକ୍ଷାରେ ପାଇଁ ହୃଷିକେଶ ପ୍ରତିଦିନ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ । ଏଭଳି ସଫଳତା ପାଇଁ ସେ ଅତ୍ୟନ୍ତ ଆନନ୍ଦଦାୟକ ବୋଲି କହିଛନ୍ତି । ଆଗାମୀ ଦିନରେ ଆଇଆଇଟି ବମ୍ବେରେ ମାଷ୍ଟର କରିବାକୁ ଇଛା ପ୍ରକାଶ କରିଥିବା ବେଳେ କେନ୍ଦ୍ରସରକାର ଅଧୀନସ୍ଥ ମହାରତ୍ନ କିମ୍ବା ନବରତ୍ନ ସଂସ୍ଥାରେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି । ହୃଷୀକେଶଙ୍କ ଏଭଳି ସଫଳତା ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି । ଏହି ସଫଳତାର ଶ୍ରେୟ ପରିବାରବର୍ଗଙ୍କ ସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଛନ୍ତି ।

ଜୁଆ ଆଡ୍ଡାରେ ଚଢ଼ଉ

# ଟ୍ରାଭେଲ୍‌ସ ମାଲିକ ସମେତ ୧୧ ଗିରଫ

ବ୍ରହ୍ମପୁର,୨୫ ।୩(ସମିସ): ବୁଧବାର ସନ୍ଧ୍ୟାରେ ବଡ଼ବଜାର ଥାନା ଅନ୍ତର୍ଗତ ଗଣେଶ ନଗର ୫ମ ଲାଇନ ସ୍ଥିତ ଜୁଆଡ଼ି ଏନ ଲକ୍ଷ୍ମୀଙ୍କ ଘରେ ଜୁଆ ଖେଳ ଚାଲିଥିବା ନେଇ ପୁଲିସକୁ ଖବର ମିଳିଥିଲା । ଏହି ସୂଚନା ପାଇବା ପରେ ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ଓ ତାଙ୍କ ଟିମ ଉକ୍ତ ନଗରରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଅତର୍କିତ ଭାବେ ଚଢ଼ାଉ କରି ୫ଜଣ ମହିଳା ଜୁଆଡ଼ି ଓ ୬ଜଣ ପୁରୁଷ ଜୁଆଡ଼ିଙ୍କ ସମେତ ମୋଟ ୧୧ଜଣ ଜୁଆଡିଙ୍କୁ କାବୁ କରିଛି ପୁଲିସ । ସେମାନେ ହେଲେ ପି.ରାଜ୍, ଚୁଗୁଲି ସାହୁ, ଏନ ଲକ୍ଷ୍ମୀ, ପିଙ୍କି ପାତ୍ର, ଏସ ଦେବୀ, ଏମ କିରଣ, ବି. କାମେଶ, ଦୀପକ ସାହୁ, ଟି. ପାପା ରାଓ, ଏମ ଦଣ୍ଡ ରେଡ଼ି ଓ ଏନ ସୁରି । ପାପା ରାଓ ଜଣେ ଟୁ ଏଣ୍ଡ ଟ୍ରାଭେଲସ୍ ମାଲିକ ବୋଲି ଜଣାପଡ଼ିଛି । ସମ୍ପୃକ୍ତ ମହିଳାମାନେ ପେଷାଦାର ଜୁଆଡ଼ି ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଛି । ପୂର୍ବରୁ ମଧ୍ୟ ପୁଲିସ କିଛି ମହିଳାଙ୍କୁ ଜୁଆ ଆ‡ାରୁ କାବୁ କରିଥିବା ଜଣାପଡିଛି । ଜୁଆଡ଼ିଙ୍କ ନିକଟରୁ ଜୁଆରେ ବ୍ୟବହୃତ ଖେଳ ସାମଗ୍ରୀ ସହ ନଗଦ ୧୭ହଜାର ୨୩୫ଟଙ୍କା ଓ ୭ଟି ମୋବାଇଲ ଓ ୫ଟି ମୋଟର ସାଇକେଲ ଓ ଦୁଇଟି ତାସ କାଟା ଜବତ କରିଥିବା ଜଣାପଡ଼ିଛି । ପୁଲିସ ଚଢ଼ାଉକୁ ଦେଖି ମହିଳାମାନେ ଖେଳୁଥିବା ଟଙ୍କା କେଉଁଠାରେ ଲୁକାଇ ରଖିଦେଲେ ଯାହା ଫଳରେ ପୁଲିସ ଅଧିକ ଟଙ୍କା ଜବତ କରିପାରିନଥିଲା । ବର୍ତ୍ତମାନ ଜୁଆ ଖେଳିବା ପାଇଁ କିଛି ଅପରାଧୀକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇସାରିଛି । ପ୍ରତିଦିନ ନୂଆ ନୂଆ ଜାଗାରେ ମଧ୍ୟ ଜୁଆ ଖେଳ ପକାଉଛନ୍ତି । ପୁଲିସକୁ ଜଗିବା ପାଇଁ ଆୟୋଜକ ମାନେ କିଛି ପିଲାଙ୍କୁ ନିୟୋଜିତ କରୁଛନ୍ତି । ଥାନା ପାଖରୁ ଆରମ୍ଭ ହୋଇ ଜୁଆ ଖେଳ ପର୍ଯ୍ୟନ୍ତ ପ୍ରତି ଛକରେ ଆୟୋଜକଙ୍କ ଲୋକ ଜଗି ରହୁଥିବା ଆଲୋଚନା ହେଉଛି । ଜୁଆ ଖେଳରେ କେବଳ ଯେ ପୁରୁଷ ମାନେ ସଂପୃକ୍ତ ତା' ନୁହଁ କିଛି ସ୍ଥାନରେ ମହିଳାମାନେ ମଧ୍ୟ ଖେଳୁଥିବା ଉପରୋକ୍ତ ଘଟଣାରୁ ସ୍ପଷ୍ଟ ହୋଇଛି । ବର୍ତ୍ତମାନ ପୁଲିସ ଆକ୍ସନ ମୁଡ଼ରେ ରହିଛି ଖବର ପାଇଲା ମାତ୍ରେ ହିଁ ଚଢ଼ାଉ କରୁଛି ।



● ଗିରଫଙ୍କ ମଧ୍ୟରେ ୫ ମହିଳା
● ୫ ମୋଟର ସାଇକେଲ, ୭ ମୋବାଇଲ, ନଗଦ ୧୭,୨୩୫ ଟଙ୍କା ଜବତ

## ପ୍ରଥମଥର ପାଇଁ ଏମ୍‌କେସିଜିରେ ହେଲା ଆର୍ଥ୍ରୋସ୍କୋପିକ୍ ଅସ୍ତ୍ରୋପଚାର

# ଆଇଆରଇଏଲ ପକ୍ଷରୁ ଆର୍ଥ୍ରୋସ୍କୋପିକ୍ ମେସିନ ପ୍ରଦାନ

ବ୍ରହ୍ମପୁର,୨୫ ।୩(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମଥର ପାଇଁ ବୁଧବାର ସଫଳ ଭାବେ ଆର୍ଥ୍ରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇଛି । ମେଡିକାଲର ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଏହି ଅସ୍ତ୍ରୋପଚାର କରାଯାଇଛି । ଏହି ଅସ୍ତ୍ରୋପଚାର ପାଇଁ ଡାକ୍ତରୀ ଦଳକୁ ପ୍ରାୟ ଦେଢ ଘଣ୍ଟା ସମୟ ଲାଗିଥିଲା । ଟିମରେ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ରଙ୍କ ନେତୃତ୍ୱରେ ଡ଼ା. ଲଳିତ ଦାଶ, ଡ଼ା. ଅଭିଶେଖ ମିଶ୍ର, ପ୍ରିୟଜିତ ସାହୁ ଓ ଡ଼ା. ସାରଦା ମଲ୍ଲୀକଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ଗତ ୨ବର୍ଷେ ପୂର୍ବେ ରୋଗୀ ପ୍ରଶାନ୍ତ କୁମାର ସେଠୀ(୩୨) ଦୁର୍ଘଟଣାରେ ଶିକାର ହୋଇଥିଲେ । ଏଥିରେ ତାଙ୍କ ଆଣ୍ଠୁର ଲିଗାମେଣ୍ଟ(ତନ୍ତୁ) ଛିଣ୍ଡି ଯାଇଥିଲା । ଫଳରେ ପ୍ରଶାନ୍ତଙ୍କ ଆଣ୍ଠୁ ଅସ୍ଥିରତା ସୃଷ୍ଟି ହୋଇଥିଲା । ମେଡ଼ିକାଲକୁ ଦୁଇଟି ଆର୍ଥ୍ରୋସ୍କୋପିକ୍ ମେସିନ ମିଳିବା ପରେ ରୋଗୀଙ୍କ ଆର୍ଥ୍ରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇଥିଲା । ବର୍ତ୍ତମାନ ରୋଗୀ ଜଣଙ୍କ ସାଧାରଣ ବିଭାଗରେ ଚିକିତ୍ସିତ ହେଉଥିବା ବେଳେ କିଛି ଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଡ଼ାକ୍ତର କହିଛନ୍ତି । ପୂର୍ବରୁ ଆର୍ଥ୍ରୋସ୍କୋପିକ୍ ମେସିନ ନଥିବାରୁ ଶରୀରର ଲିଗାମେଣ୍ଟ(ତନ୍ତୁ) ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଅନେକ ରୋଗୀକୁ ବାହାର ହସ୍ପିଟାଲକୁ ଯିବାକୁ ପଡୁଥିଲା । ପ୍ରତିଦିନ ପ୍ରାୟ ୨ରୁ ୩ଜଣ ରୋଗୀ ଚିକିତ୍ସା ନ ପାଇ ନିରାଶ ହୋଇ ଫେରୁଥିବା ଦେଖାଯାଉଥିଲା । ଏହି ସମସ୍ୟାର ସମାଧାନ ପାଇଁ ଆଇଆରଇଏଲ୍ ପକ୍ଷରୁ ପ୍ରାୟ ଏକ କୋଟି ଟଙ୍କାର ଦୁଇଟି ଆର୍ଥ୍ରୋସ୍କୋପିକ୍ ଅସ୍ତ୍ରୋପଚାର ମେସିନ ପ୍ରଦାନ କରାଯାଇଥିଲା । ଏହି ନୂତନ ମେସିନ ଆସିବା ପରେ ଏବେ ଏମକେସିଜି ମେଡ଼ିକାଲରେ ଆର୍ଥ୍ରୋସ୍କୋପିକ୍ ପଦ୍ଧତିରେ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି । ସେହିପରି ସକ୍ରିୟ ବ୍ୟକ୍ତି, ଖେଳାଳି କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପ ସମୟରେ ଲିଗାମେଣ୍ଟ(ତନ୍ତୁ) ସମ୍ପୂର୍ଣ୍ଣ ଛିଣ୍ଡି ଦୀର୍ଘକାଳୀନ ଆଣ୍ଠୁ ଅସ୍ଥିରତା ସୃଷ୍ଟି କରେ ସେତେବେଳେ ରୋଗୀଙ୍କ ଅସ୍ତ୍ରୋପଚାର ଆବଶ୍ୟକ ରହିଥାଏ ବୋଲି ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର କହିଛନ୍ତି । ଅପରପକ୍ଷେ ଆଜି ହିଁ ଉକ୍ତ ମେସିନ୍ ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ଦିନରେ ହିଁ ଅସ୍ତ୍ରୋପଚାର କରାଯାଇଥିଲା । ମେସିନ୍ ପ୍ରଦାନ ବେଳେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡ଼ିନ ପ୍ରଫେସର ଡ଼ା. ସୁଚିତ୍ର ଦାଶ, ପଦ୍ମଶ୍ରୀ ଡ଼ା. କେଏମ ପାଠୀ, ପୂର୍ବତନ ଡ଼ିନ ଡ଼ା. ଅବନୀକାନ୍ତ ମିଶ୍ର, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର, ଆଇଆରଇଏଲ୍‌ର ଓଏସସିଓଏମ ମୁଖ୍ୟ ସିଭିଆର ମୁର୍ତ୍ତୀ, ଜିଏମ ଜେ. ଏନ ନାୟକ ଓ ଡ଼ିଜିଏମ ଏସଏସ ମଲ୍ଲୀକ ପ୍ରମୁଖ ଉପସ୍ଥିତ ଥିଲେ ।



# ଖେଲୋ ଇଣ୍ଡିଆ ଅସ୍ମିତା ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୨୫ ।୩(ସମିସ): ଓଡିଶା ବାସ୍କେଟବଲ ସଂଘ ସହାୟତାରେ ମଡର୍ଣ୍ଣ ୟୁଥ କ୍ଲବ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ଅସ୍ମିତା ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ୩ଦିନ ଧରି ଚାଲିବାକୁ ଥିବା ବେଳେ ୨୭ତାରିଖରେ ଉଦ୍‌ଯାପିତ ହେବ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାକୁ ସୁଶୋଭନ ମିଶ୍ର ଓ ପ୍ରଶାନ୍ତ କୁମାର ରାଉତ, କାଳୀ ରଥ ପ୍ରମୁଖ ପରିଚାଳନା କରୁଥିବା ବେଳେ ଶରତ ମହାପାତ୍ର ଚିଫ୍ ଟେକ୍ନିକାଲ ପର୍ସନ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଘାଟନୀ ଅବସରରେ ରାଜ୍ୟ ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ କୁମାର ସାହୁ ଓ ଦୈନିକ ଓଡିଆ ଖବରକାଗଜ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।



୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



√ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ : ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ । ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି । ତୁମକୁ ମୋକ୍ଷଗତି ମିଳୁ । ଠାକୁରଙ୍କୁ ଡାକୁଛୁ ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ, ଅଣନାତିନାତୁଣୀମାନେ

# ବିକ୍ରମଙ୍କ ଜାମିନ ଆବେଦନକୁ ପିଣ୍ଟୁ ଓ ମଦନଙ୍କ ଆବେଦନ ଠାରୁ ପୃଥକ କଲେ କୋର୍ଟ

ଆସନ୍ତା ୮ ରେ ସ୍ୱତନ୍ତ୍ର ଅଦାଲତରେ ହେବ ବିକ୍ରମଙ୍କ ଜାମିନର ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୨୫ ।୩(ସମିସ): ପିତବାସ ପଣ୍ଡା ହତ୍ୟା ମାମଲାରେ ଅଭିଯୁକ୍ତଙ୍କ ଜାମୀନ ଆବେଦନ ଉପରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ଜଣାପଡିଛି । ମାମଲେରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ହୋଇଥିବା ଜାମୀନ ଆବେଦନ ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ପରବର୍ତ୍ତି ସମୟରେ ପର୍ଯ୍ୟାୟ କ୍ରମେ ପୂର୍ବତନ ମେୟର ପିଣ୍ଟୁ ଦାଶ ଓ ଆଇନଜୀବୀଙ୍କ ପକ୍ଷରୁ ମଧ୍ୟ ଜାମୀନ ଆବେଦନ ହୋଇଥିଲା । ସମସ୍ତ ଆବେଦନ ଏକାଠି ହୋଇ ସ୍ୱତନ୍ତ୍ର କୋର୍ଟରେ ବିଚାରଣା ପାଇଁ ତାଲିକାଭୁକ୍ତ ହୋଇଥିଲା । ତେବେ ଏହି ମାମଲାରେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଆଜି ବିଚାରଣା ବେଳେ ଏହା ବିଧାୟକ ଓ ସାଂସଦଙ୍କ ମାମଲା ପାଇଁ ସ୍ୱତନ୍ତ୍ର କୋର୍ଟ ହୋଇଥିବା ବେଳେ ଏଠାରେ ବିକ୍ରମଙ୍କ ବ୍ୟତିତ ଅନ୍ୟ କାହାରି ଜାମିନ ଆବେଦନର ଶୁଣାଣି ନହୋଇ ବରଂ ଅନ୍ୟ କୋର୍ଟରେ ହେବ ବୋଲି କହିଥିବା ସୂଚନା ମିଳିଛି । ଫଳରେ ପିଣ୍ଟୁ ଦାଶ ଓ ମଦନ ଦଳେଇଙ୍କ ଜାମୀନ ଆବେଦନର ଶୁଣାଣି ଅନ୍ୟ କୋର୍ଟରେ ହେବାକୁ ଥିବା ବେଳେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ହୋଇଥିବା ଜାମୀନ ଆବେଦନର ପରବର୍ତ୍ତି ଶୁଣାଣି ଆସନ୍ତା ୮ ତାରିଖରେ କହିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି ।

ପୀତବାସ ପଣ୍ଡା ହତ୍ୟା ମାମଲା

# ଦୁଇ ବିହାରୀଙ୍କ ସମେତ ୪ ଅଭିଯୁକ୍ତଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ

■ ଯୋଗୀ ଓ କାଲୁଙ୍କ ଜାମିନ ଆବେଦନ, ପୂର୍ବରୁ ଖାରଜ ହୋଇଛି ୫ଜଣଙ୍କ ଆବେଦନ
■ ୯ ତାରିଖରେ ପରବର୍ତ୍ତୀ ଶୁଣାଣି, ଜାମିନରେ ମୁକୁଳିଲେ ରାଜେନ୍ଦ୍ର

ବ୍ରହ୍ମପୁର,୨୫ ।୩(ସମିସ):

ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ଦ୍ୱିତୀୟ) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ପୀତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ହୋଇଛି । ଘଟଣାରେ ଗିରଫ ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ ଦାଖଲ କରାଯାଇଥିଲା । ତେବେ ଏହାର ବିଚାରଣା ମୂଳ କୋର୍ଟ ବା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ କରାଯିବ ବୋଲି ଜଣାପଡିଛି । ଦୁଇ ବିହାରୀ କୁନ୍ଦନ କୁମାର ଓ ଶିଶୁପାଳ ପାଶୱାନଙ୍କ ସମେତ ସୀମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁଙ୍କ ପକ୍ଷରୁ ତାଙ୍କ ଓକିଲ ଚକ୍ରପାଣି ନାହାକ ପିଟିସନ ଦାଖଲ କରିଛନ୍ତି । ମାମଲାରେ ଉପରୋକ୍ତ ଅଭିଯୁକ୍ତଙ୍କ କୌଣସି ପ୍ରକାରେ ସମ୍ପୃକ୍ତି ନଥିବା ଦର୍ଶାଇ ଏହି ଡିସଚାର୍ଜ ପିଟିସନ ଦାଖଲ କରାଯାଇଥିବା ଆଇନଜୀବୀ ଚକ୍ରପାଣି ନାହକ କହିଛନ୍ତି । ସେପଟେ ଗିରଫ ଅନ୍ୟ ଦୁଇ ଅଭିଯୁକ୍ତ ଯୋଗେନ୍ଦ୍ର ରାଉତ ଓରଫ ଯୋଗୀ ଏବଂ କାଲୁ ଚରଣ ଭୂୟାଁଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିବା ଜଣାପଡିଛି । ଉପରୋକ୍ତ ୬ଜଣ ଅଭିଯୁକ୍ତଙ୍କ ପାଇଁ ଆଇନଜୀବୀ ଚକ୍ରପାଣି ନାହକ, ଆଶ୍ରିତ ବେହେରା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଶିବ ପ୍ରସାଦ ପାଢୀ, ନାରାୟଣ ପ୍ରଧାନ, ସୁବ୍ରତ ବକ୍ସି ପଟ୍ଟନାୟକ ଓ ଅସ୍ମିତା ଦାଶ ପ୍ରମୁଖ ମକଦ୍ଦମା ପରିଚାଳନା କରୁଛନ୍ତି । ପୂର୍ବରୁ ସୁନୀଲ ହୋତାଙ୍କ ସମେତ କୁନ୍ଦନ କୁମାର, ଶିଶୁପାଳ ପାଶୱାନ, ସୀମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିସାରିଛନ୍ତି । ତେବେ ଆଜି ଯୋଗୀ ରାଉତ ଓ କାଲୁ ଭୂୟାଁଙ୍କ ପକ୍ଷରୁ ହୋଇଥିବା ଜାମୀନ ଆବେଦନ ଉପରେ ଆସନ୍ତା ୯ ତାରିଖରେ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଓ ତାଙ୍କ ସହଯୋଗୀ ଅବିନାଶ ପାଢୀ ସୂଚନା ଦେଇଛନ୍ତି । ସେହିଭଳି ପୂର୍ବରୁ ସୁନୀଲ ହୋତାଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଡିସଚାର୍ଜ ପିଟିସନ ଦାଖଲ କରିସାରିଛନ୍ତି । ସେପଟେ ପିତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ମୋଟ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଥମ ଅଭିଯୁକ୍ତ ଭାବେ ରାଜେନ୍ଦ୍ର କୁମାର ସାହୁ ଆଜି ସର୍ତ୍ତମୂଳକ ଜାମୀନରେ ବ୍ରହ୍ମପୁର ଜେଲରୁ ମୁକୁଳିଥିବା ଜଣାପଡିଛି । ରାଜେନ୍ଦ୍ର କୁମାର ସାହୁଙ୍କୁ ବହୁ ପୂର୍ବରୁ ଜିଲ୍ଲା ଓ ଦୌରାଜଜ୍ ଜାମୀନ ପ୍ରଦାନ କରିସାରିଥିଲେ ହେଁ ବେଲବଣ୍ଡ ଦାଖଲ କରିନପାରି ରାଜେନ୍ଦ୍ର ଦୀର୍ଘ ଦିନ ଧରି ଜେଲରେ ଥିଲେ । ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ପରେ ଦୁଇ ସାର୍ପ ସୁଟର ବାଇକ ଯୋଗେ ଜାତୀୟ ରାଜପଥକୁ ବାହାରିଥିଲେ । ପରେ ଟାଙ୍ଗି ନିକଟରେ ରାଜପଥ କଡରେ ଏକ ଚାହା ଦୋକାନ ନିକଟରେ ଉକ୍ତ ବାଇକକୁ ଛାଡି ବସରେ ପୁରୀ ଚାଲିଯାଇଥିଲେ । ସେମାନେ ଛାଡି ଚାଲିଯାଇଥିବା ବାଇକ ଯାହା ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିଲା ତାହାକୁ ରାଜେନ୍ଦ୍ର ରାସ୍ତା କଡରୁ ଉଠାଇ ନେଇ କବାଡି ଦୋକାନରେ ଖଣ୍ଡ ଖଣ୍ଡ କରି ବିକ୍ରୀ କରିଦେଇଥିଲେ । ବାଇକକୁ ଜବତ କରିବାକୁ ଯାଇ ପୁଲିସ ରାଜେନ୍ଦ୍ରଙ୍କୁ ଗିରଫ କରିଥିଲା ।



## ଗୋପୀନାଥପୁର ବାସନ୍ତୀ ଦୁର୍ଗାପୂଜାରେ ବିବାଦ ପ୍ରସଙ୍ଗ

# ପ୍ରତିମାକୁ ପୂଜାସ୍ଥଳୀରୁ ଉଠାଇନେଲେ କମିଟି

ବାଲେଶ୍ୱର(ଉତ୍ତର)/
ଭୋଗରାଇ,୨୫।୩(ସମିସ)



ବିବାଦ ଯୋଗୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ଗ୍ରାମରେ ହେଉଥିବା ସାର୍ବଜନୀନ ବାସନ୍ତୀ ପୂଜା ଫିକା ପଡ଼ିଛି। ପୂଜାସ୍ଥଳକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ବିବାଦ ତୀବ୍ର ହେବାରୁ ଗ୍ରାମ ପରିବେଶ ଅଶାନ୍ତ ହୋଇପଡ଼ିଛି। ଗୋଷ୍ଠୀ ସଂଘର୍ଷକୁ ଏଡାଇବାକୁ ଜିଲ୍ଲାପ୍ରଶାସନ ଗତ ମଙ୍ଗଳବାର ଖାତା ନଂ-୨୭୫, ପ୍ଲଟ ନଂ. ୧୦୫୧, ୧୦୫୩ ଓ ୧୦୫୪ରେ ୧୬୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଦେଶନାମା ଜାରିକରି ଶାନ୍ତି ଶୃଙ୍ଖଳା ନିମନ୍ତେ ବିବାଦୀୟ ସ୍ଥାନରେ କୌଣସି ପୂଜାର୍ଚ୍ଚନା, ସଭାସମିତି, ଆନ୍ଦୋଳନପନ୍ଥା କିମ୍ବା ୫ରୁ ଅଧିକ ଲୋକ ମିଳିତ ନହେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ୧୬୩ ଧାରା ଲାଗୁପରେ ପୂର୍ବରୁ ବାସନ୍ତୀ ପଡ଼ିଆଠାରେ ଅଧାଗଢ଼ା ବାସନ୍ତୀ ପ୍ରତିମା ଓ ପାଶ୍ୱର୍ ଦେବତାଙ୍କ ମୂର୍ତ୍ତି ଅଟକି ପଡିଥିବାରୁ ପୂଜା କମିଟି ଚିନ୍ତିତ, ବ୍ୟଥିତ ଓ କ୍ଷୁବ୍ଧ ହୋଇଥିବାର ସୂଚନା ମିଳିଛି।

ଗତ ମଙ୍ଗଳବାର ସନ୍ଧ୍ୟାରେ ମୂର୍ତ୍ତି ଗଢ଼ିଥିବା କମିଟି ପୁଲିସର ଅନୁମତି କ୍ରମେ ପାଶ୍ୱର୍ ଠାକୁର ମୂର୍ତ୍ତିକୁ ସେଠାରୁ ଉଠାଇ ଅନ୍ୟ ସ୍ଥାନକୁ ନେଉଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରବଳ ବିରୋଧ କରିଥିଲେ। ଶେଷରେ ମୁଖ୍ୟ ବାସନ୍ତୀ ପ୍ରତିମାକୁ ଲୋକେ ଉଠାଇନେବାକୁ ଉଦ୍ୟମ କରୁଥିବାବେଳେ ପ୍ରତିପକ୍ଷଙ୍କ ବିରୋଧ ଯୋଗୁଁ ମୂର୍ତ୍ତି ଅଟକି ଯାଇଥିଲା ଓ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୁଲିସ ଉପରେ ରାଜନୈତିକ

**ଭିନ୍ନ ସ୍ଥାନରେ ହେଉଛି ୨ଟି ପୂଜା, ଅଶାନ୍ତ ଗ୍ରାମ ପରିବେଶ**

ଚାପ ପଡୁଥିବା ଏକ ଗୋଷ୍ଠୀ ଅଭିଯୋଗ କରିଥିଲେ। ପୁଲିସ ସ୍ଥିତି ନିୟନ୍ତ୍ରଣ କରିବା ପରେ ବୁଧବାର ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ସହିତ ରାଜସ୍ୱ ନିରୀକ୍ଷକ, ଥାନାଧିକାରୀ ଜ୍ଞାନରଞ୍ଜନ ସାହୁ ଘଟଣା ସ୍ଥଳରେ ପହଞ୍ଚିବା ପରେ ମୂର୍ତ୍ତି ଗଢ଼ିଥିବା ପୂଜା କମିଟିର ବହୁ ମହିଳା ଓ ପୁରୁଷ ମୁଖ୍ୟ ମୂର୍ତ୍ତିକୁ ଅନ୍ୟତ୍ର ଉଠାଇନେଇଥିଲେ।

ପରେ ଅଭିଯୋଗ କ୍ରମେ ରାଜସ୍ୱ ବିଭାଗ ପ୍ଲଟ ନଂ.୧୦୫୧ରେ ମାପଚୁପ କରିଥିଲେ। ଆଇନଶୃଙ୍ଖଳାକୁ ଲକ୍ଷ୍ୟରଖି ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଅପର ପକ୍ଷରେ ଗୋଟିଏ ଗୋଷ୍ଠୀ ପୂର୍ବ ନିର୍ଦ୍ଧାରିତ ଏକ ଘରୋଇ ବାଡ଼ିରେ ମୂର୍ତ୍ତି ପୂଜା କରୁଥିବାବେଳେ ଅନ୍ୟଏକ ଗୋଷ୍ଠୀ ମଧ୍ୟ ଘରୋଇ ବାଡ଼ିରେ ଅଧାଗଢ଼ା ବାସନ୍ତୀ ପ୍ରତିମା ରଖି ଘଟ ପୂଜା କରୁଥିବା ଦେଖିବାକୁ ମିଳିଛି।

ପୂର୍ବବର୍ଷ ଭଳି ଚଳିତ ବର୍ଷ ବି ଏଭଳି ବିବାଦ ଯୋଗୁ ଗ୍ରାମରେ ଭାଇଚାରା ନଷ୍ଟ ହେବା ସହିତ ଧର୍ମୀୟ, ମାନବିକତା ଉପରେ କୁଠାରଘାତ ହୋଇଛି। ପ୍ରଶାସନ କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ସଠିକ ସମୟରେ ସଠିକ ନିଷ୍ପତ୍ତି ନେଇଥାନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଧାନ ପଞ୍ଜୀକରଣ: ଅବଧି ଶେଷ, ଚାଷୀ ନିରାଶ



ଜଳେଶ୍ୱର,୨୫।୩(ସମିସ): ଜଳେଶ୍ୱର ବ୍ଲକରେ ଥିବା ୨୯ଟି ସେବା ସମବାୟ ସମିତିରେ ରବି ଋତୁରେ ଧାନ ପଞ୍ଜୀକରଣ ନେଇ ଚାଷୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଟ୍ରେନିଂ ସାରି ୧୭ ତାରିଖରୁ ପଞ୍ଜୀକରଣ ଓ ନବୀକରଣ ଆରମ୍ଭ ହୋଇଥିବା ବେଳେ ୮ ଦିନରେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ସମ୍ଭବ ହୋଇପାରିନାହିଁ। ରାତ୍ରି ଅନିଦ୍ରା ହୋଇ ଶତକଡା ୬୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରେ ସଫଳ ହୋଇଥିବା ବେଳେ ବହୁ ମହିଳା ଓ ଭିନ୍ନକ୍ଷମ ଚାଷୀ ବଞ୍ଚିତ ଅଛନ୍ତି। ସମିତିରେ କର୍ମଚାରୀ ଅଭାବ ଓ ଧାନକିଣା ସରିନଥିବାରୁ ପଞ୍ଜୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ଏହା ସହିତ ଲିଗାଲ ହେୟାର, ଡେଥ୍ ସାର୍ଟିଫିକେଟ ପ୍ରମାଣପତ୍ର ଅଭାବରୁ ଚାଷୀ ନିରାଶ ହୋଇ ଘରକୁ ଫେରୁଛନ୍ତି। ନୂତନ ଜମି ପଟ୍ଟା କାଢ଼ିବା ବେଳକୁ ଅନେକ ଚାଷୀଙ୍କ ଦୀର୍ଘ ବର୍ଷର କ୍ଷେତ ଜଳାଶୟ ଦେଖାଉଛି। ଅଦ୍ୟାବଧି ଅଲାଲପୁର, ଦକ୍ଷିଣ ପ୍ରହରାଜପୁର, ବର୍ତ୍ତନା, ଆମ୍ବଳିଅଠା, ରାମନଗର ପାଟଣା, ଓଲମାରା, ଖୁଆର୍ଡ, ନାଙ୍ଗୋ, ଜ୍ୟୋତି ଜଙ୍ଗମ, ପାଇକସିଦା, ଶାଳିକୋଠା, ଚାପଲା ଭଳି ବହୁ ସମିତିରେ ଓ ମଣ୍ଡିରେ ଧାନ କ୍ରୟ ଚାଲିଛି। ସମବାୟ କର୍ମଚାରୀ ଶହ ଶହ ଆବେଦନ ଫର୍ମ ଗ୍ରହଣ କରିଥିବାବେଳେ ସର୍ଭର ଡାଉନ ଓ ପଞ୍ଜୀକରଣରେ ଜଟିଳତା ଯୋଗୁ ଅହେତୁକ ବିଳମ୍ବ ହେଉଛି। ଏ ନେଇ ନାଙ୍ଗୋ, ଲକ୍ଷ୍ମଣନାଥ ନାଥ, ବର୍ତ୍ତନା ଇତ୍ୟାଦି ସେବା ସମିତ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଛି। ତେଣୁ ସରକାର ରବି ଋତୁରେ ଧାନ ପଞ୍ଜୀକରଣ ଓ ନବୀକରଣ ସମୟ ସୀମା ବୃଦ୍ଧି କରିବାକୁ ବହୁ ଚାଷୀ ଦାବି କରିଛନ୍ତି।

## ମା' ବାସନ୍ତୀ ପୂଜା ଆଞ୍ଚଳିକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା

ରେମୁଣା,୨୫।୩(ସମିସ): ମା' ବାସନ୍ତୀ ପୂଜା ଆଞ୍ଚଳିକ ମହୋତ୍ସବ ଦ୍ୱିତୀୟ ବର୍ଷ ପ୍ରଥମ ସନ୍ଧ୍ୟାରେ କୁଳିଗାଁ ମା' ବାସନ୍ତୀ ପୂଜା ମେଳା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।



୨୪ରୁ ୨୯ ତାରିଖ ୬ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୋବିନ୍ଦପୁର, ବେଦୀପୁର, କୃଷ୍ଣାନନ୍ଦପୁର, ସାହାର୍ଦ୍ଧ, କୁଳିଗାଁ ଏବଂ ବରୁଣସିଂ ଏହି ୬ ଗୋଟି ପଞ୍ଚାୟତକୁ ନେଇ ଏହି ମହୋତ୍ସବ ଅନୁଷ୍ଠିତ ହେଉଛି। ନିଜ ଅଞ୍ଚଳର କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ ଓ ସଂଗୀତ ପରିବେଷିତ ହୋଇଥିଲା। ମୀନାବଜାର ସମେତ ବିଭିନ୍ନ ବ୍ୟବସାୟ ପସରା ମେଲାଇଛନ୍ତି। ପ୍ରଥମେ ସମସ୍ତ ଅତିଥି ମେଳାକୁ ଉଦଘାଟନ କରିଥିଲେ। ପରେ ସଭାକାର୍ଯ୍ୟକୁ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲ। ଉଦ୍ୟକ୍ତା ରବୀନ୍ଦ୍ର କୁମାର ମହାକୁଡ଼ଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶରତ କୁମାର ନାୟକ ତାଙ୍କର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ବରୁଣସିଂ ସରପଞ୍ଚ ଝିଲିଶ୍ରୀ ମହାଳିକ, ବୈଦ୍ୟୁତିକ ଗଣମାଧ୍ୟମ ଶ୍ରୀ ଇଶ୍ୱର ଟିଭିର ନିର୍ଦ୍ଦେଶକ ଲୋକନାଥ ପିରି, ମହୋତ୍ସବ କମିଟି ଉପଦେଷ୍ଟା ସୋମନାଥ ଶତପଥୀ, 'ସକାଳ' ଖବରକାଗଜ ରେମୁଣା ପ୍ରତିନିଧି ସରୋଜ କୁମାର ସାହୁ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ।



ବିଜେଡିରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଯୋଗ ଦେବାପରେ ଜିଲ୍ଲା ବିଜେଡି ପକ୍ଷରୁ ଶଙ୍ଖ ଭବନରେ ମିଳିତ ସାମ୍ବାଦିକ ସମ୍ମିଳନୀ

## ଉଦୟପୁର ବେଳାଭୂମିରେ ପର୍ଯ୍ୟଟକଙ୍କୁ ଆକ୍ରମଣ

ଚନ୍ଦନେଶ୍ୱର,୨୫।୩(ସମିସ): ରାଜ୍ୟର ଅନ୍ୟତମ ପ୍ରମୁଖ ମନୋରମ ବେଳାଭୂମି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଉଦୟପୁର। ଏଠାକୁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସନ୍ତି। ମାତ୍ର ପରିତାପର ବିଷୟ ଏଠାରେ ନିୟମିତ ପର୍ଯ୍ୟଟକଙ୍କୁ ଆକ୍ରମଣ ହେଉଛି। ତାଳସାରୀ ସାମୁଦ୍ରିକ ଥାନା ଆଖି ଆଗରେ ବୋଟ ଚାଳକଙ୍କ ଦ୍ୱାରା ବାରମ୍ବାର ଏଭଳି ସମ୍ବେଦନଶୀଳ ଘଟଣା ଘଟୁଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସବୁଠାରୁ ବଡକଥା ବେଳାଭୂମିରେ ବେଆଇନ ଭାବରେ ବୋଟ ଚାଲୁଥିବା ନେଇ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ବେହେରା ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କାହିଁକି ଚୁପ୍ ବସିଛି ତାହା ପ୍ରଶ୍ନବାଚୀ। ବେଳାଭୂମିରେ ପର୍ଯ୍ୟଟକଙ୍କୁ ସ୍ଥାନୀୟ ଅଞ୍ଚଳର ଲୋକେ ମାଛ, କଙ୍କଡା ତରକାରୀ ରାନ୍ଧି ପରସୁଥିବା ବେଳେ ୨ଟି ସଂସ୍ଥା ପକ୍ଷରୁ ବୋଟ ଚାଳନାର ବ୍ୟବସ୍ଥା ରହିଛି। ସେମାନେ ପର୍ଯ୍ୟଟକଙ୍କୁ ବହୁ ଦୂର ସମୁଦ୍ରରେ ବୋଟରେ ବୁଲାଇ ଆଣିବାର ପ୍ରଲୋଭନ ଦେଖାଇ ଟଙ୍କା ନେଇ ବୋଟିଂ କରାଇଥାନ୍ତି। ମାତ୍ର ଅଳ୍ପ ଦୂରରୁ ଘେରାଏ ବୁଲାଇ ଆଣି କୂଳରେ ଓହ୍ଲାଇ ଦିଅନ୍ତି। ଏହି କ୍ରମରେ ଗତ ମଙ୍ଗଳବାର ୪/୫ଜଣ ବଙ୍ଗୀୟ ପର୍ଯ୍ୟଟକ ସମୁଦ୍ରରୁ ବୁଲିଆସି ପ୍ରତିବାଦ କରିବାରୁ ବୋଟ ଚାଳନା କରୁଥିବା ପିଲାମାନେ ଉଭୟ ମହିଳା ଓ ପୁରୁଷ ପର୍ଯ୍ୟଟକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ମାତ୍ର ଏନେଇ ଭୟରେ ପର୍ଯ୍ୟଟକ ଥାନାରେ ଅଭିଯୋଗ କରିନାହାନ୍ତି। ଅପରପକ୍ଷରେ ବେଳାଭୂମିରେ ବେଆଇନ ବୋଟ ଚାଳନା ସମ୍ପର୍କରେ ଗତ ଫେବୃଆରୀ ୬ରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବାଲେଶ୍ୱର ଜିଲ୍ଲାପାଳ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନଚେତ୍ ଆଗକୁ ବଡ଼ ଦୁର୍ଘଟଣା ଘଟିପାରେ।



**ବେଆଇନ ବୋଟ ଚାଳନା ଉପରେ କାର୍ଯ୍ୟାନୁଷ୍ଠାନ କେବେ?**

## ଅମର ଯବାନ ଯୁବ ସଂଗଠନ ପକ୍ଷରୁ ସହିଦ ଦିବସ

ବାଲେଶ୍ୱର,୨୫।୩(ସମିସ): ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ମୁହାଣର ଫିସରି ପଡ଼ିଆରେ ଅମର ଯବାନ ଯୁବ ସଂଗଠନର ନବମ ବାର୍ଷିକ ଉତ୍ସବ ସହ କଷାଫଳ ସାମୁଦ୍ରିକ ଥାନା ସହଯୋଗରେ ରକ୍ତଦାନ ଶିବିର ଓ ସହିଦ ଦିବସ ପାଳିତ ହୋଇଯାଇଛି। ରକ୍ତଦାନ ଶିବିରକୁ ସାମୁଦ୍ରିକ ଥାନା ଅଧିକାରୀ ରଶ୍ମିରେଖା ମହାଳିକ ଉଦ୍‌ଘାଟନ କରିଥିବା ବେଳେ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସହିଦ ଦିବସ ଅବସରରେ ସନ୍ଧ୍ୟାର ସଭାକାର୍ଯ୍ୟକୁ ଗୟା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସଂଗଠନର ସଭାପତି ଭକ୍ତ ଚରଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ସୁବେଦାର ମେଜର କମଳଲୋଚନ ଜେନା ଯୋଗଦେଇ ଅମର ସହିଦଙ୍କ ଅମର ଗାଥା ଶୁଣାଇଥିବା ବେଳେ ମୁଖ୍ୟବକ୍ତା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ସହିଦଙ୍କ ଇତିହାସ ଜଣାଇଥିଲେ।



ଅନ୍ୟତମ ଅତିଥି ଭାବେ କସାଫଳ ସାମୁଦ୍ରିକ ଥାନା ଆଇଆଇସି ରଶ୍ମିରେଖା ମହାଳିକ, ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ କୁମାର ମାଇତି, ଶିଳ୍ପୀ କେଶୁ ଦାସ ଓ ସ୍ଥାନୀୟ ସରପଞ୍ଚ ପ୍ରବୀର କୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ସ୍କୁଲ କଲେଜରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇ ଉତ୍ସାହିତ କରାଯାଇ ଥିଲା। ବିଶିଷ୍ଟ ଫୋଟ ସଂଗ୍ରାହକ ସର୍ବେଶ୍ୱର ଦାସଙ୍କ ଦ୍ୱାରା ସହିଦଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା। ବାଲେଶ୍ୱରର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଅମରେଶ ପାତ୍ରଙ୍କୁ କଳାକାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶେଷ କାର୍ଯ୍ୟକ୍ରମ ଭାବରେ ଲତା ମଙ୍ଗେସକରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ ସଂଗଠନର ସହ ସମ୍ପାଦକ ଗୌର ଗୋପାଳ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାମ ନବମୀ ପାଇଁ ସୋର ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ସୋର,୨୫।୩(ସମିସ): ପବିତ୍ର ରାମନବମୀକୁ ଆଖି ଆଗରେ ରଖି ସୋର ପୁଲିସ ପକ୍ଷରୁ ପୌରପାଳିକାରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସ, ଖଇରା ଥାନାଧିକାରୀ ଜୟନ୍ତ ପଟ୍ଟନାୟକ, ଏସଆଇ ପ୍ରଭାକର ସାହୁ, ସାଧୁ ସିଂ ଗାଗରାଇ, ପ୍ରୀତିଜିତ ମହାନ୍ତି, ସୁଶୀଲ ମହନ୍ତ, ଏଏସଆଇ ସୁନୀଲ କୁମାର ରାଜ, କୈଳାସ ଚନ୍ଦ୍ର ପାତ୍ର, ମୀନକେତନ ପାଢ଼ୀଙ୍କ ସମେତ ଥାନାର ସମସ୍ତ ପୁଲିସ ଅଧିକାରୀ, କର୍ମଚାରୀ ଏବଂ ୫ ପ୍ଲାଟୁନ ପୁଲିସ ଫୋର୍ସ ଏଥିରେ ସାମିଲ ହୋଇଥିଲେ। ଫ୍ଲାଗମାର୍ଚ୍ଚ ପୌରପାଳିକା ଅନ୍ତର୍ଗତ ଆଶ୍ରମଛକରୁ ବାହାରି ବାମ୍ପିଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଛତ୍ରପୁର, କୋର୍ଟଛକ ଦେଇ ମେଡିକାଲ ଛକରେ ଶେଷ ହୋଇଥିଲା। ଏହି ସମୟରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା। ଆଗାମୀ ରାମାନବମୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଲୋକମାନଙ୍କର ସହଯୋଗ ଲୋଡ଼ାଯାଇଥିଲା।



## ଭେଲିଡେଶନ ପ୍ରତ୍ୟାହର ଦାବିରେ ସ୍ମାରକପତ୍ର

ବାଲେଶ୍ୱର,୨୫।୩(ସମିସ): ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ବାଲେଶ୍ୱରର ସଭାପତି ଇଂ. ବନମାଳୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ୨୦୨୫ ମାର୍ଚ୍ଚ୨୫ରେ ସଂସଦ ଦ୍ୱାରା ଗୃହୀତ ଭେଲିଡେଶନ ଆଇନର ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିନିଧିମଣ୍ଡଳରେ କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ରଙ୍କ ସମେତ ଶଶାଙ୍କ ଦତ୍ତ, ଭବେଶ ପଣ୍ଡା, ଶେଖ ଆଲ୍ଲାଉଦ୍ଦିନ, ରବୀନ୍ଦ୍ର ବେହେରା, ସଞ୍ଜୟ ପଣ୍ଡା(ଖ), ଦୟାନିଧି ମହାପାତ୍ର, ସନ୍ତୋଷ ବେହେରା, ଅନନ୍ତ ଦାସ ପ୍ରମୁଖ ସାମିଲ ଥିଲେ। ସୂଚନା ଯୋଗ୍ୟ ଯେ, ଏହି ଭେଲିଡେଶନ ଆଇନ ବଳରେ ସରକାର ପେନସନ ଭୋଗୀମାନଙ୍କର ଅବସରଗ୍ରହଣ ତାରିଖ ଭିତ୍ତିରେ ବର୍ଗୀକରଣ କରି ପେନସନ ସମ୍ବନ୍ଧିତ ସୁବିଧା ସୁଯୋଗ ଦେବାରେ ନିଷ୍ପତି ନେଇପାରିବେ ଯାହାକି ସମସ୍ତ ପେନସନଭୋଗୀମାନଙ୍କ ପାଇଁ ସମାନତା ରହିବ ନାହିଁ। ଏଥିପାଇଁ ଏହି ଭେଲିଡେଶନ ଆଇନର ପ୍ରତ୍ୟାହାରର ଆବଶ୍ୟକତା ରହିଛି। ଆଜି ମଧ୍ୟ ଜିଲ୍ଲାର ବିଭିନ୍ନ ଶାଖା ସଂଗଠନ ପକ୍ଷରୁ ସବଡିଭିଜନ ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ମାଧ୍ୟମରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।




## ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,୨୫।୩(ସମିସ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମର ଜଣେ ଯୁବକ ଗାଧଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ଗ୍ରାମର ସ୍ୱର୍ଗତ ଅନାମ ଚରଣ ଭୋଇଙ୍କ ପୁଅ ଶିବ ପ୍ରସାଦ ଭୋଇ(୪୦)। ଅପରାହ୍ନରେ



ସେ ନିକଟସ୍ଥ ଠାକୁରାଣୀ ପୋଖରୀକୁ ଗାଧୋଇବାକୁ ଯାଇ ନ ଫେରିବାରୁ ଘର ଲୋକ ଖୋଜାଖୋଜି କରି ପାଣି ଭିତରୁ ଉଦ୍ଧାର କରି ସୋର ଡାକ୍ତଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗ୍ୟାସ୍ ସଂକଟରେ ସନ୍ତୁଳି ହେଉଛି ବାଲେଶ୍ୱର

# ୪୨୬ ଟଙ୍କା ନଦେଲେ ମିଳୁନି ସେବା; ଯୋଗାଣ ବିଭାଗ ଜଳକା

ବାଲେଶ୍ୱର,୨୫।୩(ସମିସ)
(ରୁଚିକ ରଞ୍ଜନ ମହାପାତ୍ର):



**ଇ-କେୱାଇସି ନାଁରେ ଗ୍ରାହକଙ୍କୁ ଲୁଟ୍**

ବାଲେଶ୍ୱର ଜିଲ୍ଲାରେ ରନ୍ଧନ ଗ୍ୟାସ ସମସ୍ୟା ଉତ୍କଟ ସ୍ଥିତିରେ ପହଞ୍ଚିଥିବା ବେଳେ ସରକାରଙ୍କ ତଥ୍ୟ ଏବଂ ଗ୍ରାଉଣ୍ଡ ଜିରୋର ତଥ୍ୟ ଆକାଶ ପାତାଳ ସଦୃଶ। ଯୋଗାଣ ବିଭାଗ ଗ୍ୟାସ ମହଜୁଦ ଥିବା ଦର୍ଶାଉଥିବା ବେଳେ ବାସ୍ତବ ସ୍ଥିତିରେ ୨୦୦୦ ଗ୍ରାହକ ଗ୍ୟାସ ବୁକିଂ କଲେ ଏଜେନ୍ସି ନିକଟକୁ ମାତ୍ର ୩୦୦ ପହଞ୍ଚୁଛି। ଏପରି ସ୍ଥଳେ ଗ୍ୟାସର କଳାବଜାରୀ ଜିଲ୍ଲାରେ ବଢୁଥିବାବେଳେ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୩ ରୁ ୪ ଗୁଣରେ ବିକ୍ରି ହେଉଛି। ଏଭଳି ସ୍ଥିତିରେ ବାଲେଶ୍ୱର ସୋରରୁ ଏକ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ସରକାରୀ ନିୟମ କାନୁନର ଧଜ୍ଜିଆ ଉଡ଼ାଇ ଇଣ୍ଟିଗ୍ରେଟେଡ଼ ଇଣ୍ଡେନ ଗ୍ୟାସ ଏଜେନ୍ସି ନାମକ ଗ୍ୟାସ ଏଜେନ୍ସି ଇ-କେୱାଇସି ଆଳରେ ଗୋଟିଏ ଗୋଟିଏ ପାଇପ ଧରାଇ ୪୨୬ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲାରେ ୪୨ ଗୋଟି ଗ୍ୟାସ ଏଜେନ୍ସି ରହିଥିବା ବେଳେ ଗ୍ରାହକଙ୍କ ସଂଖ୍ୟା ୫ ଲକ୍ଷ ୪୦ ହଜାର ୮୭୩ ଅଟେ। ବର୍ତ୍ତମାନ ସ୍ଥିତିରେ ଜିଲ୍ଲା ଯୋଗାଣ ବିଭାଗ ଗ୍ୟାସ ସିଲିଣ୍ଡର ମହଜୁଦ ଥିବା କହୁଥିବା ବେଳେ ଲୋକେ ଗ୍ୟାସ ବୁକିଂ କରି ଦିନ ଦିନ ଧରି ଏଜେନ୍ସି ସମ୍ମୁଖରେ ଲାଇନ ରେ ଛିଡ଼ା ହେଉଥିଲେ ସୁଦ୍ଧା ବୁକିଂ ତୁଳନାରେ ଏଜେନ୍ସିକୁ ମିଳୁଛି ସମୁଦ୍ରକୁ ଶଙ୍ଖେ। ଫଳରେ ଗ୍ରାମଠାରୁ ସହର ସବୁ ସ୍ଥାନରେ ରନ୍ଧନ ଗ୍ୟାସକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲ୍ଲାର ଅନେକ ଛୋଟବଡ଼ ହୋଟେଲ ଏବଂ ଢ଼ାବା, ଠେଲା ଦୋକାନୀଙ୍କ ଦୋକାନ ବନ୍ଦ ହେଲାଣି। ଏଭଳି ସ୍ଥିତିରେ ଗ୍ରାହକ ଗ୍ୟାସ ବୁକିଂ ସମୟରେ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି ଇ-କେୱାଇସି ସମସ୍ୟା। ଯେଉଁ ଗ୍ରାହକଙ୍କ ଇ-କେୱାଇସି ନାହିଁ, ସେମାନେ ବୁକିଂ କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ଗୋଟିଏ ପଟେ ଗ୍ୟାସ ନ ମିଳିବା ସମସ୍ୟା ତ ଅନ୍ୟପଟେ ଇ-କେୱାଇସି ସମସ୍ୟା।

ଏଭଳି ଜଟିଳ ପରିସ୍ଥିତିରେ ଯେଉଁ ଗ୍ରାହକଙ୍କର ଗ୍ୟାସ ବୁକିଂ ହେଉ ନାହିଁ, ସେମାନେ ଗ୍ୟାସ ଏଜେନ୍ସି ନିକଟକୁ ଯାଇ ଇ-କେୱାଇସି କରାଇବାର ନିୟମ ରହିଛି। ଏଥିପାଇଁ କୌଣସି ବି ଦେୟ ଦେବାର ବ୍ୟବସ୍ଥା ନଥିବା ବେଳେ ଏଭଳି ସ୍ଥିତିରେ ଗ୍ୟାସ ପାଇଁ ହାହାକାର ଡାକୁଥିବା ଲୋକଙ୍କୁ ଶୋଷଣ କରିବାକୁ ପଛାଉ ନାହିଁ ଗ୍ୟାସ ଏଜେନ୍ସି। ଯାହାର ଜ୍ୱଳନ୍ତ ନିଦର୍ଶନ ସୋର ସ୍ଥିତ ଇଣ୍ଟିଗ୍ରେଟେଡ଼ ଇଣ୍ଡେନ ଗ୍ୟାସ ଏଜେନ୍ସି ନିକଟରେ ଦେଖିବାକୁ ମିଳିଛି। ଏହି ଏଜେନ୍ସିରେ ପାଖାପାଖି ୨୫ ହଜାର ଗ୍ରାହକ ଥିବା ବେଳେ ଏଜେନ୍ସି ଗ୍ରାହକଙ୍କୁ ସଠିକ ସମୟରେ ଗ୍ୟାସ ଡେଲିଭରି ନଦେବା, ଗ୍ରାହକଙ୍କୁ ଦୁର୍ବ୍ୟବହାର କରିବା, ଦଲାଲଙ୍କ ମାଧ୍ୟମରେ ଗ୍ୟାସ ଯୋଗାଣ ଭଳି ଗୁରୁତର ଅଭିଯୋଗ ହୋଇ ଆସୁଥିଲା। ଏବେ ପୁଣି ଗୁରୁତର ଅଭିଯୋଗରେ ଛନ୍ଦି ହୋଇଛି ଏହି ଏଜେନ୍ସି। ବର୍ତ୍ତମାନ ଭଳି ସଙ୍ଗୀନ ସ୍ଥିତିରେ ଇକେୱାଇସି ନଥିବା ଗ୍ରାହକ ଏଜେନ୍ସି ନିକଟକୁ କେୱାଇସି ପାଇଁ ଯିବାବେଳେ ଶୋଷଣର ଶିକାର ହେଉଥିବାର ଗ୍ରାହକ ଅଭିଯୋଗ ଆଣିଛନ୍ତି। ବାହାନଗା ବ୍ଲକର ଆରୁହାବାଡ଼, ବରିପଦା, କଲ୍ୟାଣୀ, କରଞ୍ଜବିନ୍ଧା, ନୁଆପୁର ସହ ରେମୁଣା ବ୍ଲକର ତାଳପଦା, ଶ୍ରୀଜଙ୍ଗ, ମହାରାଜପୁର ଆଦି ପଞ୍ଚାୟତର ଲୋକେ ବିଶେଷ ଭାବେ ହଇରାଣ ହେଉଥିବା ବେଳେ ୩୦ ରୁ ୫୦ କିମି ଦୂରରେ ଅର୍ଥାତ ସୋରରେ ଥିବା ଏହି ଏଜେନ୍ସି ସେବା ସଠିକ ଯୋଗାଇ ନପାରି ଲୋକଙ୍କୁ ହଇରାଣ କରିବା ସହ ଶୋଷଣ କରୁଥିବାର ଅଭିଯୋଗ ହୋଇଛି। ଗ୍ରାହକଙ୍କ ଅଭିଯୋଗ କେୱାଇସି ପାଇଁ ଗଲେ ମାଲିକ ଏବଂ କର୍ମଚାରୀ ଗ୍ରାହକଙ୍କୁ ୪୨୬ ଟଙ୍କା ଦାବି କରୁଥିବା ବେଳେ ଟଙ୍କା ନଦେଲେ କେୱାଇସି କରୁନାହାନ୍ତି। ଏହି ଟଙ୍କା ନେଇ ଏଜେନ୍ସି ଜୋର ଜବରଦସ୍ତ ଗୋଟିଏ ଗ୍ୟାସ ପାଇପ ଧରାଇ ଦେଉଛି। ଯାହାର ଦାମ ସରକାରୀ ସ୍ତରରେ ୧୯୦ ଟଙ୍କା। ଟଙ୍କା ନଦେଲେ ତୁମେ ପୋଡ଼ିକି ମଲେ ବି ଆମେ କିଛି ବୁଝିବୁନି ବୋଲି କହିବା ସହ ଗ୍ରାହକଙ୍କୁ ଦୁର୍ବ୍ୟବହାର କରିଥିବାର ଗ୍ରାହକମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଏନେଇ ଇଣ୍ଟିଗ୍ରେଟେଡ଼ ଇଣ୍ଡେନ ଗ୍ୟାସ ଏଜେନ୍ସିର ମାଲିକ କରୁଣାକର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ମାଣ୍ଡାଟୋରି ଚେକିଂ ଚାର୍ଜ ଏବଂ ପାଇପ ବାବଦକୁ ଏହି ଟଙ୍କା ଗ୍ରାହକଙ୍କ ଠାରୁ ନେଉଛୁ ବୋଲି କହି ସଫେଇ ଦେଇଛନ୍ତି। ନିୟମ ମୁତାବକ ଗ୍ୟାସ ଏଜେନ୍ସିର କର୍ମଚାରୀ ଗ୍ରାହକଙ୍କ ଘରକୁ ଯାଇ ଗ୍ୟାସ କନେକ୍ସନ ସୁରକ୍ଷା ଯାଞ୍ଚ କରିବା ପରେ ମାଣ୍ଡାଟୋରି ଚେକିଂ ଚାର୍ଜ ଦେୟ ଦେବାକୁ ପଡୁଥାଏ। ହେଲେ ଏହି ଗ୍ୟାସ ଏଜେନ୍ସି ଅଫିସ ଆସୁଥିବା ଗ୍ରାହକଙ୍କଠାରୁ ବିନା ଯାଞ୍ଚରେ ଏହି ଟଙ୍କା ନେଉଥିବାରୁ ଏଜେନ୍ସିର ଶୋଷଣ ପଦାରେ ପଡ଼ିଛି। ସବୁଜାଣି ଯୋଗାର ବିଭାଗ ଚୁପ୍ ବସିଥିବାବେଳେ ଏହି ଘଟଣାରେ ବିଧିବଦ୍ଧ ତଦନ୍ତ କରାଯାଇ ଏଜେନ୍ସି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାହକ ଦାବି କରିଛନ୍ତି।

୪୪ତମ ଶ୍ରଦ୍ଧା ସ୍ମରଣ ବାର୍ଷିକୀ
ତା ୨୬.୦୩.୨୦୨୬ ଶ୍ରୀରାମ ନବମୀ



୰ସ୍ୱର୍ଣ୍ଣଲତା ପରିଡ଼ା
ଧରାଶ୍ରୟ :ପୌଷ ଶୁକ୍ଳ ଚତୁର୍ଥୀ ୧୯୩୩
ସ୍ୱର୍ଗବାସ : ଚୈତ୍ର ଶୁକ୍ଳ ନବମୀ ୧୯୮୨
ସ୍ୱାମୀ : ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ମା ! ଚୈତ୍ରନବରାତ୍ରୀ ଓ ଶ୍ରୀରାମଜନ୍ମ ତିଥିରେ ତୁମେ ଅହ୍ୟ ସୁଲକ୍ଷଣୀ ହୋଇ ଚାଲିଗଲ । ସେଦିନୁ ସବୁ ଶ୍ରୀରାମନବମୀ ଆମ ପାଇଁ ତୁମ ଶ୍ରଦ୍ଧାସ୍ମରଣ ଓ ପିଣ୍ଡଦାନ ତିଥି । ତୁମକୁ ମୋକ୍ଷଗତି ମିଳୁ । ଠାକୁରଙ୍କୁ ଡାକୁଛୁ ।
ଶୋକସନ୍ତପ୍ତ :
ପୁଅବୋହୂ, ନାତିନାତୁଣୀ,
ଅଣନାତିନାତୁଣୀମାନେ

# ଘରେ ଶୋଇଥିବାବେଳେ କଳାକନା ବୁଲାଇଲେ ଚୋର

ବୈଶିଙ୍ଗା,୨୫।୩(ସମିସ): ବୈଶିଙ୍ଗା ଥାନା ଅଞ୍ଚଳ ପାଲଟିଛି ଚୋର ଓ ଲୁଟେରାଙ୍କ ଚରାଭୂଇଁ। ନିକଟ ଅତୀତରେ ଏକାଧିକ ଚୋରି ଡକାୟତି ଘଟି ଯାଇଥିବାବେଳେ ଗତ ରାତିରେ ଜାରକା ଛକ ଉପକଣ୍ଠ ପତଡ଼ା ଗ୍ରାମର ଯୁଗପୁରା ରାସ୍ତା ପାଶ୍ୱର୍ରେ ଥିବା ଜନୈକ ବ୍ୟକ୍ତିଙ୍କ ଘରେ ପରିବାର ବର୍ଗ ଶୋଇଥିବା ସତ୍ତ୍ୱେ ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ନଗଦ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ।

ସୂଚନା ଅନୁଯାୟୀ ଗତକାଲି ରାତ୍ରି ଭୋଜନ ସାରି ପତଡ଼ା ଗ୍ରାମର ଜାରକା-ଯୁଗପୁରା ରାସ୍ତା ପାଶ୍ୱର୍ରେ ଘର କରିଥିବା ହରିଶଚନ୍ଦ୍ର ପଣ୍ଡା ଓ ତାଙ୍କ ସ୍ତ୍ରୀ ଗୋଟିଏ ରୁମରେ ଶୋଇଥିବାବେଳେ ଅନ୍ୟ ଗୋଟିଏ ରୁମରେ ତାଙ୍କ ଝିଅଜ୍ୱାଇଁ ଶୋଇବାକୁ ଯାଇଥିଲେ। ତେବେ ତାଙ୍କର ୨ପୁଅ ଖଡ଼ଗପୁରରେ ଚାକିରି କରି ରହୁଥିବାବେଳେ ତାଙ୍କ ବଡ଼ ପୁଅର ଶୋଇବା ଗୃହ ବନ୍ଦ ଥିଲା। ତେବେ ବିଳମ୍ବିତ ରାତିରେ ଏକାଧିକ ଦୁର୍ବୃତ୍ତ ଘର ପଛପଟୁ ତାର ବାଡ଼ ଭାଙ୍ଗି ପଶିଥିଲେ। ପରେ ବଡ଼ ପୁଅର ରୁମରେ ଝରକା ଗ୍ରିଲ ଭାଙ୍ଗି ପଶିଥିଲେ। ପରେ ରୁମର ଭିତର ପଟୁ ତାଲା ମାରି ଭିତରେ ଥିବା ଗଡ଼ରେଜ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ନଗଦ ଟଙ୍କା ଲୁଟିନେଇ ପୁଣି ଘର ପଛ ପଟେ ଚମ୍ପଟ ମାରିଥିଲେ। ସକାଳୁ ଘର ଝାଡୁ ମାରିବା ପାଇଁ ରୁମ ଖୋଲିବାକୁ ଚେଷ୍ଟା କରି ପରିବାର ଲୋକ ଜାଣିବାକୁ ପାଇଥିଲେ ଯେ ରୁମ ଭିତର ପଟୁ ତାଲା ମରାଯାଇଛି। ପରେ ଘର ପଛପଟେ ଯାଇ ଦେଖିବାକୁ ପାଇଥିଲେ ଯେ ଝରକା ଗ୍ରିଲ ତଡ଼ା ଯାଇ ଭିତରେ ପଶି ଗଡ଼ରେଜ ତାଲା ଭାଙ୍ଗି ସର୍ବସ୍ୱ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ହରିଶ୍ଚନ୍ଦ୍ର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ ୧୪୬/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ସକାଳୁ ୮ଟା ବେଳେ ଏତେଲା ଦେବା ସତ୍ତ୍ୱେ ପୁଲିସ ଦିନ ୧. ୩୦ମିନିଟରେ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପରିବାର ଲୋକ।

# ୩ଟି ସ୍ଥାନରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୨୫।୩(ସମିସ): ରାଇରଙ୍ଗପୁର ଟାଉନ ଓ ତିରିଂ ଥାନା ଅଞ୍ଚଳର ୩ଟି ସ୍ଥାନରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ରାଇରଙ୍ଗପୁର ଟାଉନ ଥାନା ବାଇଦାପୋଷି ଗ୍ରାମରେ ଏକ ଭଡ଼ା ଘରେ ବିଶୋଇ ଥାନା ଅନ୍ତର୍ଗତ ଧାଙ୍ଗୁଡ଼ିମୁଡା ଗ୍ରାମର ନଗେନ୍ଦ୍ରନାଥ ହେମ୍ବ୍ରମଙ୍କ ୧୮ ବର୍ଷୀୟ ପୁଅ କାର୍ତ୍ତିକ ହେମ୍ବ୍ରମଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଘରର ଏକ ଫ୍ୟାନ୍‌ରେ ବେକକୁ ଗାମୁଛାରେ ଫାଶୀ ଲଗାଇ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଛନ୍ତି। ସେହିପରି ପୁରୁଣାପାଣିରେ ଢାବା ନିକଟରେ ଥିବା ଏକ ଗୋଦାମ ଗୃହ ବନ୍ଦ କୋଠରି ମଧ୍ୟରୁ ଏକ ମୃତଦେହ ଉଦ୍ଧାର ହୋଇଛଇ। ମୃତ ଯୁବକ ଜଣକ ବିହାର ରାଜ୍ୟର ସୁନୀଲ କୁମାର ବୋଲି ସୂଚନା ମିଳିଛି। ସୁନୀଲ ଉକ୍ତ ଗୋଦାମ ମାଲିକଙ୍କ ନିକଟରେ ଡ୍ରାଇଭର ଭାବେ କାମ କରୁଥିଲେ। ଅନ୍ୟପକ୍ଷରେ ତିରିଂ ଥାନା ଅନ୍ତର୍ଗତ ବଡ଼ଭୁଣ୍ଡ ଗ୍ରାମର ଦୁଃଖିଆ ହେମ୍ବ୍ରମଙ୍କ ପୁଅ ଦଶରଥ ହେମ୍ବ୍ରମଙ୍କୁ ଏକ ଆଜ୍‌ବେଷ୍ଟସ ଘରର ଲୁହା ପାଇପ୍‌ରେ ଏକ ଗାମୁଛାରେ ବେକରେ ଫାଶୀ ଲଗାଇ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଏ ନେଇ ଦୁଇଟି ଥାନାରେ ୩ଟି ପୃଥକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଆତ୍ମହତ୍ୟା ନେଇ ସନ୍ଦେହ କରାଯାଉଥିବା ବେଳେ ତଦନ୍ତ ଜାରି ରହିଛି।

**● କଳାବାଘ ଚମଡା ଜବତ ଘଟଣା**

# ୫ ଶିକାରୀଙ୍କୁ କୋର୍ଟ ଚାଲାଣ:୨ଫେରାର

ବାରିପଦା,୨୫।୩ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡରୁ ଶିକାର ହୋଇଥିବା କଳା ମହାବଳ ବାଘ ଚମଡ଼ା ଜବତ ଘଟଣାରେ ଅଟକ ଥିବା ୫ଶିକାରୀଙ୍କୁ ପଚରାଉଚରା ପରେ ବୁଧବାର ବନବିଭାଗ କୋର୍ଟ ଚାଲାଣ କରିଛି। ସମସ୍ତେ ଉଦଳା ଥାନା ଅଞ୍ଚଳର। ସେମାନେ ହେଲେ ଅମ୍ବିକାଦେଈପୁର ଗ୍ରାମର ବୁଧିରାମ ସିଂ(୩୦), ହାତୀକୁଟ ଗ୍ରାମର ପ୍ରକାଶ ବିଶ୍ୱାଳ(୨୬), କାଶୀକୁଦାଳ ଗ୍ରାମର ପୂର୍ଣ୍ଣ ନାଏକ(୩୨), କାଳ୍ଥାଭକ୍ତା (୫୧) ଓ ସଞ୍ଜୟନାଏକ(୨୫)। ଏହି ୫ଜଣଙ୍କ ମଧ୍ୟରୁ ୪ଜଣ ବାଘ ଶିକାରରେ ଓ ଜଣେ ବାଘ ଚମଡା ବିକ୍ରିରେ ସହଯୋଗ କରିଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ କହିବାନୁଯାୟୀ ଘଟଣାର ମୁଖ୍ୟ ଶିକାରୀ ସହିତ ଆଉ ୨ଜଣ ଫେରାର ଥିବା ବେଳେ ଖୁବଶୀଘ୍ର ଧରାପଡିବେ। ୩ବର୍ଷ ବୟସର ହୃଷ୍ଟପୃଷ୍ଟ କଳାବାଘଟିକୁ ପାଟଶାଣୀପୁର ଅଞ୍ଚଳରେ ଗୁଳି ମରାଯାଇଥିବା ଦେଶୀ ବନ୍ଧୁକ ମଧ ଜବତ କରାଯିବ। ପୂର୍ବରୁ ଧନୁତୀର ଜବତ ହୋଇଛି। ସୂଚନାଯୋଗ୍ୟ, ଏଥି ପୂର୍ବରୁ ଏହି ଘଟଣାରେ ସୋମବାର ୬ଜଣ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନେ ବାଘ ନିଶ ଓ ଚମଡା କିଣାବିକା ଏବଂ ବନ୍ୟଜନ୍ତୁ ଦେହାଂଶକୁ ନେଇ ତନ୍ତ୍ରସାଧନା ଭଳି ଅନ୍ଧବିଶ୍ୱାସରେ ଧନୀ ହେବା ନିଶାରେ ଜଡିତ ଥିଲେ। ଫେରାର ୨ଅଭିଯୁକ୍ତ ଗିରଫ ପରେ ବନବିଭାଗ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ ବୋଲି ଜଣାପଡିଛି।

# ପଶ୍ଚିମବଙ୍ଗ ଚାଲାଣବେଳେ ଗୋରୁ ବୋଝେଇ କଣ୍ଟେନର୍ ଜବତ



## ୪ ଅଭିଯୁକ୍ତ ଗିରଫ, ୩୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

ବାରିପଦା,୨୫।୩(ସମିସ)

ସୁନ୍ଦରଗଡ଼ ଜିଲ୍ଲାରୁ ପଶ୍ଚିମବଙ୍ଗ ଚାଲାଣ ସମୟରେ ବାଙ୍ଗିରିପୋଷି ନିକଟରେ ଏକ ଗୋରୁ ବୋଝେଇ କଣ୍ଟେନର ଜବତ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ତତ୍‌ସହିତ ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଜାତୀୟ ରାଜପଥ ୪୯ର ମୟୂରଭଞ୍ଜ ଜିଲ୍ଲାର ୫ ଗୋଟି ଥାନା ଓ ଫାଣ୍ଡିପାର ହୋଇ ଯାଉଥିବା କଣ୍ଟେନର୍‌ଟିକୁ ଗୋ ସୁରକ୍ଷା ବାହିନୀ ଅଟକାଇ ପୁଲିସକୁ ଦେଇଥିଲେ। କତରାଛକ ପାଖରୁ ସେମାନେ ଡବ୍ଲୁବି ୨୯ ଏ ୬୩୯୩ ନମ୍ବର ବିଶିଷ୍ଟ କନଷ୍ଟେନର୍‌ରେ ଗୋରୁ ବୋଝେଇ ହୋଇଥିବା ଜାଣିପାରି ଗୋ ରକ୍ଷକ ସେନା କନଷ୍ଟେନରକୁ ପିଛା କରି ଝାରପୋଖରିଆ ଟୋଲ୍ ଗେଟ୍ ପୂର୍ବରୁ ଥିବା ବାଲିଆସାହି ଛକ ନିକଟରେ ଅଟକାଇଥିଲେ। ପରେ ବାଙ୍ଗିରିପୋଷି ପୁଲିସକୁ ଖବର ଦେବା ସହ କନଷ୍ଟେନରକୁ ଥାନାରେ ଆଣି ଜିମା ଦେଇଥିଲେ। କନଷ୍ଟେନର୍‌ରେ ଥିବା ୪ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିବା ସହ ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରି ପୁଲିସ ତଦନ୍ତ ଚଳାଇଥିବା ଜଣା ପଡ଼ିଛି। ଉଦ୍ଧାର ହୋଇଥିବା ସମସ୍ତ ଗୋରୁଙ୍କୁ ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଇ ଗୋ ଶାଳାରେ ଛଡ଼ାଯିବ ବୋଲି ଜାଣିବାକୁ ମିଳିଛି। ତେବେ ବେଆଇନ ଗୋ ଚାଲାଣ ଏକ ମୁଖ୍ୟ ସମସ୍ୟା ଭାବେ ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ଅହରହ ଭାବେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଅତି ନିର୍ଦ୍ଦୟ ସହିତ ଶହ ଶହ ମାତ୍ରାରେ ଗୋରୁ-ଗାଈ ଗୁଡିକୁ ଟ୍ରକ, ପିକଅପ ଭ୍ୟାନ ପ୍ରଭୃତିରେ ବସ୍ତା ଲଦିଲା ପରି ବୋଝେଇକରି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି। ବିଶେଷ ଭାବେ ବାଦାମପାହାଡ଼, ଯଶିପୁର, ରରୁଆଁ ପ୍ରଭୃତି ଅଞ୍ଚଳରୁ ନିକଟସ୍ଥ ରାଜ୍ୟମାନଙ୍କୁ ବିଭିନ୍ନ ପ୍ରକାର ଯାନ ସହିତ ରାତି ଅଧିଆ ଗୋ ଚାଲାଣ କରାଯିବାର ଦେଖିବାକୁ ମିଳୁଛି।

**ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ**

# ରଥକାଠ ପାଇଁ ବନ ବିଭାଗର ଅସହଯୋଗ

ବାରିପଦା,୨୫।୩(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରଥଯାତ୍ରାକୁ ସ୍ମରଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ଶ୍ରୀଶ୍ରୀ ହରିବଳଦେବଜିଉ ବିଜେଙ୍କ ୩ଟି ରଥ ନିର୍ମାଣ ପାଇଁ ବ୍ୟବହୃତ କାଠର ଆବଶ୍ୟକତା ଓ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କିଶୋର ଆଚାର୍ଯ୍ୟ, ପଣ୍ଡିତ ଭାଗବତ ପଣ୍ଡା, ରଥ ମହାପାତ୍ର, ସେବାୟତ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପବିତ୍ର ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ କାଠର ଆବଶ୍ୟକତାକୁ ଦୃଷ୍ଟିରେ ରଖାଯାଇ ବିଚାରବିମର୍ଶ କରାଯାଇଛି। କାଠର ଅଭାବକୁ ନେଇ ବନବିଭାଗ ପକ୍ଷରୁ କୌଣସି ସହଯୋଗ କରୁନଥିବା ବେଳେ ବୈଠକରେ ମଧ ବନ ବିଭାଗର କେହି ଅଧିକାରୀ ଉପସ୍ଥିତ ନଥିବାରୁ ଉଦବେଗ ପ୍ରକାଶ ପାଇଛି। ସେହିପର ବୈଠକରେ ଟିପିଏନଓଡିଏଲ ଓ ଅନ୍ୟ କେତେକ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ରଥଯାତ୍ରାକୁ ଖଣଦେଖା ନେଇ

**ବନ ବିଭାଗର ଅନୁପସ୍ଥିତି ନେଇ ଉଦ୍‌ବେଗ**

ଉପସ୍ଥିତ ସେବାୟତଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ରଥଯାତ୍ରାକୁ ସରସସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ତଦନୁଯାୟୀ ମନ୍ଦିରର ରଙ୍ଗକାର୍ଯ୍ୟ ଏପ୍ରିଲ ମାସ ଠାରୁ ଆରମ୍ଭ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜବରଦଖଲକାରୀଙ୍କ ପାଇଁ ବଡ଼ଦାଣ୍ଡ ସଙ୍କୀର୍ଣ୍ଣ ହୋଇପଡିଛି। ଫଳରେ ରଥ ଗଡୁଥିବା ସମୟରେ ଅନେକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ବଡ଼ଦାଣ୍ଡରେ ଜବରଦଖଲ ଉଚ୍ଛେଦ ସହ ପରିଷ୍କାର ପରିଚ୍ଛନ୍ନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି। ଶ୍ରଦ୍ଧା ଲଡୁ ଫିଙ୍ଗା ହେବା ଦ୍ୱାରା ବହୁ ମହିଳା ଓ ଯୁବତୀ ଭିଡ଼ ମଧ୍ୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ ବିଧି ମୁତାବକ ଅଳ୍ପ ଲଡୁ ଫିଙ୍ଗା ହେବା ପରେ ଶ୍ରଦ୍ଧାଳୁଙ୍କୁ ସୁରୁଖୁରରେ ବଣ୍ଟନ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟତଃ ଠାକୁରଙ୍କ ନୀତିକାନ୍ତି, ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ପୁଲିସ ମୃତୟନ, ଷ୍ଟଲ ଆବଣ୍ଟନ, ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା, ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରିକୁ ନିଷେଧ, ନିରବଚ୍ଛିନ୍ନ ବିଦ୍ୟୁତ ସେବା, ପାନୀୟ ଜଳ ଯୋଗାଣ, ରଥଟଣା ସମୟରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ଗୁଳୁଗୁଳିରୁ ରକ୍ଷା ପାଇଁ ପାଣି ସିଞ୍ଚନ, ସ୍ୱଚ୍ଛତା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାର୍କି ବ୍ୟବସ୍ଥା, ରଥଟଣା ପାଇଁ ନଡିଆକତା ଦଉଡି ସଂଗ୍ରହ ଓ ଜଳଛତ୍ର ଆଦି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ଦେବତ୍ତୋର, ପରିବହନ, ପୂର୍ତ୍ତ, ସଂସ୍କୃତି, ପୁଲିସ୍, ଅଗ୍ନିଶମ, ଅବକାରୀ ବିଭାଗର ଅଧିକାରୀ ସମେତ ପୌରପାଳିକା ନିର୍ବାହୀ ଅଧିକାରୀ ଓ ବାରିପଦା ତହସିଲଦାର ବୈଠକରେ ଯୋଗଦେଇଥିଲେ।

**ଏସ୍‌ସିବି ହସ୍ପିଟାଲ ଅଗ୍ନିକାଣ୍ଡ**

# ମୃତାହତଙ୍କୁ ଶ୍ରଦ୍ଧାଞ୍ଜଳି; ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି

ବାରିପଦା,୨୫।୩(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡରେ ଚିକିତ୍ସା ପାଇଁ ଆସିଥିବା ୧୪ ଜଣ ରୋଗୀଙ୍କ ମୃତ୍ୟୁ ସଭିଙ୍କୁ ସ୍ତମ୍ଭୀଭୂତ କରିଦେଇଛି। ଏହି ମୃତକଙ୍କ ଉଦ୍ଦେଶ୍ୟରେ ମିଳିତ ବିରୋଧୀ ଦଳ ମଞ୍ଚ, ବାରିପଦା, ମୟୂରଭଞ୍ଜ ପକ୍ଷରୁ ସ୍ଥାନୀୟ ସେବା ସଂଘ ହଲ୍ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଅପାରଗ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏଥିସହ ପ୍ରତି ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଓ ଜଣଙ୍କୁ ସରକାରୀ ନିଯୁକ୍ତି, ଅଦୂରଦର୍ଶୀ ମେଡିକାଲ ସୁପେରିଣ୍ଟେଣ୍ଡେଣ୍ଟ ଓ ନିରାପତ୍ତା ଅଧିକାରୀଙ୍କୁ ବଦଳି ନୁହେଁ ବହିଷ୍କାର କରିବା, ଅଗ୍ନିକାଣ୍ଡର ବିଚାରବିଭାଗୀୟ ତଦନ୍ତ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ସଠିକ୍ ଶ୍ରଦ୍ଧାଞ୍ଜଳି ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଂଗ୍ରେସର ଶାନ୍ତନୁ ପାଲ, ମୀନକେତନ ବେହେରା, ରତିକାନ୍ତ ଚୋଧୁରୀ,ବିଷ୍ଣୁ ସିଂ, ନିର୍ମଳ ପ୍ରଧାନ,ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ,ଅଭିଷେକ ଯାଦବ, ଚୈତନ୍ୟ ହାଁସଦା, ସିପିଆଇର ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା,ସାଜିତ ଖାନ୍, କୀର୍ତ୍ତି ବାସ ନାଥ, ମହେଶ୍ୱର ବେହେରା, ସିପିଆଇଏମର ରବି ଗୋସ୍ୱାମୀ, ଅକ୍ଷୟ ଖୁଣ୍ଟିଆ, କ୍ଷିତୀଶ ସାସମଲ, ସେକ ରିଜୁଆନ, ସମାଜସେବୀ ରାଜ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



# ଚାକିରି ଆଳରେ ଲକ୍ଷାଧିକ ଟଙ୍କାର ଠକେଇ

**● ଥାନାରେ ଅଭିଯୋଗ କଲେ ଠକେଇ ଶିକାର ୧୩ଜଣ**

**● ଠକେଇରେ ରେଞ୍ଜର, ପ୍ରଧାନ ଶିକ୍ଷକ ଓ ଭିଏଲଡବ୍ଲୁ ସାମିଲ**

ରାଇରଙ୍ଗପୁର,୨୫।୩(ସମିସ): ସରକାରୀ ଚାକିରି ଆଳ ଦେଖାଇ ଲକ୍ଷାଧିକ ଟଙ୍କାର ଠକେଇ ହୋଇଛି। ଏ ନେଇ ଠକେଇ ଶିକାର ୧୩ଜଣ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଠକେଇରେ ସାମିଲ ରେଞ୍ଜର, ପ୍ରଧାନ ଶିକ୍ଷକ ଓ ଭିଏଲଡବ୍ଲୁ ବିରୋଧରେ ରରୁଆଁ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କରଞ୍ଜିଆ ନିବାସୀ କେନ୍ଦୁଝର କୁଣ୍ଡଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାରାଚାନ୍ଦ ମହାନ୍ତ, କେନ୍ଦୁଝର ସାହାରପଡ଼ା ବନ ରେଞ୍ଜର ଯଦୁମଣି ନାୟକ ଓ ଅନ୍ୟ ଜଣେ ଭିଏଲଡବ୍ଲୁ ଉକ୍ତ ୧୩ଜଣ ମହିଳା ଓ ପୁରୁଷଙ୍କ ସହ ସମ୍ପର୍କ ସୃଷ୍ଟି କରିଥିଲେ। ସରକାରୀ ଚାକିରି ବାହାରିଛି ଟଙ୍କା ଦେଲେ ଚାକିରି ହେଇଯିବ ବୋଲି ଉକ୍ତ ୩ଜଣ ମିଥ୍ୟା ପ୍ରଲୋଭନ ଦେଖାଇଥିଲେ। ୧୩ଜଣ ତାଙ୍କ କଥାରେ ଭରସା କରି ତାଙ୍କ କହିବା ଅନୁଯାୟୀ କାର୍ଯ୍ୟ କରିଥିଲେ। ବିଭିନ୍ନ ଜରୁରୀ କାଗଜପତ୍ର ଓ ଜୟନ୍ତୀ ଗାଙ୍ଗୁଲି ନାମକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମରେ ୧,୩୦,୫୦୦ଟଙ୍କା ପ୍ରଦାନ କରିଥିଲେ। ଏହାପରେ ତାଙ୍କୁ ସାକ୍ଷାତ୍‌କାର ନିମନ୍ତେ ଭୁବନେଶ୍ୱର ନେଇ ଯାଇଥିଲେ। କିଛି ଦିନ ରଖି ତାଲିମ ପ୍ରଦାନ କରିଥିଲେ। ଏହାପରେ ଚାକିରି ନିମନ୍ତେ ସେମାନେ ଚୟନ ହେଲେ ନାହିଁ ବୋଲି କହିଥିଲେ। ସେମାନେ ଟଙ୍କା ଫେରସ୍ତ ମାଗିବାରୁ ତାହା ନ ଦେଇ ବିଭିନ୍ନ ବାହାନା ଦେଖାଇଥିଲେ। ଘରକୁ ଫେରିବା ପରେ ଘଟଣା ବାବଦରେ ପଚରାଉଚରା କରିବାରୁ ସେମାନେ ସମସ୍ତେ ଠକେଇର ଶିକାର ହୋଇଥିବାର ଜାଣିବାକୁ ପାଇଥିଲେ। ଅନେକ ଟଙ୍କା ଫେରସ୍ତ ମାଗିବାରୁ ଆଉ ଧରାଛୁଆଁ ଦେଇନଥିଲେ। ଯାହାକୁ ନେଇ ଠକେଇର ଶିକାର ୧୩ଜଣ ରରୁଆଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ଗଛକୁ ଧକ୍କା ଦେଇ ବାଇକ୍‌ଚାଳକ ମୃତ

ରାଇରଙ୍ଗପୁର,୨୫।୩(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଗଛକୁ ଧକ୍କା ଦେଇ ଜଣେ ବାଇକ ଚାଳକ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଉପରବେଡା ଗ୍ରାମର କାହ୍ନୁ ଚରଣ ଭୂୟାଁ। ସେ ଅନ୍ୟ ଜଣକ ସହ ବାଇକରେ ଘରକୁ ପ୍ରତ୍ୟାବର୍ତ୍ତନ କରିବା ବେଳେ ଅଘଟଣ ଘଟିଥିଲା। ଚହଳାପଦା ଗ୍ରାମ ନିକଟରେ ଏକ ଦ୍ରୁତଗାମୀ ବାଇକ ତାଙ୍କ ସମ୍ମୁଖକୁ ମାଡ଼ି ଆସିବାରୁ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ହେଉଥିବା ବେଳେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଅନ୍ୟ ଜଣେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

# ଦୁଷ୍କର୍ମ ଅଭିଯୋଗରେ ଜଣେ ଅଟକ

ବଡ଼ସାହି,୨୫।୩(ସମିସ): ବଡ଼ସାହି ଥାନା ଅଧୀନ ଦେଉଳିଆ ପଞ୍ଚାୟତ ଅଗାଶୋଳ ଗ୍ରାମରେ ଜଣେ ଭିନ୍ନକ୍ଷମ ଝିଅକୁ ଅସଦାଚରଣ କରିବା ସହିତ ବଳତ୍କାର କରାଯାଇଥିବାର ତାଙ୍କ ମା ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତା ଓ ଅଭିଯୁକ୍ତକୁ ଡାକ୍ତରୀମାଇନା କରିଛି। ଅଭିଯୁକ୍ତ ଏହି ଥାନା ଅଧୀନ ହଳଦୀପଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେଶ୍ରାଙ୍କୁ ଗିରଫ କରାଯାଇଥିବାବେଳେ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି। ଏ ସଂକ୍ରାନ୍ତରେ ପୁଲିସ ତଦନ୍ତ ଜାରି ରଖିଛି।

# ଠାକୁରମୁଣ୍ଡାକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ମହୁଲଡିହା,୨୫।୩(ସମିସ): ଠାକୁରମୁଣ୍ଡା ବ୍ଲକ୍ ତରାମରା ପଞ୍ଚାୟତ ବରାବିନ୍ଧା ରଞ୍ଜିତ ବେହେରା(୨୧) ଏବଂ ପତ୍ନୀ ମାମିନା ଅଗଷ୍ଟ ୨୦୨୫ ମସିହାରେ ଗୁଜୁରାଣ ମେଣ୍ଟାଇବା ପାଇଁ କର୍ଣ୍ଣାଟକ ରାଜ୍ୟ(କଲାର) ଜିଲ୍ଲାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଗୋଟିଏ କୁକୁଡ଼ା ଫାର୍ମରେ ପତିପତ୍ନୀ କାମ କରୁଥିଲେ। କୌଣସି ଘଟଣାକୁ ନେଇ ପତି ପତ୍ନୀ ମଧ୍ୟରେ ଝଗଡ଼ା ହେବା ପରେ ରଞ୍ଜିତ ସେଠାରେ ଆତ୍ମହତ୍ୟା କରିଥିଲେ। ଏ ନେଇ ୨୩ ତାରିଖ ରାତିରେ ଘରକୁ ଖବର ଆସିଥିଲା। ମୃତକଙ୍କ ପିତା ଅମର ବେହେରା ଖବର ପାଇ ବୋହୂ ମାମିନା ଏବଂ କୁକୁଡା ଫାର୍ମ ମାଲିକକୁ ଫୋନ କରି ଘଟଣା ଜାଣି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ୨୪ ତାରିଖ ଶବ ବ୍ୟବଚ୍ଛେଦ କରି ୨୫ ତାରିଖ ପ୍ରାୟ ସନ୍ଧ୍ୟା ୮ଟାରେ ତରାମରା ଗ୍ରାମରେ ପହଞ୍ଚିଥିଲା ମର ଶରୀର। ଖବର ପାଇ ଘଟଣା ସ୍ଥଳରେ ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ରଞ୍ଜିତ ବେହେରା ୨୦୨୫ ମସିହା ଜୁନ ମାସ ୧୮ ତାରିଖରେ ବିବାହ କରିଥିଲେ। ଅମର ବେହେରାଙ୍କ ୩ ପୁଅ ମଧ୍ୟରୁ ରଞ୍ଜିତ ବଡ଼ ଏବଂ ରୋଜଗାରିଆ ପୁଅ ଥିଲା। ରଞ୍ଜିତଙ୍କ ମୃତ୍ୟୁରେ ସପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି।

**● ପୋଲ ସାଜିଛି ମରଣଯନ୍ତା**

# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର



ରାସଗୋବିନ୍ଦପୁର,୨୫।୩(ସମିସ): ରାସଗୋବିନ୍ଦପୁର ବ୍ଲକ ନଳଗଜା ପଞ୍ଚାୟତରେ ମୁଖ୍ୟ ସଂଯୋଗୀ ରାସ୍ତାରେ ଥିବା ଏକ ପୋଲ ଏବେ ମରଣଯନ୍ତା ପାଲଟିଛି। ଏହି ପୋଲରେ ପୂର୍ବରୁ ଏଯାବତ୍ ପ୍ରାୟ ୧୫ଟି ମୋଟରସାଇକେଲ, ୩ଟି ବୋଲେରୋ ଓ ୨ଟି କାର ଦୁର୍ଘଟଣାର ସମ୍ମୁଖୀନ ହୋଇ ପୋଲ ତଳକୁ ଖସିପଡ଼ିଥିବା ଜାଣିବାକୁ ମିଳିଛି। ଆଜି ପୁନର୍ବାର ଏହି ପୋଲରେ ଏକ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ପୋଲ ଉପରେ ଆଗକୁ ରାସ୍ତା ସଠିକ୍ ଭାବେ ଦେଖିନପାରି ପୋଲ ତଳକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଦୁଇଜଣ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ ବୈସିଙ୍ଗା ଅଞ୍ଚଳର କୁସଦା ଗ୍ରାମର କମଳାକାନ୍ତ ନାଏକ (୩୫) ଓ ଅମର୍ଦା ଅଞ୍ଚଳର ପ୍ରହରାଜପୁର ଗ୍ରାମର ଶିବୁ ବେହେରା (୪୦) ବୋଲି ଚିହ୍ନଟ ହୋଇଛନ୍ତି। ଦୁଇଜଣଙ୍କୁ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଥିଲା। ପରେ ଡାକ୍ତରମାନେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସ୍ଥାନୀୟ ଲୋକମାନଙ୍କର ଅଭିଯୋଗ ଯେ, ପୋଲରେ ସୁରକ୍ଷା ବ୍ୟବସ୍ଥା ଓ ସଚେତନତା ସଙ୍କେତର ଅଭାବ ହେତୁ ଏପରି ଦୁର୍ଘଟଣା ଘଟୁଛି। ଏହା ପ୍ରତି ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।

# ନାବାଳିକା ହତ୍ୟା ଅଭିଯୁକ୍ତକୁ କଠୋର ଶାସ୍ତି ଦେବାକୁ ଦାବି




ବାରିପଦା,୨୫।୩(ସମିସ): ବହଳଦା, କରଞ୍ଜିଆ ନାବାଳିକା ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତ ମୂଳକ କଠୋରଶାସ୍ତି ଦେବା, ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା ତଥା ଶିଶୁକନ୍ୟା, ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ଆଜି ଛାତ୍ର ସଂଗଠନ ଏ ଆଇ ଡ଼ି ଏସ ଓ, ଯୁବ ସଂଗଠନ ଏ ଆଇ ଡ଼ି ୱାଇ ଓ, ମହିଳା ସଂଗଠନ ଏ ଆଇ ଏମ ଏସ ଏସ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ପ୍ରତିବାଦ ଦିବସର ଆହ୍ୱାନ କରିଥିବା ବେଳେ ଯଶିପୁର ଅଙ୍ଗାରପଦା, ଏକତାଳି, ବାରିପଦା ତଖତପୁର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ସାରା ଜିଲ୍ଲାରେ ଦୁର୍ବାର ଛାତ୍ର ଯୁବ ମହିଳା ଆନ୍ଦୋଳନ ଗଢ଼ି ଉଠିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟ କ୍ରମରେ ଛାତ୍ର ସଂଗଠନ ଏଆଇଡିଏସଓ ପକ୍ଷରୁ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର୍, ବାପୁନ୍ ବାନରା, ଯୁବ ସଂଗଠନ ଏଆଇଡିୱାଇଓ ପକ୍ଷରୁ ଜିଲ୍ଲା ସଭାପତି ଲଳିତ ମହାନ୍ତ, ମନୋଜ କୁମାର ମହାନ୍ତ, ସୁଶାନ୍ତ ମୁର୍ମୁ, ମହିଳା ସଂଗଠନ ଏଆଇଏମଏସଏସ ପକ୍ଷରୁ ଦ୍ରୌପଦୀ ମହାନ୍ତ ପ୍ରମୁଖ ସାମିଲ୍ ହୋଇଥିଲେ।

### ଚିଙ୍ଗୁଡ଼ି ଘେରି ଉଚ୍ଛେଦ ବେଳେ ବିରୋଧ

# 'ଘେରି ଭାଙ୍ଗିଲେ ବିଷ ପିଇଦେବୁ'

ରାଜନଗର,୨୫।୩(ସମିସ)



ଭିତରକନିକା ଅଞ୍ଚଳରୁ ଆଜି ବେଆଇନ ଚିଙ୍ଗୁଡ଼ି ଉଚ୍ଛେଦବେଳେ ବନବିଭାଗକୁ ଜୋରଦାର ବିରୋଧ କରାଯାଇଛି। ବନବିଭାଗ ଟିମ୍ ଘେରି ଭାଙ୍ଗିବାକୁ ପହଞ୍ଚିଥିବାବେଳେ ସେଠାରେ ମହିଳାମାନେ ପହଞ୍ଚି ଆମ ଜାଗା ଉପରେ ଆମେ ରହିବୁ, ଆପଣ ଆମକୁ ଏଠାରୁ ବାହାର କରି ପାରିବେ ନାହିଁ କି ଘେରି ଭାଙ୍ଗି ପାରିବେ ନାହିଁ କହି ବିରୋଧ କରିଥିଲେ। ଏପରିକି ଆପଣ ଘେରି ଭାଙ୍ଗିଲେ ଆମେ ବିଷ ପିଇଦେବୁ ବୋଲି ମହିଳାମାନେ କହିଥିଲେ। ମହିଳାମାନେ ବନବିଭାଗ ଟିମ୍ ନିକଟରେ ପହଞ୍ଚି ଘେରି ଭଙ୍ଗାକୁ ବିରୋଧ କରୁଥିବା ବେଳେ ଚିଙ୍ଗୁଡି ଚାଷୀ, ଫାଇନାନ୍ସର ଓ କିଛି ସ୍ଥାନୀୟ ନେତା ଘେରି ଭଙ୍ଗା ସ୍ଥାନର ୧୦୦/୧୫୦ ମିଟର ଦୂରରେ ଏକଜୁଟ ହୋଇ ରହିଥିଲେ। ଯୋଜନାବଦ୍ଧ ଭାବେ ଚିଙ୍ଗୁଡି ଘେରିମାଲିକଙ୍କ ବିରୋଧ ଫଳରେ ବନବିଭାଗ ପଛଘୁଞ୍ଚା ଦେବାକୁ ବାଧ ହୋଇଥିଲା। ଫଳରେ ଆଜି ଘେରି ଭାଙ୍ଗି ନପାରି ବନ ବିଭାଗ ଫେରିଥିଲା।

ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡ଼ି ଘେରି ପାଇଁ ନଷ୍ଟ ହେଉଛି। ସିଆର୍‌ଜେଡ୍ ଆଇନ ଅନୁସାରେ ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡ଼ି ଘେରି ରହିପାରିବ ନାହିଁ। ଇକୋ ସେନ୍‌ସିଟିଭ୍ ଜୋନ ଆଇନ, ସିଆର୍‌ଜେଡ୍ ଆଇନ, ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡ଼ି ଘେରି ଭାଙ୍ଗିବାକୁ ନିର୍ଦ୍ଦେଶ ରହିଛି। ଚଳିତ ମାସ ୨୦ ତାରିଖ ଦିନ ୧୨ ଜଣଙ୍କର ୨୦ଟି ଘେରି ଓ ୨୪ ତାରିଖ ଦିନ ୧୧ ଜଣଙ୍କର ୨୧ଟି ଚିଙ୍ଗୁଡ଼ି ଘେରି ବନ ବିଭାଗ ଉଚ୍ଛେଦ କରିଥିଲା। ଆଜି କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନବିଭାଗର ୫୦ ଜଣ କର୍ମଚାରୀଙ୍କ ସମେତ ୩୦ ଜଣ ଶ୍ରମିକ ଘେରି ଭାଙ୍ଗିବାକୁ ପଟାପାରିଆରେ ପହଞ୍ଚିଥିଲେ। ମାତ୍ର ବନବିଭାଗ ଟିମ୍ ପହଞ୍ଚିବା ପୂର୍ବରୁ ବିରୋଧ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ ମହିଳା ଓ ଚିଙ୍ଗୁଡ଼ି ଘେରି ମାଲିକ। ବିରୋଧ ଭିତରେ ବନବିଭାଗ ଟିମ୍ ଗୋଟିଏ ପମ୍ପ ଓ ୬ ଟି ଏରିଟର ଜବତ କରିଥିଲେ ମଧ୍ୟ ଗୋଟିଏ ବି ଘେରି ଭାଙ୍ଗିପାରିନଥିଲା। ବନବିଭାଗ ଟିମ ଦୀର୍ଘ ସମୟ ଧରି ସେଠାରେ ରହିଥିଲେ ମଧ୍ୟ ଜୋରଦାର ବିରୋଧ ଯୋଗୁଁ ବେଆଇନ ଘେରି ଉଚ୍ଛେଦ କରି ନପାରି ଫେରିଛି। ପଟାପାରିଆ ବାତ୍ୟା ଆଶ୍ରୟସ୍ଥଳରେ ଚିଙ୍ଗୁଡ଼ି ଚାଷୀ ଓ ଫାଇନାନ୍ସର ଏକାଠି ହୋଇ ଘେରିଭଙ୍ଗା କାର୍ଯ୍ୟକୁ ଜୋରଦାର ବିରୋଧ କରିବେ ବୋଲି କହିଛନ୍ତି।

## ଗହୀରମଥାରୁ ଟ୍ରଲର୍ ଜବତ; ୧୦ ଗିରଫ



ରାଜନଗର,୨୫।୩(ସମିସ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନବିଭାଗର ପାଟ୍ରୋଲିଂ ଟିମ ସୋନା ତାରିଣୀ-୨ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୧୦ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର କର୍ମଚାରୀ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ଗୋଟିଏ ଜିପିଏସ୍, ଗୋଟିଏ ଭିଏଚ୍‌ଏଫ୍, ୧୦ ଟି ଟ୍ରଲିଂ ନେଟ୍ ଓ ୪୫ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ଗୁରୁପଦ ପାତ୍ର, ଶିବଶଙ୍କର ପାତ୍ର, ଦୀପକ ମଣ୍ଡଳ, ସୁବାସ ଦାସ, ଶ୍ରୀକୃଷ୍ଣ ମଣ୍ଡଳ ଓ ଶ୍ରୀମନ୍ତ କୁମାର।

## ମା'ଜୟଦୁର୍ଗାଙ୍କ ପୀଠରେ ବାସନ୍ତୀ ଦୁର୍ଗା ପୂଜା

ରାଜନଗର,୨୫।୩(ସମିସ): ରାଜନଗର ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା'ଜୟଦୁର୍ଗାଙ୍କ ପୀଠରେ ମା'ବାସନ୍ତୀକ ଦୁର୍ଗାପୂଜା, ସପ୍ତଦିନ ବ୍ୟାପୀ ଭାଗବତ ମହୋତ୍ସବ ଆରମ୍ଭ ହୋଇଛି। ୨୫ ତାରିଖ ଦିନ ବିଲ୍ୱବରଣ, ମା'ଙ୍କ ତ୍ରିଦିନାତ୍ମକ ଚଣ୍ଡୀ ପାଠ ଓ ସପ୍ତମୀ ବିହିତ ପୂଜା ଆରମ୍ଭ ହୋଇଛି। ଆସନ୍ତାକାଲି ୨୬ ତାରିଖ ଦିନ ଅଷ୍ଟମୀ ପୂଜା ସହିତ ଚଣ୍ଡୀହବନ ପୂଜା ଅନୁଷ୍ଠିତ ହେବ। ୨୭ ତାରିଖ ଦିନ ଚଣ୍ଡୀପୁରଶ୍ଚରଣ, ୩୦ ତାରିଖ ଦିନ ଭାଗବତ ପରାୟଣ ନିମିତ୍ତ ବଳିଦାନ ମହାପର୍ବ, ୨ ତାରିଖ ଦିନ ଭାଗବତ ପୁନଶ୍ଚରଣ, ୩ ତାରିଖରେ ନିଶିପ୍ରହର ନାମ ସଂକୀର୍ତ୍ତନ ଓ ୬ ତାରିଖରେ ନଗରକୀର୍ତ୍ତନ ଓ ମହୋତ୍ସବ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଡାଙ୍ଗମାଳ ପଂଚାୟତର ବାଙ୍କୁଆଳ ଗାଁର ମା'ଜୟଦୁର୍ଗାଙ୍କ ପୀଠରେ ବାସନ୍ତୀ ଦୁର୍ଗାପୂଜା, ଭାଗବତ ପାରାୟଣ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଡାଙ୍ଗମାଳ, ଖମାରସାହି, କୃଷ୍ଣନଗର, ତାଳଚୁଆ, ରଙ୍ଗଣୀ, କେରୁଆଁପାଳ, ବାଘମାରୀ ପ୍ରଭୃତି ପଞ୍ଚାୟତର ଶ୍ରଦ୍ଧାଳୁଙ୍କ ସମେତ ରାଜନଗର ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଭିଡ ଜମାଉଛନ୍ତି। ମା'ଜୟଦୁର୍ଗା ପୂଜା କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ରାଜନଗର ବ୍ଲକ୍ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା



ରାଜନଗର,୨୫।୩(ସମିସ): ରାଜନଗର ବ୍ଲକ୍ ସମ୍ମୁଖରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଧାରଣାରେ ବସିଛନ୍ତି। କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୋଧରେ ଧାରଣାରେ ବସିଥିଲେ। ଭାଲିଡେସନ ଆକ୍ଟ-୨୦୨୫ ବାତିଲ କରିବା, ପେନସନ ରୁଲ୍ ଅପରିବର୍ତ୍ତିତ ରଖିବା ଦୁଇଟି ଦାବି ନେଇ ଅବସରପ୍ରାପ୍ତ କର୍ମଚାରୀ ଆଜି ଦିନ ୧୦ଟାରେ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଛନ୍ତି। ଏ ନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସଂଘର ସଭାପତି କୃପାସିନ୍ଧୁ ସାମଲ, ସମ୍ପାଦକ ବିଜୟ କୁମାର ଜେନାଙ୍କ ନେତୃତ୍ୱରେ ଲକ୍ଷ୍ମୀପ୍ରିୟା ପ୍ରଧାନ, ରଘୁନାଥ ପାଣି, ବିଷ୍ଣୁ ଚରଣ ରାଉତ, ଘନଶ୍ୟାମ ବଳ, କରୁଣାକର ନାୟକ, ଅଧିକାରୀ ସ୍ୱାଇଁ, ମହେଶ୍ୱର ନାୟକ, ରମାକାନ୍ତ ପ୍ରଧାନ, ଦାତଥରୀ ସୁତାର, ଗଣେଶ୍ୱର ନାୟକ, କ୍ଷୀରୋଦ କୁମାର ମଲ୍ଲିକ, ବିଜୟ କୁମାର ବେହେରା, ଅନାଦି ଚରଣ ଜେନା, ଅର୍ଜୁନ ଚରଣ ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତ, ସୀତାକାନ୍ତ ରାଉଳ, ବୀର କିଶୋର ଜେନା ପ୍ରମୁଖ ଶତାଧିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଧାରଣାରେ ବସିଥିଲେ।

## ହରି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଡେରାବିଶ,୨୫।୩(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମର ମା' ଜୟଚଣ୍ଡୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହରି ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ୨୪ଟି ଟିମ୍‌କୁ ନେଇ ଦୋହଲୀସ୍ଥିତ ବିବି ମଡେଲ୍ ହାଇସ୍କୁଲର ଖେଳ ପଡ଼ିଆରେ ହୋଇ ଆସୁଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ କଟକ ଜିଲ୍ଲା ବଡ଼କ୍ଷୀର ଗ୍ରାମର ବିଂଶଭୂଜା କ୍ରିକେଟ ଟିମ୍ ଓ କଟିକଟାର ଉତ୍କଳ ଯୁବ ପରିଷଦ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଂଶଭୂଜା କ୍ରିକେଟ୍ କ୍ଲବ, ଉତ୍କଳ ଯୁବ ପରିଷଦକୁ ହରାଇ ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାକୁ ବୈଷ୍ଣବ ଚରଣ ସ୍ୱାଇଁ ସଂଯୋଜନା କରିଥିବାବେଳେ ଅତିଥିଭାବେ ପ୍ରକୃତିବନ୍ଧୁ ଜେନାମଣି ବଳ, ମାନସ କୁମାର ଘଡ଼େଇ, ଯଶୋବନ୍ତ ନାରାୟଣ ପଣ୍ଡା, ବୈରାଗୀ ଚରଣ ପଣ୍ଡା, ଶିକ୍ଷକ ଉତ୍ତମ ସ୍ୱାଇଁ, ଆଇନଜୀବୀ ପ୍ରତାପ ଶତପଥି ପ୍ରମୁଖ ଯୋଗଦେଇ ବିଂଶଭୂଜା ଟିମ୍‌କୁ ଚମ୍ପିଆନ୍ ଟ୍ରଫି ଓ ଉତ୍କଳ ଯୁବ ପରିଷଦ ଟିମ୍‌କୁ ରନର୍ସ ଅପ୍ କପ୍ ପ୍ରଦାନ କରିଥିଲେ। ଏଥିସହିତ ଟୁର୍ଣ୍ଣାମେଣ୍ଟରେ ଶୃଙ୍ଖଳିତ ଓ ସୁନ୍ଦର ଖେଳ ପ୍ରଦର୍ଶନ ପାଇଁ ସାଲେପୁରର ବିବିଏଲ୍ କ୍ରିକେଟ୍ ଟିମ୍‌କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦୟନାଥ ସ୍ୱାଇଁ ଏବଂ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିଲେ। କେଦାର ଓଝା ଓ ରାମଚନ୍ଦ୍ର ବାରିକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ନିରଞ୍ଜନ ପତି ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ନରସିଂହପୁର ଗ୍ରାମର ଯୁବ ଖେଳାଳିମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



## ଯୋଗାଣ ବିଭାଗର ଚଢ଼ଉ; ୪ ସିଲିଣ୍ଡର ଜବତ



ରାଜକନିକ,୨୫।୩(ସମିସ): ଘରୋଇ ରନ୍ଧନ ଗ୍ୟାସ ସଙ୍କଟ ସମୟରେ ମୁନାଫାଖୋରମାନେ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନରେ ଯୋଗାଣ ବିଭାଗକୁ ଚକମା ଦେଇ ଘରୋଇ ଗ୍ୟାସ୍ ବ୍ୟବହାର କରୁଛନ୍ତି। ଏଭଳି ଖବର ଅଭିଯୋଗ ପରେ ଜିଲ୍ଲା ଯୋଗାଣ ବିଭାଗ ତତ୍ପରତା ଦେଖାଇଛି। ଦୁଇ ଦିନ ତଳେ ଚନ୍ଦନ ପୋଖରୀ ଛକ ନିକଟସ୍ଥ ହୋଟେଲ ଏ ମାର୍ଟ ରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଏହି ଟିମ୍ ୪ଟି ସିଲିଣ୍ଡର ଜବତ କରିଥିଲା। ତେବେ ଆଜି ମଧ୍ୟ ପଶ୍ଚିମ କନିକାର କଣ୍ଡିଆହାଟରେ ଥିବା ସିଦ୍ଧେଶ୍ୱର ମିଷ୍ଟାନ ଭଣ୍ଡାରରୁ ମଧ୍ୟ ବ୍ୟବହାର ହେଉଥିବା ୪ ଟି ସିଲିଣ୍ଡରକୁ ହେପାଜତକୁ ନେଇଛି ଚଢ଼ଉକାରୀ ଟିମ୍। ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରୀତମ୍ ଦାସ, ପ୍ରଦୀପ ଦାସ, ସହକାରୀ ଯୋଗାଣ ଅଧିକାରୀ ପୁନମ୍ ଦାସ ଓ ଯୋଗାଣ ଅଧିକାରୀ ଓମ୍ ବିଭୁପ୍ରୀତମ୍ କର ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଘରୋଇ ଗ୍ୟାସ୍ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଚୋରା କାରବାର ଓ ମହଜୁଦ ରଖିବା ଅପରାଧରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଭଳି ଚଢ଼ଉ ଜାରି ରହିଛି। ଆହୁରି ବହୁ ବ୍ୟବସାୟ ପ୍ରତିଷ୍ଠାନରେ ଆଜି ବି ଘରୋଇ ଗ୍ୟାସ୍ ବ୍ୟବହାର ହେଉଛି ବୋଲି ଅଭିଯୋଗ ହୋଇଛି। ଆଜିର ଚଢ଼ଉରେ ସେମାନଙ୍କ ମଧ୍ୟରେ କୋକୁଆଭୟ ଖେଳିଯାଇଛି।

## ୪୭ ଅଭିଯୋଗର ଶୁଣାଣି କଲା ପ୍ରଶାସନ



ପଞ୍ଚୁପାଣ୍ଡବ,୨୫।୩(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ରଶ୍ମୀ ଦେବୀ, ସିଡିପିଓ ହରପ୍ରିୟା ଦେବୀ, ଭତ୍ତା ବିଭାଗର କର୍ମଚାରୀ ମନସ୍ମିତା ସାହୁ, ଯୋଗାଣ ବିଭାଗ କର୍ମଚାରୀ ସୌଭାଗ୍ୟ ରାଉତ, ପାନୀୟଜଳ ଯୋଗାଣ ବିଭାଗ ଅଧିକାରୀ ବିଭୁଦତ୍ତ ଦାସ, ପିଇଓ ଗୋବିନ୍ଦ ଚନ୍ଦ୍ର ସାହୁ ଏବଂ ଛୋଟି କ୍ଲଷ୍ଟର ସିଆର୍‌ସିସି ତ୍ରିଲୋଚନ ମଲ୍ଲିକ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୪୭ ଅଭିଯୋଗରୁ ୬ ଟି ସାମୂହିକ ଥିବାବେଳେ ଅବଶିଷ୍ଟ ରାସନ୍ କାର୍ଡ, ପାଇଖାନା, ଭତ୍ତା, ଆବାସ ଯୋଜନାରୁ ଗୃହ ଏବଂ ସୁଭଦ୍ରାରୁ ବଞ୍ଚିତ ମହିଳା ଅଭିଯୋଗ କରିଥିଲେ। ଏଥି ମଧ୍ୟରୁ ବେଣୀପୁର ପ୍ରାଥମିକ ବିଦ୍ୟାଳୟରେ ୧୪୦ ଛାତ୍ରଛାତ୍ରୀ ପାଠ ପଢୁ ଥିବାବେଳେ ବସିବା ପାଇଁ ଡେସ୍କ ବେଞ୍ଚ ନଥିବାରୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ଏ ବାବଦରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ଜେନା ଓ ପରିଚାଳନାର କମିଟିର ସଭାପତି ପ୍ରଦୀପ କେଶରୀ ସାମଲ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସରପଞ୍ଚ ମୋହନ ଚରଣ ସାହୁ, ସମିତି ସଭ୍ୟା କବିତା ସେଠୀ ଉପସ୍ଥିତ ଥିବା ବେଳେ ବ୍ଲକ୍ କର୍ମଚାରୀ ତାପସ ରଞ୍ଜନ ଜେନା, ନିରଞ୍ଜନ ବାରିକ, ଅନୀଲ କୁମାର ସେଠୀ ଏବଂ ଏଡିଓ ଜିତେନ୍ଦ୍ର ନାଥ ମହାପାତ୍ର ସହଯୋଗ କରିଥିଲେ।

## ହସ୍ତଶିଳ୍ପ ବିଭାଗର ଟେରାକୋଟା ତାଲିମ ଶିବିର



ରାଜନଗର,୨୫।୩(ସମିସ): ରାଜନଗର ବ୍ଲକ୍ କେରଡ଼ାଗଡ଼ ଗ୍ରାମରେ ଟେରାକୋଟା ହସ୍ତଶିଳ୍ପ ପ୍ରଶିକ୍ଷଣ ଶିବିର ବୁଧବାର କେରଡ଼ାଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ହସ୍ତଶୀଳ୍ପ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ସହଯୋଗରେ ୧୫ ଜଣ ମହିଳା ଏବଂ ପୁରୁଷ ନାଲି ରଙ୍ଗର ମାଟିପାତ୍ର, ଘରସଜା ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଉଛନ୍ତି। ୬ ମାସ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି କ୍ଷ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ତଶିଳ୍ପ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, କେରଡ଼ାଗଡ଼ ସରପଞ୍ଚ ତାପସ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସଙ୍ଘ ସମ୍ପାଦକ ତଥା ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ହସ୍ତଶୀଳ୍ପ ବିକାଶ ଅଧିକାରୀ ସତ୍ୟଜିତ ସାହୁ, ଅନ୍ୟତମ ହସ୍ତଶିଳ୍ପ ବିକାଶ ଅଧିକାରୀ ଦିନେଶ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ କ୍ଷ ଶିବିରର ପ୍ରଶିକ୍ଷକ ତଥା ନିପୁଣ ହସ୍ତଶିଳ୍ପୀ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ଭାବେ ଉପସ୍ଥାପନ କରିଥିଲେ। କେରଡ଼ଗଡ଼ର ସମାଜସେବୀ ମନମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଟରାଚକଡ଼ା ମା'ବାସନ୍ତୀଙ୍କ ପୀଠରେ ମହାଷ୍ଟମୀ ପୂଜା

ଡେରାବିଶ,୨୫।୩(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ାଠାରେ ଥିବା ମା' ବାସନ୍ତୀଙ୍କ ପୀଠରେ ବୁଧବାର ଥିଲା ମହାଷ୍ଟମୀ ପୂଜା। ଏହି ପୂଜାରେ ବଳି ପର୍ବ ପାଇଁ ସନ୍ଧ୍ୟାରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଚୈତ୍ରମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଅବସରରେ ମଙ୍ଗଳବାର ଠାରୁ ପୀଠରେ ମା' ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଡେରାବିଶ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ଏହି ପୀଠରେ ଆଜି ଅଷ୍ଟମୀ ତିଥି ଅବସରରେ ବ୍ଲକ୍ ଅଧୀନ ଚାଟରାଚକଡ଼ା ସମେତ ୮ଟି ପଞ୍ଚାୟତର ପ୍ରତ୍ୟେକ ପରିବାରରେ ବ୍ରତଧାରୀମାନେ ଉପବାସ କରିଥିଲେ। ମା'ଙ୍କ ନିକଟରେ ଏହି ପଂଚାୟତ ଗୁଡିକର ଗ୍ରାମମାନଙ୍କରୁ ଆସିଥିବା ହଜାର ହଜାର ସଂଖ୍ୟାରେ ପଣାହାଣ୍ଡି ନୈବେଦ୍ୟ ହେବାପରେ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଏହି ପୀଠରେ ବଳି ପରମ୍ପରା ବହୁ ପ୍ରାଚୀନ। ପୂର୍ବରୁ ମାନସିକଧାରୀମାନେ ସେମାନଙ୍କର ମାନସିକ ପୂରଣ ହେବାପରେ ଅଷ୍ଟମୀ ତିଥିରେ ମା'ଙ୍କ ନିକଟରେ ଶତାଧିକ ବୋଦା ବଳି ଦେଉଥିଲେ। ତେବେ ବୁଦ୍ଧିଜୀବୀମାନଙ୍କ ହସ୍ତକ୍ଷେପ ଫଳରେ ୧୯୮୫ ମସିହାରୁ ବୋଦାବଳି ପରିବର୍ତ୍ତେ ପ୍ରତୀକାତ୍ମକ ଭାବେ ଗୋଟିଏ ବୋଦାର କାନରୁ ଟିକିଏ ରକ୍ତ ସଂଗ୍ରହ କରାଯାଇ ମା'ଙ୍କ ନିକଟରେ ଅର୍ପଣ କରାଯାଏ। ଏଥିସହିତ ପାଣିକଖାରୁ ବଳି ଦିଆଯାଇଥାଏ। ଏହି ବଳିପର୍ବର ଦୃଶ୍ୟ ଅତି ଆକର୍ଷଣୀୟ ଥିଲା। ପରମ୍ପରା ଅନୁଯାୟୀ ବଳି ଦେଉଥିବା ବ୍ୟକ୍ତି ଶଶିକାନ୍ତ ରଣା ଏଥିପାଇଁ ଷଷ୍ଠୀ ତିଥିଠାରୁ ହବିସାଅନ୍ନ ସେବନ କରିବା ସହ ଅତି ନିଷ୍ଠାର ସହ ଅଷ୍ଟମୀ ତିଥିରେ ମା'ଙ୍କ ନିକଟରେ ବଳି ଦେବାପାଇଁ ଅଧିଆ ପଡ଼ିଥାନ୍ତି। ବଳିପର୍ବ ପରେ ପଣାହାଣ୍ଡି ଭୋଗ ନେବାପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା ଏଥି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭଜନ ସଂଧ୍ୟା ଓ ଅପେରା ପ୍ରଦର୍ଶନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତାପମାତ୍ରାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଛତାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମଙ୍ଗଳବାର ଠାରୁ ଜଳଛତ୍ର କେନ୍ଦ୍ର ଖୋଲି ଶ୍ରଦ୍ଧାଳୁଙ୍କୁ ଜଳଦାନ କରୁଥିବା ଦେଖିବାକୁ ମିଳିଛି। ଡେରାବିଶ ଥାନା ପକ୍ଷରୁ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ ରହିଥିଲେ। ପୂଜା ଉତ୍ସବକୁ କମିଟି ପକ୍ଷରୁ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ସହ-ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, କୋଷାଧ୍ୟକ୍ଷ ଅରଜିତ ମିଶ୍ର, ଜୟନ୍ତ ବଳ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସଦସ୍ୟମାନେ ଏହି ପୂଜାକୁ ପରିଚାଳନା କରୁଛନ୍ତି।

## ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



ମାର୍ଶାଘାଇ, ୨୫।୩(ସମିସ): ମାର୍ଶାଘାଇ ବ୍ଲକ ସଭାଗୃହବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରାଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଅତିରିକ୍ତ ବିଡିଓ ଇତିଶ୍ରୀ ପଣ୍ଡା, ଜିଲ୍ଲା ସଂଯୋଜକ ପ୍ରାଚୀ ସାହୁ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ ବେଉରା, ଏପିଓ ପ୍ରଭାସିନୀ ସାହୁ, ସୁଜାତା ସାମନ୍ତରାୟ, ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତଥିଲେ। ସରକାରଙ୍କ ତରଫରୁ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟ ପାଁଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆର ଇଜିଏସ) ଏବଂ ସମଗ୍ର ଶିକ୍ଷା ଅଭିଯାନରେ ବ୍ୟୟବରାଦ ଅର୍ଥ ସହ କାର୍ଯ୍ୟ ତ୍ୱରାନ୍ୱିତ ପାଁଇ ଆର୍ଥିକ ବର୍ଷ ଗୁଡିକରେ ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା କରାଯିବାର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ମାର୍ଶାଘାଇ ବ୍ଲକ ରାଜୀବଗାନ୍ଧୀ ସଭା ଗୃହ ପରିସରରେ ୨୦୨୫ -୨୬ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା କରାଯାଇଥିଲା। ମାର୍ଶାଘାଇ ପଞ୍ଚାୟତ ସମିତି ବିଆରପି ଅରବିନ୍ଦ ଦାସ ଯୋଗ ଦେଇଥିଲେ। ଏହି ଶିବିରରେ ପ୍ରଭାତୀ ଜେନା, ମଧୁସ୍ମିତା ପରିଡ଼ା, ତୃପ୍ତିମୟୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଧୋୟାଞ୍ଚଳରେ ନାହିଁ ଆମ୍ବୁଲାନ୍ସ ସେବା; ଦୁର୍ଦ୍ଦଶାରେ ରୋଗୀ

ପଟ୍ଟାମୁଣ୍ଡାଇ,୨୫।୩(ସମିସ)





କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଲୁରିଆ ପେଣ୍ଟପାଳ, ସିଂହଗାଁ ତରଡ଼ିପାଳ ଓ ଅଳପୁଆ ଆଦି ୭ଟି ବନ୍ୟା ବିପନ୍ନ ପଞ୍ଚାୟତରେ ଆମ୍ବୁଲାନ୍ସ ସେବା ମିଳିପାରୁନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତଗୁଡ଼ିକ ବ୍ରାହ୍ମଣୀ ଓ କାଣୀନଦୀ ବନ୍ୟାରେ ବିଶେଷ ଭାବେ ପ୍ରଭାବିତ ହୋଇ ମାସ ମାସ ଧରି ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ଫଳରେ ଲୋକମାନେ ନାହିଁ ନଥିବା ଦୁର୍ଦଶା ଭୋଗ କରିଥାନ୍ତି। ଧୋୟାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ୧୯୭୧ ମସିହାରେ ପ୍ରଥମେ ଅଣ୍ଡରା ପରେ ପରେ ଅଳପୁଆ, ତୁଳସୀଡ଼ିଆ ଠାରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିଥିଲେ ଓ ଏହି ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ରୋଗୀ ସଂଖ୍ୟା ଦୃଷ୍ଟିରୁ ଅଧିକ ଡାକ୍ତର ନିଯୁକ୍ତିର ଆବଶ୍ୟକତା ରହିଛି। ଆମ୍ବୁଲାନ୍ସ ସେବା ନଥିବାରୁ ଗୁରୁତର ରୋଗୀ ବିଶେଷ କରି ପ୍ରସୂତି ଓ ଦୁର୍ଘଟଣାରେ ଶିକାର ହେଉଥିବା ରୋଗୀଙ୍କୁ ତତ୍କାଳ ଚିକିତ୍ସା ପାଇଁ ହସ୍ପିଟାଲ ନେବା କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି। ଦୀର୍ଘଦିନ ହେବ ଅଞ୍ଚଳବାସୀ କେନ୍ଦ୍ରାପଡ଼ା ସାଂସଦ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଆମ୍ବୁଲାନ୍ସ ଉପଲବ୍ଧ ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରୁ ଅଣ୍ଡରା ୧୪ କିମି ଓ ଅଳପୁଆ ହାରାହାରି ୨୦ କିମି ହୋଇ ଥିବାରୁ ଗୁରୁତର ରୋଗୀଙ୍କୁ ଠିକଣା ସମୟରେ ସେବା ପ୍ରଦାନ ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ସପ୍ତାହରେ ମାତ୍ର ୨/୩ ଦିନ ଡାକ୍ତର ଆସୁଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଫାର୍ମାସିଷ୍ଟଙ୍କ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଡାକ୍ତରଙ୍କ ରହିବା ପାଇଁ ସରକାର ଅଣ୍ଡରାରେ କ୍ୱାର୍ଟର୍ସ ନିର୍ମାଣ କରିଥିବା ବେଳେ କୌଣସି ଡାକ୍ତର ରାତିରେ ରହୁନଥିବାରୁ ରୋଗୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିପାରୁନାହିଁ। ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟହ ୨ଶହରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ଅଳପୁଆ ଓ ତୁଳସୀଡିଆ ଡାକ୍ତରଖାନା ଉପରେ ଏକାଧିକ ଗାଁର ଲୋକମାନେ ନିର୍ଭର କରୁଛନ୍ତି। ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଚିର ବନ୍ୟା ପୀଡ଼ିତ ଧୋୟାଞ୍ଚଳ ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ବ୍ଲକ୍ ପ୍ରାକ୍ତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ସମାଜସେବୀ ଗଗନ ମହାଳିକ, ବଲୁରିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ, ତରଡ଼ିପାଳ ପଞ୍ଚାୟତ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ, ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପେଣ୍ଟପାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ କୈଳାସ ସେଠୀ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ଯୁବନେତା ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨୫/୩/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୦,୨୭୮/- ସୁନା: ୦୦.୦୦୦ ଗ୍ରାମ୍ ରୂପା: ୦୦.୦୦୦ ଗ୍ରାମ୍





### ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ଆରମ୍ଭ

## ମା'ଙ୍କ ଆଶିଷ ନେଲେ ପ୍ରାଧିକୃତ ସଦସ୍ୟ

ପୁରୀ,୨୫।୩(ସମିସ)

ଦୀର୍ଘ ୪୮ ବର୍ଷ ପରେ ପୂର୍ବ ନିର୍ଦ୍ଧାରିତ ତାରିଖ ଏବଂ ଶୁଭ ମୁହୂର୍ତ୍ତ ଅନୁସାରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରରେ ଥିବା ସବୁ ଅଳଙ୍କାରର ଗଣତିମଣତି ସମ୍ପୂର୍ଣ୍ଣ ହୋଇଛି। କେବଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଅଳଙ୍କାର ବାକି ରହିଛି। ପ୍ରାୟ ୬ ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଏହି ପ୍ରକ୍ରିୟା ଚାଲିଥିଲା ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଏସ୍‌ଓପି ଅନୁଯାୟୀ, ଗଣତିମଣତି ଲାଗି ଗଠିତ ଦୁଇଟି ଟିମ୍‌ର ସଦସ୍ୟମାନେ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଏମାନଙ୍କ ସହିତ ଅନ୍ୟ ଯେଉଁମାନେ ବୈଷୟିକ ସହାୟତା ଏବଂ ଅନ୍ୟାନ୍ୟ କାମ ପାଇଁ ଅଧିକୃତ ଥିଲେ ସେମାନେ ମଧ ତାଙ୍କ ସାଜ ସରଞ୍ଜାମ ସହ ମନ୍ଦିରକୁ ପ୍ରବେଶ କରିଥିଲେ। ପୂର୍ବ ନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତ ଠିକ୍ ମଧ୍ୟାହ୍ନ ୧୨ଟା ୯ ମିନିଟ୍‌ରେ ସମସ୍ତ ଅଧିକୃତ ସଦସ୍ୟ ଏହି ଗଣତିମଣତି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସନ୍ଧ୍ୟା ୬ଟା ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୬ ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଚାଲିଥିଲା। ଗଣତିମଣତି କାର୍ଯ୍ୟକୁ ଯିବା ପୂର୍ବରୁ ସମସ୍ତ ପ୍ରାଧିକୃତ ସଦସ୍ୟଙ୍କୁ ମୁଖ୍ୟ ପ୍ରଶାସକ ଗଣତି ପ୍ରକ୍ରିୟା ନିୟମ ପ୍ରକାରେ ଶୃଙ୍ଖଳାର ସହ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟ ବୃନ୍ଦଙ୍କ ସହ ମା' ବିମଳା, ମା' ଭୁବନେଶ୍ୱରୀ ଶେଷରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ ଆଶିଷ ନେଇଥିଲେ। ଏହାପରେ ବେହେରଣ ଦ୍ୱାର ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାର ଯାଞ୍ଚ୍ ପୂର୍ବକ ଗଣତି ପ୍ରକ୍ରିୟାରେ ସାମିଲ୍ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ।




**ଗୋପନୀୟତା ରକ୍ଷା ପାଇଁ ଦେଲେ ଘୋଷଣାନାମା**

ରତ୍ନଭଣ୍ଡାର ଅଳଙ୍କାର ଆଦିର ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟମାନେ ପୂର୍ବାହ୍ଣରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ପୂର୍ବକ ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷା ପାଇଁ ଘୋଷଣାନାମା ଦେଇଥିଲେ। ଏହାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ରତ୍ନଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ୍ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

**ପରିଧାନ କଲେ ପାରମ୍ପରିକ ପୋଷାକ**

ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ଏହାପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ପ୍ରାଧିକୃତ ସଦସ୍ୟ ବୃନ୍ଦଙ୍କୁ ରତ୍ନଭଣ୍ଡାର ଭିତରକୁ ପ୍ରବେଶ ପୂର୍ବରୁ କୌଣସି ଧାତବ ଜିନିଷ ନିଜ ପାଖରେ ଥିଲେ ତାହାକୁ ବାହାରେ ରଖିବାକୁ ପୁନଃ ପରାମର୍ଶ ଦେଇଥିଲେ। ପରମ୍ପରା ମୁତାବକ କାର୍ଯ୍ୟ କରିବାକୁ ସତର୍କ କରାଇଥିଲେ।

**ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟ ପ୍ରଶାସକ**

ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ବନ୍ଦ ସହ ମୁଦ ଦିଆଯାଇଥିଲା। ଏହି ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଥିଲା। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସମସ୍ତ ସେବକ, ନିୟୋଜିତ ଅଧିକାରୀ ବ୍ୟକ୍ତିବିଶେଷ ତଥା ଭକ୍ତମାନଙ୍କର ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

### ● ପଞ୍ଚମ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା

## ଓଏଚ୍‌ଆର୍‌ସିଙ୍କୁ ଫେରାଦ ହେଲା ସଚେତନ ନାଗରିକ ମଞ୍ଚ

ପୁରୀ,୨୫।୩(ସମିସ): ଗତ ୨୦ ତାରିଖରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଥିଲା। ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ପୀଡ଼ିତା ଛାତ୍ରୀ ପରିବାର ଲୋକଙ୍କୁ କହିବା ପରେ ପରିବାର ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରାଯାଇଥିଲା। ଏହି ଘଟଣା ଯେପରି ପ୍ରଘଟ ନ ହେବ ସେଥିଲାଗି ସୁଚିନ୍ତିତ ଯୋଜନା କରାଯାଇ ଏହାକୁ ଚାପି ଦିଆଯିବାକୁ ଉଦ୍ୟମ ହୋଇଥିଲେ ମଧ ପରବର୍ତ୍ତୀ ସମୟରେ ଏହା ପଦାକୁ ଆସିଥିଲା। ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଅଧକ୍ଷଙ୍କୁ ଫେରାଦ୍ ହୋଇଛି ସଚେତନ ନାଗରିକ ମଞ୍ଚ। ବୁଧବାର ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ପୀଡ଼ିତାଙ୍କୁ କ୍ଷତିପୂରଣ ଏବଂ ଅଭିଯୁକ୍ତ ଶିକ୍ଷକଙ୍କ ଗିରଫ ଆଦି ୪ ଦଫା ଦାବିପତ୍ର ଓଏଚ୍‌ଆର୍‌ସିଙ୍କୁ ପଠାଇଛନ୍ତି। ସେ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଏହି ଘଟଣା ଲୋକଲୋଚନକୁ ନ ଆସିବା ପାଇଁ ଗାଁ କମିଟି ଓ ବିଦ୍ୟାଳୟ କମିଟି ଅଭିଯୁକ୍ତ ଶିକ୍ଷକଙ୍କୁ ସୁରକ୍ଷା ପାଇଁ ଆପୋଷ ସମାଧାନ କରିବାକୁ ଚେଷ୍ଟା କରିବା ଅତ୍ୟନ୍ତ ନିନ୍ଦନୀୟ। ଏପରି ଏକ ସ୍ପର୍ଶକାତର ଘୃଣ୍ୟ ଘଟଣା ଘଟାଇଥିବା ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତାଙ୍କୁ ଗିରଫ କରିବା ସହିତ ଚାକିରିରୁ ବହିଷ୍କାର କରାଯାଉ। ସେହିପରି ଘଟଣାକୁ ଚାପି ଦେବା ପାଇଁ ଚେଷ୍ଟା କରିଥିବା ଗାଁ କମିଟି, ବିଦ୍ୟାଳୟ କମିଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପୀଡ଼ିତ ପରିବାରକୁ ଆଇନ ଅନୁସାରେ କ୍ଷତିପୂରଣ ପ୍ରଦାନ ଏବଂ ଏହାର ତଦନ୍ତ କରି ସବିଶେଷ ତଥ୍ୟ ଆୟୋଗଙ୍କ ନିକଟରେ ଦାଖଲ କରିବା ପାଇଁ ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ମଞ୍ଚ ସଭାପତି ଶ୍ରୀ ଦାଶ ଅନୁରୋଧ କରିଛନ୍ତି।

**ପୀଡ଼ିତାଙ୍କୁ କ୍ଷତିପୂରଣ, ଅଭିଯୁକ୍ତ ଶିକ୍ଷକଙ୍କ ଗିରଫ ଦାବି**

## ସଦାଶିବ ପରିସରରେ ଚାରୁକଳା କର୍ମଶାଳା ଉଦ୍‌ଯାପିତ

ପୁରୀ,୨୫।୩(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପକ୍ଷରୁ 'ସମର୍ଥ ନାରୀ: ସମୃଦ୍ଧ ଭାରତ' ଯୋଜନା ଅନ୍ତର୍ଗତ ଆୟୋଜିତ ପାଞ୍ଚଦିନିଆ ଚାରୁକଳା କର୍ମଶାଳା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଜୟଦେବ ସଭାଗାରଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଯୋଗଦେଇଥିଲେ। ସେହିପରି ସହଯୋଗୀ ଆଚାର୍ଯ୍ୟା ଡ. ନିବେଦିତା କର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧକ୍ଷ ପ୍ରଫେସର ମହାପାତ୍ର ନିଜ ଅଭିଭାଷଣରେ ସଂସ୍କୃତ ଶିକ୍ଷା ସହିତ ଚାରୁକଳାର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ବିକାଶିନୀ ଗୁମାନସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ସହଯୋଗୀ ଆଚାର୍ଯ୍ୟା ଡ. ସାଗରିକା ନନ୍ଦ ଏକ ଭିଡିଓ ପ୍ରେଜେଣ୍ଟେସନ ମାଧ୍ୟମରେ କର୍ମଶାଳାର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଡ. ଶର୍ମିଷ୍ଠା ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଡ. ରଶ୍ମି ମିଶ୍ର ଓ ଡ. ରାଜଶ୍ରୀ ପାଢ଼ୀ ବିଭିନ୍ନ ପର୍ଯ୍ୟାୟରେ ସହଯୋଗ କରିଥିଲେ। ଶେଷରେ ଡ. ମଉ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ଅଧ୍ୟାୟୀମାନଙ୍କ ଦ୍ୱାରା କୁଳଗୀତ ଓ ମଙ୍ଗଳାଚରଣରୁ ଆରମ୍ଭ ହୋଇ ରାଷ୍ଟ୍ରଗାନ ସହ ସମ୍ପନ୍ନ ହୋଇଥିଲା।

## ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପଦଯାତ୍ରା

ପୁରୀ,୨୫।୩(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ଏକ ପଦଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ସେଠୀ ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଆଦର୍ଶ, ଚରିତ୍ର ଓ ସାହସ ଚିର ବନ୍ଦନୀୟ ବୋଲି କହିଥିଲେ। ଦେଶକୁ ସ୍ୱାଧୀନତା କରିବା ସହ ରାଜାରାଜୁଡ଼ା ଓ ଜମିଦାରଙ୍କୁ ବୁଝାଇ ସେହି ରାଜ୍ୟଗୁଡ଼ିକୁ ଦେଶରେ ସାମିଲ କରି ଏକ ଦୃଢ଼, ସାର୍ବଭୌମ ରାଷ୍ଟ୍ର ଗଠନରେ ସର୍ଦ୍ଦାରଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରିପାରିଲେ ଆମ ରାଷ୍ଟ୍ର ସମୃଦ୍ଧ ଓ ବିକଶିତ ହୋଇପାରିବ ବୋଲି ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଖୋଖୋ ଖେଳର ଜାତୀୟ କୋଚ୍ ସଞ୍ଜୀବ ଶର୍ମା, କୋଚ୍ ପାର୍ଥସାରଥୀ ମହାପାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ।

## ସନ୍‌ସାଇନ୍ କିଡ୍ସ ପ୍ଲେ ସ୍କୁଲ୍‌ର ବାର୍ଷିକ ଉତ୍ସବ

ପୁରୀ,୨୫।୩(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ 'ସନ୍‌ସାଇନ୍ କିଡ୍ସ ପ୍ଲେ ସ୍କୁଲ୍'ର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ରଞ୍ଜିତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ ମିଶ୍ର, ନାଟ୍ୟକାର ଦୟାନିଧି ତ୍ରିପାଠୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ଗବେଷଣା ନିର୍ଦ୍ଦେଶକ ଡ. ନିରଞ୍ଜନ କର ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ରହି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷା ଓ ନୀତିଶିକ୍ଷାର ପ୍ରଚଳନ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷତଃ ଇଂରାଜୀ ଶିକ୍ଷାଦାନ ସହ ମାତୃଭାଷାର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଏହି ସଭାରେ ସ୍କୁଲର ୟୁକେଜି ଶ୍ରେଣୀର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଚଳିତ ବର୍ଷ ୟୁକେଜିର ଛାତ୍ରୀ ସୋନାଲିନ୍ ରାୟଙ୍କୁ ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। ସୁଲୋଚନା ଭୋଇ, ବନ୍ଦିତା ମହାନ୍ତି, ସୋନାଲି ନାୟକ, ଦେବଦତ୍ତ ପ୍ରଧାନ, ଦୁର୍ଗାପ୍ରସାଦ ମହାପାତ୍ର, ସବିତା ମହାନ୍ତି, ମୃତ୍ୟୁଞ୍ଜୟ ବାରିକ ପ୍ରମୁଖଙ୍କ ପରିଚାଳନାରେ ଛାତ୍ରଛାତ୍ରୀ ଓ ଅଭିଭାବକ ଏବଂ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସସ୍ମିତା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ଦିପ୍ତୀମୟୀ ପାଣି, ପିଙ୍କି ସାହୁ, ନମିତା ମିଶ୍ର, ମାନସ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସେନାଲି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




### ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

## 'ପେନ୍‌ସନ୍ ସରକାରଙ୍କ ଦୟା ନୁହେଁ; ଆମ ଅଧିକାର'



ପୁରୀ,୨୫।୩(ସମିସ): ଜିଲ୍ଲା ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ବୁଧବାର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧକ୍ଷତାରେ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ପେନ୍‌ସନ୍ ଭୋଗୀମାନଙ୍କ ପ୍ରତି ଭାଲିଡେସନ ଆକ୍ଟ ୨୦୨୫ରେ ହୋଇଥିବା ଅବିଚାର ବିରୋଧରେ ପ୍ରତିବାଦ କରାଯାଇ ବୁଧବାରକୁ କଳା ଦିବସ ରୂପେ ଅଭିହିତ କରାଯାଇଥିଲା। କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚ ୨୫ ତାରିଖରେ ସଂସଦରେ ଫାଇନାନ୍ସ ବିଲ୍ ୨୦୨୫ର ଅଂଶ ଭାବେ ପେନ୍‌ସନ୍ ଭାଲିଡେସନ୍ ଆକ୍ଟ ପାସ୍ କରିବା ଦ୍ୱାରା ଚଳିତ ବର୍ଷ ଜାନୁଆରୀ ୧ ପୂର୍ବର ପେନ୍‌ସନ୍ ଭୋଗୀମାନେ ୮ମ ବେତନ କମିସନର ସମସ୍ତ ଆର୍ଥିକ ସୁବିଧାସୁଯୋଗ ହରାଇବା ସହିତ ପେନ୍‌ସନ୍ ସରକାରଙ୍କ ଦୟା ନୁହେଁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଥିବା କଳା ଆଇନ ଅଗଣତାନ୍ତ୍ରିକ ଓ ଦୁର୍ଭାଗ୍ୟଜନକ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଅଭିଯୋଗ କରିବା ସହିତ ପ୍ରତ୍ୟାହାର ଦାବି କରିଛନ୍ତି। ଏତଦ୍‌ବ୍ୟତୀତ ଏହି କଳା ଆଇନ ଦ୍ୱାରା ରାଜ୍ୟର ୩ ଲକ୍ଷରୁ ଅଧିକ ପେନ୍‌ସନ୍ ଭୋଗୀ କ୍ଷତିଗ୍ରସ୍ତ ହେବେ ଓ ସେମାନଙ୍କ ପେନ୍‌ସନ୍ ସମୀକରଣ ହେବନାହିଁ। ସର୍ବଭାରତୀୟ ରାଜ୍ୟ ପେନ୍‌ସନର୍ସ ଫେଡେରେସନ ଓ ରାଜ୍ୟ ସେବାନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ନିଷ୍ପତ୍ତି କ୍ରମେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ପେନ୍‌ସନ୍ ବିରୋଧ ଭାଲିଡେସନ୍ ଆକ୍ଟ ପ୍ରତ୍ୟାହାର ନିମନ୍ତେ ଜିଲ୍ଲାପାଳଙ୍କ ମାଧ୍ୟମରେ ଆବେଦନ ପତ୍ର ପ୍ରଦାନ କରାଯାଇଥିଲା।

ବୈଠକରେ ସମସ୍ତ ସଭ୍ୟସଭ୍ୟା କଳା ବ୍ୟାଜ୍ ପିନ୍ଧି ଉକ୍ତ କଳା ଆଇନକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏଥିରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ଉପସଭାପତି ଦର୍ପେନ୍ଦ୍ର ନାରାୟଣ ଦାସ ଓ କୋଷାଧକ୍ଷ କିଶୋର ଚନ୍ଦ୍ର ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ପ୍ରଫେସର ମିନତି ଓତା, ଆଶାଲତା ପ୍ରଧାନ, ରମେଶ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ନାଥ ଦାସ, ବିଜୟ ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁ, ରମେଶ ଚନ୍ଦ୍ର ବଳିୟାରସିଂହ, ମନୋଜ କୁମାର ସାମନ୍ତରାୟ, ଗଣେଶ୍ୱର ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଧନ୍ୟବାଦ ଦେଇଥିଲେ ବସନ୍ତ କୁମାର ମିଶ୍ର।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ର ଗୁରୁକୁଳ ଉଦ୍‌ଘାଟିତ

ପୁରୀ,୨୫।୩(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଶାସ୍ତ୍ର ଗୁରୁକୁଳ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରିହର ହୋତା, ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ନ୍ୟାୟଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର କମଳେଶ ମିଶ୍ର ଯୋଗଦେଇ ଶାସ୍ତ୍ର ସଂରକ୍ଷଣ ତଥା ଗୁରୁକୁଳଙ୍କ କର୍ତ୍ତବ୍ୟ ଆଧୁନିକ ସମୟରେ ପାଳନୀୟ ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟମୂର୍ତ୍ତି ଶାସ୍ତ୍ର ଗୁରୁକୁଳର ପ୍ରତିଷ୍ଠା ଉଦ୍ଦେଶ୍ୟ ତଥା ଏହାର କାର୍ଯ୍ୟାନ୍ୱୟନ ଉପରେ ଗଭୀର ଚର୍ଚ୍ଚା କରିଥିଲେ। ସଭାପତି ଭାବେରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ କୁମାର ମିଶ୍ର ଛାତ୍ରଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ତଥା ଏହାଦ୍ୱାରା ଭାରତୀୟ ଜ୍ଞାନ ପରମ୍ପରାର ସଂରକ୍ଷଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶାସ୍ତ୍ର ଗୁରୁକୁଳର ଉପନିର୍ଦ୍ଦେଶକ ଡ. ଜି. ଜୟମାଣିକ୍ୟଶାସ୍ତ୍ର ଶାସ୍ତ୍ର ଅଧ୍ୟୟନରେ ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ତଥା ଶାସ୍ତ୍ର ତତ୍ତ୍ୱବୋଧନରେ ନିଜର ସଂସ୍କୃତି ସୁଦୃଢ଼ ହେବ ବୋଲି ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ବେଦ ବିଭାଗର ଅଧ୍ୟାପକ ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ। ଏହି ସଭା କାର୍ଯ୍ୟକୁ ବ୍ୟାକରଣ ବିଭାଗର ସହାୟକ ଆଚାର୍ଯ୍ୟ ଡ. ଅଜୟ କୁମାର ଦାଶ ସଞ୍ଚାଳନ କରିଥିଲେ ଓ ଶେଷରେ ନ୍ୟାୟ ବିଭାଗର ଅଧ୍ୟାପିକା ଡ. ରଶ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




### ● ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

## ସୁସ୍ଥ ଶରୀର ହିଁ ସୁସ୍ଥ ସମାଜ ଗଠନ କରିପାରିବ



ପୁରୀ,୨୫।୩(ସମିସ): ଶ୍ରୀସଦାଶିବ ପରିସରରେ ବୁଧବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ରହି କ୍ରୀଡ଼ା ଉତ୍ସବର ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଉତ୍ତମ ନାଗରିକ ହେବା ପାଇଁ ଶିକ୍ଷା ସହିତ କ୍ରୀଡ଼ାର ଆବଶ୍ୟକତା ରହିଛି। କ୍ରୀଡ଼ା ଶରୀରକୁ ସୁସ୍ଥ ରଖେ। ସୁସ୍ଥ ଶରୀର ହିଁ ସୁସ୍ଥ ସମାଜ ଗଠନ କରିପାରିବ। ଆରମ୍ଭରେ ରାଷ୍ଟ୍ର ସଙ୍ଗୀତ ଓ ପରେ ବିଶ୍ୱବିଦ୍ୟାଳୟର କୁଳଗୀତ ଗାନ କରାଯାଇଥିଲା। ଏହାପରେ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇ କ୍ରୀଡ଼ା ମଶାଲ ଜଳାଇ ପ୍ରତିଯୋଗିତା ଆରମ୍ଭ ଘୋଷଣା କରାଯାଇଥିଲା। ଛାତ୍ରଛାତ୍ରୀ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ କ୍ରୀଡ଼ା ବିଭାଗର ପ୍ରଫେସର ସଞ୍ଜୟ ମନଖୁଣ୍ଟିଆ ଓ ସହସଂଯୋଜକ ଡ. ତନ୍ମୟ ମଣ୍ଡଳ କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିସରରର ସହନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଚ୍ଛୱା, ପ୍ରଫେସର ନିର୍ମଳା ପାଣିଗ୍ରାହୀ, ପ୍ରଫେସର ଅନୁପମା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇଦିନ ବ୍ୟାପୀ ଏହି କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହେବ।

### ଜମାରସୁଆଁରେ ଆମ ପୁଲିସ ବୈଠକ

## ସାଇବର ଠକେଇ ସଂକ୍ରାନ୍ତରେ ସଚେତନ କଲା ପୁଲିସ

ପୁରୀ,୨୫।୩(ସମିସ)




ପୁରୀ ସଦର ଥାନା ଅନ୍ତର୍ଗତ ଜମାରସୁଆଁ ପଞ୍ଚାୟତରେ ବୁଧବାର ପୁଲିସ-ଜନସାଧାରଣ ସମ୍ମିଳନୀ ଥାନାଧିକାରୀ ଅନଖା କେ. ବିଜୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ଆହୁରି ସୁଦୃଢ କରିବା ସହିତ ସାଧାରଣ ଜନତାଙ୍କୁ ବିଭିନ୍ନ ସାମାଜିକ ଓ ଆଇନଗତ ବିଷୟରେ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସଭାରେ ଅବାଧ ମଦ ତିଆରି, ଚାଲାଣ ଓ ବିକ୍ରୟକୁ କଠୋର ଭାବେ ଦମନ କରିବା ନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କିତ କେହି ସୂଚନା ପାଇଲେ ତୁରନ୍ତ ପୁଲିସକୁ ଜଣାଇବା ଲାଗି ଅନୁରୋଧ କରାଯାଇଥିଲା। ଏଥିସହିତ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ବିଷୟରେ ମଧ ଆଲୋଚନା ହୋଇଥିଲା। ନିର୍ଭୟ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ସମସ୍ତଙ୍କ ସଚେତନତା ଓ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଥିଲା।

ସେହିପରି ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଅନ୍‌ଲାଇନ୍ ଠକେଇ, ଫ୍ରଡ୍ କଲ୍, ଓଟିପି ଶେୟାରିଂ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା। ଅଜଣା ବ୍ୟକ୍ତିଙ୍କ ସହିତ ବ୍ୟାଙ୍କ ସମ୍ପର୍କିତ ସୂଚନା ବାଣ୍ଟିବାରୁ ବିରତ ରହିବା ଏବଂ କୌଣସି ସନ୍ଦିଗ୍ଧ କଲ୍ ବା ଲିଙ୍କ୍ ପାଇଲେ ସତର୍କ ରହିବାକୁ ସଦର ପୁଲିସ ପରାମର୍ଶ ଦେଇଥିଲା। ସଭାରେ ନୂତନ ଆଇନ ସମ୍ପର୍କିତ ପ୍ରଚାର ମଧ କରାଯାଇଥିଲା। ଲୋକମାନଙ୍କୁ ସମ୍ପ୍ରତି ଲାଗୁ ହୋଇଥିବା ବିଭିନ୍ନ ଆଇନ ଓ ତାହାର ପ୍ରଭାବ ସମ୍ପର୍କରେ ସରଳ ଭାଷାରେ ବୁଝାଇ ଦିଆଯାଇଥିଲା, ଯାହାଦ୍ୱାରା ସେମାନେ ଆଇନ ସଚେତନ ହୋଇପାରିବେ ଏବଂ ନିଜ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିପାରିବେ। ସେହିପରି ହେଲ୍‌ମେଟ୍ ପିନ୍ଧିବା, ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚଳାଇବାରୁ ବିରତ ରହିବା ଓ ଟ୍ରାଫିକ୍ ନିୟମ ମାନିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହା ମାନିଲେ ଦୁର୍ଘଟଣାକୁ ବହୁ ଅଂଶରେ ରୋକାଯାଇପାରିବ ବୋଲି କୁହାଯାଇଥିଲା। ସଭାରେ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁମଧୁର ସମ୍ପର୍କ ଓ ସହଯୋଗ ବୃଦ୍ଧି ପାଇଁ ଜୋର୍ ଦିଆଯାଇଥିଲା। ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଦୁହେଁ ପକ୍ଷର ଏକତା ଅତ୍ୟାବଶ୍ୟକ ବୋଲି ଥାନା ଅଧିକାରୀ ମିସ ବିଜୟ ଉଲ୍ଲେଖ କରିଥିଲେ। ସେ ଏହା ମଧ କହିଥିଲେ ଯେ, ପୁଲିସ ସବୁବେଳେ ଲୋକଙ୍କ ସହିତ ରହିଛି ଏବଂ ଲୋକମାନେ ମଧ ନିଜ ଅଞ୍ଚଳର ସୁରକ୍ଷା ପାଇଁ ସଚେତନ ଓ ସହଯୋଗୀ ହେବା ଦରକାର। ସଭାରେ ଉପସ୍ଥିତ ଗ୍ରାମବାସୀ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ପୁଲିସଙ୍କ ଆଗରେ ଉପସ୍ଥାପନ କରିଥିଲେ, ଯାହାକୁ ଗୁରୁତ୍ୱ ସହ ସମାଧାନ କରିବା ପାଇଁ ପୁଲିସ ପକ୍ଷରୁ ଆଶ୍ୱାସନ ଦିଆଯାଇଥିଲା। ଏହି ସଭାରେ ସ୍ଥାନୀୟ ପ୍ରତିନିଧି, ସମ୍ମାନିତ ବ୍ୟକ୍ତି ବର୍ଗ, ଗ୍ରାମବାସୀ ଓ ପୁଲିସ କର୍ମଚାରୀମାନେ ବହୁ ସଂଖ୍ୟକ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

## ଗୋରେଖନାଥ ପୀଠରେ ନିଲାମ

# ଭୋଗ ଦୋକାନ ୧.୧୬ କୋଟି, ଦୀପ ଦୋକାନ ୮୧ ଲକ୍ଷ

ରଘୁନାଥପୁର,୨୫।୩(ସମିସ)

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ପରିସରରେ ଥିବା ଦୋକାନର ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଭୋଗ ଦୋକାନ ପାଇଁ ୪ ଜଣ ବ୍ୟକ୍ତି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ବେଳେ ସର୍ବୋଚ୍ଚ ମୂଲ୍ୟ ୧ କୋଟି ୧୬ ଲକ୍ଷ ଟଙ୍କାରେ ସ୍ଥାନୀୟ ଅଞ୍ଚଳର ରମେଶ ଚନ୍ଦ୍ର ସାହୁ ଏହାକୁ ନିଲାମ ଧରିଛନ୍ତି। ସେହିପରି ଦୀପ ଦୋକାନ ପାଇଁ ୩ ଜଣ ବ୍ୟକ୍ତି ଫର୍ମ ପକାଇଥିବା ବେଳେ ଅନୁରୂପ ଭାବେ ରମେଶ ଚନ୍ଦ୍ର ସାହୁ ଏହାକୁ ୮୧ ଲକ୍ଷ ଟଙ୍କାରେ ନିଲାମ ପ୍ରାପ୍ତ ହୋଇଛନ୍ତି। ଜାଆଁ ବାଳ ପାଇଁ ଟେଣ୍ଡର ବାକ୍ସରେ କୌଣସି ଫର୍ମ ପଡ଼ିନଥିଲା। ଫୁଲ ଦୋକାନ ପାଇଁ ୨ ଜଣ ଆବେଦନକାରୀଙ୍କ ମଧ୍ୟରୁ ସ୍ଥାନୀୟ ଅଞ୍ଚଳର କ୍ଷୀରୋଦ ଯୋଗାଣିଆ ସର୍ବୋଚ୍ଚ ମୂଲ୍ୟ ୫ ଲକ୍ଷ ୫ ହଜାର ଟଙ୍କାରେ ହାସଲ କରିଛନ୍ତି। ଏହାଛଡା ଶୌଚାଳୟ ପାଇଁ ୭ ଜଣ ଆବେଦନକାରୀଙ୍କ ମଧ୍ୟରୁ ସନ୍ଦୀପ ସିଂ ୧ ଲକ୍ଷ ୫୧ ହଜାର ଟଙ୍କାରେ ଶୌଚାଳୟକୁ ନିଲାମ ଧରିଛନ୍ତି। ପ୍ରତ୍ୟେକ ଦୋକାନ ନିଲାମ ପ୍ରାପ୍ତ ବ୍ୟକ୍ତି ଆସନ୍ତା ମାର୍ଚ୍ଚ ୩୦ ତାରିଖ ସୁଧା ସମସ୍ତ ନିଲାମି ମୂଲ୍ୟ ପ୍ରଭୁଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହାର ରସିଦ ଦାଖଲ କରିବେ। ଯଦି ଉକ୍ତ ଦିନ ସମୟସୀମା ମଧ୍ୟରେ କୌଣସି ନିଲାମଧାରୀ ଏଥିରୁ ବିଚ୍ୟୁତି ରୁହନ୍ତି, ତା' ହେଲେ ଟେଣ୍ଡର ନିୟମାବଳୀ ଅନୁଯାୟୀ ଦ୍ୱିତୀୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଦୋକାନ ନେବା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଉକ୍ତ ବ୍ୟକ୍ତି ପରଦିନ ଅର୍ଥାତ୍ ମାର୍ଚ୍ଚ ୩୧ ତାରିଖ ସୁଧା ତାଙ୍କର ସମସ୍ତ ନିଲାମ ମୂଲ୍ୟ ପୈଠ କରି ଏପ୍ରିଲ ୧ ତାରିଖରୁ ଦୋକାନ ଖୋଲିବେ। ଏହି ଟେଣ୍ଡର ପ୍ରକ୍ରିୟାରେ ଉପଜିଲ୍ଲାପାଳଙ୍କ ସହ ରଘୁନାଥପୁର ଓ ତିର୍ତ୍ତୋଲ ତହସିଲଦାର, ଦେବତ୍ତର ନିରୀକ୍ଷକଙ୍କ ସହ ପୁଲିସ ଅଧିକାରୀ ଓ ନିଲାମୀରେ ଅଂଶଗ୍ରହଣ କରିଥିବା ସମସ୍ତ ଆବେଦନକାରୀ ଉପସ୍ଥିତ ଥିଲେ।

## ଏଆଇଟିୟୁସି ନିର୍ମାଣ ଶ୍ରମିକଙ୍କ ଜିଲ୍ଲା ସମ୍ମିଳନୀ

ରଘୁନାଥପୁର,୨୫।୩(ସମିସ): ରଘୁନାଥପୁର ଅନ୍ତର୍ଗତ ତାରପୁରସ୍ଥିତ ରାମମନ୍ଦିର ଠାରେ ବିନ୍ଦୁସାଗର ଓଝାଙ୍କ ସଭାପତିତ୍ୱରେ ଓଡିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଓ ବିଲଡିଂ କନଷ୍ଟ୍ରକସନ ୱାର୍କସ ୟୁନିୟନର ୨ୟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆବାହକ ସୋମନାଥ ଗିରିଙ୍କ ପ୍ରାରମ୍ଭିକ ସୂଚନାପରେ ୟୁନିୟନର ସାଧାରଣ ସମ୍ପାଦକ ତଥା ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଶ୍ରମିକ ଓ କର୍ମଚାରୀଙ୍କ ନୀତି ବିରୋଧରେ ୪ଟି ଶ୍ରମକୋର୍ଡ ବାତିଲ ନକରି ଏପ୍ରିଲ ୧ରୁ କାର୍ଯ୍ୟକାରୀ କରିବାକୁ ଯାଉଥିବାରୁ ତା' ବିରୋଧରେ ଏବଂ ଗତ ଅଗଷ୍ଟ ୨୦୨୫ରେ ନିର୍ମାଣ ଶ୍ରମିକ କଲ୍ୟାଣବୋର୍ଡ ବୈଠକରେ ହୋଇଥିବା ନିଷ୍ପତି ଗୁଡିକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶନାମା ଦିଆଯାଇନଥିବାରୁ ଏହା ବିରୋଧରେ ଆଗାମୀ ଏପ୍ରିଲ ୨ ତାରିଖରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପରିପ୍ରେକ୍ଷିରେ ଉକ୍ତ ଦିନ ଜଗତସିଂହପୁର ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ପାଇଁ ଆହ୍ୱାନ ଦେଇଥିଲେ। ଶ୍ରମିକ ନେତା ବିନ୍ଦୁସାଗର ଓଝା ଓ ଅଭୟ ରାଉତ ସରକାରଙ୍କ ଶ୍ରମିକ ମାରଣା ନୀତିକୁ ଘୋର ବିରୋଧ କରିବା ସହିତ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଏହି ବୈଠକରେ ଶ୍ରମିକ ନେତା ସୁନୀଲ ମହାନ୍ତି, ସ୍ମୃତି ରଞ୍ଜନ ମିଶ୍ର, ଅଜିତ କୁମାର ଓଝା, ଇତିଶ୍ରୀ ସ୍ୱାଇଁ, ବାବୁ ଓଝା, ରବୀନ୍ଦ୍ର କୁମାର ଦାସ, ସୁଧାଂଶୁ ଚରଣ ବେହେରା ପ୍ରମୁଖ ସରକାରଙ୍କ ବିରୋଧରେ ନାରବାଜି ଦେଇ ନିଜର ବକ୍ତବ୍ୟ ରଖିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପାରାଦୀପ,୨୫।୩(ସମିସ): ଜଗତସିଂହପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶିଳ୍ପ ସହର ପାରାଦୀପରେ ସଡ଼କ ସୁରକ୍ଷା ସଚେତନତା ମାଧ୍ୟମରେ "ସଚେତନତାରୁ ସୁରକ୍ଷା ଓ ପ୍ରଯୁକ୍ତିରୁ ପରିବର୍ତ୍ତନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ପରିବହନ ଅଧିକାରୀ ମନୋରମା ମାଝୀଙ୍କ ନେତୃତ୍ୱରେ ଆଜି ଅଠରବାଙ୍କି ଛକଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବହନର ଅଧିକାରୀ ବିଶ୍ୱନାଥ ବେହେରା, ସଂଯୁକ୍ତା ଓରାମ, ମଧୁସ୍ମିତା ସାହୁ, ତ୍ରିଲୋଚନ ବିଶ୍ୱାଳ, ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ ଟ୍ରଷ୍ଟ, ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି ମୋଟରସାଇକଲ, କାର ଓ ଟ୍ରକ୍ ପ୍ରଭୃତି ଗାଡ଼ିର ଚାଳକମାନଙ୍କୁ ସଚେତନ କରାଇଥିଲେ। ଗୋଲାପ ଫୁଲ ଓ ମିଠା ଦେଇ ବାଇକ୍ ଚଳାଇବା ସମୟରେ ହେଲମେଟ ପିନ୍ଧିବା, କାର୍ ଏବଂ ବଡ଼ ଗାଡ଼ି ଚଳାଇବା ସମୟରେ ସିଟ୍ ବେଲ୍ଟ ପିନ୍ଧିବା ଏବଂ ନିଶା ଶକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନୀଳଚକ୍ର ୟୁଥ୍ ଟ୍ରଷ୍ଟର ଉପଦେଷ୍ଟା ବିଶ୍ୱଭୂଷଣ ରାଉତରାୟ, ଅରୁଣ କୁମାର ଓଝା, ଅଧ୍ୟକ୍ଷ ଦେବ ମଣ୍ଡଳ, ପରମ ବେହେରା, ପ୍ରକାଶ ଚନ୍ଦ୍ର ବାରିକ, ମୁନି ଛାଟୋଇ, ରାକେଶ କୁମାର ସାହୁ, କ୍ରିଷ୍ଣା ପ୍ରଧାନ, ରାଜୁ ମାଝୀ, ରମେଶ ଚନ୍ଦ୍ର ଦାସ, ସତ୍ୟବ୍ରତ ଡାକୁଆ, ଶୁଭମ ବର୍ମନ, ପବିତ୍ର ମଣ୍ଡଳ, ରାଜା ମଣ୍ଡଳ, ନରେଶ ପାତ୍ର, ରୁଦ୍ରପ୍ରକାଶ ଦାସ, ସୂରିୟା ପାତ୍ର, ଶୁଭ ଦାସ ଓ ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ, ପରିକ୍ଷିତ ତରାଇ, ପାର୍ବତୀ ମହାରଣା, ମୁନା ସିଂ, ତୁଷାର ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶିଶୁଙ୍କ କୃତ୍ରିମ ଅଙ୍ଗ ଓ ସହାୟକ ଯନ୍ତ୍ର ଆକଳନ ଓ ବିତରଣ ଶିବିର

ଜଗତସିଂହପୁର,୨୫।୩(ସମିସ): ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡିଇଆଇସିରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନସ୍ଥ ପୂର୍ବରୁ ଚିହ୍ନଟ ବିଶେଷ ଆବଶ୍ୟକତା ସମ୍ପର୍ଣ୍ଣ ଶିଶୁମାନଙ୍କ ନିମନ୍ତେ ଏକ ଦିନିକିଆ ଆକଳନ ଓ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରର ପ୍ରମୁଖ ଉଦ୍ଦେଶ୍ୟ ଥିଲା ବିଶେଷ ଆବଶ୍ୟକତା ସମ୍ପର୍ଣ୍ଣ ଶିଶୁମାନଙ୍କୁ କୃତ୍ରିମ ଅଙ୍ଗ ଏବଂ ଅନ୍ୟାନ୍ୟ ସହାୟକ ଉପକରଣ ପ୍ରଦାନ ପାଇଁ ଅକଳନ କରିବା ଏବଂ ଆବଶ୍ୟକ ସ୍ଥଳେ ସଙ୍ଗେ ସଙ୍ଗେ ପ୍ରଦାନ କରିବା। ଯାହାକି ସେମାନଙ୍କୁ ଚିକିତ୍ସା ଏବଂ ଦୈନନ୍ଦିନ ଜୀବନ ଶୈଳୀରେ ସହାୟକ ହୋଇପାରିବ। ମୋଟ ୬୦ ଜଣ ଶିଶୁ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍ଥିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଏକ ବିଶେଷଜ୍ଞ ଦଳ ଦ୍ୱାରା ସମସ୍ତ ଶିଶୁଙ୍କର ସୂଚାରୁ ରୂପେ ଆକଳନ କରାଯାଇଥିଲା। ପ୍ରତ୍ୟେକ ଶିଶୁଙ୍କର ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ମାପ ଗ୍ରହଣ କରାଯାଇଥିଲା ଏବଂ ସେଥି ମଧ୍ୟରୁ ୨୪ ଜଣଙ୍କୁ ତତ୍‌କ୍ଷଣାତ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଶିଶୁ ମାନଙ୍କୁ ଆବଶ୍ୟକ ଉପକରଣ ପ୍ରସ୍ତୁତି ପରେ ଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଶିବିରରେ ବିଭିନ୍ନ ପ୍ରମୁଖ ଅଧିକାରୀଙ୍କ ଉପସ୍ଥିତି ଦୃଷ୍ଟିଗୋଚର ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ରାଜେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ପ୍ରମୋଦ କୁମାର ବାରିକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ସରୋଜ କୁମାର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଡିଏସ୍‌ଏସ୍‌ଓ ମମତା ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେହିପରି ଆରବିଏସ୍‌କେ ଓ ଆରକେଏସ୍‌କେ ପରିଚାଳିକା, ଡିଇଆଇସି କର୍ମକର୍ତ୍ତା ବୃନ୍ଦ ଏବଂ ବ୍ଲକସ୍ତରୀୟ ଏମ୍‌ଏଚ୍‌ଟି କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଆଇନସେବା ପ୍ରାଧିକରଣ ପକ୍ଷରୁ ଜଳ ଦିବସ

ଜଗତସିଂହପୁର,୨୫।୩(ସମିସ): ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅାଁରା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସିଜେଏମ ନିଳୀମା ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ୍ୟତା କରି ଜଳ ହିଁ ଜୀବନ ଓ ଜଳର ମହତ୍ତ୍ୱ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସବଜଜ ରାକେଶ କୁମାର ମୁଦୁଲି ଜଳ ସଞ୍ଚୟ କରିବା ଏକ ମହତ୍ୱ କାର୍ଯ୍ୟ ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ନିଜର ଅଭିଭାଷଣ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ସିଲ୍ ପ୍ରଦାନ କରାଯାଇଥିଲା। ଜଳ ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପରିଶେଷରେ ସହକାରି ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଅମାନିଆ ଗାଡ଼ି ଚାଳକଙ୍କ ଯାଞ୍ଚ ଜାରି




ଜଗତସିଂହପୁର,୨୫।୩(ସମିସ): ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୧୦୦ ଜଣ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ପାଇଁ ଯୋଗଧାରୀ ବସ୍‌ଷ୍ଟାଣ୍ଡ, ଜଗତସିଂହପୁର ଟାଉନ, ମଙ୍ଗଳପୁର, ଏବଂ ରଘୁନାଥପୁରରେ ଅମାନିଆ ଗାଡ଼ି ଚାଳକଙ୍କୁ ଅନୁବନ୍ଧିତ ବିଜ୍ଞପ୍ତି ସତ୍ତ୍ୱେ ଅବମାନନା କରିଥିବାରୁ ଚାଲାଣ କଟାଯାଇଛି। ସେଥିମଧ୍ୟରୁ ବିନା ହେଲମେଟ ୭୫ ଜଣ, ଦ୍ରୁତଗତିରେ ଗାଡ଼ି ଚାଳକ ୧୯ ଜଣ ଏବଂ ଗାଡି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାରକାରୀ ୨ଜଣ ସମ୍ପୃକ୍ତ। ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ ଜାରି ରହିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସୂଚନା ଦେବା ସହ ଅମାନିଆ ଗାଡ଼ି ଚାଳକଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ପ୍ରତିକ୍ରିୟା ପ୍ରକାଶ କରି, ଜନସାଧାରଣ ସଚେତନ ରହି ଦୁର୍ଘଟଣା କମାଇବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏଥିରେ ମୋଟର ଯାନ ନିରୀକ୍ଷକ ପ୍ରତାପ କୁମାର ବେହେରାଙ୍କ ସହିତ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ଯାଞ୍ଚ ସମୟରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ



ଜଗତସିଂହପୁର,୨୫।୩(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯକ୍ଷ୍ମା ଦିବସ ପାଳନ ସହିତ 'ଟିବି ମୁକ୍ତ ଭାରତ ୧୦୦ ଦିନର ଅଭିଯାନ ୨.୦'ର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ରଶ୍ମୀରଞ୍ଜନ ପଟ୍ଟନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିରାକରଣ) ଡା. ବାସନ୍ତୀ ପାଲ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ(ଯକ୍ଷ୍ମା) ବିପିନ ବିହାରୀ ପାତ୍ର ପିପିଟି ଉପସ୍ଥାପନା ମାଧ୍ୟମରେ ଯକ୍ଷ୍ମା ଦିବସର ଉଦ୍ଦେଶ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ ଏବଂ ଏହାର ଚିକିତ୍ସା ଓ ଚିହ୍ନଟ ସୁବିଧା ସମସ୍ତ ସରକାରୀ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ। ଏହାର ଅନ୍ତର୍ଗତ ଗୋଷ୍ଠୀ ସ୍ତରରେ ଟିବି ମୁକ୍ତ ଭାରତ ୧୦୦ ଦିନର ଅଭିଯାନ ୨.୦ର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିରିଡ଼ି, ମଣ୍ଡାସାହି ଓ ନାଉଗାଁକୁ ପୁରସ୍କୃତ କରାଯାଇଥିଲା। ସେହିପରି ତିନିଜଣ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରିଣୀ ଓ ପ୍ରୟୋଗଶାଳା ବିଶେଷଜ୍ଞଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ଓ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ଏହି ସଭାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତଥା ଅଧୀକ୍ଷକମାନେ, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଓ ପରିଚାଳିକା, ଟିବି ବିଜେତା, ନିକ୍ଷୟ ମିତ୍ର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯକ୍ରମକୁ ସହାକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ଜିଲ୍ଲା ସଂଯୋଜକ (ବେସରକାରୀ ଓ ସରକାରୀ) ଏମ୍‌ଡି. ୱକର ଅଲି, ଜିଲ୍ଲା ସଂଯୋଜକ (ଜଟିଳ ଯକ୍ଷ୍ମା) ସୁଶୀଲ କୁମାର ସ୍ୱାଇଁ ଓ ହେମନ୍ତ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସୁବ୍ରତ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚୋକଡ଼ରେ ୟୁରିଆ ସାର ଦେଇ ମାରିଦେଲେ ଛେଳି

ବାଲିକୁଦା,୨୫।୩(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଧୀନ ବାଲିପାଟଣା ଗ୍ରାମର ଦିଲ୍ଲୀପ ବେହେରା ନାମକ ଜଣେ ଯୁବକ ଆଜି ସକାଳ ପ୍ରାୟ ୯ଟା ସମୟରେ ନିଜ ବାଡ଼ିକୁ ପଶି ଆସିଥିବା ପ୍ରାୟ ୫ଟି ଛେଳିକୁ ଚୋକଡ଼ ମଧ୍ୟରେ ୟୁରିଆ ସାର ଦେଇ ମାରି ଦେଇଥିବା ଅଭିଯୋଗ ହୋଇଛି। ଏହି ଖବର ପାଇବା ପରେ ଛେଳି ମାଲିକ ସବିତା ବେହେରା (ଛବି) ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଗ୍ରାମବାସୀ ଅନନ୍ତପୁର ଫାଣ୍ଡିକୁ ଅବଗତ କରାଇବା ସହ ଅଭିଯୁକ୍ତ ଦିଲ୍ଲୀପକୁ ମାଡ଼ ମଧ ମାରିଥିଲେ। ଶେଷରେ ପୁଲିସ ପହଞ୍ଚି ଦିଲ୍ଲୀପକୁ ନିଜ ହେପାଜତକୁ ନେଇଥିବା ବେଳେ ସବିତା ଏନେଇ ଏକ ଲିଖିତ ଅଭିଯୋଗ ଫାଣ୍ଡିରେ କରିଥିଲେ। ଦିଲ୍ଲୀପ ଗତକାଲି ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ବାଡ଼ିରେ ପଶିଥିବାରୁ ଛେଳିକୁ ବିଷ ଦେଇ ମାରିବାର ଚେତାବନୀ ଦେଇଥିଲା। ଏଣୁ ମୃତ ଛେଳିକୁ ସେ ସୁଭଦ୍ରା ଅର୍ଥ ଓ ଧାର ସୂତ୍ରରୁ ଅର୍ଥ ଆଣି ପାଳନ କରୁଥିବା ବେଳେ ଏହାର କ୍ଷତିପୂରଣ ପାଇଁ ନ୍ୟାୟ ପାଇଁ ଅଭିଯୋଗ କରିଥିଲା। ପୁଲିସ ପକ୍ଷରୁ ଏନେଇ ୧୨୭/୨୬ରେ ଏକ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ଦିଲ୍ଲୀପ ଠାରୁ ପଚାରି ବୁଝୁଥିବା ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## କାର୍ ଧକ୍କାରେ କଲେଜ ଛାତ୍ରୀ ମୃତ



**ଉତ୍ତେଜନା କାର ଚାଳକ ଅଟକ**

ଜଗତସିଂହପୁର,୨୫।୩(ସମିସ): ଜଗତସିଂହପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆଜି ଅପରାହ୍ନରେ ଏକ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଛାତ୍ରୀ ଜଣକ ହେଉଛନ୍ତି ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳସୁଧା ଗ୍ରାମର ତୃପ୍ତିମୟୀ ସାହୁ। ସେ କାଦୁଅପଡା ସ୍ଥିତ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ ବିଜ୍ଞାନ ବିଭାଗର ଛାତ୍ରୀ ଥିଲେ। ତୃପ୍ତିମୟୀ ସାଇକଲରେ ଘରକୁ ଫେରୁଥିବା ବେଳେ କୌଣସି କାମ ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ରହିଥିଲେ। ସେ ସାଇକଲ ଧରି ଠିଆ ହୋଇଥିବା ସମୟରେ ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ପ୍ରାୟ ୪୦ ମିନିଟ ଧରି ରାସ୍ତା ଅବରୋଧ ଭଳି ପରିସ୍ଥିତି ଉପୁଜିଥିଲା। ପରେ ସାନବଜାର ବିଜୁ ପଟ୍ଟନାୟକ ଛକରେ ତୃପ୍ତିମୟୀଙ୍କ ଶବ ରଖି ରାସ୍ତାରୋକ ପାଇଁ ଉଦ୍ୟମ ଚାଲିଥିବା ବେଳେ ପୁଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଦାବି ପୂରଣର ପ୍ରତିଶ୍ରୁତି ଦେବାରୁ ଉତ୍ତ୍ୟକ୍ତ ଲୋକମାନେ ବୁଝି ଯାଇଥିଲେ। ପୁଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଚାନ୍ଦା ମାଗିବା ଓ ମାଡ଼ମରା ଘଟଣାରେ ଦୋଷୀ ସାବ୍ୟସ୍ତ

କୁଜଙ୍ଗ,୨୫।୩(ସମିସ): ଗତ ୨୦୦୧ ମେ' ମାସ ଦୁଇ ତାରିଖରେ ଜନୈକ କର୍ମଚାରୀଙ୍କୁ ମାଡ଼ ମାରିବା ଓ ଚାନ୍ଦା ମାଗିବା ଘଟଣାରେ ଅଭିଯୁକ୍ତଙ୍କୁ ଆଜି କୁଜଙ୍ଗ ଜେଏମ୍‌ଏଫ୍‌ସି ଅଦାଲତ ଦୋଷୀ ସାବ୍ୟସ୍ତ କରିବା ସହ ୧୦୦୦ ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ପନ୍ଦର ଦିନ ଜେଲ ଦଣ୍ଡ ବୋଲି ରାୟରେ ଶୁଣାଇଛନ୍ତି। ପ୍ରକାଶରେ ୨୫ ବର୍ଷ ତଳେ ପାରାଦୀପ ଇଫ୍‌କୋ ଛକ ନିକଟରେ ଶତ୍ରୁଘ୍ନ ସ୍ୱାଇଁଙ୍କୁ ମାଡ଼ ମରାଯାଇଥିଲା। କଟକ ଜିଲ୍ଲା ନିଆଳି ବ୍ଲକ ନଟିଆ ଗ୍ରାମର ବିଶ୍ୱନାଥ ସ୍ୱାଇଁ ତାଙ୍କୁ ଚାନ୍ଦା ମାଗିବା ସହ ନିର୍ଘୃମ ମାଡ଼ ମରିଥିଲେ। ଏପରିକି ତାଙ୍କ ସହ ବୁଲୁ ମହାରଣା ଓ ସୂର୍ଯ୍ୟକାନ୍ତ ଚୌଧୁରୀ ମିଶି ତାଙ୍କୁ ଟେକି ନେଇ ତାଙ୍କ ଶ୍ରମିକ ସଂଘ ନେତାଙ୍କ ପାଖକୁ ନେଇ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ନେଇ ପାରାଦୀପ ଥାନାରେ ୧୧୩/୧ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି କୁଜଙ୍ଗ ଜେଏମ୍‌ଏଫ୍‌ସି ରାଜେଶ ମିଶ୍ର ଦୋଷୀ ସାବ୍ୟସ୍ତ କରିବା ସହ ୧୦୦୦ ଟଙ୍କା ଜରିମାନା ଦେବା ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ପ୍ରଣଜ କୁମାର ବେହେରା ପରିଚାଳନା କରିଥିଲେ।

## ସାମ୍ବାଦିକ ରଶ୍ମିଙ୍କ ପାଇଁ ନୀରବ ପାର୍ଥନା



ପାରାଦୀପ,୨୫।୩(ସମିସ): ଦିବଂଗତ ସାମ୍ବାଦିକ ତଥା ବୈଦ୍ୟୁତିକ ଗଣମାଧ୍ୟମର ପାରାଦୀପ ପ୍ରତିନିଧି ରଶ୍ମିରଞ୍ଜନ ରାଉତରାୟଙ୍କ ଅମରଆତ୍ମାର ସଦ୍‌ଗତି କାମନା ନିମନ୍ତେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ମାହାଳ ଠାରେ ଏକ ଶୋକାକୁଳ ପରିବେଶରେ ଏକ ମହମବତି ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ବିପୁନି କୁମାର ଦାସ, ଉପସଭାପତି ଫିରୋଜ କୁମାର ବେଉରା ଏବଂ ଅମିଲ ମଲ୍ଲିକ, ସୌମ୍ୟ ରଞ୍ଜନ, ପୁଷ୍ପକ ସ୍ୱାଇଁ, ପ୍ରେମାନନ୍ଦ ପରିଡା, ପ୍ରଶାନ୍ତ ରାଉତ, ବିଚିତ୍ର ସାହାଣୀ, ଓମ, ବୁବୁ, ଅଶୋକ, ଅନିଲ ସାମଲ ଓ ଦତ୍ତ ପ୍ରଧାନଙ୍କ ସହିତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ମୃତ ସାମ୍ବାଦିକଙ୍କ ପରିବାରକୁ ଆର୍ଥିକ ସହାୟତା

ପାରାଦୀପ,୨୫।୩(ସମିସ)

ବିଶିଷ୍ଟ ଶ୍ରମିକ ନେତା ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ବାପି ସର୍ଖେଲ ସଡ଼କ ଦୁର୍ଘଟଣାରେ ମୃତ ସାମ୍ବାଦିକ ରଶ୍ମିରଞ୍ଜନ ରାଉତରାୟଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରଶ୍ମିଙ୍କ ଅକାଳ ବିୟୋଗରେ ଭାଙ୍ଗିପଡ଼ିଥିବା ତାଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି

**ଝିଅର ପାଠପଢ଼ା ଦାୟିତ୍ୱ ନେଲେ ବାପି ସର୍ଖେଲ**

ସମବେଦନା ଜଣାଇଛନ୍ତି। ପାରାଦୀପ ନଗର ବିଜେଡିର କେତେଜଣ ବରିଷ୍ଠ କର୍ମୀ ଓ ନିଜର ସହଯୋଗୀମାନଙ୍କୁ ନେଇ ଆଜି ରଶ୍ମିଙ୍କ ଜନ୍ମଭୂମି କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ପ୍ରଧାନଟିକିରା ଗ୍ରାମରେ ପହଞ୍ଚିଥିଲେ। ଶୋକାକୁଳ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ସମବେଦନା ଜଣାଇବା ସହ ରଶ୍ମିଙ୍କ ପତ୍ନୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ଏକମାତ୍ର ଝିଅର ପାଠପଢ଼ାର ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରଶ୍ମିଙ୍କ ପତ୍ନୀଙ୍କୁ ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରି ଆତ୍ମନିର୍ଭର ହେବା ପାଇଁ ଏକ ସ୍ଥାୟୀ ବନ୍ଦୋବସ୍ତ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ପାରାଦୀପ ଭଳି ଏତେବଡ ଶିଳ୍ପାୟନରେ ଏକ ଅତ୍ୟାଧୁନିକ ଭେଣ୍ଟିଲେଟର ଯୁକ୍ତ ଆମ୍ବୁଲାନ୍ସ ନ ଥିବା କାରଣରୁ ରଶ୍ମିଙ୍କ ଜୀବନ ଚାଲି ଯାଇଥିବା ତାଙ୍କ ସ୍ତ୍ରୀ କହିବା ପରେ ଶ୍ରୀ ସର୍ଖେଲ କ୍ଷୋଭ ପ୍ରକାଶ କରିଥିଲେ। ଏହିଭଳି ଆଉ ଅନ୍ୟ କାହାର ଜୀବନ ଯେପରି ନ ଯାଏ ଏ ନେଇ ରଶ୍ମିଙ୍କ ପତ୍ନୀ ଶ୍ରୀ ସର୍ଖେଲଙ୍କୁ ନିବେଦନ କରିଥିଲେ। ଶିଳ୍ପ ସହର ପାରାଦୀପ ଅଞ୍ଚଳରେ ଏଭଳି ବ୍ୟତିକ୍ରମ ପାଇଁ ସେ ଶିଳ୍ପ ସଂସ୍ଥା ଓ ପ୍ରଶାସନ ସହିତ ଆଲୋଚନା କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ନେଇ କହିଥିଲେ। ଏକ ଭେଣ୍ଟିଲେଟର ଯୁକ୍ତ ଅତ୍ୟାଧୁନିକ ଆମ୍ବୁଲାନ୍ସ ପାରାଦୀପରେ ଗଡ଼ାଇବାକୁ ତାଙ୍କ ଚେଷ୍ଟା ଜାରି ରହିବ ବୋଲି ଶ୍ରୀ ସର୍ଖେଲ କହିଛନ୍ତି। ଯେଉଁଭଳି ଏକ ସଡ଼କ ଦୁର୍ଘଟଣାରେ ଯୁବ ସାମ୍ବାଦିକଙ୍କ ମୃତ୍ୟୁ ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଘଟଣା, ତେଣୁ ଆଗକୁ କିଭଳି ଏହାର ପୁନରାବୃତ୍ତି ନହେବ ସେଥିପ୍ରତି ଧ୍ୟାନ ଦିଆଯିବ। ଆଜିର ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା କାଉନସିଲର ମନୋଜ କୁମାର ନାୟକ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଜିଲ୍ଲା ବିଜେଡି ଉପସଭାପତି ଜ୍ୟୋତିକାନ୍ତ ପରିଡ଼ା, ଜିଲ୍ଲା ବିଜେଡି ସମ୍ପାଦକ ମାନସ ରଞ୍ଜନ ବିଶ୍ୱାଳ ଓ ସୁଶୀଲ ମହାପାତ୍ର, ସାଧାରଣ ସମ୍ପାଦକ ନରେନ୍ଦ୍ର ରାଉତ, ଅନୁପ ସାହାଣୀ, ସମୀର ବିଶ୍ୱାଳ, ଆଇନଜୀବୀ କୈଳାଶ ସାହୁ, ଦୀପକ ସ୍ୱାଇଁ, କୁଜଙ୍ଗ ବ୍ଲକ ବିଜେଡି ସଭାପତି ମନୀନ୍ଦ୍ର ଗୁରୁ ପ୍ରମୁଖ ରଶ୍ମିଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

